

ମେକ୍ ଇନ୍ ଇଣ୍ଡିଆ ଚିପ୍ସ ଭାରତ ପାଇଁ ନୂଆ ଦିଶା | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଅଡୁଆରେ କିଙ୍ଗଖାନଙ୍କ ଝିଅ ସୁହାନା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୫୪ | Vol. 22 No-154 | 3 SEPTEMBER 2025 WEDNESDAY, BHUBANESWAR | ବୁଧବାର, ୩ ସେପ୍ଟେମ୍ବର ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ବର୍ଷା ବିପ୍ଳବ

# ସାରା ଓଡ଼ିଶା ବେହାଲ





- ବର୍ଷାରେ ଉବୁଟୁବୁ ବାଲେଶ୍ୱର
- ପାଟଣାଗଡ଼ରେ ହସ୍ପିଟାଲ ଭିତରେ ପାଣି
- ମାଲକାନଗିରିରେ ବୁଡ଼ିଲା ପୋଲ
- ଭୁବନେଶ୍ୱରରେ କୃତ୍ରିମ ବନ୍ୟା
- ଦିନେ ବର୍ଷିଲେ ୭ ଦିନ ଛାଡୁନି ପାଣି
- ହୀରାକୁଦର ୬ ଗେଟ୍ ଖୋଲିଲା

ଭୁବନେଶ୍ୱର,୨।୯(ଭାସ୍କର ନ୍ୟୁଜ): ଲଘୁଚାପଜନିତ ଲଗାଣ ବର୍ଷା ସାରା ରାଜ୍ୟକୁ ଅସ୍ତବ୍ୟସ୍ତ କରି ପକାଇଛି। ଗତ କିଛିଦିନ ହେବ ସାରା ରାଜ୍ୟରେ ଲଗାଣ ବର୍ଷା ଲାଗି ରହିଛି। ବର୍ଷା ଗୋଟିଏ ଦିନ ହେଲେ ୭ ଦିନ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରୁ ପାଣି ଛାଡୁନଥିବାରୁ ସ୍ଥିତି ବେହାଲ ହେବାରେ ଲାଗିଛି। ଲଘୁଚାପଜନିତ ଲଗାଣ ବର୍ଷାରେ ବାଲେଶ୍ୱର ଜିଲ୍ଲା ଉବୁଟୁବୁ ହେଉଛି। ବର୍ଷାପାଣିରେ ରାସ୍ତାଘାଟ ବୁଡ଼ିଛି। ବିଭିନ୍ନ ସ୍ଥାନରେ ଶହଶହ ଗାଡ଼ି ଅଟକି ରହିଛି। ରାସ୍ତାରେ ପାଣି ସହ ଲୋକଙ୍କ ଘରେ ପାଣି ପଶିଛି। ଏପରିକି ରେମୁଣାକୁ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଲୋକେ ତ୍ରାହି ତ୍ରାହି ଡାକ ଛାଡୁଛନ୍ତି। ବାଲେଶ୍ୱର ସହରର ତଳି ଅଞ୍ଚଳର ବିଭିନ୍ନ ଗଳି ଓ ଛକ ରାସ୍ତାରେ ୨ରୁ ୩ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ନୂଆସାହି, ତେଲଙ୍ଗାସାହି, ଚି ପୋଲ ଆଦି ସ୍ଥାନରେ ବର୍ଷାଜଳ ଜମି ରହିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅରଡବଜାର ଓ କଂଗ୍ରେସ ଗଳିରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେଉଛି। ସେହିପରି ସହରର ବହୁ ଦୋକାନ ଓ ଘର ଭିତରେ ବର୍ଷାପାଣି ପ୍ରବେଶ କରିବା ଫଳରେ ରାସନ ସାମଗ୍ରୀଠାରୁ ଆରମ୍ଭ କରି ଗ୍ୟାସ ସିଲିଣ୍ଡର ପର୍ଯ୍ୟନ୍ତ ଭାସିବାରେ ଲାଗିଛି। ଜଳ ନିଷ୍କାସନକୁ ନେଇ ସହରବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରୁଥିବାବେଳେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ସେହିପରି ପ୍ରବଳ ବର୍ଷାରେ ମାଲକାନଗିରି ଅବସ୍ଥା ମଧ୍ୟ ସଂଗୀନ ରୂପ ଧାରଣ କରିଛି। ସୋମବାର ରାତିରେ ପ୍ରବଳ ବର୍ଷା ଯୋଗୁ ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ଥିବା କାଙ୍ଗୁଲକୋଣ୍ଡା ପୋଲ ଉପରେ ୩ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଯାହାଫଳରେ ମୋଟୁ ସହ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ଓ ତେଲଙ୍ଗାନାକୁ ମଧ୍ୟ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବ୍ରିଜର ଉଭୟପାର୍ଶ୍ୱରେ ଶହଶହ ଯାତ୍ରୀଙ୍କ ସହିତ ଗାଡ଼ି ଅଟକି ରହିଛି। ସେହିପରି ସାଧାରଣ ଲୋକ ମଧ୍ୟ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ହସ୍ପିଟାଲରେ ବର୍ଷାଜଳ ପ୍ରବେଶ କରିବାରୁ ରୋଗୀମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏପରିକି ରାଜଧାନୀ ଭୁବନେଶ୍ୱରରେ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଦୁଇ ଗ୍ରାମବାସୀଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,୨।୯(ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲା ଅନ୍ତର୍ଗତ ଶିରସେଟ୍ଟୀ ପଞ୍ଚାୟତର ଦୁଇଜଣ ଗ୍ରାମବାସୀମାନେ ମାଓବାଦୀମାନେ ନିର୍ମମ ଭାବେ ହତ୍ୟା କରିଛନ୍ତି। ପୋଲିସ ସୂଚନାଦାତା ଦର୍ଶାଇ ମାଓବାଦୀମାନେ ସେମାନଙ୍କୁ ହତ୍ୟା କରିଥିବା ସୂଚନା ମିଳିଛି। ମୃତକମାନେ ହେଲେ ପଦାମ ପୋଜା ଏବଂ ପଦାମ ଦେବେନ୍ଦ୍ର। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଅର୍ଦ୍ଧଦଗ୍ଧ ଅବସ୍ଥାରେ ମହିଳା ଉଦ୍ଧାର

ସାଲେପୁର,୨।୯(ଭାସ୍କର ନ୍ୟୁଜ): ସାଲେପୁର ଥାନା ଅନ୍ତର୍ଗତ କଙ୍କେଇଲୋ ଗ୍ରାମରେ ଥିବା ଏକ ଘର ଭିତରୁ ଜଣେ ମହିଳାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ତାଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ିଯାଇଛି। ତେବେ ତାଙ୍କ ଶରୀରରେ କିପରି ନିଆଁ ଲାଗିଲା ତାହା ଜଣାପଡ଼ି ନାହିଁ। ପୋଲିସ ତଦନ୍ତ ଆରମ୍ଭ କରିଛି।

### ଗ୍ୟାଙ୍ଗଷ୍ଟର ସକିଲର ଆତ୍ମସମର୍ପଣ


କଟକ,୨।୯(ଭାସ୍କର ନ୍ୟୁଜ): କୁଖ୍ୟାତ ଗ୍ୟାଙ୍ଗଷ୍ଟର ସକିଲ ମଙ୍ଗଳବାର କଟକର ଜେଏମଏଫସିଙ୍କ ଅଦାଲତରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ମଙ୍ଗଳାବାଗ ଥାନାରେ ରୁଜୁ ହୋଇଥିବା ଏକ ମାମଲାରେ ସେ ଆତ୍ମସମର୍ପଣ କରିଥିବା କୁହାଯାଉଛି। ତେବେ ଅଦାଲତରେ ତା'ର ଜାମିନ ଖାରଜ ହୋଇଯିବା ପରେ ତାକୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି।

ସେନ୍‌ସେକ୍ସ: ୮୦,୧୫୭.୮୮

ସର୍ବାଧିକ: ୨୮.୨ ଡିଗ୍ରୀ
ସର୍ବନିମ୍ନ: ୨୫.୪ ଡିଗ୍ରୀ

### ୨।୯।୨୦୨୫ ର ମତାମତ

ଏସ୍‌ସିଓରେ ୩ ମହାଶକ୍ତିଙ୍କ ଅପୂର୍ବ ମିଳନ ବିଶ୍ୱକୁ ନୂଆବାର୍ତ୍ତା ଦେବ କି?




### ଆଜିର ପ୍ରସଙ୍ଗ

ସେମିକନ ଇଣ୍ଡିଆ ଭାରତକୁ ଡିଜିଟାଲ କରିବା କ୍ଷେତ୍ରରେ ସହାୟକ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଓଡ଼ିଶା ପ୍ୟାଭିଲିଅନ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଭାରତ ହେବ ସେମିକଣ୍ଡକ୍ଟର ହବ୍



ଭୁବନେଶ୍ୱର,୨।୯(ଭାସ୍କର ନ୍ୟୁଜ): ଭାରତ ହେବ ସେମିକଣ୍ଡକ୍ଟର ହବ୍। ମୁଖ୍ୟମନ୍ତ୍ରୀ ମୋହନ ମାଝି ଭାରତରେ ତିଆରି ହୋଇଥିବା ପ୍ରଥମ ସେମିକଣ୍ଡକ୍ଟର ଚିପ୍‌ସକୁ ଦେଶର ସ୍ୱାବଲମ୍ବନ ଦିଗରେ ଏକ ଐତିହାସିକ ଉପଲବ୍ଧି ବୋଲି ବର୍ଣ୍ଣନା କରିଛନ୍ତି। ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କର ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଏହା କେବଳ ଏକ ପ୍ରଯୁକ୍ତିଗତ ଉପଲବ୍ଧି ନୁହେଁ, ବରଂ ଏହା ଏକ କୌଶଳିକ ଓ ଆର୍ଥିକ ସ୍ୱାବଲମ୍ବନ ଦିଗରେ ଏକ ନିଷ୍ପତ୍ତିକାରୀ ପଦକ୍ଷେପ ଅଟେ। ଆମଦାନୀ ଉପରେ ନିର୍ଭରତା କମାଇ ଓ ଘରୋଇ ଉତ୍ପାଦନକୁ ଶକ୍ତିଶାଳୀ କରି ଏହି ସଫଳତା ଭାରତକୁ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଉଦୟମାନ ବିଶ୍ୱ କେନ୍ଦ୍ର ଭାବେ ପରିଚୟ ଦେଉଛି।' ସେ କହିଛନ୍ତି, "ଏହି ଐତିହାସିକ କ୍ଷଣ ଭାରତର ଦୃଢ଼ ଦୃଷ୍ଟିକୋଣ, ଧୈର୍ଯ୍ୟ ଓ 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଆତ୍ମନିର୍ଭର ଭାରତ' ପ୍ରତି ଅତୁଟ ପ୍ରତିବଦ୍ଧତାର ପ୍ରମାଣ। ଦୀର୍ଘ ସମୟରୁ ଆଶା କରାଯାଇଥିବା ଜାତୀୟ ଆକାଂକ୍ଷା ଆଜି ପୂରଣ ହୋଇଛି। ଏହା ପ୍ରତ୍ୟେକ ଭାରତବାସୀ ପାଇଁ ଗର୍ବର କ୍ଷଣ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓସିଏସି ପକ୍ଷରୁ ପ୍ରସ୍ତୁତ ଓଡ଼ିଶା ପ୍ୟାଭିଲିଅନକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରାଜ୍ୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ, ରାଜ୍ୟସଭା ସାଂସଦ ସୁଦୀପ କୁମାର ଏବଂ ରାଜ୍ୟର ମୁଖ୍ୟ ଶାସନସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ।

## ଜଳବାୟୁ ପରିବର୍ତ୍ତନର ପ୍ରଭାବ

# ଖାଦ୍ୟ ମୂଲ୍ୟ ବୃଦ୍ଧି, ସବୁ ପନିପରିବା ୧୦୦



ନୂଆଦିଲ୍ଲୀ,୨।୯: ଭାରତରେ ଅତ୍ୟଧିକ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଫସଲ ନଷ୍ଟ ସହ ଯୋଗାଣ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ଫଳରେ ଖାଦ୍ୟମୂଲ୍ୟ ତୀବ୍ରଭାବେ ବୃଦ୍ଧି ପାଉଛି। ଟମାଟୋ, ପିଆଜ ଓ ଆଳୁ ଭଳି ପ୍ରତ୍ୟେକଙ୍କ ଘରେ ବ୍ୟବହୃତ ମୁଖ୍ୟଖାଦ୍ୟ ସାମଗ୍ରୀ ଅନିୟମିତ ବର୍ଷା, ଗ୍ରୀଷ୍ମ ଲହରୀ ଓ ଅସମୟ ଝଡ଼ର ଶିକାର ହେଉଛି। ଜଳବାୟୁ ପରିବର୍ତ୍ତନ ଏହି ଘଟଣାକୁ ଅଧିକ ଖରାପ କରୁଛି, ଯାହା ସବୁଜ ପନିପରିବା ମୂଲ୍ୟରେ ଅସ୍ଥିରତା ଓ ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି କରୁଛି। ଟମାଟୋ, ପିଆଜ ଓ ଆଳୁ ଭଳି ଅଳ୍ପ ସମୟରେ ନଷ୍ଟ ହେଉଥିବା ଫସଲ ଅତି ସମ୍ବେଦନଶୀଳ। ପ୍ରବଳ ବର୍ଷା, ଗ୍ରୀଷ୍ମଲହରୀ ଓ ଘୂର୍ଣ୍ଣିଝଡ଼ ଫସଲ ନଷ୍ଟ କରିବା ସହ ଗୋଦାମରେ ଥିବା ଉତ୍ପାଦକୁ ମଧ୍ୟ ନଷ୍ଟ କରୁଛି। ଯାହାର ଅଭାବ ଓ ମୂଲ୍ୟବୃଦ୍ଧିର କାରଣ ପାଲଟୁଛି। ହିମାଚଳପ୍ରଦେଶ ଓ କର୍ଣ୍ଣାଟକରେ ପ୍ରବଳ ବର୍ଷା ଯୋଗୁ ଟମାଟୋ ଉତ୍ପାଦନ ୧୧ରୁ ୧୩ ପ୍ରତିଶତ ହ୍ରାସ ପାଇଛି। ଯାହାଫଳରେ ଦିଲ୍ଲୀର ଆଜାଦପୁର ମଣ୍ଡିରେ ଟମାଟୋର ହୋଲସେଲ ମୂଲ୍ୟ ୨୦୨୩ ମଧ୍ୟଭାଗରେ ପ୍ରତି କିଲୋ ପିଛା ୧୮ଟଙ୍କାରୁ ୬୭ ଟଙ୍କାକୁ ବୃଦ୍ଧି ପାଇଥିଲା। ସେହିପରି ମହାରାଷ୍ଟ୍ରରେ କୁଆପଥର ମାଡ଼ ଯୋଗୁ ପିଆଜ ଉତ୍ପାଦନ ହ୍ରାସ ପାଇଛି ଓ ଉତ୍ତରପ୍ରଦେଶରେ ତୁଷାରପାତ ଆଳୁ ଉତ୍ପାଦନକୁ ହ୍ରାସ କରିଛି। ଫଳରେ ଗ୍ରାହକଙ୍କୁ ବଜାରରେ ଅଧିକ ମୂଲ୍ୟ ଦେବାକୁ ପଡୁଛି। ରିଜର୍ଭବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଅଧ୍ୟୟନ ଅନୁଯାୟୀ ବର୍ଷାରେ ପରିବର୍ତ୍ତନ ପନିପରିବା ମୂଲ୍ୟବୃଦ୍ଧିକୁ ୧.୨୪ ପ୍ରତିଶତ ବୃଦ୍ଧି କରିବାର ଥିବାବେଳେ ତାପମାତ୍ରା ବୃଦ୍ଧି ଏହାକୁ ୧.୩୦ ପ୍ରତିଶତ ବୃଦ୍ଧି କରିବାର ସମ୍ଭାବନା ରହିଛି। ୨୦୨୩ରେ ଟମାଟୋ ମୂଲ୍ୟବୃଦ୍ଧି ୩୭ ପ୍ରତିଶତ ଥିବାବେଳେ ୨୦୨୪ ଶେଷରେ ଆଳୁ ମୂଲ୍ୟ ୪୨ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି • ପୃଷ୍ଠା ୫ ଦେଖନ୍ତୁ

## ସେମିକନ୍ ଇଣ୍ଡିଆ ଉଦ୍‌ଘାଟନ କଲେ ମୋଦୀ

# ସେମିକଣ୍ଡକ୍ଟର ଭାରତର ଡାଇମଣ୍ଡ



ନୂଆଦିଲ୍ଲୀ,୨।୯: ନୂଆଦିଲ୍ଲୀର ଯଶୋଭୂମିରେ ସେମିକନ ଇଣ୍ଡିଆ-୨୦୨୫କୁ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହା ଭାରତର ସର୍ବବୃହତ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ପ୍ରଦର୍ଶନୀ। ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଏପ୍ରିଲ-ଜୁନ୍ ମାସରେ ଭାରତୀୟ ଅର୍ଥନୀତି ସମସ୍ତ ଆଶାଠାରୁ ଭଲ ପ୍ରଦର୍ଶନ କରିଛି। ଭାରତ ସେମିକଣ୍ଡକ୍ଟରର ଭବିଷ୍ୟତ ନିର୍ମାଣ କରିବାକୁ ପ୍ରସ୍ତୁତ। ତେଲ କଳାସୁନା ଥିଲା, କିନ୍ତୁ ଚିପ୍ସ ସେମିକଣ୍ଡକ୍ଟର ଡାଇମଣ୍ଡ ବୋଲି ମୋଦୀ କହିଛନ୍ତି। ସେମିକନ ଇଣ୍ଡିଆ-୨୦୨୫ ହେଉଛି ଚତୁର୍ଥ ସଂସ୍କରଣ। ଆଜି ପର୍ଯ୍ୟନ୍ତ ଏହି ସର୍ବବୃହତ କାର୍ଯ୍ୟକ୍ରମରେ ୪୮ଟି ଦେଶର ୩୫୦ରୁ • ପୃଷ୍ଠା ୫ ଦେଖନ୍ତୁ

### ମୋଦୀଙ୍କୁ ଓଡ଼ିଶା ପ୍ରସ୍ତୁତ ୩ ସେମିକଣ୍ଡକ୍ଟର ଚିପ୍ସ ଭେଟି

ନୂଆଦିଲ୍ଲୀ,୨।୯: କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓଡ଼ିଶା ପ୍ରସ୍ତୁତ ୩ଟି ସେମିକଣ୍ଡକ୍ଟର ଚିପ୍ସ ଭେଟି ଦେଇଛନ୍ତି। ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ଏହି ଚିପ୍ସ ନିର୍ମିତ ହୋଇଛି। ଏନଆଇଟି ରାଉରକେଲା ଦ୍ୱାରା ପ୍ରସ୍ତୁତ ୨ଟି ସେମିକଣ୍ଡକ୍ଟର ଚିପ୍ସ ଭେଟି ଦିଆଯାଇଥିବାବେଳେ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜଦ୍ୱାରା ପ୍ରସ୍ତୁତ ଆଉ ଏକ ସେମିକଣ୍ଡକ୍ଟର ଚିପ୍ସ ପ୍ରଦାନ କରାଯାଇଛି। ଏ ନେଇ ମୋଦୀ ବେଶ୍ ଖୁସିବ୍ୟକ୍ତ କରିଥିବା ଶ୍ରୀ ବୈଷ୍ଣବ କହିଛନ୍ତି।

## ୪ କୋଟିରୁ ଊର୍ଦ୍ଧ୍ୱ ହେରଫେର ମାମଲା

# ପୂର୍ବତନ ନିର୍ବାହୀ ଅଧିକାରୀ ଗିରଫ

ବେଲପାହାଡ଼,୨।୯(ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଜିଲ୍ଲାର ବହୁଚର୍ଚ୍ଚିତ ବେଲପାହାଡ଼ ଦୁର୍ନୀତି ଘଟଣାରେ ପୂର୍ବତନ ନିର୍ବାହୀ ଅଧିକାରୀ ତଥା ମୟୂରଭଞ୍ଜ ଜିଲ୍ଲା ଜାମଦାର ନିଲମ୍ବିତ ତହସିଲଦାର ମଧୁସ୍ମିତା ସିଂଙ୍କୁ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା ଗିରଫ କରିଛି। ପ୍ରାୟ ୪ କୋଟି ଟଙ୍କା ହେରଫେର ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି। ଏହି ଦୁର୍ନୀତି ଘଟଣାର ତଦନ୍ତ ଇଓଡବ୍ଲୁ ଜାରି ରଖିଛି। କେବଳ ପୂର୍ବତନ ନିର୍ବାହୀ ଅଧିକାରୀଙ୍କ ସମୟରେ ନୁହେଁ, ବରଂ ଏବେର ନିର୍ବାହୀ ଅଧିକାରୀ ଗୌରବଚନ୍ଦ୍ର ପ୍ରଧାନଙ୍କ ସମୟରେ ମଧ୍ୟ କ୍ୟାସବୁକ୍ ନ ଦେଖି ୨ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଥିବା ତଦନ୍ତବେଳେ ଜଣାପଡ଼ିଛି। ଏହି ଘଟଣା ପରେ ଶ୍ରୀ ପ୍ରଧାନଙ୍କୁ ପୁଣିଥରେ ପଚରାଉଚୁରା କରାଯିବା ନେଇ ଇଓଡବ୍ଲୁ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ପୂର୍ବରୁ ପୌରପରିଷଦର ଆକାଉଣ୍ଟାଣ୍ଟ ବିଭୂତିଭୂଷଣ ସାହୁ ଗିରଫ ହୋଇଥିବାବେଳେ ସାନିଟାରୀ ଏକ୍ସପର୍ଟ ସୌମ୍ୟ ବିଶ୍ୱରଞ୍ଜନ ମାହାଳି ଗତ ୧୮ ତାରିଖରୁ ଫେରାର ରହିଛନ୍ତି। ଏହି ଘଟଣାର ତଦନ୍ତ ଏବେ ଅର୍ଥନୈତିକ ଅପରାଧ ଶାଖା କରୁଛି। ପୂର୍ବରୁ ଇଓଡବ୍ଲୁର ଦୁଇଜଣିଆ ଟିମ୍ ବେଲପାହାଡ଼ ପୌରପରିଷଦ ଆସି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଏହାସହ ସ୍ୱତନ୍ତ୍ର ଅଡିଟ୍ ଟିମ୍ ମଧ୍ୟ ଅଡିଟ୍ ଶେଷ କରି ରିପୋର୍ଟ ଦାଖଲ କରିଛି। ଏହି ଦୁର୍ନୀତି ନେଇ ବେଲପାହାଡ଼ ନଗରପାଳ ପୂର୍ବରୁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବେଲପାହାଡ଼ ଥାନାରେ ଅଭିଯୋଗ କରିଥିବାବେଳେ ଗତ ୧୮ ତାରିଖରେ ବେଲପାହାଡ଼ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ବେଲପାହାଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପ୍ରଥମେ ପୋଲିସ ଓ ପରେ ଇଓଡବ୍ଲୁ ତଦନ୍ତ ଆରମ୍ଭ କରିଛି। ତେବେ ୨୦୨୪-୨୫ ଆର୍ଥିକ ବର୍ଷରେ ବେଲପାହାଡ଼ ପୌର ପରିଷଦର ବିଭିନ୍ନ ପାଣ୍ଠିରୁ କେତେ ଟଙ୍କା ଆତ୍ମସାତ କରାଯାଇଛି ତାହା ତଦନ୍ତ ଶେଷପରେ ଜଣାପଡ଼ିବ ବୋଲି କୁହାଯାଉଛି।

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ଟ୍ରମ୍ପ ମାରିଥିଲା ଏମିତି ବାଣ ଯେ
ବୋପା ରାଣ ଡିଙ୍କି ଗିଳ,
ହେଲେ ଆମେ ତାକୁ ଏମିତିକା କଲେ
ଆମେରିକା ଟଳମଳ ।
ଚୀନ୍ ସହ କରି ମେଳ,
ଜଗିରଖି ଯଦି ଚଳିବ ଭାରତ
ଶତ୍ରୁ ମଧ୍ୟ ଦେବ ବଳ !!

## କଂଗ୍ରେସ-ଆରଜେଡି ଉପରେ ବର୍ଷିଲେ ମୋଦୀ

# ଏ ଗାଳି ପ୍ରତି ମା'କୁ ଅପମାନ



ନୂଆଦିଲ୍ଲୀ,୨।୯: ବିହାରରେ ଭୋଟର ଅଧିକାର ଯାତ୍ରା ସମୟରେ କଂଗ୍ରେସ-ଆରଜେଡି ମଞ୍ଚରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ଙ୍କୁ ଅପମାନିତ କରାଯାଇଥିଲା। ତାଙ୍କୁ ଅପଶବ୍ଦ କୁହାଯାଇଥିଲା। ଏହାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ ଉଭୟ ଦଳକୁ କଟାକ୍ଷ କରିଛନ୍ତି। ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିହାର ରାଜ୍ୟ ଜୀବିକାନିଧି କ୍ରେଡିଟ୍ କୋ-ଅପରେଟିଭ ଫେଡେରେସନ ଲିମିଟେଡ୍‌ର ଉଦ୍‌ଘାଟନ କରି ମୋଦୀ ଏହି ପ୍ରସଙ୍ଗ ଉଠାଇବା ସହ ଭାବପ୍ରବଣ ହୋଇପଡ଼ିଥିଲେ। ସେ କହିଥିଲେ ମା'ମାନଙ୍କ ଆଶୀର୍ବାଦରୁ ହିଁ ମୁଁ ଦେଶର ସେବା କରୁଛି। ପ୍ରତ୍ୟେକ ମା ଚାହାନ୍ତି ଯେ ତାଙ୍କ ପୁଅ ତାଙ୍କର ସେବା କରୁ। କିନ୍ତୁ ମୋ ମା' ନିଜ ପାଇଁ ନୁହେଁ ଆପଣଙ୍କ ଭଳି କୋଟି କୋଟି ମା'ଭଉଣୀଙ୍କ ସେବାପାଇଁ ମୋତେ ନିଜଠାରୁ ଅଲଗା କରି ଯିବାକୁ ଅନୁମତି ଦେଇଥିଲେ। ଏଭଳି ମା'ଙ୍କୁ ଅସଭ୍ୟ ଭାଷାରେ ଗାଳି ଦିଆଗଲା। ମୋଦୀ ଆହୁରି କହିଥିଲେ ଯେ ମୋ ମା ଏବେ ଆଉ ଦୁନିଆରେ ନାହାନ୍ତି। ମୋ ମା'ଙ୍କର ମଧ୍ୟ ରାଜନୀତି ସହ କୌଣସି ସଂପର୍କ ନଥିଲା। କିନ୍ତୁ ଏହି ମା'ଙ୍କୁ କଂଗ୍ରେସ-ଆରଜେଡି ମଞ୍ଚରୁ ଅସଭ୍ୟ ଭାଷାରେ ଗାଳି ଦିଆଗଲା। ଏହା ବହୁତ କଷ୍ଟଦାୟକ ଓ ପୀଡ଼ାଦାୟକ। ସେହି ମା'ଙ୍କର କ'ଣ ଅପରାଧ, ଯାହାଙ୍କୁ ଗାଳି ଦିଆଗଲା। ମୋ ମା'ଙ୍କୁ ଗାଳିଦେବା ସମଗ୍ର ବିହାରକୁ ଅପମାନ ବୋଲି ସେ କହିଥିଲେ। ମୋଦୀ ଆହୁରି କହିଥିଲେ ଯେ ମୋ ମା'ଙ୍କ ସମ୍ମାନ ବିହାରର ପରିଚୟ। ମୋ ମା'ଙ୍କୁ ଗାଳିଦେବା ବିହାରକୁ ଅପମାନ। ମା' ହିଁ ତ ଆମର ସଂସାର ହୋଇଥାଏ ଓ ଆମର ସ୍ୱାଭିମାନ ବି ହୋଇଥାଏ। ଏହି ସମୃଦ୍ଧ ପରମ୍ପରା ଥିବା ବିହାରରେ କିଛିଦିନ ପୂର୍ବରୁ ଯାହା ଘଟିଗଲା ତାହା ମୁଁ କଳ୍ପନା ବି କରିନଥିଲି। ବିହାରରେ କଂଗ୍ରେସ-ଆରଜେଡି ମଞ୍ଚରୁ ମୋ ମା'ଙ୍କୁ ଗାଳି ଦିଆଗଲା। ଏହା ଦେଶର ମା' ଭଉଣୀ ଓ ଝିଅଙ୍କର ଅପମାନ। ବିହାରର ପ୍ରତ୍ୟେକ ମା'ଙ୍କୁ ଏହା ଶୁଣି କେତେ ଖରାପ ଲାଗୁଥିବ ଏହା ମୁଁ ଜାଣିପାରୁଛି। ଏହା ବିହାରର ଲୋକଙ୍କୁ ଗଭୀର ଦୁଃଖ ଦେଇଥିବ। ମୋଦୀ କହିଥିଲେ, ପ୍ରତ୍ୟେକ ମାଆ ନିଜ ପିଲାଙ୍କୁ ବହୁ କଷ୍ଟକରି ପାଳନ କରିଥାଏ। ପିଲାମାନଙ୍କଠାରୁ • ପୃଷ୍ଠା ୫ ଦେଖନ୍ତୁ

## ଆଫଗାନିସ୍ତାନ ଭୂକମ୍ପ

# ମୃତ୍ୟୁସଂଖ୍ୟା ୧୪୦୦ ଛୁଇଁଲା



ନୂଆଦିଲ୍ଲୀ,୨।୯: ଗତ ରବିବାର ବିଳମ୍ବିତ ରାତିରେ ଆଫଗାନିସ୍ତାନର ପୂର୍ବାଞ୍ଚଳରେ ଘଟିଥିବା ଭୟଙ୍କର ଭୂମିକମ୍ପରେ ମୃତ୍ୟୁସଂଖ୍ୟା ୧୪୦୦ରେ ପହଞ୍ଚିଛି। ସେହିପରି ଆହତଙ୍କ ସଂଖ୍ୟା ୩ହଜାର ଛୁଇଁଛି ବୋଲି ତାଲିବାନ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ କୁନାର ପ୍ରଦେଶରେ ଏକକାଳୀନ ୧୪୦୦ଜଣଙ୍କର ମୃତ୍ୟୁ ହୋଇଛି। ଆଗକୁ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ସୂଚନା ଦିଆଯାଇଛି। ମଙ୍ଗଳବାର କୁନାରରେ ଧ୍ୱଂସସ୍ତୂପ ମଧ୍ୟରୁ ଉଦ୍ଧାରକାରୀ ଦଳ ଜୀବିତଙ୍କୁ ଖୋଜିବା ଜାରି ରଖିଛନ୍ତି। ଆହତ ଅବସ୍ଥାରେ ଉଦ୍ଧାର କରାଯାଉଥିବା ବ୍ୟକ୍ତିଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରାଯାଉଛି। ଗ୍ରାମବାସୀମାନେ ମଧ୍ୟ କାଦୁଅ ଓ ପଥର ଭଗ୍ନାବଶେଷ ହଟାଇ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ବହୁ ଗାଁ ପ୍ରଭାବିତ ହୋଇଥିବାରୁ ସେଠାରେ ପହଞ୍ଚିବା କାଠିକରପାଠ ହୋଇଛି। ଜାତିସଂଘ • ପୃଷ୍ଠା ୫ ଦେଖନ୍ତୁ



ବାରିପଦା(ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ଓସ୍ୱାସ ବ୍ୟବସ୍ଥାର ସୁଗମ କାର୍ଯ୍ୟକାରିତା ନିମନ୍ତେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ପାଇଁ ଆଭାସୀ ଜରିଆରେ ଅନଲାଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିର ୨ଟି ଅଧିବେଶନରେ ଅନୁଷ୍ଠିତ ହୋଇଥିଲା। ବ୍ଲକସ୍ତରୀୟ ଅଧିକାରୀମାନେ ସମ୍ପୃକ୍ତ ବ୍ଲକ ଓସ୍ୱାନ ହଲରେ ଉପସ୍ଥିତ ରହି ଏହି ପ୍ରଶିକ୍ଷଣରେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ ତାଲିମ କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀ ଅଧିକାରୀମାନଙ୍କୁ ସ୍ୱାଗତ କରିବା ସହ ଓସ୍ୱାସ ବ୍ୟବସ୍ଥାର ଉପାଦେୟତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଆଗାମୀ ସମୟରେ ଜିଲ୍ଲାର ସମସ୍ତ ବିଭାଗର ଫାଇଲ କାର୍ଯ୍ୟ ଅନ ଲାଇନ ମାଧ୍ୟମରେ ବିଭିନ୍ନ ସ୍ତର ଦେଇ ଗତିଶୀଳ ହୋଇ ଅନୁମୋଦିତ ହେବ ଏବଂ ସମୟର ସଠିକ ଉପଯୋଗ ହୋଇ ପାରିବ ବୋଲି ଉଲ୍ଲେଖ କରିଥିଲେ। ଏହାପରେ ଭୁବନେଶ୍ୱରରୁ ଅନଲାଇନ ମାଧ୍ୟମରେ ଓସ୍ୱାସରେ ଫାଇଲର ପର୍ଯ୍ୟାୟକ୍ରମ ଗତିଶୀଳତା ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନ କରାଯାଇଥିଲା। ଏହାପରେ ପ୍ରଶ୍ନ ଉତ୍ତର ସେସନରେ ମାଷ୍ଟର ଟ୍ରେନରଙ୍କ ଦ୍ୱାରା ବିଭିନ୍ନ ଅଧିକାରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖି ସନ୍ଦେହ ମୋଚନ କରିଥିଲେ। ଜିଲ୍ଲା ଇ-ଗର୍ଭନାନ୍ସର ପରିଚାଳିକା ସେବତୀ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ ଶିବିରରେ ବାରିପଦା ଓସ୍ୱାନ ହଲ ଠାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ କାର୍ଯ୍ୟାଳୟର ସହାୟକମାନେ ଯୋଗ ଦେଇଥିବା ବେଳେ ବ୍ଲକ ଓ ତହସିଲ ଅଧିକାରୀ ଓ ସହାୟକ ମାନେ ବ୍ଲକ ଓସ୍ୱାନରେ ଯୋଡି ହୋଇ ତାଲିମ ଗ୍ରହଣ କରିଥିଲେ।

### ।।। ଥାନାରେ ନାବାଳିକା ଫିନାଇଲ୍ ପିଇବା ଘଟଣା ।।।

## ଗିରଫ ହେଲେ ପୁରୁଷ ବନ୍ଧୁ ଓ ସର୍ଟ ଷ୍ଟେ ହୋମ୍ ମାଲିକ



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ଗଣଦୁଷ୍କର୍ମ ତାତି ଥମିନି। ଏବେ ପୁଣି ଚର୍ଚ୍ଚାରେ ଗୋପାଳପୁର ଥାନା। ଜଣେ ନାବାଳିକା ଥାନା ଭିତରେ ଫିନାଇଲ୍ ପିଇଦେବା ଘଟଣା ଏବେ ଆଲୋଚନାର ବିଷୟ ହୋଇଥିବା ବେଳେ ଅଭିଯୁକ୍ତଦ୍ୱୟ ଗିରଫ ହୋଇଛନ୍ତି । ସୂଚନା ମୁତାବକ, ସୋମବାର ଦିନ ଜଣେ ନାବାଳିକା ନିଜ ପୁରୁଷବନ୍ଧୁଙ୍କ ସହ ଗୋପାଳପୁର ବୁଲିବାକୁ ଆସିଥିଲେ। ସମୁଦ୍ରକୂଳରେ ବୁଲିସାରିବା ପରେ ଜଣକ ଘରକୁ ୨ ଘଣ୍ଟା ପାଇଁ ଭଡ଼ାରେ ମାଗିଥିଲେ। ସେ ମନା କରିବା ପରେ ଥାନାରେ ଅଭିଯୋଗ କରିବାକୁ ପହଞ୍ଚିଥିଲେ। ତେବେ ନାବାଳିକା ହୋଇଥିବାରୁ ତୁରନ୍ତ ପୋଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ନାବାଳିକାଙ୍କ ବାପା ଖବର ପାଇ ଥାନାରେ ପହଞ୍ଚି ଘଟଣା ବିଷୟରେ ଜାଣିବାକୁ ଚାହିଁଥିଲେ। ତେବେ ଥାନାରେ ବାପାଙ୍କୁ ଦେଖି ନାବାଳିକା ଚିନ୍ତାରେ ପଡ଼ି ଯାଇଥିଲେ ଓ ଭୟ କିମ୍ବା ଅନ୍ୟ କୌଣସି କାରଣରୁ ସେ ଥାନା ଭିତରେ ଫିନାଇଲ୍ ପିଇ ଦେଇଥିଲେ। ପୋଲିସ ଏହା ଜାଣିବା ପରେ ତୁରନ୍ତ ତାଙ୍କୁ ଗୁରୁତର ଅବସ୍ଥାରେ ଏମକେସିଜିରେ ଭର୍ତ୍ତି କରିଥିଲା। ଏମକେସିଜି ଆଶୁ ଚିକିତ୍ସା ବିଭାଗର ମେଡିସିନ ଓ୍ୱାର୍ଡରେ ତାଙ୍କ ଚିକିତ୍ସା କରାଯାଇଥିଲା। ଦୁଇ ଜଣିଆ ଡାକ୍ତରୀ ଟିମ୍ ତାଙ୍କୁ ଚିକିତ୍ସା କରୁଛନ୍ତି। ଯଦିଓ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି, ତଥାପି ୨୪ ଘଣ୍ଟା ପର୍ଯ୍ୟନ୍ତ ସେ ନିରୀକ୍ଷଣରେ ରହିବେ ବୋଲି ଜଣାପଡ଼ିଛି। ପୁରୁଷ ବନ୍ଧୁ ଏବଂ ଏକ ସର୍ଟ ଷ୍ଟେ ହୋମକୁ ଯିବା ଘଟଣା ବିଷୟରେ ଜାଣିବା ପରେ, ଝିଅଟିର ମାଆ ପୁରୁଷ ବନ୍ଧୁଙ୍କ ବିରୁଦ୍ଧରେ ପିଛା କରିବା, ଅପହରଣ, ଯୌନ ନିର୍ଯାତନା ଅଭିଯୋଗ ଆଣି ଏକ ଲିଖିତ ଅଭିଯୋଗ କରିଥିଲେ। ଗୋପାଳପୁର ଥାନା ପକ୍ଷରୁ କେସ୍ ନଂ-୩୧୬ ତାରିଖ ୦୧.୦୯.୨୦୨୫, ୟୁ/ଏସ୍-୧୩୭(୨)/୯୬/୭୪/୭୫/୭୮/୩୦୮(୩)/୩୫୧(୨) ବିଏନ୍ଏସ୍/୧୦ ପୋକ୍ସୋ ଆଇନରେ ମାମଲା ରୁଜୁ କରାଯାଇ ତଦନ୍ତ କରି ପୁରୁଷ ବନ୍ଧୁ ଯୋଗିଆପାଲ୍ଲି ଗାଁର କେଦାର ଦାସ ଏବଂ ସର୍ଟ ଷ୍ଟେ ହୋମର ମାଲିକ ଯୋଗେନ୍ଦ୍ର କୁମାର ସିଂ ଙ୍କୁ ଗିରଫ କରି କୋର୍ଟରେ ହାଜର କରାଯାଇଥିଲା। ଜଣେ ନାବାଳିକା ଝିଅ ଏବଂ ତାଙ୍କ ପୁରୁଷ ବନ୍ଧୁଙ୍କ ପାଇଁ ଏକ ବାସସ୍ଥାନ ଭଡ଼ା ଦେବା ପାଇଁ ପୋକ୍ସୋ ମାମଲାରେ ସମ୍ପୃକ୍ତି ପାଇଁ ସର୍ଟ ଷ୍ଟେ ହୋମର ମାଲିକ ଯୋଗେନ୍ଦ୍ର କୁମାର ସିଂ ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଉଭୟଙ୍କ ମୋବାଇଲ୍ ଫୋନ୍ ଜବତ କରାଯାଇ ଫରେନସିକ୍ ପରୀକ୍ଷା ପାଇଁ ପଠାଯାଇଥିବା ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି।

## ସରକାରୀ ଟଙ୍କାର ବ୍ୟାପକ ଅପବ୍ୟବହାର ଅଭିଯୋଗ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ସରକାର କା ମାଲ ଦରିଆମେ ଡାଲ। ସରକାରୀ ବାବୁ, ବାବୁଆଣୀମାନେ ନିଜେ ବ୍ୟକ୍ତିଗତ ବ୍ୟବହାର କରୁଥିବା ଗାଡି ଚାର୍ଜ କରୁଥିବା ବେଳେ, କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନ ରାଜକୋଷରୁ ବିଦ୍ୟୁତ ବିଲ ପୈଠ କରାଯାଉଛି। ସରକାର ନିୟମର ହେଉଛି ବ୍ୟାପକ ଉଲ୍ଲଙ୍ଘନ। କିନ୍ତୁ କାର୍ଯ୍ୟରତ କର୍ମଚାରୀ ସରକାରୀ ରାଜ କୋଷରୁ ଖର୍ଚ୍ଚ ହେଉଥିବା ଅର୍ଥର ଅପବ୍ୟୟ କରି ଆଦର୍ଶରୁ ବିଚ୍ୟୁତ ହେଉଛନ୍ତି କିଛି ଅସାଧୁ କର୍ମଚାରୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ କାର୍ଯ୍ୟରତ କର୍ମଚାରୀ ଏକ ଇଲେକ୍ଟ୍ରି କାର ଚଳାଉଥିବା ବେଳେ ନିଜ କାରକୁ ଚାର୍ଜ କରିବା ପାଇଁ ବ୍ଲକ ରାଜକୋଷ ରୁ ଭରଣ କରାଯାଉଥିବା ବିଦ୍ୟୁତ ଖର୍ଚ୍ଚକୁ ଭ୍ରୁକ୍ଷେପ ନ କରି ନିଜ ବ୍ୟକ୍ତିଗତ କାରକୁ ଚାର୍ଜ କରୁଛନ୍ତି। ସରକାରୀ ନିୟମ ଅନୁଯାୟୀ ସରକାରୀ ରାଜକୋଷରୁ ଅର୍ଥ ଅପବ୍ୟବହାର କଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ, କ୍ଷତିଭରଣା, ପଦୋନ୍ନତି ରୋକିବା ପରି ନିୟମ ରହିଛି। ଏ ଘଟଣା ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଅସ୍ତରଙ୍ଗ ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନାହିଁ। କିନ୍ତୁ ସରକାରୀ ଅଧିକାରୀ ସାଧୁତା ଓ କର୍ତ୍ତବ୍ୟ ପରାୟଣତା କ୍ଷେତ୍ରରେ ସାଧାରଣ ଲୋକଙ୍କ ପାଇଁ ଉଦାହରଣ ବଦଳରେ ଆଇନ କୁ ଖୋଲାଖୋଲି କରୁଛନ୍ତି ଉଲ୍ଲଙ୍ଘନ। ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବି ସରକାରୀ ଅର୍ଥକୁ ଅପବ୍ୟବହାର କରୁଥିବା କର୍ମଚାରୀଙ୍କ ଉପରେ ଜିଲ୍ଲାପାଳ ଘଟଣାକୁ ଗୁରୁତର ନେଇ ତଦନ୍ତ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ମଦ ଜବତ, ଜଣେ ଗିରଫ



କଣାସ(ଭାସ୍କର ନ୍ୟୁଜ୍): କଣାସ ଅଂଚଳରେ ବ୍ୟାପକ ଚୋରାମଦ, ବ୍ରାଉନ ସୁଗାର, ଗଂଜେଇ, ବିକ୍ରି ଚାଲିଥିବା ବେଳେ ଅବକାରୀ ବିଭାଗର ବଡବାବୁ ମାନେ ଜାଣି ଅଜଣା ପରି ରହୁଥିବାରୁ କଣାସ ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ ଗତକାଲି ରାତିରେ କୌଣସି ସୂତ୍ରରୁ ଖବର ପାଇ ଅଁଳାଯୋଡ଼ି ଗ୍ରାମର ଏକ ପାନ ଦୋକାନ ଉପରେ ଚଢ଼ାଉକରୀ ୮୭ ବୋତଲ ବିଦେଶୀ ମଦ ଓ ୧୭ ବୋତଲ ଦେଶୀ ମଦ ଜବତ କରିବା ସହିତ ମଦ ବିକ୍ରି କରୁଥିବା ଭଗବାନ ରାଉତ ଙ୍କୁ ଗିରଫ କରିଛନ୍ତି, କଣାସ ଥାନା କେସ ନମ୍ବର ୨୦୩/୨୦୨୫ ରେ ଏକ ମକଦମା ରୁଜୁ କରି ଭଗବାନ ଙ୍କୁ କୋର୍ଟ ଚାଲାଣ କରିଛନ୍ତି। ସେହିପରି କଣାସ ଥାନା ଅଧିକାରୀ ଗତ ୨୭ ତାରିଖ ଦିନ ଗାଉପଡା ଗ୍ରାମରୁ ୧୫ ବୋତଲ ଦେଶୀ ମଦ ଓ ୦୮ ବୋତଲ ବିଦେଶୀ ମଦ ଜବତ କରି ମକରଧ୍ୱଜ ନାୟକ ନାମକ ଏକ ବ୍ୟକ୍ତିଙ୍କ ନାମରେ କଣାସ ଥାନା କେସ ନଂ. ୧୯୫/୨୦୨୫ ରେ ଏକ ମକଦ୍ଦମା ରୁଜୁ କରିଥିଲେ। ସେହି ୨୭ତାରିଖ ଦିନ ରାତିରେ ତ୍ରିଲୋଚନ ପୁର ବ୍ରିଜ ନିକଟରୁ ୨୦ ବୋତଲ ଦେଶୀ ମଦ ଜବତ କରିବା ସହିତ ରାମେଶ୍ୱର ପ୍ରଧାନ ନାମକ ଜଣେ ବ୍ୟକ୍ତି ନାମରେ ୧୯୬/୨୦୨୫ ରେ ଏକ ମକଦମା ରୁଜୁ କରିଥିବା ଜଣା ପଡିଛି। କଣାସ ଅଂଚଳରେ ଏପରି ଚୋରା ମଦ ବିକ୍ରି ବୃଦ୍ଧି ପାଉଛି ଯେ ସନ୍ଧ୍ୟାରେ ଯିବା ଦୂରର କଥା ଦିନରେ ଯିବାକୁ ମହିଳା, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ବଜାର ଓ ଗାଁ ଗହଳିରେ ଯିବାକୁ ନିରାପଦ ମଣୁ ନାହାନ୍ତି।

## ଆମ୍ ଆଦମୀ ପକ୍ଷରୁ ନୂତନ କର୍ମକର୍ତ୍ତା ଘୋଷଣା

କାକଟପୁର(ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜ୍ୟ ଆମ ଆଦମୀ ପାର୍ଟି ର ରାଜ୍ୟ ସଂଗଠକର ସମ୍ପାଦକ ଶ୍ରୀକାନ୍ତ ପାଣି ନେତୃତ୍ୱରେ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି ଙ୍କ ନେତୃତ୍ୱରେ କାକଟପୁର ନିର୍ବାଚନ ମଣ୍ଡଳୀ ର ନୂତନ ନବନିର୍ବାଚିତ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି ।ଆମ ଆଦମୀ ପାର୍ଟି ର ମୁଖ୍ୟ ଅରବିନ୍ଦ କେଜ୍ରିଓ୍ୱାଲ ଶାସନ ରେ ଅନୁପ୍ରାଣୀତ ହୋଇ ଶତାଧିକ ଯୁବକ ଯୁବତୀ ଅଞ୍ଚଳ ଥିବା ନିରୀହ ଗରିବ ସାଧାରଣ ଲୋକ ମାନଙ୍କ ସେବା କରିବା ପାଇଁ ଆଗେଇ ଆସିଥିବାରୁ ସେମାନଙ୍କ ନାମ ଘୋଷଣା କରାଯାଇଛି । କାକଟପୁର ନିର୍ବାଚନ ମଣ୍ଡଳୀରେ ନୂତନ ସଭାପତି ଭାବେ ଭାଗବତ ବେହେରା , ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି ,ସମ୍ପାଦକ ଶିବପ୍ରକାଶ ମହାନ୍ତି , ସହ ସମ୍ପାଦକ ମଳୟ ରଞ୍ଜନ ମହାରଣା , ସୋସିଆଲ ମିଡିଆ ଇନଚାର୍ଜ ବିଶ୍ୱଜିତ ପରିଡା ,କାକଟପୁର ନିର୍ବାଚନ ମଣ୍ଡଳୀ ର ପର୍ଯ୍ୟବେକ୍ଷକ ରମାକାନ୍ତ ସ୍ୱାଇଁ ,ସେହିଭଳି ମହିଳା ସୋସିଆଲ ମିଡିଆ ଇନଚାର୍ଜ ସ୍ୱାତି ସାଗରିକା ପୋଟେଇ ,ମହିଳା ସଭାନେତ୍ରୀ ସୋନାଲି ରାଉତ , ମହିଳା ସହ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ପୋଟେଇ ଘୋଷଣା ହୋଇଥିବା ବେଳେ ସେହିଭଳି ଉକ୍ତ ପାର୍ଟି ର ଛାତ୍ର ସଭାପତି ପୁରୀର ବିସ୍ମୟ ରଞ୍ଜନ ପାଳ ସଂଖ୍ୟାଲଘୁ ସଭାପତି ଏସ କେ ମୁମତାଜ ,ଅସ୍ତରଙ୍ଗ ବ୍ଲକ ସଭାପତି ଦିଲିପ ବେହେରା , ଗୋପ ବ୍ଲକର ୧୪ ଟି ପଞ୍ଚାୟତର ସଭାପତି ଦୁଷ୍ମନ୍ତ ଦଳାଇ , ଗୋପ ବ୍ଲକ ୧୪ ନଂ ଯୋନ ସଭାପତି ପୁରୁଷୋତ୍ତମ ସ୍ୱାଇଁ ,୧୨ ନଂ ଯୋନ ସଭାପତି ଲିଙ୍ଗରାଜ ପାତ୍ର ,ଗୋପ ବ୍ଲକ ଜଂଗଲବରୀ ପଞ୍ଚାୟତ ସଭାପତି ବାପିନ ମଳିକ , ବଉଳଙ୍ଗ ପଞ୍ଚାୟତ ସଭାପତି ପ୍ରକାଶ ମଳିକ , ଶିମିଳି ପଞ୍ଚାୟତ ସଭାପତି ପ୍ରତାପ ନାୟକ ,ଶିମିଳି ପଞ୍ଚାୟତ ଉପସଭାପତି ସଦାଶ୍ରି ସେଠୀ ,କୁରୁଜଙ୍ଗ ପଞ୍ଚାୟତ ସଭାପତି ପ୍ରଶାନ୍ତ କୁମାର ଭୂୟାଁ ମାନଙ୍କୁ ଘୋଷଣା କରାଯାଇଛି ।ଆଗାମୀ ଦିନରେ କାକଟପୁର ନିର୍ବାଚନ ମଣ୍ଡଳୀରେ ଗୋପ ବ୍ଲକରେ ଆମ ଆଦମୀ ପାର୍ଟି ପାଇଁ କାର୍ଯ୍ୟ କରିବା ପାଇଁ ଶପଥ ଗ୍ରହଣ କରିଥିଲେ ।ଏହି ଘୋଷଣା ସମୟରେ ଜିଲ୍ଲା ଉପସଭାପତି ରବୀନ୍ଦ୍ର ନାଥ ସାହୁ ସହିତ ସମସ୍ତ କର୍ମୀ ମାନେ ଉପସ୍ଥିତ ଥିଲେ ।

## ଜବରଦଖଲକାରୀଙ୍କ କବ୍ଜାରେ ପ୍ରସ୍ତାବିତ ଦୋବଲ ବସ୍‌ଷ୍ଟାଣ୍ଡ



ଧାମନଗର(ଭାସ୍କର ନ୍ୟୁଜ୍): ଧାମନଗର-ଦୋବଲ ରାସ୍ତାର ମୁସ୍ତଫାପୁର ଘୋଡ଼ାଗଣ୍ଡ ନାଳ ପାଖରେ ପ୍ରସ୍ତାବିତ ଦୋବଲ ବସଷ୍ଟାଣ୍ଡ ଏବେ ଜବରଦଖଲକାରୀଙ୍କ କବଜାରେ । ବସ୍ଷ୍ଟାଣ୍ଡ ନିର୍ମାଣ ଲାଗି ରହିଥିବା ୨.୫ ଏକର ଜମିକୁ ଜଣକ ପରେ ଜଣେ କବଜା କରି ଦୋକାନ କରିଲେଣି । ପାଖରେ ମଦ ଦୋକାନ ଥିବାରୁ ଏହି ଜାଗାରେ ଚାଖଣା ଦୋକାନ, ପାନ ଦୋକାନ ଓ ପ୍ୟାକେଟ ଫୁଡ୍ ଦୋକାନ ସବୁ ଗଢ଼ି ଉଠିଲାଣି। ତା' ସହ ମାଟି ପଡ଼ି ପାଚେରୀ ହୋଇଥିବାରୁ ସେହି ପାଚେରୀ କଡ଼ ଏବେ ମୁକ୍ତାକାଶ ବାର୍ ହୋଇଗଲାଣି। ନିଶାଡ଼ିମାନେ ମଦ ଦୋକାନରୁ ମଦ ଆଣି ଏହି ପାଚେରୀ କଡ଼ରେ ପିଉଥିବା ଦେଖିବାକୁ ମିଳିଛି। ଦୋବଲ ସମେତ ୮ଟି ପଞ୍ଚାୟତ, ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଭଣ୍ଡାରିପୋଖରୀ ଅଞ୍ଚଳର କିଛି ପଞ୍ଚାୟତର ଲୋକ ଦୋବଲ ବସଷ୍ଟାଣ୍ଡ ଉପରେ ନିର୍ଭର କରନ୍ତି। ଏହିଠାରୁ ଭଦ୍ରକ, ବାଲେଶ୍ୱର, କେନ୍ଦୁଝରର ଘଟଗାଁକୁ ଯିବା ଆସିବା କରିଥାନ୍ତି। ହେଲେ ଷ୍ଟେଟ ବ୍ୟାଙ୍କ ସାମନାରେ ଥିବା ବସଷ୍ଟାଣ୍ଡଟି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ଏହାସହ ସ୍ଥାନୀୟ ଲୋକେ ଜବରଦଖଲ କରି ନେଇଥିଲେ। ଏଣୁ ଏଠାରେ ଜବରଦଖଲ କରି ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇଥିଲା। ଭଦ୍ରକ ଜିଲ୍ଲା ପ୍ରଶାସନର ସୁପାରିସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଡ଼ାଗଣ୍ଡ ନାଳ ନିକଟରେ ୟୁନାନୀ ମେଡିକାଲକୁ ଲାଗି ନୂଆ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୨ କୋଟି ୯୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ବସଷ୍ଟାଣ୍ଡ ପାଇଁ ୫ କୋଟି ୮୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଆଉ ୨୦୨୩ ଅଗଷ୍ଟ ୨୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହି ଅନୁସାରେ ରାଜ୍ୟ ସରକାର ଟେଣ୍ଡର ଆହ୍ୱାନ କରିଥିଲେ। ଠିକାଦାର କାମ ଆରମ୍ଭ କରିଥିଲା। ହେଲେ ବସ ଷ୍ଟାଣ୍ଡ ନିର୍ମାଣ ଲାଗି ଜାଗା ସମତୁଲ କରି ବାଉଣ୍ଡରି ଓ୍ୱାଲ ବା ସୁରକ୍ଷା ପ୍ରାଚୀର କରାଯିବା ଭିତରେ ରାଜ୍ୟରେ ସରକାର ବଦଳିଥିଲା। ଏଠାରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ କିଛି ଲୋକ ବିରୋଧ କରିଥିଲେ। ଏ ସ୍ଥାନ ବଦଳରେ ପୁରୁଣା ବସଷ୍ଟାଣ୍ଡ ଜାଗାରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇଥିଲା। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କାମ ବନ୍ଦ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଶାସନର ନିର୍ଦ୍ଦେଶ ପରେ ଠିକାଦାର କାମ ବନ୍ଦ କରିଥିଲେ। ଆଉ ପ୍ରକଳ୍ପ ସ୍ଥଳରେ ଗଦା କରିଥିବା ଲୁହା ରଡ଼, ସିମେଣ୍ଟ, ଚିପ୍ସକୁ ପ୍ରତ୍ୟେକ ଦିନ ଗାଡ଼ି ଲଗାଇ ଉଠାଇ ନେଇଥିଲେ। ଯାହାକୁ ନେଇ ଲୋକଙ୍କ ମନରେ ଆଶଙ୍କା ଦେଖା ଦେଇଥିଲା। ଏବେ ଏହି ଜାଗା ଜବରଦଖଲକାରୀଙ୍କ କବଜାକୁ ଚାଲିଗଲାଣି।

## ସମାଜସେବୀ ଶିବପ୍ରସାଦଙ୍କ ପରଲୋକ

ଫୁଲନଖରା(ଭାସ୍କର ନ୍ୟୁଜ୍): ବହଳପଡା ନିବାସୀ ଶିବ ପ୍ରସାଦ ବେହେରା(୫୪)ଙ୍କର କଟକ ବଡ଼ ମେଡିକାଲରେ ପରଲୋକ ଗମନ ଘଟିଛି । ଦୀର୍ଘ ଦିନ ହେବ ସ୍ୱାସ୍ଥ୍ୟଗତ କାରଣରୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେ ଚିକିତ୍ସିତ ହେଉଥିଲେ । ସେ ଜଣେ ଶାନ୍ତ, ସରଳ,ବନ୍ଧୁ ବତ୍ସଳ ଓ ପରୋପକାରୀ ତଥା ଆଦର୍ଶ ବ୍ୟକ୍ତି ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପରିବାରର ସମସ୍ତ ସଦସ୍ୟ,ଆତ୍ମୀୟ ସ୍ୱଜନ,ବନ୍ଧୁ ପରିଜନ,ଅଂଚଳବାସିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ । ପାଟଣାସ୍ଥିତ ତାଙ୍କ ଶଶୁର ପ୍ରହ୍ଲାଦ ବେହେରାଙ୍କ ଘରେ ସେ ସ୍ଥାୟୀ ଭାବେ ରହୁଥିଲେ। ଖାନନଗର ସ୍ଥିତ ସ୍ୱର୍ଗଧାମ ଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ଶବ ଦାହ ସମୟରେ ୪୨ ମୌଜା ତଥା କଟକ ମହାନଗରରୁ ଶତାଧିକ ଯୁବକ ଉପସ୍ଥିତ ଥିଲେ । ତାଙ୍କ ଜ୍ୟେଷ୍ଠ ଭ୍ରାତା ଦେବେନ୍ଦ୍ର ବେହେରାଙ୍କ ପୁତ୍ର ତାପସ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଅଗ୍ରପୂଜ୍ୟଙ୍କ ଭସାଣି ଉତ୍ସବ



ଫୁଲନଖରା (ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ ଅରଡିଆପଦା ରାଜସ୍ୱ ଗ୍ରାମରେ ଅଗ୍ରପୂଜ୍ୟଙ୍କ ଭସାଣି ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି ।ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଭୁ ଗଜାନନଙ୍କ ବିଦାୟ କରାଯାଇଛି ।ଗ୍ରାମ୍ୟ କମିଟି ସଂପାଦକ ଅଜୟ କୁମାର ବେଉରା, ଓ୍ୱାର୍ଡ଼ ସଭ୍ୟ ବରଦା ପ୍ରସାଦ ବେଉରା, ସାହି ମୁରବୀ ବାନମ୍ବର ପରିଡ଼ା, ବିଚିତ୍ର କୁମାର୍ ବେଉରା, ସୁକାନ୍ତ କୁମାର ବେଉରା, ପ୍ରତିଶ୍ କୁମାର ବେଉରା ଓ ଗଣେଶ ବେଉରାଙ୍କ ଉପସ୍ଥିତିରେ କର୍ମକର୍ତ୍ତା ମାନେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସରେ ପ୍ରଭୁ ଗଜାନନଙ୍କୁ ବିସର୍ଜନ କରିଛନ୍ତି । ଦିବ୍ୟଜ୍ୟୋତି ବେଉରା, ଦିବ୍ୟଦିତ୍ୟ ବେଉରା, ଅରିଜିତ ବେଉରା, ରଶ୍ମୀ ରଞ୍ଜନ ବେଉରା, ସୌମ୍ୟ କାନ୍ତ ବେଉରା, ରତି ରଞ୍ଜନ ବେଉରା, ବିସାଜ୍ ବେଉରା, ରାଜେଶ ବେଉରା, ହିମାଂଶୁ ଶେଖର ଜେନା,ଚିନ୍ମୟୀ ବେଉରା, ଆକାଶ କୁମାର ବେଉରା, ଇତେନ୍ଦୁ ବେଉରା , ଉଦିତ ରଂଜନ ପରିଡ଼ା, ପ୍ରଦ୍ୟୁମ୍ନ ପରିଡ଼ାଙ୍କ ଭଳି ଉଦୟମାନ ଯୁବକ ମାନେ ସରକାରଙ୍କ ନିର୍ଦ୍ଦେଶ ଯଥା ପଲିଥିନ୍ ମୁକ୍ତ, ନିଶା ମୁକ୍ତଏବଂ ଡିଜେ ମୁକ୍ତ ଭସାଣିଙ୍କୁ ସ୍ୱାଗତ କରିଛନ୍ତି। ରାତ୍ରରେ ସମସ୍ତ କର୍ମକର୍ତ୍ତା , ସାହି ବାସିନ୍ଦା ଓ ଭଦ୍ରବ୍ୟକ୍ତିଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ଆନ୍ଧ୍ରରେ ଦାଦନ ଶ୍ରମିକଙ୍କ ମୃତ୍ୟୁ



କଣାସ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କଣାସ ବ୍ଲକ କଣାସ ଗ୍ରାମପଂଚାୟତ କଣାସ ଗ୍ରାମର ଅପର୍ତ୍ତୀ ପ୍ରଧାନ (୫୬ବର୍ଷ ) ପରିବାର ପ୍ରତିପୋଷଣ ପାଇଁ ଦାଦନ ଶ୍ରମିକ ଭାବେ ଆନ୍ଧ୍ରପ୍ରଦେଶ ତିରୁପତି ଜିଲ୍ଲା ନାଇଡୁ ପେଣ୍ଟ ଥାନା କୋନେଟି ରାଜୁ ପଲମ ଠାରେ srr କମ୍ପାନୀ ରେ ଶ୍ରମିକ ଭାବେ ୪ମାସ ହେଲା କାର୍ଯ୍ୟ କରୁଥିବା ବେଳେ ଗତ ୨୫ ତାରିଖ ଦିନ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଅନ୍ୟ ଶ୍ରମିକ ମାନେ ତାଙ୍କ ପତ୍ନୀଙ୍କୁ ଟେଲିଫୋନ ଯୋଗେ ଖବର ଦେଇଥିଲେ। ତାଙ୍କର କେହି ପୁତ୍ର ସନ୍ତାନ ନଥିବାରୁ ତାଙ୍କ ପତ୍ନୀ ସୁଷମା ପ୍ରଧାନ ଗ୍ରାମର କେତେକ ବ୍ୟକ୍ତିଙ୍କୁ ନେଇ ଘଟଣା ସ୍ଥଳରେ ପହଂଚିଥିଲେ। ସେଠାରେ କେତେକ ବ୍ୟକ୍ତି ଙ୍କ ସହାୟତାରେ ମୃତ ସ୍ୱାମୀ ଅପର୍ତ୍ତୀ ପ୍ରଧାନଙ୍କ ଶବକୁ ବ୍ୟବଚ୍ଛେଦ କରିବା ପରେ ଆମ୍ବୁଲାନସ ଯୋଗେ ଗ୍ରାମକୁ ଆଣି ଗ୍ରାମ ଶ୍ମଶାନ ରେ ଶେଷ କୃତ୍ୟ କରିଥିଲେ। ଏକମାତ୍ର ବିଧବା ପତ୍ନୀ ସୁଷମା ଅସହାୟ ହୋଇପଡିଥିବା ବେଳେ ତୁରନ୍ତ ସରକାରୀ ସହାୟତା ଯୋଗାଇବା ସହିତ ଏକ ଆବାସ ଗୃହ ଯୋଗାଇ ଦେବାପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ଯେଉଁ କମ୍ପାନୀରେ ଅପର୍ତ୍ତି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ ସେହି କମ୍ପାନୀ କୌଣସି ସହାୟତା କରିନଥିବାରୁ ସୁଷମା ଅସନ୍ତୋଷ ପ୍ରକାଶ କରିଛନ୍ତି।

## ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ସଭା

ଫୁଲନଖରା (ଭାସ୍କର ନ୍ୟୁଜ୍): ପ୍ରବାସୀ ଓଡ଼ିଆଙ୍କୁ ନେଇ ଗଠିତ ଉତ୍କଳ ସାଂସ୍କୃତିକ ଟ୍ରଷ୍ଟ ପକ୍ଷରୁ ଗଣେଶ ମହୋତ୍ସବ ନାଭି ମୁମ୍ବାଇ ସ୍ଥିତ କାମଠା ଠାରେ ପାଳିତ ହୋଇଯାଇଛି । ପାଞ୍ଚଦିନିଆ ଏହି ସାଂସ୍କୃତିକ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ତୃତୀୟ ଦିବସରେ ଓଡ଼ିଶାର ସୁନାମଧନ୍ୟ ଗୀତିକାର ଚରଣ ମହାନ୍ତିଙ୍କ ଦ୍ୱାରା ସଂଗୀତ କାର୍ଯ୍ୟକ୍ରମ ଖୁବ୍ ଆକର୍ଷଣୀୟ ଥିଲା । ମୁମ୍ବାଇ ସ୍ଥିତ ସାମାଜିକ ସଂଗଠନ ଶ୍ରଦ୍ଧା ଫାଉଣ୍ଡେସନ ପକ୍ଷରୁ ବିଗତ ଦୁଇ ଦଶନ୍ଧି ଧରି କର୍କଟ ରୋଗୀଙ୍କୁ ସାହାଯ୍ୟ ସହଯୋଗରେ କାର୍ଯ୍ୟରତ ଥିବା ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କୃତାଙ୍ଗ ଗ୍ରାମର ସମାଜସେବୀ ପ୍ରୀତିକାନ୍ତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଟ୍ରଷ୍ଟ ସଭାପତି ସମାଜସେବୀ ଅଶୋକ ଚୌଧୁରୀ,ସମ୍ପାଦକ ମାନସ ମହାନ୍ତି, କୋଷାଧ୍ୟକ୍ଷ ଚନ୍ଦନ ବଳ,ସଭ୍ୟ ମନୋଜ ରାଉତ,ଶ୍ୟାମ ସୁନ୍ଦର ତ୍ରିପାଠୀ, କମଳାକାନ୍ତ ରାଉତ, ପଞ୍ଚାନନ ଓଝା, ନିବାରଣ ପଟ୍ଟନାୟକ, ରଞ୍ଜନ ବେହେରା, ରମେଶ ଓଝା,ରଂଜିତ ଷଡ଼ଙ୍ଗୀ, ପ୍ରକାଶ ନାୟକ,ପ୍ରକାଶ ମହାରଣା, ଭଗବତ ତରାଇ, ପ୍ରଭାକର ବେହେରା, ନରେନ୍ଦ୍ର ସ୍ୱାଇଁଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ନୌସେନାର ମିଳିତ ସମରାଭ୍ୟାସ 'ସାଗର କବଚ'



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): -ଶତ୍ରୁ ସଂହାର କରିବା ସହ ଆତଙ୍କବାଦୀ ଙ୍କୁ ପ୍ରବେଶ ନ କରାଇବା ପାଇଁ ନୌସେନା ଅଭିନବ ଉପାୟ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ଦୁଇ ଦିନିଆଁ ମିଳିତ ସମରାଭ୍ୟାସ 'ସାଗର କବଚ ' ଆଜି ଠାରୁ ଅଥବା ସେପ୍ଟେମ୍ବର ୩ ଏବଂ ୪ତାରିଖ ରେ ଅନୁଷ୍ଠିତ ହେବ। ଉପକୂଳ ସୁରକ୍ଷା ବ୍ୟବସ୍ଥା କୁ ତଦାରଖ କରିବାକୁ ପ୍ରତିବର୍ଷ ଦୁଇ ଥର ହେଉଥିବା ବେଳେ ଆଜି ଠାରୁ ଦୁଇ ଦିନିଆଁ ସମରାଭ୍ୟାସ 'ସାଗର କବଚ' ଆରମ୍ଭ ହେବ '। ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ରେ ସମଗ୍ର ଭାରତ ଦୋହଲିଯିବା ପରେ ଉପକୂଳ ସୁରକ୍ଷାବ୍ୟବସ୍ଥା କୁ ତଦାରଖ କରିବାକୁ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ତରଫରୁ ପ୍ରତ୍ୟେକ ବର୍ଷ ଭଳି ଆୟୋଜିତ ହୋଇଛି ମିଳିତ ସମରାଭ୍ୟାସ 'ସାଗର କବଚ '। ଉପକୂଳ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ନୂଆଗଡ, କାଳିଆକଣ, ସହନ ସୁଦିକେଶର, ଗୁଣ୍ଡଳବା ସମେତ ନୌସେନା ଓ ପୋଲିସ ର ରଣକୌଶଳ ପଦର୍ଶନ କରିଥାନ୍ତି। ସାମୁଦ୍ରିକ ସୀମାରେ ଅନୁପ୍ରବେଶ ରୋକିବା ଲକ୍ଷ୍ୟରେ ବୁଧବାର ଠାରୁ ଆରମ୍ଭ ହୋଇ ଗୁରୁବାର ଏହା ସମାପ୍ତି ହେବା। ଏହି ସମରାଭ୍ୟାସ ରେ ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନି ପୋଲିସ, ଅସ୍ତରଙ୍ଗ ପୋଲିସ ସହ ବିଭିନ୍ନ ଥାନା ପୋଲିସ ଏଥିରେ ସାମିଲ ହୋଇଥାନ୍ତି। ବ୍ଲୁ ଓ ରେଡ ୨ଟି ଟିମ୍ ହୋଇ ଏହି ସମରାଭ୍ୟାସ ଚାଲିବ। ଉପକୂଳ କୁ ବ୍ଲୁ ବାହିନୀ ଜଗିଥିବା ବେଳେ ରେଡ ବାହିନୀ ଶତ୍ରୁ ପକ୍ଷ ହୋଇ ଦୂରସମୁଦ୍ର କୁ ଯାତ୍ରା କରି ପୁଣି ଉପକୂଳ ମୁହାଁ ହୋଇ ଆକ୍ରମଣ କରିବା ପାଇଁ ଶତ୍ରୁ ପକ୍ଷକୁ କଡା ଜବାବ ଦେବା ପାଇଁ ପ୍ରସ୍ତୁତ ରହିବେ। ବାହ୍ୟ ଶତ୍ରୁ ଠାରୁ ଉପକୂଳ କୁ ରକ୍ଷା କରିବା ପାଇଁ ଏହି ସମରାଭ୍ୟାସ ପ୍ରତିବର୍ଷ କରାଯାଇଥାଏ। କିଭଳି ଭାବେ ଜଳପଥ ଦେଇ ଉପକୂଳ କୁ ଶତ୍ରୁ ପଶିନଯିବେ ସେ ନେଇ ସମସ୍ତ ବିଭାଗ କୁ ସଚେତନ କରିବା ଏହି ସମରାଭ୍ୟାସର ମୂଳଲକ୍ଷ୍ୟ। ଏହି ସମରାଭ୍ୟାସ କାର୍ଯ୍ୟକ୍ରମ ରେ ନୂଆଗଡ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ଟେକ୍ନିକାଲ ଷ୍ଟାଫ ସହ ଅନେକ ଅଧିକାରୀ ମାନେ ଉପସ୍ଥିତ ରହିବେ।

## ଚାଷଜମି ଠାରୁ ବଳିଗଲା ଚଣ୍ଡିଖୋଲ - ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର କଦର୍ଯ୍ୟ ସ୍ଥିତି

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ରାଜ୍ୟର ଏକ ବ୍ୟସ୍ତ ବହୁଳ ରାସ୍ତା ଭାବେ ପରିଗଣିତ ହେଉଥିବା ଚଣ୍ଡିଖୋଲ - ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବାସ୍ତବ ସ୍ଥିତି ଏବେ ଏପରି କଦର୍ଯ୍ୟ ହୋଇଛି ଯେ ଯାହା ଚାଷ ଜମିର ଭ୍ରମ ସୃଷ୍ଟି କରୁଛି। ଆଖିରେ ନଦେଖିଲେ କେହି କେବେ ବିଶ୍ୱାସ କରିବନି କି ଜାତୀୟ ରାଜପଥର ସ୍ଥିତି ଏତେ କଦାକାର ଓ କଦର୍ଯ୍ୟ ହୋଇପାରେ ବୋଲି। ରାସ୍ତା ସଂପ୍ରସାରଣ କାର୍ଯ୍ୟରେ ନିୟୋଜିତ ଏମଏସ ଆଇଏଲ ଠିକାସଂସ୍ଥା ଓ ଏନ ଏଚ ଆଇ କର୍ତ୍ତୃପକ୍ଷଙ୍କ ମନମାନୀ ଯୋଗୁଁ ଏହି ରାସ୍ତାର ସ୍ଥିତି ଏପରି ହୋଇଛି। ତିନି ବର୍ଷ ମଧ୍ୟରେ ସଂପ୍ରସାରିତ କାର୍ଯ୍ୟ ଶେଷ କରିବାକୁ ଚୁକ୍ତି କରିଥିବା ଠିକାସଂସ୍ଥା ୭ବର୍ଷ ପରେ ବି କାମ ଆଧା ଶେଷ କରିନାହିଁ। ଏଥିନେଇ କ୍ରମାଗତ ଜନ ଆନ୍ଦୋଳନ ସହ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ ଏନ ଏଚ ଆଇର କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁନାହିଁ। ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବକରି ଜାତୀୟ ରାଜପଥରେ ଯାତାୟାତକୁ ବ୍ୟାହତ କରିଚାଲିଥିବା ଠିକାସଂସ୍ଥା ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ କର୍ତ୍ତୃପକ୍ଷ ଠିକାସଂସ୍ଥା ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଚାଲିଥିବା ଅଭିଯୋଗ ହୋଇଛି। ରାସ୍ତାର ସ୍ଥିତି ଅତି କଦର୍ଯ୍ୟ ହୋଇ ପଡିଥିବାରୁ ଏହା ଦୀର୍ଘ ବର୍ଷ ହେବ ଦୁର୍ଘଟଣା ପ୍ରବଣ ହୋଇପଡିଛି। ଗତ ବର୍ଷକ ମଧ୍ୟରେ ଏହି ରାସ୍ତାରେ ୧୪୪ରୁ ଉର୍ଦ୍ଧ୍ୱ ଲୋକଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା ବେଳେ ଶତାଧିକ ଲୋକ ଗୁରୁତର ଓ ଅକର୍ମଣ୍ୟ ହୋଇ ପଡିଛନ୍ତି। ଗତ ଏକମାସ ହେବ ବର୍ଷା ଲାଗିରହିବା ଫଳରେ ଉକ୍ତ ଜାତୀୟ ରାଜପଥର ଅବସ୍ଥା ଅତି ଖରାପ ହୋଇପଡିଛି। ରାସ୍ତା ମଝିରେ ଆଣ୍ଠୁଏ ଲେଖା ଖାଲ ହୋଇ ପଡିଛି। ସଦ୍ୟ ନିର୍ମାଣ ହୋଇଥିବା ମହିସରା ବରଡାଛକ,ରାମଚନ୍ଦ୍ରପୁର ତାରିଣୀଛକ ଓ ବାଲିସାହି ଛକ ଉପର ଫ୍ଲାଏଓଭର ରାସ୍ତା ଉପରେ ଖାଲଖମା ସୃଷ୍ଟି ହେବା ସହିତ ବିଭିନ୍ନ ସ୍ଥାନ ତଳକୁ ଦବି ଗଲାଣି ।ଫଳରେ ଫ୍ଲାଏଓଭର ଉପରେ ଏହା ଦୁର୍ଘଟଣାର କାରଣ ସାଜିଛି। ଉକ୍ତ ରାସ୍ତାର ଭଡଙ୍ଗା ଛକ, ବରଡାଛକ, ପାଖରଛକ,ଚଢେଇଧରା ଉପର ଓ ତଳଛକ ସମେତ ବ୍ରାହ୍ମଣୀ ବ୍ରିଜ ଠାରୁ ଡୁବୁରୀ ପର୍ଯ୍ୟନ୍ତ ଅଂଶର କୌଣସି ସ୍ଥାନରେ ରାସ୍ତା ଉପରେ ପିଚୁ ନାହିଁ। ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ବର୍ଜ୍ୟ ବସ୍ତୁ ଓ ମାଟି ଗଦା ହୋଇଥିବାରୁ ରାସ୍ତା ଉପରେ ଆଣ୍ଠୁଏ ବହଳର କାଦୁଅ ଜମା ହୋଇ ଯାଇଛି। ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାରେ ମାସମାସ ଧରି କାଦୁଅ ଜମିରହିବା ଯୋଗୁଁ ଏହା ଅଧିକ ଦୁର୍ଘଟଣା ସୃଷ୍ଟି କରୁଛି। ଏହି ରାସ୍ତା କଳିଙ୍ଗ ନଗର ଶିଳ୍ପାଞ୍ଚଳ, ସୁକିନ୍ଦା,ଦୈତାରୀ ଓ କେଉଁଝର ଜିଲ୍ଲାର ଖଣି ଅଞ୍ଚଳକୁ ସଂଯୁକ୍ତ ହୋଇଥିବାରୁ ଦୈନିକ ହଜାର ହଜାର ସଂଖ୍ୟାରେ ଭାରୀଯାନ, ଟ୍ରକ, ବସ, କାର, ଏବଂ ବିଭିନ୍ନ ପ୍ରକାର ଯାନବାହାପ ଏହି ରାସ୍ତାରେ ଯାତାୟାତ କରୁଛି। ରାସ୍ତାର ଏପରି ଦୟନୀୟ ସ୍ଥିତି ଯୋଗୁଁ ଏହା ରାସ୍ତାପାର୍ଶ୍ୱରେ ବସବାସ କରୁଥିବା ଲକ୍ଷାଧିକ ଲୋକଙ୍କ ପାଇଁ ବିପଦର କାରଣ ସାଜିଛି। ଏହାର ପ୍ରତିବାଦରେ ଗତ ୨୦୨୪ ଡିସେମ୍ବର ମାସ ୯ ତାରିଖରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗଣଧାରଣା ଓ ରାସ୍ତାରୋକ ଆନ୍ଦୋଳନ କରାଯାଇଥିଲା ଘଟଣା ସ୍ଥଳରେ ପହଞ୍ଚି ଏନଏଚଆଇ କର୍ତ୍ତୃପକ୍ଷ ୨୦୨୫ ଫେବୃଆରୀ ଶେଷ ସୁଦ୍ଧା ରାସ୍ତାର ନିର୍ମାଣ ଓ ୨୦୨୫ ଜୁନ ଶେଷ ସୁଦ୍ଧା ବ୍ରାହ୍ମଣୀ ସେତୁର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସେତେବେଳେ ଘୋଷଣା କରିଥିଲେ। ଏହି ଘୋଷଣାର କୌଣସି ପ୍ରଭାବ ଅଦ୍ୟାବଧି ନଥିବା ସ୍ଥଳେ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ସରିବା ପାଇଁ ଆଉ କେତେ ବର୍ଷ ଲାଗିବ ତାହା ମଧ ଏବେ ଠିକଭାବେ ଜାତୀୟ ରାଜପଥ କର୍ତ୍ତୃପକ୍ଷ୍ୟ କହିପାରୁ ନାହାଁନ୍ତି। ଏବେ ସୁଦ୍ଧା ବ୍ରାହ୍ମଣୀ ସେତୁକାମ ଭୂଇଁରୁ ଉଠି ନଥିଲା ବେଳେ ଚଣ୍ଡିଖୋଲ ଠାରୁ ଡୁବୁରୀ ପର୍ଯ୍ୟନ୍ତ ମୋଟ ୩୯ କିମି ରାସ୍ତାରୁ ପ୍ରାୟ ୧୯ କିମି ରାସ୍ତାରେ ମଧ୍ୟ ୧୦ଭାଗ କାମ ଶେଷ ହୋଇନାହିଁ। ଇତସ୍ତତ ଭାବେ ଠିକାସଂସ୍ଥା ରାସ୍ତାର ଯେଉଁ କିଛି ଅଂଶ ଏଥି ପୂର୍ବରୁ ନିର୍ମାଣ କରିଥିଲା ନିମ୍ନମାନର କାର୍ଯ୍ୟ ଯୋଗୁଁ ଏବେ ସେହି ସବୁ ଅଂଶ ନଷ୍ଟ ହୋଇ ଗଲାଣି ।ହେଲେ ଉକ୍ତ ରାସ୍ତାର ୮୨ ଭାଗରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ଦର୍ଶାଇ ଗତ ବର୍ଷକ ପୂର୍ବରୁ ଏନଏଚଆଇ କର୍ତ୍ତୃପକ୍ଷ ଠିକା ସଂସ୍ଥାକୁ ମୋଟ ମଞ୍ଜୁରୀ ଅର୍ଥରୁ ୮୨ ଭାଗରୁ ଉର୍ଦ୍ଧ୍ୱ ଅର୍ଥ ବିଲ କରିଦେଇଥିବା ଜଣାପଡିଛି ! ଯାହା ଏବେ ରାସ୍ତାର ପୂର୍ଣ୍ଣାଙ୍ଗ ନିର୍ମାଣ ନେଇ ଅନିଶ୍ଚିତତା ସୃଷ୍ଟି କରିଛି। ଏହି ସ୍ଥିତିକୁ ନେଇ ଯାଜପୁର ସାଂସଦ ରବିନ୍ଦ୍ରନାରାୟଣ ବେହେରା ମଧ୍ୟ ଗତ ସଂସଦରେ ପ୍ରଶ୍ନ କରିବା ସହ ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ମନ୍ତ୍ରଣାଳୟ ପକ୍ଷରୁ ଏହା ଉପରେ ରିପୋର୍ଟ ମଗାଯାଇଥିବା ଜଣାପଡିଛି। ତେବେ ଏବେ ରାସ୍ତାର ସ୍ଥିତି ସୁଧାରିବା ସହ ଯଥାଶୀଘ୍ର ନିର୍ମାଣ କାମ ଶେଷ କରାଯାଇ ଜନ ସାଧାରଣଙ୍କ ସୁଗମ ଯାତାୟାତକୁ ନିଶ୍ଚିତ କରିବା ପାଇଁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଉକ୍ତ ରାସ୍ତା ଦାୟିତ୍ୱରେ ଥିବା ଏନଏଚଆଇର ଢେଙ୍କାନାଳ ପ୍ରୋଜେକ୍ଟ ଡାଇରେକ୍ଟର, ଭୁବନେଶ୍ୱର ଏନଏଚଆଇ ଆଞ୍ଚଳିକ ଅଧିକାରୀ, ଯାଜପୁର ସାଂସଦ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଭୂତଳ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

### ଠିକା ସଂସ୍ଥା ଓ ଏନ୍ଏଚ୍ଆଇର ମନମାନୀ

## ବିପ୍ଳବ ଦିବସ ସମାରୋହ ପ୍ରସ୍ତୁତି ବୈଠକ

ଏରସମା (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ସଦର ମହକୁମାସ୍ଥିତ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧୀ ସ୍ମୃତିପୀଠ ପରିସରରେ ରବିବାର ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ପ୍ରତିବର୍ଷ ପରି ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ପାଳିତ ହେବାକୁ ଯାଉଥିବା ଐତିହାସିକ ଏରସମା ବିପ୍ଳବ ଦିବସ ସମାରୋହ ପାଇଁ ନରେନ୍ଦ୍ର କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି ।ଏହି ଆୟୋଜିତ କାର୍ଯ୍ୟକ୍ରମରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଏହି ଐତିହାସିକ ଘଟଣାକୁ ଲୋକାଭିମୁଖୀ କରାଇବା ଅନୁଷ୍ଠାନର ଲକ୍ଷ ହେବା ଉଚିତ୍ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମବାୟବିତ୍ ସମୀର ରଞ୍ଜନ ସ୍ୱାଇଁ, କୃଷକ ନେତା ଶଶୀ ଭୂଷଣ ସ୍ୱାଇଁ,କମ୍ରେଡ ରବି ଦାସ, ମଥୁରୀ ସେଠି,ଅମ୍ବିକା ପ୍ରସାଦ ମହାନ୍ତି,ନିବାରଣ ନାୟକ,ଅକ୍ଷୟ ବେହେରା,ଅରୂପାନନ୍ଦ ସ୍ୱାଇଁ, ମାନସ ରଞ୍ଜନ ମୁଦୁଲି ପ୍ରମୁଖ ଏରସମା ଅଞ୍ଚଳର ମୁରବି ମାନେ ଉପସ୍ଥିତ ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବିପ୍ଳବ ଦିବସ ସମାରୋହ ପାଳନ ଅବସରରେ, ଉକ୍ତ ଦିନ ପ୍ରଭାତ ଫେରି,ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗି ମାନଙ୍କୁ ଫଳ ବଣ୍ଟନ,ଗାନ୍ଧୀ ସ୍ମୃତିପୀଠ ଠାରୁ ସିହା ଲୁଣମରା ସ୍ମୃତି ସ୍ତମ୍ଭ ପର୍ଯ୍ୟନ୍ତ ଶୋଭାଯାତ୍ରା, ଅତିଥି ଚୟନ ଓ ସ୍ମରଣିକା ଉନ୍ମୋଚନ ପ୍ରଭୃତି ବିଷୟ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି ।ଏହି ଅବସରରେ ବିପ୍ଳବ ଦିବସ ସମାରୋହକୁ ସଫଳ କରିବା ପାଇଁ ସଂଘ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।



କଟକ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଦେଉଳସାହି ସ୍ଥିତ ରଘୁନାଥଜୀଉ ସ୍ୱାତକ ମହାବିଦ୍ୟାଳୟରେ ପୁଞ୍ଜି ନିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ ପ୍ରତିଭୂତି ବିନିମୟ ସଂସ୍ଥାର ବରିଷ୍ଠ ପରାମର୍ଶଦାତା ସଂଗ୍ରାମ କେଶରୀ ସାହୁ । ସେ ଅଭିଭାଷଣରେ ଷ୍ଟକ ବଜାର, ମ୍ୟୁଚୁଆଲ ଫଣ୍ଡ, ଅନଲାଇନ୍ ଖେଳ, ମୁଦ୍ରାସ୍ଫିତି ବିଷୟରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ସଚେତନ କରାଇଥିଲେ। ଅଧକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଅର୍ଥ କାରବାର, ଇନସୁରାନ୍ସ ବିଷୟରେ କହିଥିଲେ। ମୁଖ୍ୟ ଅଧ୍ୟାପିକା ସୁଶ୍ରୀ କାନ୍ତିରେଖା ବିଶ୍ୱାଳ କାର୍ଯ୍ୟକ୍ରମଟିକୁ ସଂଯୋଜନା ଓ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଦୁଗ୍ଧ ଚାଷୀଙ୍କୁ ପିଏମ୍ଏମ୍‌ୱାଇ ସହ ସଂଯୋଗ ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ



କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଦୁଗ୍ଧ ଚାଷୀମାନଙ୍କୁ ପିଏମ୍ଏମ୍ୱାଇ (ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା) ସହ ଅଧିକ ସଂଖ୍ୟାରେ ସଂଯୋଗ କରିବା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। କଟକ ଜିଲ୍ଲାର ଗୋବିନ୍ଦପୁର, ଅରିଲୋସ୍ଥିତ ଓମ୍ଫେଡ୍ ମେଗା ଡାଇରୀ ପ୍ଲାଣ୍ଟ ପରିଦର୍ଶନ ସମୟରେ ରାଜ୍ୟପାଳ ଏପରି ଗୁରୁତ୍ୱାରୋପ କରିଛନ୍ତି। ଦୁଗ୍ଧ ଚାଷୀମାନେ ସେମାନଙ୍କ ଉଦ୍ୟମକୁ ବ୍ୟାପକ କରିବା ନିମନ୍ତେ ବ୍ୟାଙ୍କ ଋଣର ଆବଶ୍ୟକତା ରହିଛି। ଏଣୁ ବ୍ୟାଙ୍କମାନଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରି ଦୁଗ୍ଧ ଚାଷୀଙ୍କୁ ଋଣ ପ୍ରଦାନ ସୁନିଶ୍ଚିତ କରିବା ପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧିନରେ ଚାଷୀମାନଙ୍କୁ ସହାୟତା ଯୋଗାଇବାର ପଦ୍ଧତି ସଂପର୍କରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ, କେତେକ ଚାଷୀ ଯୋଜନାର ସବସିଡି ପାଇଁ ଆବଶ୍ୟକୀୟ ବ୍ୟକ୍ତିଗତ ଅବଦାନ ପ୍ରଦାନ କରିବାକୁ ହଇରାଣ ହୁଅନ୍ତି, କିନ୍ତୁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ଚଗଗଣ) ସହିତ ସଂଯୋଗ କରିବା ଦ୍ୱାରା ସେମାନେ ବ୍ୟାଙ୍କ ଋଣ ପାଇ ପାରିବେ ଏବଂ ବ୍ୟବସାୟ ଆରମ୍ଭ କରିପାରିବେ କିମ୍ବା ବଢାଇପାରିବେ। ବ୍ୟାଙ୍କ ଦ୍ୱାରା ସଠିକ୍ ସମୟରେ ଋଣ ପ୍ରଦାନ ଚାଷୀଙ୍କୁ ପ୍ରେରଣା ଯୋଗାଇବା ସହିତ ଉତ୍ସାହିତ କରିବ ବୋଲି ରାଜ୍ୟପାଳ କହିଥିଲେ। ଏଣୁ ବ୍ୟାଙ୍କମାନଙ୍କ ସହ ନିୟମିତ ସମନ୍ୱୟ ରକ୍ଷା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ଏକ ବିସ୍ତୃତ ତାଲିକା ବ୍ୟାଙ୍କମାନଙ୍କୁ ପ୍ରଦାନ କରିବାକୁ ରାଜ୍ୟପାଳ ଓମ୍ଫେଡ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ଫଳରେ ଋଣ ପ୍ରଦାନ ପ୍ରକ୍ରିୟାକୁ ସୁଗମ କରାଯାଇପାରିବ, ଯାହା ରାଜ୍ୟରେ ଦୁଗ୍ଧ ଚାଷକୁ ପ୍ରୋତ୍ସାହିତ କରିବ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବ। ଏହା ଦୁଗ୍ଧ ଉତ୍ପାଦନ ଏବଂ ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବାରେ ସହାୟକ ହେବ ବୋଲି ରାଜ୍ୟପାଳ କହିଥିଲେ। ଏହି ଗସ୍ତ ସମୟରେ ରାଜ୍ୟପାଳ ମେଗା ଡାଇରୀ ପ୍ଲାଣ୍ଟର ବିଭିନ୍ନ ବିଭାଗ, ଲାବୋରାଟାରୀ, ଘିଅ ବିଭାଗ, ଉତ୍ପାଦ ଗ୍ୟାଲେରୀ ବୁଲି ଦେଖିଥିଲେ। ଓମ୍ଫେଡ୍ କର୍ତ୍ତୃପକ୍ଷ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ପ୍ଲାଣ୍ଟର କାର୍ଯ୍ୟଧାରା, ପରିଚାଳନା, ମାର୍କେଟିଂ ପଦ୍ଧତି ଏବଂ ଉତ୍ପାଦ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ସହରାଞ୍ଚଳରେ ଘରେ ଘରେ ଓମ୍ଫେଡ୍ କ୍ଷୀର ଏବଂ ଅନ୍ୟାନ୍ୟ ଉତ୍ପାଦ ପହଞ୍ଚାଇ ଦିଆଯାଇପାରିଲେ ଏହା ଅଧିକ ଲୋକାଭିମୁଖୀ ହୋଇପାରିବ । ଏଣୁ ଏଦିଗରେ ଅନୁଶୀଳନ କରି ପଦକ୍ଷେପ ନେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଓ ପଶୁ ସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓମ୍ଫେଡର ପ୍ରେସିଡେଂଟ କିଶୋର ଚନ୍ଦ୍ର ପ୍ରଧାନୀ, ଓମ୍ଫେଡର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ପ୍ରମୁଖ ରାଜ୍ୟପାଳଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।

## ଜନଜାତି ଅଞ୍ଚଳର ବିକାଶ ପାଇଁ ପ୍ରକଳ୍ପ ମଞ୍ଜୁର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିକାଶ ବିଭାଗର ଦୁଇଗୋଟି ବୈଠକରେ ଅଧକ୍ଷତା କରି ବିଭାଗ ଦ୍ୱାରା ଜନଜାତି ଅଞ୍ଚଳର ବିକାଶ ପରିପ୍ରେକ୍ଷୀରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି । ପ୍ରଥମ ବୈଠକଟି ଜନଜାତି ଅଞ୍ଚଳର ବିକାଶ ପାଇଁ ସମ୍ବିଧାନର ୨୭୫(୧) ଅନୁଚ୍ଛେଦ ଅନୁସାରେ ରାଜ୍ୟକୁ ପ୍ରଦାନ କରାଯାଉଥିବା ଅର୍ଥର ବିନିଯୋଗ ପାଇଁ ପ୍ରକଳ୍ପ ଅନୁମୋଦନ ସଂପର୍କିତ ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଭିନ୍ନ କାର୍ଯ୍ୟ ବାବଦକୁ ୧୭୮ କୋଟିର ପ୍ରକଳ୍ପ କମିଟି ଦ୍ୱାରା ଅନୁମୋଦନ କରାଯାଇ ଭାରତ ସରକାରକୁ ସୁପାରିଶ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ମୁଖ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟରେ ଜନଜାତି ଅଂଚଳରେ ବିଦ୍ୟାଳୟଗୁଡ଼ିକରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ନୂତନ ହଷ୍ଟେଲ, ଶିକ୍ଷକମାନଙ୍କ ପାଇଁ କର୍ମଚାରୀ କ୍ୱାର୍ଟର, ରାସ୍ତା ଓ ସେତୁ ନିର୍ମାଣ ଅନ୍ତର୍ଭୁକ୍ତ ରହିଛି । କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରି ଉପଯୁକ୍ତ ଭାବେ ସମ୍ପୂର୍ଣ୍ଣ ଯୋଜନାଭିତ୍ତିକ ପ୍ରସ୍ତୁତି କରି ପ୍ରକଳ୍ପ ଶେଷ କରାଯିବା ଉପରେ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଥିଲେ ।

### ପଟିଆ ଅହଲ୍ୟା ନଗରରେ କୃତ୍ରିମ ବନ୍ୟା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ପଟିଆ ଅହଲ୍ୟା ନଗରରେ କୃତ୍ରିମ ବନ୍ୟା ପରିସ୍ଥିତି ଉତ୍ପନ୍ନ ହୋଇଛି । ଏହି ଅଞ୍ଚଳରେ ଡ୍ରେନ ବନ୍ଦ୍ ହେବାରୁ ବନ୍ୟା ଜଳରେ ଅହଲ୍ୟା ନଗର ବୁଡି ଯାଇଥିବା ଦେଖିବାକୁ ମିଳିଛି । ଏହି କାରଣରୁ ବନ୍ୟା ପାଣିରେ ମହିଳା ଫସି ଯାଇଥିଲେ । କାର ସେନ୍ସର୍ ବନ୍ଦ୍ ହେବାରୁ ଡୋର ଖୋଲିଲାନି । ମହିଳା କୃତ୍ରିମ ବନ୍ୟାରେ କାର ଭିତରେ ଦେଢ଼ ଘଣ୍ଟା ଫସି ରହିଥିଲେ । ଘଟଣା ସ୍ଥଳରେ ଚନ୍ଦ୍ରଶେଖରପୁର ଅଗ୍ନିଶମ ବିଭାଗ ଟିମ୍ ପହଞ୍ଚି ମେସିନ୍ ଲଗାଇ ୱାଟର ଲଗିଂ ସମସ୍ୟାର ସମାଧାନ କରିବା ସହ ମହିଳାଙ୍କୁ ଉଦ୍ଧାର କରିଛନ୍ତି । ବିଏମ୍‌ସି ଏବଂ ପୋଲିସ ମଧ୍ୟ ପହଞ୍ଚି ସ୍ଥିତି ସମୀକ୍ଷା କରିଥିବା ଜଣାପଡିଛି।

### ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଡପଲର ରାଡାର ସିଷ୍ଟମ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଡପଲର ରାଡାର ସିଷ୍ଟମ। ଖୁବଶୀଘ୍ର ବାଲେଶ୍ୱର ଓ ସମ୍ବଲପୁର ରାଡାର ସିଷ୍ଟମ୍ର କାର୍ଯ୍ୟକ୍ଷମ ହେବ । ଭିତ୍ତିଭୂମି କାର୍ଯ୍ୟ ସରିଛି, କମ ଦିନରେ କାର୍ଯ୍ୟକ୍ଷମ ହେବ । ଯାହା ଦ୍ୱାରା ପାଣିପାଗର ନିଖୁଣ ଆକଳନ କରାଯାଇପାରିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।

### ଇଣ୍ଡିଆ ଚେଞ୍ଜ ମେକର ଭାବେ ସୋଆ ଫ୍ୟାକଲ୍ଟି ମନୋନୀତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିକ୍ଷା, ଗବେଷଣା ଓ ସାମାଜିକ ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଆସୋସିଏଟ୍ ପ୍ରଫେସର ଡକ୍ଟର ସ୍ୱୟଂପ୍ରଭା ଶତପଥୀଙ୍କୁ ଇଣ୍ଡିଆ ଚେଞ୍ଜ ମେକର ୨୦୨୫ ଭାବେ ମନୋନୀତ କରାଯାଇଛି । ଭାରତର ସର୍ବ ବୃହତ ଘରୋଇ ଷ୍ଟାର୍ଟ ଅପ୍ ବିଜିନେସ୍ ଟଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଚେଞ୍ଜ ମେକର ତାଲିକାରେ ତାଙ୍କ ନାମ ସ୍ଥାନ ପାଇଛି । ଇଂରାଜୀ ଭାଷା, ଗଣମାଧ୍ୟମ ଓ ଯୋଗାଯୋଗ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଡକ୍ଟର ଶତପଥୀଙ୍କର ଗବେଷଣା ଏବଂ ସନ୍ଦର୍ଭ ପ୍ରକାଶନ କ୍ଷେତ୍ରରେ ମଧ୍ୟ ଦକ୍ଷତା ରହିଛି । ଶୈକ୍ଷିକ ଉତ୍କର୍ଷତା ସହିତ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା, ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଏବଂ ନାରୀ-ପୁରଷ କ୍ଷେତ୍ରରେ ସମାନତା ଦିଗରେ ଡକ୍ଟର ଶତପଥୀ ଅନେକ କାର୍ଯ୍ୟ କରିଛନ୍ତି । ଏହି ସମ୍ମାନ ନିମନ୍ତେ ସେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କର ସାହାଯ୍ୟ ଓ ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇଛନ୍ତି ।

**କଂଗ୍ରେସର ସଂଗଠନ ସୃଜନ ଅଭିଯାନ**

## ତୃତୀୟ ଦିନରେ ଓଡିଶା ପହଞ୍ଚିଲେ ୭ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ସମସ୍ତ ୩୫ ଗୋଟି କଂଗ୍ରେସ ସାଙ୍ଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ ପ୍ରକ୍ରିୟା ଜୋରସୋରରେ ଆଗେଇଛି । ପୂର୍ବ ଦୁଇଦିନ ୯ ପର୍ଯ୍ୟବେକ୍ଷକ ଓଡିଶା ଆସି ନିଜ ନିଜ ସମ୍ପୃକ୍ତ ଜିଲ୍ଲାକୁ ଗସ୍ତ କରିଥିବା ବେଳେ ମଙ୍ଗଳବାର ଆଉ ୭କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିର୍ଦ୍ଧାରିତ ଜିଲ୍ଲାକୁ ଗସ୍ତ କରିଛନ୍ତି । ପୂର୍ବ ଗଞ୍ଜାମ ପାଇଁ ପୂର୍ବତନ ମନ୍ତ୍ରୀ ରାମଲାଲ ଯାଟ, ପଶ୍ଚିମ ଗଞ୍ଜାମ ପାଇଁ ଏଆଇସିସିର ପୂର୍ବତନ ସମ୍ପାଦକ ସଚିନ ନାଏକ, ଜଗତସିଂହପୁର ପାଇଁ ଏମ ଲିଜୁ, ଝାରସୁଗୁଡା ପାଇଁ ଭାରତୀୟ ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ସୁଶ୍ରୀ ଶୋଭା ଓଜା, ପଶ୍ଚିମ ମୟୂରଭଞ୍ଜ ପାଇଁ ଏଆଇସିସିର ଯୁଗ୍ମ ସମ୍ପାଦକ ନୀତିନି କୁମ୍ଭଲକର, ପୁରୀ ପାଇଁ ସାଂସଦ ଜିସି ଚନ୍ଦ୍ରଶେଖର ଓ ରାୟଗଡା ପାଇଁ ବିଧାୟକ ରିଜୱାନ ଆର୍ସଦ ପ୍ରମୁଖ ଦାୟିତ୍ୱରେ ଅଛନ୍ତି । ସୂଚନାଯୋଗ୍ୟ ବୁଧବାର ଚତୁର୍ଥ ଦିବସରେ ମୋଟ ୮ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଆସି ଓଡ଼ିଶାରେ ପହଞ୍ଚିବେ । ପ୍ରତ୍ୟେକ ଜିଲ୍ଲାର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ଏହି ପ୍ରକ୍ରିୟାରେ ସହଯୋଗ କରିବା ପାଇଁ ପିସିସି ପକ୍ଷରୁ ୩ ଜଣ ଲେଖାଏଁ ବରିଷ୍ଠ ଓ ଅଭିଜ୍ଞ ରାଜ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି । ପ୍ରତ୍ୟେକ ଜିଲ୍ଲାରେ ପର୍ଯ୍ୟବେକ୍ଷକ ଅନ୍ୟୁନ ୭ଦିନ ରହି ବହୁ କଂଗ୍ରେସ ନେତା ଏବଂ କର୍ମୀଙ୍କୁ ସାକ୍ଷାତ କରି ଜିଲ୍ଲା ସଭାପତି ପାଇଁ ଦକ୍ଷ ସଂଗଠକଙ୍କ ୬ ଜଣିଆ ତାଲିକା ପ୍ରସ୍ତୁତ କରି ଆସନ୍ତା ୧୪ ସୁଦ୍ଧା ଏଆଇସିସି ନିକଟରେ ଦାଖଲ କରିବେ । ପ୍ରତି ଜିଲ୍ଲାର ୬ ଜଣିଆ ତାଲିକାରୁ ଏଆଇସିସି ଜଣଙ୍କୁ ଜିଲ୍ଲା ସଭାପତି ମନୋନୀତ କରିବେ । ଏହି ପ୍ରକ୍ରିୟା ଯେପରି ଗଣତାନ୍ତ୍ରିକ ଓ ନିରପେକ୍ଷ ହୁଏ ଏଆଇସିସିର ନିର୍ଦ୍ଦେଶ କ୍ରମେ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ମାର୍ଗଦର୍ଶନରେ ସମସ୍ତ କାର୍ଯ୍ୟ ଚାଲିଛି ବୋଲି ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ମୁଖ୍ୟ ମୁଖପାତ୍ର ଅରବିନ୍ଦ ଦାସ ଓ ୱାର-ରୁମ ମୁଖ୍ୟ ମନୋରଞ୍ଜନ ଦାଶ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

## ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବିଏମ୍‌ସିର ସାଂସ୍କୃତିକ କାର୍ଯ୍ୟକ୍ରମ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆରମ୍ଭ ହୋଇଯାଇଛି ଭୁବନେଶ୍ୱର ମହାନଗର ନିଗମ ରିକ୍ରିଏସନ୍ କ୍ଲବ୍‌ର ବାର୍ଷିକ କାର୍ଯ୍ୟକ୍ରମ । ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ଚାଲୁରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ଯାହାକି ଇଣ୍ଡୋର ଗେମ୍, ଆଉଟ୍ ଡୋର୍ ଗେମ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦିର କ୍ରମାନୁସାରେ ଚାଲୁ ରହିଥିବା ବେଳେ ମଙ୍ଗଳବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି ସାଂସ୍କୃତିକ କାର୍ଯ୍ୟକ୍ରମ । ଉତ୍ସବର ପ୍ରାରମ୍ଭରେ କାର୍ଯ୍ୟକ୍ରମ ଉଦ୍‌ଘାଟନୀରେ ଯୋଗଦେଇଥିଲେ ମେୟର ସୁଲୋଚନା ଦାସ, ବିଧାୟକ ଏକାମ୍ର ବାବୁ ସିଂ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, କଲଚରାଲ୍ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ରିକ୍ରିଏସନ କ୍ଲବ୍ ର ସମ୍ପାଦକ ଶ୍ରୀ ଶୁଭକାନ୍ତ ପାଢ଼ୀ ପ୍ରମୁଖ । ଜୀବନର ଅକ୍ଲାନ୍ତ ଯାତ୍ରାରେ ଟିକେ ନିଜ ପସନ୍ଦରେ ସମୟ ବିତାଇ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଆଣିଦେବା ଏହିଭଳି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ ଉପସ୍ଥିତ ଅତିଥିମାନେ । ଆରମ୍ଭରୁ ଇଣ୍ଡୋର୍ ଗେମ୍ ଯାହାକି କ୍ୟାରମ୍, ଚେସ୍, ମ୍ୟୁଜିକ୍ ଚେୟାର, ବ୍ୟାଡ୍ ମିଣ୍ଟନ୍, ଆଉଟ୍ ଡୋର୍ ଗେମ୍‌ରେ ୱାଟର୍ ବଲ୍, ଜାଭ୍ଲିନ୍ ଥ୍ରୋ, ଫୁଟ୍‌ବଲ୍, କ୍ରିକେଟ୍ ଆଦିରେ ଅଂଶଗ୍ରହଣକାରୀମାନେ ପୁରସ୍କୃତ ହୋଇଥିଲେ ।

### ୨ ସରକାରୀ ମେଡିକାଲ କଲେଜ ପାଇଁ ୨୦୦ ଆସନ ଅନୁମୋଦିତ

## ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ଆଉ ୨ ସରକାରୀ ମେଡିକାଲ କଲେଜ ପାଇଁ ୨୦୦ ଆସନ ଅନୁମୋଦିତ ହୋଇଛି। ଜାତୀୟ ମେଡିକାଲ କମିଶନ୍ ଏହି ମଞ୍ଜୁରି ଦେଇଛନ୍ତି। ଫୁଲବାଣୀ ସରକାରୀ ମେଡିକାଲ କଲେଜ ପାଇଁ ୧୦୦ ସିଟ୍ ଅନୁମୋଦିତ ହୋଇଥିବା ବେଳେ ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ସରକାରୀ ମେଡିକାଲ କଲେଜ ପାଇଁ ମଧ୍ୟ ୧୦୦ଟି ସିଟ୍ ଅନୁମୋଦିତ ହୋଇଛି। ଚଳିତ ୨୦୨୫-୨୬ ଶିକ୍ଷା ବର୍ଷରୁ ପାଠ ପଢା ଆରମ୍ଭ ହେବ। ଜାତୀୟ ମେଡିକାଲ କମିଶନ୍ ଦ୍ୱାରା ଏହି ମଞ୍ଜୁରୀକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଉ ଏକ ମାଇଲ ଖୁଣ୍ଟ କରି ପାରିଛି। ଗୋଟିଏ ବର୍ଷରେ ୨୦୦ ଅଧିକ ଓଡ଼ିଆ ଛାତ୍ରଛାତ୍ରୀ ଚଳିତ ଶିକ୍ଷାବର୍ଷଠୁ ଡାକ୍ତରୀ ଶିକ୍ଷା ଗ୍ରହଣ କରି ପାରିବେ। ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରଠୁ ଓଡ଼ିଶାର ସ୍ୱାସ୍ଥ୍ୟ ସେବା ଓ ସ୍ୱାସ୍ଥ୍ୟ ଶିକ୍ଷାରେ ଉନ୍ନତି ପାଇଁ ରାଜ୍ୟ ସରକାର ନିରନ୍ତର ଉଦ୍ୟମ କରି ଚାଲିଛନ୍ତି। ଏହି ମଞ୍ଜୁରି ଦ୍ୱାରା ସରକାରଙ୍କ ଉଦ୍ୟମ ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ହ୍ୟୁଜ୍ ଆପ୍ ଠକେଇର ମାଷ୍ଟର ମାଇଣ୍ଡ ଗିରଫ

କଟକ(ଭାସ୍କର ନ୍ୟୁଜ୍): ହ୍ୟୁଜ ଆପ୍ ଠକେଇ ମାମଲାର ମାଷ୍ଟର ମାଇଣ୍ଡ ପାର୍ଥ ସାରଥି ଦାସକୁ କଟକ ସାଇବର ଥାନା ପୋଲିସ ବାଲେଶ୍ୱର ଚାନ୍ଦିପୁରରୁ ଗିରଫ କରିଛି। ଅଭିଯୁକ୍ତ ପାର୍ଥ ଜଣେ ପୂର୍ବତନ ସେନା କର୍ମଚାରୀ । ସେ କଟକ ରାଜେନ୍ଦ୍ର ନଗରରେ ରହୁଥିଲା। ସେ ହ୍ୟୁଜ୍ ଆପ ସଂସ୍ଥାର କଟକ ମୁଖ୍ୟ ଭାବେ କାମ କରୁଥିଲା। ଏକାଧିକ ଲୋକଙ୍କ ଆକାଉଣ୍ଟ୍ ଖୋଲାଇ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ପ୍ରକାଶ। ଲୋକଙ୍କୁ ଠକିବା ପରେ ବାଦାମବାଡ଼ିରେ ଥିବା ଅଫିସ ବନ୍ଦ କରିଦେଇଥିଲା । ଦରଘାବଜାରର ଠକାମିର ଶିକାର ହୋଇଥିବା ଏକାଧିକ ବ୍ୟକ୍ତି ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ମାମଲାରେ ଏ ପର୍ଯ୍ୟନ୍ତ ପୋଲିସ ୨ ଜଣଙ୍କୁ ଧରିଥିବା ଜଣାପଡିଛି।

## ଆଦି କର୍ମଯୋଗୀ ଅଭିଯାନ ଉପରେ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ



କଟକ(ଭାସ୍କର ନ୍ୟୁଜ୍): ଧରତ୍ରୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ଆଦି କର୍ମଯୋଗୀ ଅଭିଯାନ ଉପରେ ଆଜିଠାରୁ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ୨୦ ଜଣ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନର ତାଲିମ ଗ୍ରହଣ କରିଛନ୍ତି। ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ଅନୁସୂଚିତ ଜନଜାତି ଓ ଜାତି, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଏବଂ ବନ ବିଭାଗର ବ୍ଲକସ୍ତରୀୟ ଅଧିକାରୀ ସାମିଲ ଅଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଡା ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଆଦିବାସୀ ସମ୍ପ୍ରଦାୟଙ୍କୁ ସଶକ୍ତ କରିବା ନିମନ୍ତେ ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନରେ କଟକ ଜିଲ୍ଲାର ୨୧ଟି ଗାଁ ସାମିଲ ରହିଛି ।ତାଲିମପ୍ରାପ୍ତ ଆଦି କର୍ମଯୋଗୀମାନେ ଘରକୁ ଘର ଯାଇ ଗାଁ ଲୋକଙ୍କୁ ଅଭିଯାନ ସମ୍ପର୍କରେ ଜଣାଇବେ । ଗ୍ରାମବାସୀମାନଙ୍କର ସାମାଜିକ, ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଏବଂ ଶିକ୍ଷା, ଜୀବିକା, ସ୍ୱାସ୍ଥ୍ୟସେବା, ଜଳ, ବିଦ୍ୟୁତ୍, ଗୃହ, ଡିଜିଟାଲ ସଂଯୋଗ ଭଳି ମୌଳିକ ସୁବିଧା ଯୋଗାଇବା ଏବଂ ଆଦିବାସୀ ପରିଚୟକୁ ସଂରକ୍ଷଣ କରିବା ତଥା ସ୍ଥାନୀୟ ନେତୃତ୍ୱକୁ ସଶକ୍ତ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି ।

**ଆମ୍ବୁଲାନ୍ସରେ ଅକ୍ସିଜେନ ସରିଯିବାରୁ ମହିଳାଙ୍କ ମୃତ୍ୟୁ ଘଟଣା**

## ମହିଳାଙ୍କ ମୃତ୍ୟୁ ପାଇଁ ରାଜ୍ୟ ସରକାର ଦାୟୀ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଘରୋଇ ଆମ୍ବୁଲାନ୍ସରେ ଜଣେ ଗୁରୁତର ଅସୁସ୍ଥ ମହିଳାଙ୍କୁ କଟକ ବଡ଼ ମେଡିକାଲକୁ ଅଣାଯାଉଥିବା ବେଳେ ହଠାତ ଅକ୍ସିଜେନ ଶେଷ ହୋଇଯିବାରୁ ମୃତ୍ୟୁ ହୋଇଥିବା ଖବର ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ବେଳେ ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ଗତ ୧ବର୍ଷ ଭିତରେ ବିପର୍ଯ୍ୟସ୍ତ ହୋଇଥିବା କାରଣରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ବିଜୁ ଜନତା ଦଳ କହିଛି । ବିଜେଡି ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେଲିନ ମହାନ୍ତି କହିଛନ୍ତି, ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇଥିବା ନେଇ ବିଜୁ ଜନତା ଦଳ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରିଆସୁଛି । ସରକାର ଆମ୍ବୁଲାନ୍ସର ରକ୍ଷଣାବେକ୍ଷଣ ନ କରିବା କାରଣରୁ ଆମ୍ବୁଲାନ୍ସ ସେବା ପ୍ରଭାବିତ ହୋଇଛି । ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ଏହି ଆମ୍ବୁଲାନ୍ସ ସେବା, ଫୋନ କରିବାର ୨୦ ମିନିଟ ଭିତରେ ଆମ୍ବୁଲାନ୍ସ ରୋଗୀଙ୍କ ପାଖରେ ପହଞ୍ଚୁଥିଲା । ଏବେ ଆମ୍ବୁଲାନ୍ସ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିବାରୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ଗତ ଜୁଲାଇରେ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ନିକଟବର୍ତ୍ତୀ ଏକ ଗ୍ରାମରେ ଶଙ୍କର ନାମକ ଏକ ଯୁବକ କ୍ରିକେଟ ଖେଳୁଥିବା ବେଳେ ଛାତିରେ ବଲ ବାଜି ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲ କଲେଜକୁ ନିଆଯାଉଥିବା ବେଳେ ଖଲ୍ଲିକୋଟ ନିକଟରେ ଖରାପ ହୋଇଯାଇଥିଲା । ଆମ୍ବୁଲାନ୍ସରେ ଥିବା ଅନ୍ୟମାନେ ଅନ୍ୟ ଏକ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । କିନ୍ତୁ ୩ ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସିପାରି ନଥିଲା । ରୋଗୀଙ୍କ ଆତ୍ମୀୟ ଘରୋଇ ଗାଡ଼ିରେ ରୋଗୀଙ୍କୁ ନେଇ ହସ୍ପିଟାଲରେ ପହଂଚିଲା ବେଳକୁ ଡାକ୍ତର ରୋଗୀଙ୍କୁ ମୃତ ଘୋଷଣା କରିଥିଲେ । ଡ଼ ମହାନ୍ତି କହିଛନ୍ତି, ୧୦୮ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇ ନ ପାରିବାରୁ, ଆଉ ଏକ ଅମୂଲ୍ୟ ଜୀବନ ଯାଇଛି । ବାରମ୍ବାର ଘଟୁଥିବା ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର ଦାୟୀ । ମୃତା ମହିଳାଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ଘୋଷଣା କରନ୍ତୁ ଓ ଆମ୍ବୁଲାନ୍ସ ସେବାକୁ ପୁନଃ କାର୍ଯ୍ୟକ୍ଷମ କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି ।



ପଦ୍ମଶ୍ରୀ ରଜତ କରଙ୍କ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ

## ରାଜଧାନୀରେ ପୁଣି ଗାଈ ଚୋର ଆତଙ୍କ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ପୁଣି ଗାଈ ଚୋର ଆତଙ୍କ । ଚନ୍ଦକା ଥାନା ଅନ୍ତର୍ଗତ ଗୋଠପାଣା ରାସ୍ତାରେ ଗୋରୁ ବୋଝେଇ ଡାଲା ଅଟୋ ଛାଡି ଅଭିଯୁକ୍ତ ମାନେ ଫେରାର ହୋଇଯାଇଛନ୍ତି । ଗାଡି ଭିତରୁ ଖଣ୍ଡା ଓ ବନ୍ଧୁକ ଜବତ ହୋଇଛି । ଆଜି ଭୋର ସମୟରେ ଗୋଠପାଟଣା ରାମନଗର ରାସ୍ତାରେ ଗୋରୁ ଭର୍ତ୍ତି ଡାଲା ଅଟୋକୁ ସ୍ଥାନୀୟ ଯୁବକ ମାନେ ଅଟକାଇ ଥିଲେ । ଗାଡିକୁ ସୁରକ୍ଷା ଦେବାପାଇଁ ସାଙ୍ଗରେ ଆସୁଥିବା ଦୁଇ ଜଣ ଯୁବକ ଓ ଅଟୋ ଡ୍ରାଇଭର ସ୍ଥାନିୟ ଯୁବକଙ୍କୁ ଆକ୍ରମଣ କରି ଘଟଣା ସ୍ଥଳରୁ ଫେରାର ହୋଇ ଯାଇଛନ୍ତି । ଘଟଣା ସ୍ଥଳରେ ଚନ୍ଦକା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

**ଉତ୍କଳ ବିଶ୍ୱବିଦ୍ୟାଳୟରେ ଉତ୍ତେଜନା**

## ଛାତ୍ରାବାସ ଫାଟକରେ ଝୁଲିଲା ତାଲା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉଚ୍ଚ ଶିକ୍ଷା ପାଇଁ ରାଜ୍ୟର ଅନ୍ୟତମ ଶିକ୍ଷାର ମନ୍ଦିର 'ଉତ୍କଳ ବିଶ୍ୱବିଦ୍ୟାଳୟ'ରେ ମଙ୍ଗଳବାର ସନ୍ଧ୍ୟାରେ ଉତ୍ତେଜନା ପରିସ୍ଥିତି ଦେଖାଯାଇଛି। ଏଠାରେ ଅଣଛାତ୍ରମାନେ ହଷ୍ଟେଲ-୧ 'ଗୋପବନ୍ଧୁ ଛାତ୍ରବାସ'ର ଫାଟକରେ ତାଲା ପକାଇ ଦେଇଛନ୍ତି। ଉତ୍ତେଜନାକାରୀ ହଷ୍ଟେଲ ୱାର୍ଡେନକୁ ପ୍ରବେଶ କରାଇନଦେବାରୁ ଘଟଣା ସ୍ଥଳରେ ତୁମୁଳକାଣ୍ଡ କଟିଥିଲା । ଘଟଣା ସ୍ଥଳରେ ପରିସ୍ଥିତି ଉତ୍ତେଜନା ହେବାରୁ ସେଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

**ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଚତୁର୍ଥ ବୈଠକ**

## ଆର୍ଦ୍ରଭୂମିର ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣ, ଓଡ଼ିଶାର ଚତୁର୍ଥ ବୈଠକ ମଙ୍ଗଳବାର ଅପରାହ୍ନରେ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧକ୍ଷତା କରି ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଅଧକ୍ଷ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଅକ୍ଟୋବର ମାସ ଶେଷ ସୁଦ୍ଧା ଚିଲିକା, ଅଂଶୁପା, ଭିତରକନିକା ହେନ୍ତାଳବନ, ହୀରାକୁଦ ଜଳଭଣ୍ଡାର, ସାତକୋଶିଆ ଗଣ୍ଡ ଏବଂ ତାମ୍ପଡା ଆର୍ଦ୍ରଭୂମିର ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ବନଖଣ୍ଡ ଅଧିକାରୀ ଓ କ୍ଷେତ୍ର ପରିଚାଳକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଅଧକ୍ଷ ତଥା ଜଙ୍ଗଲମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଲେ ଯେ ପରିବେଶ ଗୁରୁତ୍ୱ ଥିବା ଆର୍ଦ୍ରଭୂମିର ଚିହ୍ନଟ ଏବଂ ବିଜ୍ଞପ୍ତି, ସଂରକ୍ଷଣ ଏବଂ ସମୁଚିତ ବ୍ୟବହାର ପାଇଁ ସମନ୍ୱିତ ପରିଚାଳନା ଯୋଜନା ଗଠନ ଏବଂ ଅନୁମୋଦନ, ଆର୍ଦ୍ରଭୂମିର ଜୈବ ବିବିଧତା, ପରିବେଶଗତ ସେବା ଏବଂ ସାଂସ୍କୃତିକ ଐତିହ୍ୟର ସୁରକ୍ଷା, ଆର୍ଦ୍ରଭୂମି ପରିଚାଳନାରେ ସମ୍ପ୍ରଦାୟର ଅଂଶଗ୍ରହଣ, ସ୍ଥାନୀୟ ଜୀବିକାକୁ ନିରନ୍ତର ଭାବେ ନିଶ୍ଚିତ କରିବା, ଜାତୀୟ ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ସହିତ କ୍ଷମତା ନିର୍ମାଣ, ସଚେତନତା ସୃଷ୍ଟି ଏବଂ ଗବେଷଣା କ୍ଷେତ୍ରରେ ସହଯୋଗ, ବିକାଶମୂଳକ ଯୋଜନା, ଜଳବାୟୁ ଅନୁକୂଳ ରଣନୀତି ଏବଂ ବିପର୍ଯ୍ୟୟ ପରିଚାଳନା ଢାଞ୍ଚାରେ ଆର୍ଦ୍ରଭୂମିକୁ ମୁଖ୍ୟଧାରାରେ ପରିଣତ କରିବାର ଲକ୍ଷ୍ୟ ନେଇ ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣ ଗଠିତ ହୋଇଥିଲା । ଓଡ଼ିଶା ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ସଫଳତା ମଧ୍ୟରେ ଚିଲିକା ହ୍ରଦ ପୁନରୁଦ୍ଧାର, ଭିତରକନିକା ଆର୍ଦ୍ରଭୂମି ସୁରକ୍ଷା, ଅଂଶୁପା ଓ ତାମ୍ପଡା ହ୍ରଦ ଆଦି ଛୋଟ ଆର୍ଦ୍ରଭୂମିର ସଂରକ୍ଷଣ, ରାମସର ସ୍ଥାନ ସମ୍ପ୍ରସାରଣ, ଗୋଷ୍ଠୀ ସମ୍ପୃକ୍ତି ଏବଂ ଜୀବିକା ପ୍ରୋତ୍ସାହନ, ଜଳବାୟୁ ସ୍ଥିରତା ଏବଂ ବିପର୍ଯ୍ୟୟ ପ୍ରଶମନ, ସଚେତନତା ଏବଂ ଗବେଷଣା ସହଯୋଗ ଆଦି ଅନ୍ତର୍ଭୁକ୍ତ । ସମନ୍ୱିତ ପରିଚାଳନା ଯୋଜନାର ମାର୍ଗଦର୍ଶୀକା ଅନୁସାରେ ସଂପୃକ୍ତ ସରକାରୀ ବିଭାଗ ଓ ବିଭିନ୍ନ ଅଂଶୀଦାରମାନଙ୍କ ସହ ସମନ୍ୱୟ ରକ୍ଷାକରି ବନଖଣ୍ଡ ଅଧିକାରୀ ଓ କ୍ଷେତ୍ର ପରିଚାଳକମାନେ ଏହି ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ, ଆର୍ଦ୍ରଭୂମିଗୁଡିକ ହେଉଛି ଆମ ରାଜ୍ୟରେ ଜୀବନ ଏବଂ ଜୀବିକାର ଜୀବନରେଖା । ଓଡ଼ିଶା ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣ ଏହି ପରିସଂସ୍ଥାଗୁଡ଼ିକର ରକ୍ଷକ ଭାବରେ ଠିଆ ହୋଇଛି, ବିକାଶ ଏବଂ ସଂରକ୍ଷଣ କ୍ଷେତ୍ରରେ ହାତ ମିଳାଇ ଚାଲିବା ନିଶ୍ଚିତ କରୁଛି। ଆମର ଆର୍ଦ୍ରଭୂମିଗୁଡ଼ିକର ବିଶ୍ୱସ୍ତରୀୟ ସ୍ୱୀକୃତି, ଚିଲିକାର ପୁନରୁଦ୍ଧାର, ଭିତରକନିକାର ସୁରକ୍ଷା, ଅଂଶୁପା ଏବଂ ତାମ୍ପରାର ଅନ୍ତର୍ଭୁକ୍ତି ପ୍ରଭୃତି ଆର୍ଦ୍ରଭୂମି ସଂରକ୍ଷଣରେ ଓଡ଼ିଶାର ନେତୃତ୍ୱର ପ୍ରମାଣ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ସଚିବ ବଲବନ୍ତ ସିଂ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦଉରି, ଓଡ଼ିଶା ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ସଦସ୍ୟ ସଚିବ ତଥା ପରିବେଶ ନିର୍ଦ୍ଦେଶକ କେ. ଏସ. ପ୍ରଦୀପ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ଜଳସମ୍ପଦ ବିଭାଗର ଅତିରିକ୍ତ ଶାସନ ସଚିବ ଉପସ୍ଥିତ ରହି ସୁଚିନ୍ତିତ ପରାମର୍ଶମାନ ଦେଇଥିଲେ ।


ଓଡ଼ିଶା ଭାସ୍କର

ସମ୍ପାଦକୀୟ




ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



## ସରକାରଙ୍କ ସ୍ୱାୟତ୍ତଶାସନ ଭେଟି

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ବାସ୍ତବ ରୂପାୟନ ଲୋଡ଼ା

ସମଗ୍ର ରାଜ୍ୟରେ ଗତ ରବିବାର ପାଳିତ ହୋଇଛି ସ୍ୱାୟତ୍ତ ଶାସନ ଦିବସ ଏବଂ ଏହି ଅବସରରେ ବିଭିନ୍ନ ସହର ଓ ଅର୍ଦ୍ଧ ସହରାଞ୍ଚଳରେ ଉତ୍ସବାନୁଷ୍ଠାନର ଆୟୋଜନ କରାଯିବା ସହିତ ନୂତନ ଯୋଜନାର ଶୁଭାରମ୍ଭ ହୋଇଛି। ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହି ରାଜ୍ୟର ସହରାଞ୍ଚଳଗୁଡିକର ସର୍ବାଙ୍ଗୀନ ବିକାଶ ନିମନ୍ତେ ତାଙ୍କ ସରକାରଙ୍କ ପ୍ରତିବଦ୍ଧତା ଘୋଷଣା କରିଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ, ସହରାଞ୍ଚଳଗୁଡିକ ବିକାଶର ପ୍ରତିଛବି ହୋଇଥିବାରୁ ସେଠାରେ ରାସ୍ତାଘାଟର ପରିଚ୍ଛନ୍ନତା ଓ ରାସ୍ତାରେ ଖାଲଖମା ନରହିବା ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ପଡିବ। ଆସନ୍ତା ବର୍ଷ (୨୦୨୬) ଏପ୍ରିଲ୍ ସୁଦ୍ଧା ରାଜ୍ୟର ସମସ୍ତ ପୌରାଞ୍ଚଳର ରାସ୍ତାଘାଟ ଯେପରି ଗର୍ତ୍ତମୁକ୍ତ ହେବ, ତାହା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୬ ଏପ୍ରିଲ୍ ସୁଦ୍ଧା ସମସ୍ତ ପୌରାଞ୍ଚଳ ସେମାନଙ୍କ ଅଞ୍ଚଳର ରାସ୍ତାଘାଟ ଖାଲଖମାମୁକ୍ତ ହୋଇଥିବାର ନିଜେ ନିଜେ ସାର୍ଟିଫିକେଟ ଦେବାକୁ ସେ ପରାମର୍ଶ ଦେଇଥିଲେ। ବ୍ରିଟିଶ ଶାସନ ସମୟରେ ୧୮୮୨ ମସିହାରେ ତତ୍କାଳୀନ ବଡଲାଟ ଲର୍ଡ ରିପନ୍ ଭାରତରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ତେବେ ସ୍ୱାଧୀନତା ପ୍ରାପ୍ତି ପରେ ଗତ ଶତାବ୍ଦୀର ନବମ ଦଶକରେ ଏହା ସାମ୍ବିଧାନିକ ମାନ୍ୟତା ଲାଭ କଲା। ଶାସନ କ୍ଷମତାର ବିକେନ୍ଦ୍ରୀକରଣ ସହ ସମାଜର ସବୁଠାରୁ ତଳସ୍ତରରେ ଥିବା ଲୋକ ପାଖରେ ଯେପରି ଶାସନ ବ୍ୟବସ୍ଥାର ଗୁଣାତ୍ମକ ସେବା ପହଞ୍ଚାଯାଇପାରିବ, ସେହି ଲକ୍ଷ୍ୟରେ ସ୍ୱାୟତ୍ତଶାସନର ପରିକଳ୍ପନା କରାଯାଇଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀ ମଧ୍ୟ ଅତୀତରେ ଗ୍ରାମ ସ୍ୱରାଜ୍ୟର ପରିକଳ୍ପନା କରିଥିଲେ। ମୋହନ ମାଝୀଙ୍କ ସରକାର ଗତବର୍ଷ ଶାସନ ଦାୟିତ୍ୱ ଗ୍ରହଣ କରିବା ପରେ ଏ ବର୍ଷ ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟବାସୀଙ୍କୁ ଏକ ବଡ ଭେଟି ଦେଇଛନ୍ତି। ଓଡ଼ିଶାରେ ୧୬ ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍.ଏ.ସି) ଏବଂ ସାତଟି ନୂତନ ପୌରପାଳିକା ବା ମ୍ୟୁନିସିପାଲିଟି ଗଠନ ପାଇଁ ବିଧିବଦ୍ଧ ଭାବରେ ଘୋଷଣା କରାଯାଇଛି। ନୂତନ ମ୍ୟୁନିସିପାଲଟିଗୁଡିକ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ, ବୌଦ୍ଧ ଜିଲ୍ଲାର ବୌଦ୍ଧ ଏବଂ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ଆସ୍କା, ଛତ୍ରପୁର, କବିସୂର୍ଯ୍ୟନଗର ଓ ପୋଲସରା ଅନ୍ତର୍ଭୁକ୍ତ। ସେହିପରି ନୂତନ ଏନ୍.ଏ.ସି ମଧ୍ୟରେ ଲୋଇସିଂହା, ସୋହେଲା, ବଡମ୍ବା, ନରସିଂହପୁର, ସାଲେପୁର, ଗଁଦିଆ, ପାତ୍ରପୁର, ଜଗନ୍ନାଥପ୍ରସାଦ, ଚଣ୍ଡିଖୋଲ, ନର୍ଲା, ଜୟପାଟଣା, ଟାଙ୍ଗୀ (ଖୋର୍ଦ୍ଧା ଜିଲ୍ଲାର), ବୋରିଗୁମ୍ମା, କପ୍ତିପଦା, ଯଶୀପୁର, ଓ ରାସଗୋବିନ୍ଦପୁର ଅନ୍ତର୍ଭୁକ୍ତ। ରାଜ୍ୟ ସରକାର ଆସନ୍ତା ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ରଖିଥିବା ଦୃଷ୍ଟିରୁ ସହରାଞ୍ଚଳରେ ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ଆଧୁନିକ ଭିତ୍ତିଭୂମି ଓ ଗୁଣାତ୍ମକ ମୌଳିକ ସେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ପୌର ଅଧିକାରୀମାନଙ୍କୁ ସେମାନଙ୍କ ଦାୟିତ୍ୱ ବୁଝାଇଦେଇ ନିଷ୍ଠାର ସହ କର୍ତ୍ତବ୍ୟ ସଂପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ରାଜ୍ୟର କେତେକ ସହରାଞ୍ଚଳରେ ସ୍ୱରେଜ୍ ଡ୍ରେନ୍‌ଗୁଡିକ ଖୋଲା ବା ମୁକୁଳା ଥିବାରୁ ଛୋଟବଡ ଦୁର୍ଘଟଣା ଘଟୁଛି। ଏଗୁଡିକୁ ଅବିଳମ୍ବେ ବନ୍ଦ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସଂଗେସଂଗେ ରାଜଧାନୀର ୩୯୪ ଅର୍ଥନୈତିକ ଦୁର୍ବଳ ପରିବାରକୁ ବାସଗୃହ ଆବଣ୍ଟନ କରିଥିଲେ। ଏ ବର୍ଷର ସ୍ୱାୟତ୍ତ ଶାସନ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଓ ଅଙ୍ଗୀକାରବଦ୍ଧତାର ଯେପରି ବାସ୍ତବ ରୂପାୟନ ହୋଇପାରିବ, ସେ ଦିଗରେ ପ୍ରଶାସନ ତତ୍ପରତାର ସହ ପଦକ୍ଷେପ ଗ୍ରହଣ କିରବା ଏକାନ୍ତ କାମ୍ୟ।

# କାହିଁକି ପରୀକ୍ଷା ମୂଲ୍ୟାୟନରେ ଅସାଧୁତା ?


ଡ଼. ମନୋଜ କୁମାର ମହାନ୍ତି
ଅଧ୍ୟାପକ, ଦର୍ଶନ ବିଭାଗ, ବିଏନମଏ ମହାବିଦ୍ୟାଳୟ, ଭଦ୍ରକ
ମୋ-୮୮୯୫୩୪୧୦୩୩


ଶିକ୍ଷା ମଣିଷ ଜୀବନକୁ ଦେଇଛି ଏକ ନୂତନ ଦିଗଦର୍ଶନ । ସେଥିପାଇଁ ମଣିଷ ଶିକ୍ଷାର ମହତ୍ତ୍ୱକୁ ବୁଝି ସଭ୍ୟତାର ବିକାଶ ପଥରେ ନିଜକୁ ସାମିଲ୍ କରିବାରେ କୌଣସି ଅବହେଳା କରିନାହିଁ। ଶିକ୍ଷାରୁ ମଣିଷ ଶିଖିଛି ଓ ନିଜକୁ ବୁଦ୍ଧିଜୀବୀ ଭାବେ ଗଢ଼ି ତୋଳିଛି। ମାନବ ସମାଜ ପାଇଁ ଶିକ୍ଷାନୁଷ୍ଠାନ, ଶିକ୍ଷା ଓ ଶିକ୍ଷକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଯୁଗେଯୁଗେ ରହିଆସିଛି। କିନ୍ତୁ ସମୟକ୍ରମେ ଶିକ୍ଷାନୁଷ୍ଠାନ,ଶିକ୍ଷକ ଓ ଶିକ୍ଷାର ମାନଚିତ୍ର ବଦଳିବାରେ ଲାଗିଛି। ଉପଯୁକ୍ତ ଭିତ୍ତିଭୂମି ସହ ଶିକ୍ଷକ ତଥା ଅଧ୍ୟାପକ ନିଯୁକ୍ତି କରି ସରକାରୀ ଓ ବେସରକାରୀ ସ୍ତରରେ ଶିକ୍ଷା ଗ୍ରହଣ ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯାଇଛି । ଶିକ୍ଷାନୁଷ୍ଠାନର ପ୍ରକୋଷ୍ଠଗୁଡ଼ିକୁ ଉଚ୍ଚମାନର ଶୀତତାପ ନିୟନ୍ତ୍ରିତ ଶ୍ରେଣୀକକ୍ଷରେ ରୂପାନ୍ତରିତ କରି ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନରେ ମନୋନିବେଶ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ଅନେକ ପ୍ରୟାସ ଚାଲିଛି। ଦେଶର ବୃହତ୍ ଶିକ୍ଷାନୁଷ୍ଠାନଗୁଡିକର ଭିତ୍ତିଭୂମିକୁ ଲକ୍ଷ୍ୟ କରି ରାଜ୍ୟ ସରକାର ମଧ୍ୟ ଉଭୟ ସରକାରୀ ଓ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ସ୍ମାର୍ଟକ୍ଲାସ, ପାଠ୍ୟପ୍ରକୋଷ୍ଠ, ପୁସ୍ତକାଳୟ ତଥା କମ୍ପ୍ୟୁଟରଲ୍ୟାବ ନିର୍ମାଣ କରି ଉଚ୍ଚଶିକ୍ଷାର ମାନ ବଢ଼ାଇବାର ପ୍ରୟାସ ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ । ଏସବୁ ସତ୍ତ୍ୱେ ବୁଦ୍ଧିଜୀବୀମାନଙ୍କ ମହଲରେ ଅନେକ ସମୟରେ ଚର୍ଚ୍ଚାର ବିଷୟ ସାଜେ ଉଚ୍ଚଶିକ୍ଷାର ଗୁଣାତ୍ମକମାନକୁ ନେଇ। ମାଳମାଳ ଶିକ୍ଷାନୁଷ୍ଠାନକୁ ସ୍ନାତକ ଡିଗ୍ରୀଧାରୀଙ୍କ ସଂଖ୍ୟା ଦିନକୁଦିନ ବଢିଚାଲିଛି। କିନ୍ତୁ ଉଚ୍ଚଶିକ୍ଷାର ସ୍ଥିତି ଅତ୍ୟନ୍ତ ସଙ୍କଟାପନ୍ନ ତଥା ଉଦ୍‌ବେଗଜନକ। ଏଥିପାଇଁ ନା ଶିକ୍ଷାନୁଷ୍ଠାନ, ନା ଶିକ୍ଷାନୁଷ୍ଠାନକୁ ନିୟନ୍ତ୍ରଣ କରୁଥିବା ବିଶ୍ୱବିଦ୍ୟାଳୟ ଚିନ୍ତିତ । ଶିକ୍ଷାର ଗୁଣାତ୍ମକମାନ ଧୀରେଧୀରେ କୁଆଡ଼େ ହଜିହଜିଯାଉଛି। ଗୁଣାତ୍ମକ ଶିକ୍ଷାର ଡିଣ୍ଡିମ ପିଟୁଥିବା ଉଚ୍ଚଶିକ୍ଷା ବିଭାଗ ଉଚ୍ଚଶିକ୍ଷାର ବିପର୍ଯ୍ୟସ୍ତକୁ ହୃଦୟଙ୍ଗମ କରୁନାହିଁ ବୋଲି ସମ୍ଭବତଃ ଉଚିତ୍ ପଦକ୍ଷେପ ନେଇପାରୁନାହିଁ। ସରକାର ଓ ଶିକ୍ଷିତ ସମାଜ କେବଳ ମିଛକାନ୍ଦଣା କାନ୍ଦୁଛନ୍ତି।

ଉଚ୍ଚଶିକ୍ଷା ଏବେ ଅର୍ଥ ଉପାର୍ଜନରେ ବ୍ୟସ୍ତ। ଆବେଦନ, ପ୍ରବେଶଗ୍ରହଣ, ଫର୍ମପୂରଣ, ପରୀକ୍ଷା, ମୂଲ୍ୟାୟନ ଓ ଶେଷରେ ପରୀକ୍ଷା ଫଳାଫଳ। ଏହା ହିଁ ଆଜିର ଶିକ୍ଷା ବ୍ୟବସ୍ଥା। ଉଭୟ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଖବର କାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମରେ ଅନେକ ଉପସ୍ଥାପନ, ତର୍କବିତର୍କ ସତ୍ତ୍ୱେ ସେମିତି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପଢାପଢ଼ିରେ ଏତେଟା ଆନ୍ତରିକତା ଦେଖିବାକୁ ମିଳୁନି । ଶିକ୍ଷା ପ୍ରତି ଓ ଶିକ୍ଷକଙ୍କ ପ୍ରତି ଛାତ୍ରଛାତ୍ରୀମାନଙ୍କ ସେମିତି ଆନୁଗତ୍ୟ ନାହିଁ। କେବଳ ପରୀକ୍ଷା ଓ ମାର୍କ ସହ ସେମାନଙ୍କର ମାନସିକତା ସୀମିତ। ଅଧ୍ୟାପନାରେ ଅଧ୍ୟାପକ/ଅଧ୍ୟାପିକାଙ୍କର ଧ୍ୟାନ କମିବାରେ ଲାଗୁଛି। ଏସବୁ ପାଇଁ ଶିକ୍ଷାନୁଷ୍ଠାନ, ଶିକ୍ଷକ ଓ ଉଚ୍ଚପଦସ୍ଥ ଶିକ୍ଷା ଅଧିକାରୀମାନଙ୍କର ପ୍ରଶାସନିକ ବ୍ୟବସ୍ଥାର କଠୋରହୀନତା ଦାୟୀ। ଅଧିକାଂଶ ପ୍ରାଧ୍ୟାପକ ଓ ଅଧ୍ୟାପକମାନେ ଘରୋଇ ଟିଉସନ୍ କିମ୍ବା କୋଚିଂ ସହ ଆନ୍ତରିକ ଭାବେ ଜଡ଼ିତ କିନ୍ତୁ କର୍ମରତ ଶିକ୍ଷାନୁଷ୍ଠାନ ପ୍ରତି କେବଳ ଦରମା ପାଇଁ ସମୟ ବିତାଇ ଥାଆନ୍ତି।

ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର କାର୍ଯ୍ୟରତ ଅଧ୍ୟାପକ/ଅଧ୍ୟାପିକାମାନେ ନିଜନିଜ ବିଭାଗର ଛାତ୍ରଛାତ୍ରୀଙ୍କ ସେମିଷ୍ଟର ପାଠ୍ୟକ୍ରମ ଅନୁଯାୟୀ କୋର୍ସକୁ ସମ୍ପୂର୍ଣ୍ଣ କରିବାପାଇଁ ଏକ ନିର୍ଦ୍ଦିଷ୍ଟ ଅନୁପାତରେ କୋର୍ସ ଫି ନିର୍ଦ୍ଧାରିତ କରି ଛାତ୍ରଛାତ୍ରୀମାନଙ୍କୁ ନିଜ ଘରକୁ ଡ଼ାକି ଟିଉସନ୍ କରିବାର ମାନସିକତା କେବେ ଦୂରହେବ ? ଉଭୟ ପିଲା ଓ ଅଭିଭାବକମାନଙ୍କ ମନରେ ଏକ ପ୍ରକାର ଧାରଣା ଜନ୍ମିସାରିଛି ଯେ ଶିକ୍ଷାନୁଷ୍ଠାନକୁ ଯିବା ଦରକାର ନାହିଁ। ଘରୋଇ ଟିଉସନ୍ ବା କୋଚିଂ ଦ୍ୱାରା ସବୁକିଛି ସମ୍ଭବ। ଅଧିକାଂଶ ପିଲାମାନଙ୍କର କ୍ଲାସରେ ଉପସ୍ଥାପନ ପଚାଶ ପ୍ରତିଶତରୁ କମ୍। ଏହାର ପ୍ରଚ୍ଛଦପଟରେ ଅଧ୍ୟାପକ ସମାଜର ନିଷ୍କ୍ରିୟତା ତଥା ସ୍ଥାଣୁତା । ଯେଉଁଦିନ ଅଧ୍ୟାପକ ସମାଜ ଅଧ୍ୟାପନା ଓ ପରୀକ୍ଷା ମୂଲ୍ୟାୟନ ପ୍ରତି କଠୋର ହେବେ ସେଦିନ ହିଁ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧିହେବ। ଏହା ମଧ୍ୟ ସତ୍ୟ ଅଧିକାଂଶ ଶିକ୍ଷକ ପାଠ୍ୟକ୍ରମ ସହ ପରିଚିତ ନୁହଁନ୍ତି। ଆବଶ୍ୟକ ଅନୁସାରେ ଅଧ୍ୟାପକ ଓ ଅଧ୍ୟାପିକା ଶିକ୍ଷାନୁଷ୍ଠାନରେ ନିଯୁକ୍ତି କରାଯାଉନାହିଁ। କେଉଁ ବିଭାଗରେ ମେଞ୍ଚେ ତ କେଉଁଠି କେଞ୍ଚେ। ଶିକ୍ଷା ବିଭାଗର ପ୍ରଶାସନ ତରଫରୁ ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରବେଶ ଗ୍ରହଣ ଶେଷ କରାଇବାକୁ ବିଧିବଦ୍ଧ ନିୟମ କଲେ ଛାତ୍ରଛାତ୍ରୀମାନେ କ୍ଲାସ କରିବାରୁ ବଞ୍ଚିତ ହେବେନାହିଁ।

ଶିକ୍ଷାର ଗୁଣାତ୍ମକମାନ ହ୍ରାସର ପ୍ରମୁଖ କାରଣ ପରୀକ୍ଷା ପତ୍ର ମୂଲ୍ୟାୟନ ପ୍ରକ୍ରିୟା ଯାହା ଅଧ୍ୟାପନା ତଥା ଛାତ୍ରଛାତ୍ରୀଙ୍କ ଅଧ୍ୟୟନର ଅନାଗ୍ରହ ଉପରେ ଗଭୀର ପ୍ରଭାବ ପକାଉଛି। ପୂର୍ବପରି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରୀକ୍ଷାକୁ ନେଇ ଭୟନାହିଁ। ଉଚ୍ଚଶିକ୍ଷା ବିଭାଗ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଯେ ସେହି ହିସାବରେ ପରୀକ୍ଷା ଖାତା ଦେଖନ୍ତୁ ଯେମିତି କୌଣସି ପିଲା ଫେଲ ହେବନାହିଁ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଓ ବରିଷ୍ଠ ପ୍ରାଧ୍ୟାପକମାନେ ମନ୍ତବ୍ୟ ଦେଉଛନ୍ତି ନିଜ ବିଷୟରେ ଯଦି ପିଲାମାନଙ୍କୁ ଅକୃତକାର୍ଯ୍ୟ କରାଯାଏ ତେବେ ଉକ୍ତ ବିଷୟର ଭବିଷ୍ୟତ କଣ ହେବ । ନା ରହିବ ବିଷୟ, ନା ବିଭାଗ ନା ଅଧ୍ୟାପକ। କ୍ଲାସ ହେଉ କି ନ ହେଉ, ପାଠ୍ୟକ୍ରମ ସରୁକି ନସରୁ, କିନ୍ତୁ ପରୀକ୍ଷା ହେବ। ପରୀକ୍ଷାରେ ଲେଖୁକି ନଲେଖୁ, ପାସ କରାଇବା ଦାୟିତ୍ୱ ଅଧ୍ୟାପକମାନଙ୍କର। ଇନଟରନାଲ ପରୀକ୍ଷା ନିଜ ବିଭାଗର ଅଧ୍ୟାପକ ଅଧ୍ୟାପିକାମାନେ ମୂଲ୍ୟାୟନ କରୁଥିବାରୁ ଉତ୍ତର ଖାତାରେ ନିଜ ଇଚ୍ଛାମୁତାବକ ଅଙ୍କ ଦେବାରେ କୌଣସି ଅସୁବିଧା ହୁଏନାହିଁ। ଯଦି କେହି ପରୀକ୍ଷାରେ କିଛି ନ ଲେଖିଛି ତାକୁ ଆଉ ଥରେ ଡାକି ପୁଣି ପରୀକ୍ଷା ଲେଖିବାକୁ ଅଧ୍ୟାପକମାନେ ଖୁବ୍ ଯତ୍ନବାନ ହୋଇଥାନ୍ତି।

ଉଚ୍ଚଶିକ୍ଷା ବିଭାଗ ଅନୁସାରେ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅଧ୍ୟାପକମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଉଛି ମହାବିଦ୍ୟାଳୟରେ ପ୍ରବେଶ ନେଇଥିବା ଛାତ୍ରଛାତ୍ରୀଙ୍କୁ ପାସ କରାଇବାର ଗୁରୁଦାୟିତ୍ୱ। ନିଜ ଶିକ୍ଷାନୁଷ୍ଠାନରୁ ଯେତେ ପାସହାର ବଢିବ ସେ ଶିକ୍ଷାନୁଷ୍ଠାନ ପ୍ରତି ଛାତ୍ରଛାତ୍ରୀ ଓ ଅଭିଭାବକ ପ୍ରବେଶଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କରିବେ। ଅଧ୍ୟାପକ/ଅଧ୍ୟାପିକାମାନଙ୍କର ଅସାଧୁତା ଓ ଦାୟିତ୍ୱହୀନତା ପାଇଁ ଉଚ୍ଚଶିକ୍ଷା ଆଜି ନିମ୍ନଗାମୀ। ପରୀକ୍ଷା ମୂଲ୍ୟାୟନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହାର ଆଲୋଚନା ନିହାତି ଜରୁରୀ। ପରୀକ୍ଷାଖାତା ମୂଲ୍ୟାୟନ କେନ୍ଦ୍ରରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତରପତ୍ରକୁ ସାରିବାକୁ ପଡ଼ିଥାଏ। ଉଚ୍ଚଶିକ୍ଷାର ନିୟମ ଅନୁଯାୟୀ ପ୍ରତିଦିନ ପ୍ରଶ୍ନପତ୍ର ୨୫ଖଣ୍ଡ ଗ୍ରହଣ ସହ ମୂଲ୍ୟାୟନ ପାଇଁ ନିର୍ଦ୍ଧାରିତ ହୋଇଥାଏ। କିନ୍ତୁ ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ନିୟମିତ ଭାବେ ପ୍ରତିଦିନ ଖାତା ଦେଖନ୍ତିନାହିଁ କିନ୍ତୁ ପ୍ରତିଦିନର ଭତ୍ତା(ଡି.ଏ)ପାଇଁ ବିଲ୍ ପ୍ରସ୍ତୁତ କରନ୍ତି ଓ ସେମାନେ ତାହା ପାଇଥାନ୍ତି। ଏହା ମୂଲ୍ୟାୟନ କେନ୍ଦ୍ରର ଦାୟିତ୍ୱ ନା ଅବହେଳା ସେକଥା ଉଚ୍ଚଶିକ୍ଷା ବିଭାଗ କହିବେ? ଖାତା ଦେଖା ଅଧ୍ୟାପକଅଧ୍ୟାପିକାମାନଙ୍କ ପାଇଁ ଗୋଟେ ବଡ଼ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଖାତାଦେଖାରେ ଅର୍ଥ ଉପାର୍ଜନ ସହ ଶିକ୍ଷାନୁଷ୍ଠାନରୁ କିଛିଦିନ ଅବକାଶ ପାଇଥାନ୍ତି । ଅଧ୍ୟାପକମାନେ ମୂଲ୍ୟାୟନ ଅପେକ୍ଷା ନିଜ ବ୍ୟକ୍ତିଗତ କାମରେ ନେଇଥିବା ଅବକାଶକୁ ନିସନ୍ଦେହରେ ବିନିଯୋଗ କରନ୍ତି। କିନ୍ତୁ ମଝିରେମଝିରେ ଆସି ଖୁବବେଗରେ କେହି ଦିନକୁ ୧୦୦ ରୁ ୧୨୦ଖଣ୍ଡ , ୭୦ରୁ ୮୦ଖଣ୍ଡ ପୁଣି ୫୦ ରୁ ୬୦ଖଣ୍ଡ ଖାତା ମୂଲ୍ୟାୟନ କରିବାର ଆତ୍ମବଡିମା ଦେଖାନ୍ତି। ବରିଷ୍ଠ ପ୍ରାଧ୍ୟାପକମାନେ ୩/୪ଘଣ୍ଟା ମଧ୍ୟରେ ୬୦/୭୦ ଖଣ୍ଡ ପ୍ରଶ୍ନ ପତ୍ରଭି ମଲ୍ୟାୟନ କରିପାରନ୍ତି। କେନ୍ଦ୍ରରେ ମୂଲ୍ୟାୟନ କରୁଥିବା ସମୟରେ କିଛି ବରିଷ୍ଠ ପ୍ରାଧ୍ୟାପକ କହନ୍ତି ସରକାର ଆମକୁ ପରୀକ୍ଷାଖାତା ଦେଖିବାରେ ନିୟୋଜିତ କରିଛନ୍ତି ପଢିବାକୁ କହିନାହାନ୍ତି। ତେଣୁ ଖାତାପଢି ସମୟ ନଷ୍ଟକରି କ'ଣ ଲାଭ ମିଳିବ ?

ପ୍ରାଧ୍ୟାପକ ଓ ଅଧ୍ୟାପିକାମାନେ ଖାତା ମୂଲ୍ୟାୟନ କେବଳ ଖାତାର ପୃଷ୍ଠାସଂଖ୍ୟାକୁ ଆଧାର କରି ମୂଲ୍ୟାୟନ କରନ୍ତି। ଯେ ଯେତେ ଅଧିକ ଲେଖିଛି ସେ ସେତେ ଅଧିକ ଅଙ୍କ ପାଇବ ଏହା ସ୍ପଷ୍ଟଭାବରେ ଦେଖିବାକୁ ମିଳେ। ସେଇ ଗୋଟିଏ ଉତ୍ତରକୁ ଭିନ୍ନଭିନ୍ନଭାବେ ଏଠିସେଠି ପୁନରାବୃତ୍ତି ସତ୍ତ୍ୱେ ଅଙ୍କ ମିଳିବା ଥୟ। କେହିକେହି ନିଜ ବିଷୟ ପରୀକ୍ଷା ଖାତାରେ ଅନ୍ୟ ବିଷୟକୁ ଲେଖି ଅଙ୍କ ନେବାରେ ସଫଳ ହେଉଛନ୍ତି । ପରୀକ୍ଷା ଆଉ ମୂଲ୍ୟାୟନ ଏକ ପ୍ରହସନ ପାଲଟି ଗଲାଣି। ପାଠ ନପଢି କ୍ଲାସ ନକରି କୃତକାର୍ଯ୍ୟ ହୋଇପାରୁଛି ତେବେ କ୍ଲାସ କରିବାରେ କିଛି ଆବଶ୍ୟକତା ନାହିଁ। ଅଧ୍ୟାପକ/ଅଧ୍ୟାପିକାମାନେ ବି ମାନସିକସ୍ତରରେ ଆଶ୍ୱସ୍ତ ହେଲେଣି ଯେ ପିଲାମାନେ କ୍ଲାସ ନଆସି କୃତକାର୍ଯ୍ୟ ହେଇପାରୁଛନ୍ତି ତେବେ କ୍ଲାସ କରିବାର କିଛି ଆବଶ୍ୟକତା ନାହିଁ। ଏଠି ସମସ୍ତେ ଚିତ୍କାର କରନ୍ତି; ରକ୍ଷାକର ରକ୍ଷାକର, ହେଲେ କିଏ କାହାକୁ ରକ୍ଷା କରୁଛି। ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧିପାଇଛି କି ହ୍ରାସ ପାଇଛି ତାହା ଶିକ୍ଷାବିଭାଗର ପ୍ରଶାସନ ଦୃଷ୍ଟିନିକ୍ଷେପ କରିବେ। ଉଚ୍ଚଶିକ୍ଷା ବିଭାଗ ଧୃତରାଷ୍ଟ୍ର ହୋଇ ସବୁ ଶୁଣୁଛନ୍ତି କିନ୍ତୁ ଅନ୍ଧ ହୋଇ ବସିଛନ୍ତି। ବିଶୃଙ୍ଖଳିତ ଛାତ୍ରଛାତ୍ରୀଙ୍କୁ ନିୟନ୍ତ୍ରଣ ଓ ସଠିକ୍ ମାର୍ଗରେ ଆଣିବାକୁ ହେଲେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ସହ ଭବିଷ୍ୟତ ପାଇଁ ପରୀକ୍ଷା ଓ ମୂଲ୍ୟାୟନକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଭାବେ ଗ୍ରହଣ କରି ତାକୁ ପ୍ରଶାସନିକ ସ୍ତରରେ ଉପଯୁକ୍ତ ପଦକ୍ଷେପ ଓ କାର୍ଯ୍ୟନୁଷ୍ଠାନ ଗ୍ରହଣ କଲେ ନିଶ୍ଚିତ ଭାବରେ ଉଚ୍ଚଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆସିବ।

# ହିମାଳୟର ଚେତାବନୀ




ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯


ହିମାଳୟ ପାଦଦେଶରେ ଅବସ୍ଥିତ ରାଜ୍ୟଗୁଡିକରେ ଏବେ ଯେଉଁଭଳି ଭାବେ ବାରମ୍ବାର ବାଦଲଫଟା ବର୍ଷା ଓ ଭୂସ୍ଖଳନ ଏବଂ ବନ୍ୟାର ପ୍ରକୋପ ସୃଷ୍ଟି ହୋଇଛି ବୋଲି ତାହାକୁ ପାର୍ବତ୍ୟାଞ୍ଚଳର ଚେତାବନୀ ବୋଲି କୁହାଯାଇପାରିବ। ଚଳିତ ମୌସୁମୀ ଋତୁରେ ହିମାଳୟ ପାଦଦେଶରେ ଅବସ୍ଥିତ ହିମାଚଳ ପ୍ରଦେଶ, ଉତରାଖଣ୍ଡ ଏବଂ ଜାମ୍ମୁ-କାଶ୍ମୀରରେ ୧୪ଥର ବାଦଲଫଟା ସହ ଆକସ୍ମିକ ବନ୍ୟା, ଭୂସ୍ଖଳନ ଜନଜୀବନକୁ ପ୍ରଭାବିତ କରିଛି। ବାଦଲଫଟା ବର୍ଷା, ଆକସ୍ମିକ ବନ୍ୟା ଓ ଭୂସ୍ଖଳନରେ ହିମାଳୟ ରାଜ୍ୟଗୁଡିକରେ ମୃତ୍ୟୁ ସଂଖ୍ୟା ୧୦୦ ଟପିଥିଲାବେଳେ ହଜାର ହଜାର କୋଟି ଟଙ୍କାର ସମ୍ପତି କ୍ଷତିଗ୍ରସ୍ତ ହୋଇଛି। ବଡ ବଡ କୋଠା ଭୂଶୁଡି ପଡିବା ସହ ରାସ୍ତାଘାଟ ଧୋଇଯାଇଛି। ନିକଟରେ ଜାମ୍ମୁ-କାଶ୍ମୀରରେ ବାଦଲଫଟା ବର୍ଷାରେ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ବହୁ ବୈଷ୍ଣୋଦେବୀ ଶ୍ରଦ୍ଧାଳୁ ଅନ୍ତର୍ଭୁକ୍ତ ଥିବା କୁହାଯାଇଛି। ଆକସ୍ମିକ ବନ୍ୟା ସେମାନଙ୍କୁ ଭସାଇ ନେବା ସହ ପଥରଖଣ୍ଡର ଭଗ୍ନତା ତଳେ ପୋତି ଦେଇଥିବା ରିପୋର୍ଟ ପ୍ରକାଶ ପାଇଛି। ଗଲା ବୁଧବାର ଦିନ ଜାମ୍ମୁ ଅଞ୍ଚଳରେ ବନ୍ୟାର ବିଭିଷିକା ସୃଷ୍ଟି କରିଛି। ପଞ୍ଜାବରେ ହଜାର ହଜାର ଗ୍ରାମ ବନ୍ୟା ଜଳ ଘେରରେ ରହିଥିବାବେଳେ ଚାଷଜମି ଗୁଡିକ ଜଳପ୍ଲାବିତ ହୋଇଯାଇଥିଲା। ଯମୁନା, ସିନ୍ଧୁ ଓ ସତଲେଜ୍ ନଦୀରେ ବନ୍ୟାରେ ଜନଜୀବନ ଠପ୍ ହୋଇଯାଇଥିଲା। କେବଳ ଏତିକି ଦିଲ୍ଲୀରେ ପ୍ରବଳ ବର୍ଷାରେ ରାସ୍ତାଘାଟଗୁଡିକ ବୁଡି ଯାଇଥିଲା। ଯମୁନା ନଦୀର ଜଳପତନ ବୃଦ୍ଧି କରିଥିଲା। ଚଳିତ ବର୍ଷ ଦକ୍ଷୀଣ ପଶ୍ଚିମ ମୌସୁମୀ କେବଳ ହିମାଳୟ ରାଜ୍ୟଗୁଡିକରେ ନୁହେଁ, ସମଗ୍ର ଉତର ଭାରତୀୟ ଅଂଚଳରେ ବର୍ଷାର ତାଣ୍ଡବ ରଚିଛି। ବାଦଲଫଟା ତଥା ଅପ୍ରତ୍ୟାଶିତ ବର୍ଷା ଏବେ ଜନଜୀବନ ପାଇଁ ବିପର୍ଯ୍ୟାୟର କାରଣ ହୋଇଛି। ଏହା ନିସନ୍ଦେହ ଯେ, ପ୍ରକୃତି ଉପରେ ମଣିଷର ଅତ୍ୟାଚାର ଯେତିକି ଯେତିକି ବଢିଚାଲିଛି, ପ୍ରକୃତିର ପ୍ରକୋପ ସେତିକି ସେତିକି ଉଗ୍ର ହେବାରେ ଲାଗିଛି। ହିମାଳୟ ରାଜ୍ୟଗୁଡିକରେ ମାତ୍ର ମାସକ ମଧ୍ୟରେ ଯେଉଁଭଳି ପ୍ରାକୃତିକ ବିପର୍ଯ୍ୟାୟ ଘଟଣାମାନ ଘଟିଛି, ଏହା ହେଉଛି, ତାର ଜ୍ୱଳନ୍ତ ଉଦାହରଣ। ପାର୍ବତ୍ୟାଞ୍ଚଳରେ ବାରମ୍ବାର ନିର୍ମାଣ କାର୍ଯ୍ୟ, ପଥର ଖଣ୍ଡକୁ ବିସ୍ଫୋରଣ ଦ୍ୱାରା ଫୁଟାଇବା, ଖନନ, ଆଖିବୁଜା ଗଛ କଟା ଆଦି ହିମାଳୟ ପାଦଦେଶରେ ବସବାସ କରୁଥିବା ଜନସାଧାରଣଙ୍କୁ ଅସୁରକ୍ଷିତ କରିଦେଇଛି। ଗତ ସପ୍ତାହରେ ଲୋକଭସଭାରେ କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରୀ ଜିତେନ୍ଦ୍ର ସିଂହ ସୂଚନା ଦେଇଥିଲେ ଯେ, ଦେଶରେ ସର୍ବାଧିକ ଭୂସ୍ଖଳନ ପ୍ରବଣ ଅଂଚଳ ମଧ୍ୟରେ ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଓ ଉତରାଖଣ୍ଡ ହେଉଛି ଅନ୍ୟତମ। ଜାମ୍ମୁ-କାଶ୍ମୀରର ୧୨ପ୍ରତିଶତ ଅଞ୍ଚଳ ଅତିମାତ୍ରାରେ ସହଜରେ ପ୍ରଭାବିତ ହୋଇଥିବା ବର୍ଗ ଅନ୍ତର୍ଭୁକ୍ତ। ନିକଟରେ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ(ଜିଏସଆଇ) ହିମାଳୟ ଅଞ୍ଚଳରେ ସହଜରେ ପ୍ରଭାବିତ ହୋଇପାରୁଥିବା ଭୂସ୍ଖଳନ ଇଲାକାର ସର୍ଭେ ସମ୍ପୂର୍ଣ୍ଣ କରିଛି। ହିମାଳୟ ଅଞ୍ଚଳରେ ଜୈବିକ ବିବିଧତାର କ୍ରମାଗତ କ୍ଷୟ ଯୋଗୁଁ ଏବେ ଏହି ଅଂଚଳଗୁଡିକ ଇକୋ-ସେନସଟିଭ୍ ଯୋନ ହୋଇଯାଇଛି। ବୈଜ୍ଞାନିକମାନଙ୍କ କଡା ଚେତାବନୀ ସତ୍ତ୍ୱେ ଜଙ୍ଗଲ କ୍ଲିଅରାନ୍ସ, ରାସ୍ତା ନିର୍ମାଣ, ବିଭିନ୍ନ ପ୍ରକଳ୍ପ ନିର୍ମାଣ ପରିବେଶକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ବହୁ ପ୍ରାକୃତିକ ବିପର୍ଯ୍ୟାୟକୁ ଆମନ୍ତ୍ରଣ କରୁଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ପ୍ରବଳ, ଅତିପ୍ରବଳ, ବାଦଲପଟା ବର୍ଷା, ଅକସ୍ମିକ ବନ୍ୟା, ଭସ୍ଖଳନ ଏବଂ ମାଟି ଦବିବା। ସେହି ନଦୀ ଅବବାହିକାରେ ନୂଆ ନୂଆ ଜନବସତିମାନ ଗଢି ଉଠିବା ଯୋଗୁଁ ନଦୀର ଗତିପଥ ସଂକୁଚିତ ହେବା ଯୋଗୁଁ ବନ୍ୟା ତାଣ୍ଡବ ସୃଷ୍ଟି କରୁଛି। ଉଲ୍ଲେଖଯୋଗ୍ୟ ଯେ, ଜଳବାୟୁ ପରିବର୍ତନର ପ୍ରଭାବ ଦ୍ୱାରା ଏବେ ବିଭିନ୍ନ ପ୍ରାକୃତିକ ଧାରା ପ୍ରକ୍ରୀୟାରେ ବ୍ୟାପକ ପରିବର୍ତନ ଘଟିବା ସହ ବନ୍ୟା, ବାତ୍ୟା, ମରୁଡି, ଭୂସ୍ଖଳନ, ଭୂମିକମ୍ପ ଆଦି ପ୍ରାକୃତିକ ବିପର୍ଯ୍ୟାୟ ଘଟଣା ବଢିବାରେ ଲାଗିଛି। ପଶ୍ଚିମଘାଟ ପାର୍ବତ୍ୟମାଳାରେ ଜଳବାୟୁ ପରିବର୍ତନ ଗତ ଏକ ଦଶନ୍ଧି ତଳେ ଦେଖିବାକୁ ମିଳିଥିଲା ବୋଧହୁଏ ଏହାର ପରିଣତିକୁ କେହି ଭୁଲି ନଥିଲେ। ଉଲ୍ଲେଖଯୋଗ୍ୟ ଯେ, ଭୂମଧ୍ୟ ସାଗରରେ ସାଧାରଣତଃ ଶୀତ ଓ ବସନ୍ତ ଋତୁରେ ଲଘୁଚାପମାନ ସୃଷ୍ଟି ହୋଇଥାଏ। ମାତ୍ର ଜଳବାୟୁ ପରିବର୍ତନ ପ୍ରଭାବରେ ଏବେ ଏହା ଗ୍ରୀଷ୍ମ ଓ ମୌସୁମୀ ଋତୁରେ ସୃଷ୍ଟି ହୋଇ ଏସୀଆ ଓ ଉତର ଭାରତୀୟ ଅଞ୍ଚଳରେ ପ୍ରବେଶ କରିଛି। ଉତର ଭାରତୀୟ ଅଞ୍ଚଳରେ ଏହାର ପ୍ରବେଶ ଦକ୍ଷିଣ-ପଶ୍ଚିମ ମୌସୁମୀକୁ ଉଗ୍ର କରିବା ସହ ଜଳପ୍ରଳୟ ଏବଂ ବାଦଲଫଟା ବର୍ଷାର କାରଣ ହୋଇଛି। ବୈଜ୍ଞାନିକ, ପରିବେଶବିତ୍ ଏବଂ ପାଣିପାଗ ବିଶାରଦମାନଙ୍କ ଚେତାବନୀକୁ ଦୃଷ୍ଟିରେ ରଖି ହିମାଳୟ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର, ରାଜ୍ୟ ସରକାର, ନୀତିନିର୍ଦ୍ଧାରକ ଏବଂ ଯୋଜନା ନିର୍ଦ୍ଧାରକମାନେ କାର୍ଯ୍ୟ କରିବା ଜରୁରୀ। ଅନ୍ୟଥା ଦେବଭୂମି ଅସୁରକ୍ଷିତ ହୋଇପଡିବା ସାର ହେବ।

# ପାରିଜାତ ପୁଷ୍ପରେ ଧୂଳିଫୁଲର ମହକ




ଇଂ ସତ୍ୟନାରାୟଣ ମାଝୀ
ଏକତାଳୀ, ଯଶିପୁର, ମୟୂରଭଞ୍ଜ
ମୋ: ୯୪୩୮୫୩୭୦୧୩


ଅଧୁନାତନ କାହାକୁ କେମିତି ଆଚରଣ ଓ ଉଚ୍ଚାରଣ କରାଯିବ ତାର ସୌଜନ୍ୟତା ହ୍ରାସ ପାଇଲାଣି। ଯୁଗାନୁସାରେ ଆମେ ସମସ୍ତେ ଅଧୁନା ପାଶ୍ଚାତ୍ୟ ସଭ୍ୟତାର ସୀମା ସରହଦକୁ ଭେଦ କରିସାରିଛନ୍ତି। ସଭ୍ୟତାକୁ ଉଚ୍ଚତମ ଶିଖରରେ ପହଞ୍ଚାଇବାର ପରିକଳ୍ପନାରେ ଆମେ କେତେବେଳେ ଯେ ପାଶ୍ଚାତ୍ୟର ପରିସୀମା ଭିତରେ ହଜିଯାଇଛେ ତାକୁ ଆମେ ମଧ୍ୟ ଜାଣିପାରୁନାହାଁନ୍ତି। ସେଥିରେ କେବଳ ଯେ ଆମର ପୂର୍ବସୁରୀ ଓ ମାର୍ଗଦର୍ଶକମାନେ ହିଁ ଦାୟୀ କହିଲେ ଭୁଲ୍ ହୋଇଯିବ ।କାରଣ ଜଳବାୟୁ ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ଆମର ଦୈନନ୍ଦିନ ଜୀବନର ସବୁ କାର୍ଯ୍ୟରେ ପରିବର୍ତ୍ତନ ଆସିଯାଇଛି ।କିନ୍ତୁ ଆମେ ବିକାଶର ଶିଖର ଆଡକୁ ଆମର ଗତିବିଧିକୁ କ୍ଷୀପ୍ର ଗତିରେ ବଢାଉଛୁ ବୋଲି ଅବତାରଣା କରିବା ମଧ୍ୟ ଏକ ଭ୍ରାନ୍ତ ଧାରଣା।

କାରଣ ସାଧାରଣରେ ଆଜି ଆପଣ ସମସ୍ତେ ଉପଲବ୍ଧି କରିପାରୁଥିବା ଗୁରୁଶିଷ୍ୟ, ପିତାପୁତ୍ର, ସ୍ୱାମୀସ୍ତ୍ରୀ, ଭାଇଭଉଣୀ, ମାଲିକଚାକର ଏବଂ ଅନ୍ୟ ସବୁକ୍ଷେତ୍ରରେ ପ୍ରାୟତଃ ଆଚରଣ ଓ ଉଚ୍ଚାରଣ ଆଦିରେ ଆମୂଳଚୂଳ ପରିବର୍ତ୍ତନ ଆସିଛି। ସମ୍ମାନ ଦେବା ତ ଦୂରର କଥା ସୌଜନ୍ୟବୋଧତାରେ ବ୍ୟତିକ୍ରମ ଆସିଛି। ଶିଷ୍ୟ ଭୁଲିଯାଉଛି କେମିତି ବ୍ୟବହାର କରିବ ଗୁରୁଙ୍କୁ।

ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବି ଅନେକଙ୍କ କ୍ଷେତ୍ରରେ ବହୁଳ ପରିବର୍ତ୍ତନ ହୋଇଛି। ଆଗରୁ ଗାଁମାନଙ୍କରେ କୌଣସି ସ୍ଥାନରେ ବଡମାନେ ବସିଥିଲେ ଛୋଟପିଲାମାନେ ସେଠାକୁ ଯିବାକୁ ଭୟ କରୁଥିଲେ। କାରଣ ସେତେବେଳର ଅନୁଶାସନ ତୁଳନାରେ ବର୍ତ୍ତମାନ ବହୁ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ସବୁଥିରେ ପରିବର୍ତ୍ତନ ହେବା ନୁହଁ ଯେ ଆମେ ସୌଜନ୍ୟତା ହରାଇ ବସିବା। ସମ୍ପ୍ରତି ଶିଶୁ କିଶୋର ଅବସ୍ଥାକୁ ନ ପହଞ୍ଚୁଣୁ ମଦ, ମାଦକଦ୍ରବ୍ୟ, ହତ୍ୟା, ନିର୍ଯାତନା ଓ ଲୁଣ୍ଠନ ଭଳି ଚିତ୍ରକୁ ନିଜ ଆଖିରେ ଦେଖିପାରୁଛି। ଯୁଗ ଅନୁସାରେ ଟିଭି, ମୋବାଇଲ୍, ଇଣ୍ଟରନେଟ୍, ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ଇତ୍ୟାଦି ହାତ ପାହାନ୍ତାରେ। ସକରାତ୍ମକ ଦୃଷ୍ଟିରୁ ଦେଖିବାକୁ ଗଲେ ସବୁ କାର୍ଯ୍ୟ ତଥା ସଂସ୍କୃତି ପରମ୍ପରା ଆଦିର ଅପଗ୍ରେଡ୍ ହେଉଥିବାରୁ ପରିବର୍ତ୍ତନ ଜରୁରି।

କିନ୍ତୁ ସୌଜନ୍ୟତାକୁ ଦୃଷ୍ଟିରେ ରଖି ଆମ୍ଭେ ବିଚାର କରିବା ଆବଶ୍ୟକ। ସାମାନ୍ୟ ବ୍ୟବହାରିକ ଦୃଷ୍ଟିକୋଣରୁ ସବୁ କ୍ଷେତ୍ରରେ ସମ୍ବେଦନଶୀଳତା ଆସିବା ଆବଶ୍ୟକ। ପୂର୍ବରୁ ଗୁରୁକୁଳର ଶିଷ୍ଟାଚାର ଭଳି ବର୍ତ୍ତମାନର ଜଣେ ଛାତ୍ର ନିଜକୁ ତିଆରି କରିବା ଅସମ୍ଭବ ସତ। କିନ୍ତୁ ସାମାଜିକ ଦୃଷ୍ଟିରୁ ତାହା ମଧ୍ୟ ଜରୁରି। କାରଣ ବର୍ତ୍ତମାନର ପବ୍ଲିକ ସ୍କୁଲ ତଥା ମିଶନାରୀ ସ୍କୁଲ ନାମରେ ଶିକ୍ଷା ପ୍ରଚାର ପ୍ରସାର ହେତୁ ଆମ ପାରମ୍ପରିକତା ହ୍ରାସ ପାଉଛି। ଯୁଗ ଯୁଗର ସାମାଜିକ ବିବର୍ତ୍ତନ ଶେଷରେ ଆମେ ଆଜି ସଭ୍ୟ ସଂସ୍କୃତ ମାର୍ଜିତ ରୁଚିବନ୍ତର ଡେଙ୍ଗୁରା ପିଟୁଛୁ। ଅତୀତରେ ଅରଣ୍ୟ ମଧ୍ୟରେ ବାସ କରୁଥିବା ପ୍ରାଣୀମାନଙ୍କର ଚରିତ୍ର, ଆଚରଣ ଓ ପ୍ରବୃତ୍ତିରେ ଯେମିତି ପରିବର୍ତ୍ତନ ଘଟି ସମସ୍ତ ସ୍ୱାଭାବିକ ଯାନ୍ତବ ପ୍ରବୃତି ସତ୍ତ୍ୱେ ଏକ ଉନ୍ନତ ଓ ମାର୍ଜିତ ସୌଜନ୍ୟତା ଦାବି କରୁଛୁ। ଏହାର ମୂଳରେ ନିତିନିୟମ, ଶୃଙ୍ଖଳା, ସଂଯମତା, ଶାଳୀନତା, ସଂସ୍କାର ଓ ଶିଷ୍ଟତାକୁ ବଳି ପକାଉଛୁ। ନିଜକୁ ଭଦ୍ର ଓ ମାର୍ଜିତ ତଥା ନିତିମୟ ଜୀବନର ଆଦର୍ଶକୁ ଭୁଲିଯାଉଛୁ। ଫଳରେ ଆମର ସାମାଜିକ ସରସତା ଓ ସୁନ୍ଦରତାରୁ ଦୂରେଇଯାଉଛି। ସତପ୍ରବୃତ୍ତ ଭାବରେ କହିବାକୁ ଗଲେ ସେଦିନର ଗୁରୁକୁଳ ଆଜିର ଅତ୍ୟାଧୁନିକ ହଷ୍ଟେଲ୍ ରହଣି ବ୍ୟବସ୍ଥାରେ ଆବଦ୍ଧ ପିଲାଟିଏ ଗାଁକୁ ଆସିଲେ ଭୁଲିଯାଉଛି ନିଜର ସଂସ୍କୃତି, ପରମ୍ପରା, ଐତିହ୍ୟ, ଲୋକଗୀତ, ପରିଧାନ, ବାଦ୍ୟନୃତ୍ୟ ଆଦି ସମ୍ପର୍କରେ। ବେଳେବେଳେ ଜଣେ ବରିଷ୍ଠଙ୍କ ସାମ୍ନାରେ ମଧ୍ୟ ରକ୍ଷା କରାଯାଉନାହିଁ ଶାଳୀନତା ଏବଂ ତାକୁ ସାମ୍ନା କରି ଚୁପ୍ ମଧ୍ୟ ରହିବାକୁ ପଡୁଛି। ସଂଯମତା ତ ଆମେ ଏପରିକି ଆଚରଣ ଉଚ୍ଚାରଣରୁ ଖାଦ୍ୟପେୟ ପର୍ଯ୍ୟନ୍ତ ସବୁଠାରେ ହରାଇ ବସିଛୁ। ନିତିନିୟମର ପାଳନ କରିବାଟା ମଧ୍ୟ ସୁବିଧାବାଦୀ ମଣିଷ ପାଇଁ କଷ୍ଟସାଧ୍ୟ ହୋଇପଡିଛି। ସତେ ଯେମିତିକି ସପ୍ନାଲୋକର ପାରିଜାତ ପୁଷ୍ପରେ ଧୂଳି ଫୁଲର ମହକ ପରି ମନେ ହେଉଛି। ସାମାଜିକ ପରମ୍ପରାକୁ ଉଜ୍ଜୀବିତ ରଖିବା ଏବଂ ଉତ୍‌ଥାନ କରିବାକୁ ହେଲେ ବର୍ତ୍ତମାନର ଯୁବସମାଜ ହିଁ ଦାୟୀ ରହିବ। ସାମ୍ପ୍ରତିକ ପରିସ୍ଥିତିରେ ସୌଜନ୍ୟତାର ଗୁଣବତ୍ତାକୁ ସଂରକ୍ଷିତ ତଥା ବୃଦ୍ଧି କରିବାକୁ ହେଲେ ପ୍ରଥମ ନିଜ ପରିବାରରୁ ଆରମ୍ଭ କରିବାକୁ ହେବ ।ପିଲାଟିର ବୁଦ୍ଧି ବିବେକ ହେବାବେଳରୁ ହିଁ ପିତାମାତା ସୁଜାଗ୍ରତ ହେବ ଆବଶ୍ୟକ। ଗୁରୁଜନ, ବୁଦ୍ଧିଜୀବି, ଆଇନଜ୍ଞ ତଥା ସମାଜ ସଂସ୍କାରକମାନେ ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଜରୁରି।

# ଆର୍ଯ୍ୟ ମାନବ ଜୀବନାଦର୍ଶ ଓ ଜୀବନଚର୍ଯ୍ୟା


ଦେବଦ୍ୟୁତି ସ୍ୱାଇଁ
ମେରିଆ ବଜାର, କଟକ
ମୋ- ୯୩୪୮୮୨୨୫୧୨


ସଦ୍‌ଗୁରୁ ହେଉଛନ୍ତି ସ୍ୱର୍ଗୀୟ ଦିବ୍ୟ ଚେତନାର ଏକ ସ୍ଥୂଳ ରୂପ। ବାସ୍ତବରେ ଭକ୍ତମାନେ ପ୍ରଥମେ ସଦ୍‌ଗୁରୁଙ୍କର ସ୍ଥୂଳରୂପକୁ ପୂଜା କରିଥାନ୍ତି। ହିନ୍ଦୀ ଭାଷାରେ ସାକାରର ଅର୍ଥ ହେଉଛି ଯାହାର ଏକ ନିର୍ଦ୍ଦିଷ୍ଟ ଆକାର ଅଛି ଏବଂ ସଗୁଣ ଅର୍ଥ ଦିବ୍ୟ ସ୍ୱଭାବ ସଂପନ୍ନ। ଆମ ଭିତରୁ ଅନେକଙ୍କ ଭିତରେ ଜିଜ୍ଞାସା ହୋଇଥାଏ ଯେ ସଦ୍‌ଗୁରୁ ଯେପରି ସଗୁଣ ସାକାର ମନ୍ଦିରରେ ପୂଜା ପାଉଥିବା ବିଗ୍ରହ ମଧ୍ୟ ସେହିପରି ସାକାର। ତେବେ ଏହି ଦୁଇଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ଓ ଏମାନଙ୍କ ପୂଜାରେ ଭିନ୍ନତା କ'ଣ ଅଛି ? ବିଗ୍ରହ ଏବଂ ସଦଗୁରୁଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି ବିଗ୍ରହଗୁଡ଼ିକ ନିର୍ଜୀବ ପଦାର୍ଥ ଯଥା ପଥର, ଧାତୁ ବା ଅନ୍ୟ ପଦାର୍ଥରେ ତିଆରି ହୋଇଥିବାବେଳେ ସଦଗୁରୁ ଜୀବନ୍ତ ତଥା ଚିଦାନନ୍ଦ ଦିବ୍ୟତ୍ୱର ଅଧିକାରୀ। ସେଥିପାଇଁ ବିଗ୍ରହମାନଙ୍କର ପ୍ରତିଷ୍ଠା ବେଳେ ପ୍ରାଣ ପ୍ରତିଷ୍ଠା କରାଯାଏ ଏବଂ ସେ ବିଗ୍ରହରେ ପ୍ରାଣ ସଞ୍ଚାର କରିବା ପାଇଁ ପୂଜକ ପ୍ରାଣମନ୍ତ୍ର ଉଚ୍ଚାରଣ କରିଥାନ୍ତି। ସେହିପରି ଯେତେବେଳେ ମନ୍ଦିରକୁ ହଜାର ହଜାର ଭକ୍ତ ଯାଇ ସେମାନଙ୍କ ଆଧ୍ୟାତ୍ମିକ ଭାବନାରେ ବିଗ୍ରହଗୁଡ଼ିକୁ ପୂଜା କରନ୍ତି, ସେତେବେଳେ ସେ ବିଗ୍ରହରେ ଦିବ୍ୟତ୍ୱର ସଞ୍ଚାର ହୁଏ ଓ ଐଶ୍ୱରୀୟ ଶକ୍ତିର ମଧ୍ୟ ସଞ୍ଚାର ହୁଏ। ତେବେ ସଦଗୁରୁ ଏବଂ ବିଗ୍ରହଙ୍କ ମଧ୍ୟରେ ଅନ୍ୟ ଏକ ପାର୍ଥକ୍ୟ ହେଉଛି ବିଗ୍ରହଙ୍କ ଠାରୁ ଆଶୀର୍ବାଦ ପାଇବାକୁ ହେଲେ ପୂଜା ପ୍ରାର୍ଥନାର ଆବଶ୍ୟକ ହେଉଥିବାବେଳେ ବିନା ପୂଜାରେ ସଦଗୁରୁଙ୍କ ଆଶିଷ ମିଳିଥାଏ। ସେହିପରି ଈଶ୍ୱରଙ୍କୁ ଉପଲବ୍ଧି କରିଥିବା ସଦଗୁରୁ ତାଙ୍କର ଦିବ୍ୟ ଅନୁଭବ ସହ ଭକ୍ତଙ୍କୁ ସଂଯୋଜିତ କରିପାରନ୍ତି। କିନ୍ତୁ ଗୋଟିଏ ବିଗ୍ରହ ମାଧ୍ୟମରେ ଦିବ୍ୟତ୍ୱକୁ ପ୍ରାପ୍ତ ହେବା ସମ୍ଭବ ନୁହେଁ।

ଆମ ମାତୃଭୂମି ଭାରତ ହେଉଛି ମହାନ ଆର୍ଯ୍ୟ ସନାତନ ସଂସ୍କୃତିର ପବିତ୍ର ଭୂମି। ଆମ୍ଭେ ଅନୁଷ୍ଠାନର ସଦସ୍ୟ ଓ ସଦସ୍ୟାବୃନ୍ଦ ମାନବ ଜୀବନର ପରମ ଉଦ୍ଧାତା ଯୁଗାବତାର ଯୁଗପୁରୁଷୋତ୍ତମ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଭାବଧାରାରେ ଉଦବୃଦ୍ଧ ହୋଇ ଭଗବତ ପ୍ରେରଣାବଳରେ ଅତୀତ ଆର୍ଯ୍ୟାବତାର ଜୀବନ ଧାରାକୁ ଅନୁଭବ କରି ତଦନୁରୂପ ଭାବରେ ତାହାର ସମ୍ୟକ ରୂପରେଖକୁ ଅଧୁନାତନ ଯୁବ ସମାଜ ଓ ବ୍ୟକ୍ତିବିଶେଷଙ୍କର ଜୀବନରେ ପ୍ରତିଫଳିତ କରିବାର ବଳିଷ୍ଠ ଆଶା ରଖି ଅନୁରୂପ ଭାବଧାରା ପରିବେଷଣ କରିଆସୁଛୁ ଏବଂ ଆଶା କରୁକି ଉଦ୍‌ଭ୍ରାନ୍ତ ଯୁବ ସମାଜ ଏହି ଭାବ ଧାରାକୁ ଅନୁସରଣ କରି ଅତୀତ ଗୌରବ ଆର୍ଯ୍ୟାବ୍ରତ ପ୍ରତି ଆକର୍ଷିତ ହୋଇ ବର୍ତ୍ତମାନର ପୁରୁଷୋତ୍ତମଙ୍କୁ ଆଦର୍ଶ ବୋଲି ମାନିନିଅନ୍ତୁ ଯାହାଫଳରେ ସେମାନଙ୍କର ଜୀବନ ଶୈଳୀରେ ଅଭୂତପୂର୍ବ ପରିବର୍ତ୍ତନ ଆସିବାର ନିଶ୍ଚିନ୍ତ ସୁଯୋଗ ମିଳିବ। ସାଧୁ ହେଲେ ସାଧୁ ଚିନ୍ତା ମନକୁ ଆସେ, ସାଧୁ ସାଜିଲେ ବ୍ୟର୍ଥ ଯୋଜନା ମନକୁ ଆସେ। ସ୍ୱାର୍ଥ ସାଧନ ପାଇଁ ସାଧୁମାନେ କେବଳ ସାବଧାନ ହୋଇ ଅଗ୍ରଗତି କରନ୍ତି। ଉଚ୍ଚ ଆଦର୍ଶକୁ ଆଦରି ନିଅନ୍ତି। ଗୁରୁ ମନ୍ତ୍ରରେ ଶକ୍ତି ଅନୁଭବ କରି ସାରା ପରିବାରର ଉନ୍ନତି ସାଧନ କରିପାରନ୍ତି। ପରିବାର ମଧ୍ୟରେ ଭଗବାନ ଏବଂ ଭଗବତୀ ପରି ପିତାମାତା ପୂଜା ପାଇବାକଥା। ଯାହା ଆର୍ଯ୍ୟାବର୍ତ୍ତର ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିଥିଲେ।

ଭଗବାନଙ୍କୁ ଜାଣିବାରେ ବ୍ୟକ୍ତି ଜୀବନ ସାର୍ଥକତା ଲାଭ କରେ। ଜୀବନର ଉଦ୍ଦେଶ୍ୟ ଯେହେତୁ ଭଗବାନଙ୍କୁ ଜାଣିବା ତେଣୁ ପ୍ରଥମ ପର୍ଯ୍ୟାୟରେ ସେ ଭଗବାନଙ୍କୁ ଜାଣିପାରିବାର ସୁଯୋଗ ପାଇଲେ ପରବର୍ତ୍ତୀ ଜୀବନଟି ଶୃଙ୍ଖଳିତ ହୁଏ। ଏହା ନିଶ୍ଚିନ୍ତ ସତ୍ୟ ପ୍ରତ୍ୟେକ ପ୍ରାଣୀ ଅନ୍ତରରେ ଭଗବାନ ଅଛନ୍ତି ଏବଂ ସୁପ୍ତ ଭାବରେ ଅଛନ୍ତି। ଭଗବତବିଚ୍ଛେଦ ହିଁ ସକଳ ମାନବୀୟ ଦୁଃଖ-ଦୁର୍ଦ୍ଦଶାର ମୂଳକାରଣ, ସମସ୍ତ ମାନୁଷୀ ସମସ୍ୟାର ହେତୁ। ସେହି ବିଚ୍ଛେଦ ବା ବିଭାଗ ହିଁ ବନ୍ଧନ ଆଣିଦିଏ। ଯୋଗଦ୍ୱାରା, ଭକ୍ତି ଦ୍ୱାରା, ଜ୍ଞାନଦ୍ୱାରା, ବିଚାରଦ୍ୱାରା, ବିବେକଦ୍ୱାରା, ସାଧନାଦ୍ୱାରା, ସେହି ବିଚ୍ଛେଦର, ସେହି ତୁଟା-ସମ୍ପର୍କର ଅବସାନ ଘଟାନ୍ତୁ। ଭଗବତ ଅନନ୍ୟତାର, ଭଗବତ ସାନିଧ୍ୟର, ସେହି ପରମସୁଖଦାୟୀ ଅବସ୍ଥାକୁ ସର୍ବଦା ଅତୁଟ କରି ରଖିବାକୁ ନିଷ୍ଠାର ସହିତ, ଐକାନ୍ତିକତାର ସହିତ ଉଦ୍ୟମ କରି କରି ସଂସାରଦୁଃଖକୁ ଅତିକ୍ରମ କରିଯାଆନ୍ତୁ; ଅଜ୍ଞାନ ଅନ୍ଧକାରକୁ ବିନାଶ କରି, ବନ୍ଧନରୁ ମୁକ୍ତ ହୋଇ ପରମଦିବ୍ୟଜ୍ଞାନର ଆଲୋକ ନିକଟକୁ ଚାଲି ଆସନ୍ତୁ। ତାହା ହିଁ ବିଜ୍ଞତା। ଆଜି ଏହି ଶୁଭକ୍ଷଣରୁ ସେହି ବିଜ୍ଞତାର ପଥ ଧରିନିଅନ୍ତୁ। ଆପଣ ପରମାନନ୍ଦ ପାଇବେ। ପରମେଶ୍ୱର ଆପଣଙ୍କର ସାଧନାକୁ ସାଫଲ୍ୟମଣ୍ଡିତ କରନ୍ତୁ। ଗୁରୁଦେବଙ୍କ ଆଶୀର୍ବାଦରେ ଆପଣଙ୍କର ଅଭିଳାଷ, ଆପଣଙ୍କର ସତକାମନା ପରିପୂର୍ଣ୍ଣ ହେଉ। ଯାହା ଜୀବନକୁ ସୁଖ ଏବଂ ନୀତିନିଷ୍ଠ କରିଥାଏ ତାହା ହିଁ ଧର୍ମ। ମଣିଷ ନିଜ ଧର୍ମ ପ୍ରତି ନିଷ୍ଠାବାନ ରହିବା ଉଚିତ ବୋଲି ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି। କର୍ତ୍ତବ୍ୟ ନିର୍ବାହରେ ଯଦି ପ୍ରାଣ ତ୍ୟାଗ କରିବାକୁ ହେଲା, ତେବେ ମଧ୍ୟ ପଶ୍ଚାତ୍‌ପଦ ହେବାର ନାହିଁ। ଅନ୍ୟର କର୍ତ୍ତବ୍ୟ ନିର୍ବାହରେ ବିଘ୍ନ ଘଟାଇବା ବି ଅନୁଚିତ। ମଣିଷ ନୈତିକ କର୍ତ୍ତବ୍ୟ ପାଳନ କରିବା ହିଁ ଧର୍ମ। ଭଗବତ୍ ଗୀତାରେ ଯେଉଁଠାରେ ମଧ୍ୟ ଧର୍ମ ଶବ୍ଦର ଉଲ୍ଲେଖ କରାଯାଇଛି - ତାହାର ଅର୍ଥ ରହିଛି କର୍ତ୍ତବ୍ୟ ନିର୍ବାହ କରିବା। ତେଣୁ କର୍ତ୍ତବ୍ୟ ହିଁ ଧର୍ମ ଏବଂ କର୍ତ୍ତବ୍ୟ ପାଳନ କରୁଥିବା ବ୍ୟକ୍ତି ଧାର୍ମିକଂ।



ଜଗତସିଂହପୁର(ଭାସ୍କର ନ୍ୟୁଜ): କୃତୀ ଶିକ୍ଷକ, ଦକ୍ଷ ସଂଗଠକ ଓ ସୁସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପଳାଶୋଳ ସ୍ଥିତ ୟୁଥ ହେଲପିଂ ବଏ ଚାରିଟେବୁଲ ଟ୍ରଷ୍ଟ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଗଗନ ବିହାରୀ ବିଶ୍ୱାଳ ସ୍ମୃତି ପରିଷଦର ବରିଷ୍ଠ ସଦସ୍ୟ ବିଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପରିଷଦର ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ତାଙ୍କ ବକ୍ତବ୍ୟରେ ସୁସାହିତ୍ୟିକ ସ୍ୱର୍ଗତ ଗଗନ ବିହାରୀ ବିଶ୍ୱାଳଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଆସନ୍ତା ୧୪ ତାରିଖ ରବିବାର ଦିବା ୧୦ ଘଟିକାରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ । ପୂଜ୍ୟ ପୂଜାର ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ପରିଷଦର ଉପଦେଷ୍ଟା ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ଉପ ସଭାପତି ତପନ କୁମାର ରାଉତରାୟ, ଯୁଗ୍ମ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ଦେଇଥିଲେ । ଶେଷରେ ସାହିତ୍ୟିକଙ୍କ ସୁପୁତ୍ର ତଥା ପରିଷଦର କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାମନଗର ଏନ୍ଏସିକୁ ୩ କୋଟି ପୁରସ୍କାର ରାଶି ଗ୍ରହଣ କଲେ ଅଧକ୍ଷା

ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଚଳିତ ବର୍ଷ ଟିକସ ଆଦାୟରେ ଧାମନଗର ରାଜ୍ୟରେ ପ୍ରଥମ ହୋଇଥିବାରୁ ବିଜ୍ଞାପିତ ଅଂଚଳ ପରିଷଦକୁ ରାଜ୍ୟ ସରକାର ୩ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପୁରସ୍କାର ପ୍ରଦାନ କରିଛନ୍ତି । ତାହାକୁ ଧାମନଗର ଅଧକ୍ଷା ନିବେଦିତା ଜେନା ସ୍ୱତନ୍ତ୍ର ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ହାତରୁ ପୁରସ୍କାର ଗ୍ରହଣ କରିଛନ୍ତି । ଏହି ଅବସରରେ ଧାମନଗର ଏନଏସି ଅଞ୍ଚଳରେ ଏହି କିଛି ଦିନ ହେବ ରାଜନୈତିକ ହସ୍ତକ୍ଷପ କରି ବିକାଶରେ ବାଧା ସୃଷ୍ଟି କରା ଯାଉଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଅଧକ୍ଷା ଶ୍ରୀମତୀ ଜେନା ଅଭିଯୋଗ କରିଥିଲେ । ଏବଂ ଧାମନଗର ଏନଏସିରେ ଦୀର୍ଘଦିନ ହେବ ଟଣ୍ଡେର ହୋଇଥିବା ଧାମନଗର ବାଇପାସ ରୋଡ ସମସ୍ୟାର ସ୍ଥାୟୀ ସମାଧାନ, ଧାମନଗର ଛକରୁ ଧାମନଗର ବଜାର ପୂର୍ବ ରାସ୍ତା ପର୍ଯ୍ୟନ୍ତ ଟେଣ୍ଡର ହୋଇଥିଲେ ମଧ କାର୍ଯ୍ୟକାରୀ ହୋଇନଥିବା, ଜଗୁସାଗର ପୋଖରୀର ପୁନଃରୁଦ୍ଧାର ଓ ଏହାର ସୌନ୍ଦର୍ଯ୍ୟକରଣ ସମସ୍ୟାର ସମାଧାନ, ଟେଣ୍ଡର ହୋଇଥିବା ନୂତନ ଅଫିସ ଗୃହ ନିର୍ମାଣ କାର୍ଯ୍ୟର ସମସ୍ୟା ମୁଖ୍ୟମନ୍ତ୍ରୀ ଅବଗତ କରାଇଥିଲେ । ପ୍ରକାଶ ଥାଉକି ମଙ୍ଗଳବାର ୧୧ଟା ସମୟରେ ଅଧକ୍ଷ ଶ୍ରୀମତୀ ଜେନା କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଧାମନଗର ଏନଏସିକୁ ମୁଖ୍ୟମନ୍ତ୍ରୀ ୩ କୋଟି ଟଙ୍କା ପୁରସ୍କୃତ କରିଥିବାରୁ ତାଙ୍କୁ କୃତଜ୍ଞତା ଜଣାଇବା ସହ ଅଫିସର କର୍ମଚାରିଙ୍କ ପାଇଁ ଆଜି ଏ ପୁରସ୍କାର ମିଳିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ତେବେ ଧାମନଗର ଏନ୍ଏସିରେ ଅଫିସରଙ୍କ ସହଯୋଗ ମିଳୁନଥିବାରୁ ବିକାଶରେ ବାଧ ଉପୁଜୁଛି ବୋଲି ଅଧକ୍ଷା ଶ୍ରୀମତୀ ଜେନା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।



# ଗାଡ଼ି ଡିକି ଭାଙ୍ଗି ୩ ଲକ୍ଷ ଟଙ୍କା ଲୁଟ୍



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ୍): ଚୌଦ୍ୱାର ଥାନା ଅନ୍ତର୍ଗତ ବିରାଟ ବଜାରସ୍ଥିତ ଏକ ମାର୍କେଟ୍ କଂପ୍ଲେକ୍ସ ସମ୍ମୁଖରେ ଜଣେ ବ୍ୟକ୍ତିଙ୍କ ଗାଡ଼ି ଡିକି ଭାଙ୍ଗି କିଛି ଦୁର୍ବୃତ୍ତ ୩ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିବା ନେଇ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ସୂଚନାଥାଉକି, ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ନଇମାଳିଆ ଗ୍ରାମର ବୈକୁଣ୍ଠନାଥ ରାଉତ କାରଗିଲ ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ଷ୍ଟେଟ୍ ବ୍ୟାଙ୍କ୍‌ରୁ ୩ ଲକ୍ଷ ଟଙ୍କା ଉଠାଇ ନିଜ ସ୍କୁଟି ଗାଡ଼ିରେ ରଖି ବିରାଟ ବଜାରରେ ଥିବା ଏକ ମାର୍କେଟ୍ କଂପ୍ଲେକ୍ସକୁ ଆସିଥିଲେ । ସେଠାରେ ଗାଡ଼ି ରଖିବା ସମୟରେ ଜଣେ ବ୍ୟକ୍ତି ତାଙ୍କୁ କିଛି ୧୦ଟଙ୍କିଆ ନୋଟ୍ ପଡ଼ିଥିବା ନେଇ ହିନ୍ଦୀରେ କହିଥିଲେ । ଶ୍ରୀ ରାଉତ ଟଙ୍କା ଉଠାଇବା ସମୟରେ ତାଙ୍କ ଗାଡ଼ି ଡିକି ଭାଙ୍ଗି ଟଙ୍କା ଲୁଟି ନେବା ସହ ବାଇକ୍‌ରେ ଫେରାର ହୋଇଯାଇଥିଲେ । ଶ୍ରୀ ରାଉତଙ୍କ କହିବା ଅନୁଯାୟୀ ୨ଜଣ ବାଇକ୍‌ରେ ବସିଥିବା ବେଳେ ଜଣେ ତାଙ୍କ ସହ ହିନ୍ଦୀରେ କଥା ହେଉଥିଲେ । ଏ ନେଇ ସେ ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ବେଳେ ଚୌଦ୍ୱାର ପୋଲିସ୍ ପକ୍ଷରୁ ୩ ଲୁଟେରାଙ୍କୁ ଧରିବା ପାଇଁ ଛାନ୍‌ଭିନ୍ ଆରମ୍ଭ କରାଯାଇଥିବା ନେଇ ସୂଚନା ମିଳିଛି ।

## ରାସ୍ତା ଅବରୋଧ ଉଚ୍ଛେଦ ପାଇଁ ଅହୋରାତ୍ର ଧାରଣା ଦେବେ ମହିଳା

ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବାଇଗଣବାଡିଆ ପଞ୍ଚାୟତସ୍ଥିତ କଣ୍ଟାପାଳ ଗ୍ରାମର ମାଳତୀ ଦାସଙ୍କ ଘର ସମ୍ମୁଖରେ ଥିବା ସରକାରୀ ରାସ୍ତାକୁ ଉକ୍ତ ଗ୍ରାମର କେତେକ ଲୋକ ବେଆଇନ ଭାବରେ ଅବରୋଧ କରି ରଖିଥିବା ଯୋଗୁଁ ଶ୍ରୀମତୀ ଦାସ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହି ବିଷୟରେ ସ୍ଥାନୀୟ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିକୁ ଅଣା ଯାଇଥିଲେ ମଧ୍ୟ ତା'ର ସମାଧାନ କରା ନ ଯିବାରୁ ଶ୍ରୀମତୀ ଦାସ ନିରାଶ ହୋଇ ବାଲେଶ୍ୱର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ବାଲେଶ୍ୱର ଜିଲ୍ଲାପାଳ ଏହି ସମସ୍ୟାର ସମାଧାନ ପାଇଁ ତହସିଲଦାର ଜଳେଶ୍ୱର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଳେଶ୍ୱରଙ୍କୁ ତିନି ତିନି ଥର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଶ୍ରୀମତୀ ଦାସ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଶେଷରେ ଉକ୍ତ ବିଷୟକୁ ସିପିଏମ ପାର୍ଟିର ଦୃଷ୍ଟିକୁ ଆଣିଥିଲେ । ପରେ ପାର୍ଟି ତରଫରୁ ଏକ ପ୍ରତିନିଧି ଦଳ ଏକାଧିକବାର ତହସିଲଦାର ତଥା ବିଡିଓ ଜଳେଶ୍ୱରଙ୍କ ସହିତ ଆଲୋଚନା କଲାପରେ କିଛି ସୁଫଳ ମିଳିଲା ନାହିଁ । ପାର୍ଟିର ପରାମର୍ଶକ୍ରମେ ମାଳତୀ ଦାସ ୩ ତାରିଖ ବୁଧବାର ଦିବା ୧୧ ଘଟିକା ଠାରୁ ବିଡିଓ ଜଳେଶ୍ୱରଙ୍କ ଅଫିସ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବେ । ଏହି ଆନ୍ଦୋଳନକୁ ପାର୍ଟି ନୈତିକ ସମର୍ଥନ ଜଣାଇବ ବୋଲି ସିପିଏମ ଜଳେଶ୍ୱର ଶାଖା ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ଚୋରା ମଦ ଜବତ ଦୁଇ ଗିରଫ



ନିମାପଡ଼ା,(ଭାସ୍କର ନ୍ୟୁଜ୍): ନିମାପଡ଼ାରେ ବ୍ୟାପକ ଚୋରା ମଦ କାରବାର ହେଉଥିବା ଖବର ପାଇ ନିମାପଡ଼ା ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇଟି ପେସାଦାର ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ପ୍ରଚୁର ପରିମାଣରେ ଦେଶୀ ଓ ବିଦେଶୀ ମଦ ଜବତ କରିବାରେ ସଫଳ ହୋଇଛି । ବିଭିନ୍ନ ମହଲରେ ପୋଲିସକୁ ସାଧୁବାଦ ଦେଇଥିବା ବେଳେ ଅବକାରୀ ବିଭାଗ କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ ଦେଖା ଦେଇଛି । ଅବକାରୀ ବିଭାଗ ନୀରବ ସାଜିଥିବା ବେଳେ ପୋଲିସର ଚଢ଼ଉ ମଦ ବ୍ୟବସାୟୀଙ୍କ ମଧ୍ୟରେ ଛନକା ସୃଷ୍ଟି କରିଛି । ମିଳିଥିବା ସୂଚନା ଅନୁଯାୟୀ, ବିଭିନ୍ନ ସ୍ଥାନରେ ମଦ ବିକ୍ରି ହେଉଥିବା ଖବର ପାଇ ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା । ପୁରୀ ଜିଲ୍ଲା ନିମାପଡ଼ା ଥାନା କାଜିପାଟଣା ଗ୍ରାମରେ ଗତ ସୋମବାର ସଂଧ୍ୟା ସମୟରେ ପୋଲିସ ଚଢ଼ଉ କରି କାଜିପାଟଣା ଗ୍ରାମର ପ୍ରକାଶ ପ୍ରଧାନଙ୍କୁ ଗିରଫ କରିବା ସହ ତା'ଠାରୁ ୧ଶହ ବୋତଲ ଆସ୍କା ଫଟି ଦେଶୀ ମଦ ଜବତ କରିଛି । ସେହିପରି ଭାଟବନ୍ଧ ଗ୍ରାମର ପ୍ରକାଶ ଚନ୍ଦ୍ର ରାୟଙ୍କୁ ଗିରଫ କରିବା ସହ ୩୬ ବୋତଲ ଫରେନ୍ ଲିକର୍ ନିବ୍ ଜବତ କରିବାରେ ସଫଳ ହୋଇଛି । ଦୁଇ ମଦ ବ୍ୟବସାୟୀଙ୍କ ନାମରେ ପୋଲିସ ପକ୍ଷରୁ ଇଣ୍ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ କୋର୍ଟରେ ହାଜର କରାଯାଇଥିଲା । ଦୁଇ ଅଭିଯୁକ୍ତଙ୍କର ଜାମିନ୍ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି । ନିମାପଡ଼ା ବାମଦେଇପୁର ଗଡ଼ା ନିକଟରେ ଓ କୋଟରାଙ୍ଗ ବିଜିପୁର ରାସ୍ତାରେ ଥିବା କେତେକ ପାନ ଦୋକାନରେ ବ୍ୟାପକ ମାତ୍ରାରେ ଦେଶୀ ଓ ବିଦେଶୀ ମଦ ବିକ୍ରି କରାଯାଉଛି । ଏ ଦିଗରେ ପୋଲିସ ଦୃଷ୍ଟି ଦେଇ ମଦ ବ୍ୟବସାୟୀଙ୍କୁ ଗିରଫ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି ।

## ଯୁବ ସାମ୍ବାଦିକଙ୍କ ପିତୃ ବିୟୋଗ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକର ଯୁବ ସାମ୍ବାଦିକ ଜାନକୀ ବଲ୍ଲଭ ମହାନ୍ତିଙ୍କ ପିତୃ ବିୟୋଗ ଘଟିଥିବାରୁ ସମଗ୍ର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ସାମ୍ବାଦିକ ଶ୍ରୀ ମହାନ୍ତିଙ୍କ ପିତା ଆକୁଳି ଚରଣ ମହାନ୍ତି ଜଣ୍ଡିସ ରୋଗ ଝଡାଫୁଙ୍କାରେ ବେଶ ସୁନାମ ଅର୍ଜନ କରିଥିଲେ । ଶ୍ରୀ ମହାନ୍ତି ଗତ କିଛି ଦିନ ହେଲା ଅସୁସ୍ଥ ହୋଇ ବାସ ଭବନରେ ଚିକିତ୍ସାଧିନ ଥିଲେ । ଗତକାଲି ସନ୍ଧ୍ୟାରେ ତାଙ୍କର ଦେହାନ୍ତ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ୫ପୁତ୍ର, ପୁତ୍ରବଧୂ, ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗ ଦ୍ୱାରକୁ ନିଆଯାଇ ଶୋକାକୂଳ ପରିବେଶରେ ଦାହ କରାଯାଇଥିଲା । ତାଙ୍କର ଜ୍ୟେଷ୍ଠପୁତ୍ର କାହ୍ନୁଚରଣ ମହାନ୍ତି ମୁଖାଗ୍ନି ଦେଇଥିଲେ ।

## ଛଣଗିରି ଅଳଙ୍କାର ଦୋକାନ ଲୁଟ୍ ଘଟଣା

# ୪ ଡକାୟତ ଗିରଫ, ୬ ଫେରାର



ଖୋର୍ଦ୍ଧା(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ସ୍ଥିତ ସାଇ ସୋନୁ ଅଳଙ୍କାର ଦୋକାନରୁ ଗତ ମାସ ୨୪ ତାରିଖ ଦିନ ୨ଟାରେ ୮ଲୁଟେରା ଆସି ବନ୍ଧୁକ ଓ ବୋମା ଫୁଟାଇ ୧୧ କେଜି ୫୦୦ ଗ୍ରାମ ଓ ୫ କେଜି ରୂପା ଅଳଂକାର ପ୍ରାୟ ସାଢ଼େ ୧୧ କୋଟି ଟଙ୍କାର ସୁନା ଓ ରୂପା ଅଳଂକାର ଲୁଟ କରିବା ସହ ନଗଦ ଟଙ୍କା ନେଇଯାଇଥିଲେ । ଉକ୍ତ ଦିନ ନୂଆ କରି ଯୋଗଦାନ କରିଥିବା ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ନେତୃତ୍ୱରେ ୫ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଡକାୟତିର ମାତ୍ର ୧୦ ଭାଗ ସୁନା ଅଳଙ୍କାର ମିଳିଥିବା ବେଳେ ୩ ଲୁଟେରା ଓ ଜଣେ କ୍ରେତାକୁ ଗିରଫ କରାଯାଇଛି । ଆହୁରି ୬ ଜଣ ଲୁଚି ବୁଲୁଛନ୍ତି । ସଂପୃକ୍ତ ଫେରାର ଅଭିଯୁକ୍ତଙ୍କୁ ଗିରଫ ଓ ଆଉ ଲୁଟ ସାମଗ୍ରୀକୁ ଉଦ୍ଧାର ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉ ଥିବା ଖୋର୍ଦ୍ଧା ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଡିଆଇଜି ସତ୍ୟଜିତ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପୋଲିସ ଜଂକିଆ ଥାନା କେସ୍ ନମ୍ବର ୨୯୭ ତାରିଖ ୨୪.୮.୨୫ ଧାରା ୩୧୦ (୨) ବିଏନ୍ଏସ୍/ଧାରା ୨୫/୨୭ ଅସ୍ତ୍ରଶସ୍ତ୍ର ଆଇନ/୫ ଇଏସ୍ ଆଇନ ଅନୁଯାୟୀ ତଦନ୍ତ କରି ଖୋର୍ଦ୍ଧା, ପୁରୀ ଓ କଟକରୁ ୪ ଲୁଟେରାଙ୍କୁ ଗିରଫ କରିଛି । କଟକ ୪୨ ମୌଜା ଝିଙ୍କିରିଆ ଗ୍ରାମର ବିଶ୍ୱଜିତ୍ ପଟ୍ଟନାୟକ (୨୨) ଓରଫ ଲକି, ପି. ସରୋଜ କୁମାର ପଟ୍ଟନାୟକ ଠାରୁ ୩୧୯ ଗ୍ରାମ ୭୩୦ ମିଲି ସୁନା, ୯୬୮ଗ୍ରାମ ରୂପା, ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଭୁଜାଲି ଓ ନଗଦ ୮ ଲକ୍ଷ ଟଙ୍କା, ନୟାଗଡ ଜିଲ୍ଲା ଶରଣକୁଳ ଥାନା ଗୋଡ଼ିପଡା କଇଁଫୁଲିଆ ଗ୍ରାମର ଅଶୋକ ସେନାପତି (୩୨) ଓରଫ ବୁଲୁ ପି-ସଂସାରୀ ସେନାପତି ଠାରୁ ୨୦୭ ଗ୍ରାମ ୮୬୦ ମିଲି ସୁନା, ୯୪୦ ଗ୍ରାମ ରୂପା ଓ ନଗଦ ଏକ ଲକ୍ଷ ୪୫ ହଜାର ଟଙ୍କା, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଭୀମପଡା ଟାଙ୍ଗିସାହିର ଚନ୍ଦନ ନାୟକ (୨୫) ପିତା-କେଶବ ନାୟକଠୁ ୧୩୪ ଗ୍ରାମ ୬୭୦ ମିଲି ସୁନା, ୫୪୬ ଗ୍ରାମ ରୂପା ଓ ବୋଲଗଡ଼ ସମ୍ପପୁର ଗ୍ରାମର ନବ ସାହୁ ପି-ରବି ସାହୁଠୁ ୨୩୮ ଗ୍ରାମ ୩୯୦ ମିଲି ସୁନା ଜବତ ହୋଇଛି । ଆଉ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିଲେ ବି ପୋଲିସ ପକ୍ଷରୁ ଏହାକୁ ତଦନ୍ତରେ ବାଧା ଉପୁଜିବା ଦୃଷ୍ଟିରୁ ପ୍ରକାଶ କରାଯାଇ ନ ଥିବା କୁହାଯାଉଛି । ଆଜି ୩ ଡ଼କାୟତ ଓ ଜଣେ କ୍ରେତାକୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୬ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଠିକଣା ସ୍ପଷ୍ଟ ଜଣାପଡୁ ନ ଥିବା ବେଳେ ନୟାଗଡର ଦୁଇ, ଖୋର୍ଦ୍ଧା ନିରାକାରପୁରର ଜଣେ, କଣାସର ଜଣେ ସନ୍ଦିଗ୍ଧ ଥିବା ପୋଲିସ ସୂଚନାରୁ ଜଣାପଡିଛି । ସମ୍ମିଳନୀରେ ଡିଆଇଜି ସତ୍ୟଜିତ ନାୟକ, ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି, ଖୋର୍ଦ୍ଧା ସଦର ଏସ୍‌ପି ନିହାର ରଞ୍ଜନ ପ୍ରଧାନ, ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ସମେତ ଜିଲ୍ଲାର ସମସ୍ତ ଥାନା ଆଇଆଇସି ଉପସ୍ଥିତ ଥିଲେ ।

# ରାଇବଣିଆରେ ଡେଙ୍ଗୁ ଆତଙ୍କ: ଯୁବତୀ ମୃତ, ୪୫ ଆକ୍ରାନ୍ତ



ଉଡେମ୍ବର(ଭାସ୍କର ନ୍ୟୁଜ): ଗତ ୧୦ଦିନ ଧରି ଜଳେଶ୍ୱର ବ୍ଲକ ରାଇବଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ଖୁଦିଆମାଝିସାହି ପଞ୍ଚାୟତର ବେହେରାସାହି ଗାଁରେ ଡେଙ୍ଗୁ ଜ୍ୱର ବ୍ୟାପିଛି । ଏ ଯାଏ ୪୫ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେଳେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି । ୪ ଡେଙ୍ଗୁ ଆକ୍ରାନ୍ତ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତ୍ୱର ହେବାରୁ କଟକ ବଡ଼ ମେଡିକାଲକୁ ପଠାଯାଇଛି । ରାଇବଣିଆ ଗୋଷ୍ଠୀ ରାସ୍ଥ୍ୟକେନ୍ଦ୍ର ଅଧାନ କେତେକ ଗାଁରେ ଡେଙ୍ଗୁର ପ୍ରାଦୁର୍ଭାବ ବଢ଼ିଥିବା ବେଳେ ଦେବେଲାଗୁଣ୍ଡି ଗାଁରେ ପରିସ୍ଥିତି ଜଟିଳ ହୋଇଛି । ବେହେରାସାହି ଗାଁରେ ଜଣେ ଆୟୁଷ ଡାକ୍ତର ଓ ୨ଜଣ ଗାଁ ବୈଦ୍ୟ ଡେଙ୍ଗୁ ରୋଗୀଙ୍କ ଚକିତ୍ସା କରିଥିବା ଜଣାଯାଉଛି । ଗତ ରବିବାର ଡେଙ୍ଗୁ ଆକ୍ରାନ୍ତ ତପନ ମାରାଣ୍ଡିଙ୍କ ଝିଅ ଜସ୍ମିନ ମାରାଣ୍ଡି (୨୧)ର ମୃତ୍ୟୁ ପରେ ଗାଁରେ କୋକୁଆ ଭୟ ସୃଷ୍ଟି ହୋଇଛି । ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭୀଷ୍ମ ନାରାୟଣ ପରିଡ଼ାଙ୍କୁ ପଚାରିବାରୁ ସେଠାରେ ସନ୍ଧ୍ୟାରାଣୀ ବେହେରା (୩୨), ବସନ୍ତ ବାଗ (୩୨), ସୁଚିତ୍ରା ଦାସ (୪୫), ସୁଶାନ୍ତ ବେହେରା(୬୦) ଚିକିତ୍ସିତ ହୋଇଥିବା କହିଛନ୍ତି । ରକ୍ତ ପରୀକ୍ଷା ପରେ ସେମାନଙ୍କୁ ବାଲେଶ୍ୱର ପଠାଯାଇଥିଲେ ମଧ୍ୟ ବସନ୍ତ ଓ ସୁଶାନ୍ତଙ୍କୁ କଟକକୁ ପଠାଯାଇଛି । ଅନ୍ୟ ଜଣେ ସମ୍ପିତ ବେହେରା ଲକ୍ଷ୍ମଣନାଥ ସୀମାନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି । ଡାକ୍ତର ପରିଡାଙ୍କ ନେତୃତ୍ୱରେ ଏକ ଚିକିତ୍ସା ଦଳ ଗାଁରେ ରକ୍ତ ନମୁନା ସଂଗ୍ରହ କରି ଫେରିଛନ୍ତି । ପ୍ରାୟ ୫୦ଜଣଙ୍କ ରକ୍ତ ନମୁନା ନିଆ ଯାଇଥିବା ବେଳେ ଡେଙ୍ଗୁ ରୋଗୀଙ୍କ ତ୍ୱରିତ ଚିକିତ୍ସା ପାଇଁ ସାଧାରଣରେ ଦାବି ହେଉଛି ।

# ବିଦେଶୀ ପନିପରିବା ଚାଷ ଘାସିରାମଙ୍କୁ କରିଛି ଆତ୍ମନିର୍ଭରଶୀଳ

ବୌଦ୍ଧ(ଭାସ୍କର ନ୍ୟୁଜ): ଆର୍ଥିକ ପ୍ରଗତି କ୍ଷେତ୍ରରେ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି କହିଲେ ଭୁଲ ହେବ ନାହିଁ । ହେଲେ ଆଜିର ଯୁବପିଢ଼ି କୃଷି କ୍ଷେତ୍ରକୁ ଯିବା କି ଚାଷକୁ ବେଉସା ଭାବେ ଆପଣାଇବାକୁ କୁଣ୍ଠାବୋଧ କରୁଛନ୍ତି । ହେଲେ ଘାସିରାମ ନାମକ ଜଣେ ଯୁବକ ନିଜର କର୍ତ୍ତବ୍ୟନିଷ୍ଠା ଆଉ ଅଧ୍ୟବସାୟ ଫଳରେ ସଫଳତା ହାସଲ କରିପାରିଛନ୍ତି । ଜଣେ ସଫଳ ଚାଷୀ ଭାବରେ ସବୁଠି ସେ ଜଣାଶୁଣା । ପାରମ୍ପାରିକ ଧାନ ଚାଷ ସହିତ ଅନ୍ୟାନ୍ୟ ବିଦେଶୀ ପନିପରିବା ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ବୌଦ୍ଧ ଜିଲ୍ଲା ଛାତନିଆକଟା ଗ୍ରାମର ଚାଷୀ ଘାସିରାମ ପ୍ରଧାନ ୧୨ ବର୍ଷ ଧରି ଧାନ ଚାଷ କରିଆସୁଥିଲେ । ପରେ ଜୈବିକ ଚାଷର ଗୁରୁତ୍ୱ ବୁଝିବା ପରେ ସେଥିପ୍ରତି ଆକୃଷ୍ଟ ହୋଇ ସେ ଧୀରେ ଧୀରେ ଜୈବିକ ଚାଷରେ ତାଙ୍କ ଅଭ୍ୟାସକୁ ପରିବର୍ତ୍ତନ କରିଥିଲେ । ଏହି କ୍ଷେତ୍ରରୁ ଅଧିକ ଲାଭ ଆଶାରେ କୃଷି ବିଜ୍ଞାନ କେନ୍ଦ୍ର, ବୌଦ୍ଧ ପକ୍ଷରୁ ପ୍ରଶିକ୍ଷଣ ହାସଲ କରି ପନିପରିବା ଚାଷ ଓ ବାଣିଜ୍ୟିକ ଉଦ୍ଦେଶ୍ୟରେ ଛୋଟ ନର୍ସରୀ ଆରମ୍ଭ କରିଥିଲେ । ଏବେ ଜ୍ଞାନ କୌଶଳ ଏବଂ ଆଧୁନିକ ଚାଷ ପ୍ରଣାଳୀକୁ ଆପଣାଇ ନିଜ ୪ ଏକର ଜାଗାରେ ବର୍ଷସାରା ବିଭିନ୍ନ ପ୍ରକାର ବିଦେଶୀ ପନିପରିବା ଯେମିତିକି ବ୍ରୋକୋଲି, କାରୋଟିନା, ଭାଲେଣ୍ଟେନା, ଲାଲ ବନ୍ଧାକୋବି, ପାକଚୋଇ, ଚାଇନିଜ୍ ବନ୍ଧାକୋବି ଇତ୍ୟାଦି ଚାଷ କରୁଛନ୍ତି । ବର୍ଷସାରା ସେ ଫୁଲକୋବି ଚାଷରୁ ୧.୩ ଲକ୍ଷ ଟଙ୍କା, ବିନେଶୀ ପନିପରିବା ଚାଷରୁ ପ୍ରାୟ ୪୯ ହଜାର ଟଙ୍କା ଆୟ କରୁଛନ୍ତି । ତାଙ୍କ ଉତ୍ପାଦିତ ଦ୍ରବ୍ୟଗୁଡ଼ିକ ଜୈବିକ ଭିତ୍ତିକ ହୋଇଥିବାରୁ ବଜାରରେ ଭଲ ମୂଲ୍ୟ ମିଳୁଛି । ତାଙ୍କ ପ୍ରେରଣାରେ ଅନେକ ଚାଷୀ ଏବେ ବିଦେଶୀ ପନିପରିବା ଚାଷ କରୁଛନ୍ତି । ପୂର୍ବରୁ ସେମାନେ ଏ ବିଷୟରେ ଅନଭିଜ୍ଞ ଥିଲେ । ହେଲେ ଏବେ ଜୈବିକ ଚାଷର ଗୁରୁତ୍ୱ ବୁଝିପାରିଛନ୍ତି । ନିଜେ ଆତ୍ମନିର୍ଭରଶୀଳ ହେବା ସଙ୍ଗେ ସଙ୍ଗେ ଅନେକ ଗ୍ରାମୀଣ ଯୁବକଙ୍କୁ ତାଙ୍କ ଫାର୍ମରେ ନିଯୁକ୍ତି ଦେବା ସହ ସ୍ୱଚ୍ଛଳ ଜୀବନଯାପନ କରିବାର ଉଦାହରଣ ପାଲଟିଛନ୍ତି । ବୌଦ୍ଧ ଓ ହରଭଙ୍ଗା ବ୍ଲକର ୭୨ ଗ୍ରାମୀଣ ଯୁବକଙ୍କୁ ପ୍ରେରଣା ଦେବା ସହ ବିଦେଶୀ ପନିପରିବା ଉପରେ ଉଦ୍ୟୋଗୀ କାର୍ଯ୍ୟକଳାପ ଗ୍ରହଣ କରିବାକୁ ଉତ୍ସାହିତ କରିଛନ୍ତି ।

## ଶୈଳେନ୍ଦ୍ରି ସେନାପତି ଅନ୍ତଃରାଷ୍ଟ୍ରୀୟ ମାନବାଧିକାର ରକ୍ଷକ ସଂଗଠନର ଉପସଭାନେତ୍ରୀ



ପାରାଦୀପ(ଭାସ୍କର ନ୍ୟୁଜ): ଏନଓସି ଫାଉଣ୍ଡେସନର ସଭାନେତ୍ରୀ ତଥା ପାରାଦୀପର ଜଣାଶୁଣା ସମାଜସେବୀ ଶୈଳେନ୍ଦ୍ରି ସେନାପତି ଅନ୍ତଃରାଷ୍ଟ୍ରୀୟ ମାନବାଧିକାର ରକ୍ଷକ ସଂଗଠନର ଓଡିଶା ରାଜ୍ୟ ଉପସଭାନେତ୍ରୀ ଭାବରେ ନିଯୁକ୍ତି ପାଇଛନ୍ତି । ଏ ବାବଦରେ ସଂଗଠନର ରାଷ୍ଟ୍ରୀୟ ସଭାପତି ହରି ଓମ ଗିରି ଶ୍ରୀମତୀ ସେନାପତିଙ୍କୁ ଏକ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ରାଜ୍ୟରେ ସାମାଜିକ ନ୍ୟାୟ ପ୍ରଦାନ ଓ ମାନବିକ ଅଧିକାର ସୁରକ୍ଷା ପାଇଁ ଶ୍ରୀମତୀ ସେନାପତି ନିରପେକ୍ଷ ଭାବେ କାର୍ଯ୍ୟ କରିବେ । ତେବେ ତାଙ୍କର ନୂତନ ଦାୟିତ୍ୱ ମିଳିବା ପରେ ପାରାଦୀପର ବିଭିନ୍ନ ଅନୁଷ୍ଠାନ, ସଂଗଠନ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ମାନବାଧିକାର ସୁରକ୍ଷା ଦିଗରେ ସେ ସର୍ବଦା କାର୍ଯ୍ୟ କରିବେ ବୋଲି କାମନା କରିଛନ୍ତି ।

# ଗ୍ରାମକୁ ନାହିଁ ରାସ୍ତା, ଅଟକୁଛି ଆମ୍ବୁଲାନ୍ସ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଅରିକ୍ଷଣ୍ଡ ପଞ୍ଚାୟତରେ ସରକାରଙ୍କ ଯୋଜନା ବାଟବଣା ହେବାରେ ଲାଗିଛି । ଏହାର ମୁଖ୍ୟ କାରଣ ପାଲଟିଛନ୍ତି ପଞ୍ଚାୟତର କେତେକ କୁଜି ନେତା । କୁଜି ନେତାଙ୍କ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ବିକାଶରେ ବାଧା ସାଜୁଛି । ପଞ୍ଚାୟତର ଡ଼ଗରାସାହି ଗ୍ରାମକୁ ରାସ୍ତା ନଥିବା ବେଳେ ଦୀର୍ଘଦିନ ହେବ ନିର୍ମାଣ ହୋଇଥିବା ଢ଼ଳେଇ ରାସ୍ତା ଖାଲଖମା ସୃଷ୍ଟି ହୋଇଛି । ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ସ୍କୁଲ ଓ କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗୁରୁତର ରୋଗୀ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ବାଧା ସୃଷ୍ଟି ହେଉଛି । ଗ୍ରାମକୁ ଆମ୍ବୁଲାନ୍ସ ପଶୁ ନଥିବା ବେଳେ ଦୀପ ତଳ ଅନ୍ଧାର ସଦୃଶ କାର୍ଯ୍ୟ ପାଲଟିଛି । ଆବଶ୍ୟକ ନଥିବା ସ୍ଥାନରେ ସରକାରଙ୍କ ଗୋଟିକ ପରେ ଗୋଟିଏ ଯୋଜନା ଚାଲିଥିବା ବେଳେ ଏହି ଗ୍ରାମକୁ କ'ଣ ପାଇଁ ଅଣଦେଖା କରାଯାଉଛି ବୋଲି ଗ୍ରାମର ବରିଷ୍ଠ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି । ପୋଖରୀ ହୁଡ଼ାରେ ରାସ୍ତା ନିର୍ମାଣ ହେଉଥିବା ବେଳେ ଏହି ଗ୍ରାମ ରାସ୍ତାକୁ କାହିଁକି ନୁହେଁ ବୋଲି ପ୍ରଶ୍ନ କରାଯାଇଛି । ବାରମ୍ବାର ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ ଦାବି ଉପରେ ପ୍ରଶାସନ ଗୁରୁତ୍ୱ ଦେଉ ନାହିଁ । ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ଅରିକ୍ଷଣ୍ଡ ପଞ୍ଚାୟତ ଡ଼ଗରାସାହି ଗ୍ରାମକୁ ରାସ୍ତା ନଥିବା ବେଳେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପଞ୍ଚାୟତରେ କେତେକ କୁଜି ନେତା ନିଜକୁ ସର୍ବେସର୍ବା ବୋଲାଇ ଆମ୍ଭର ବିନା ଆଦେଶରେ କିଛି କରାଯାଇ ପାରିବ ନାହିଁ ବୋଲି କହି ବୁଲୁଥିବା ବେଳେ ଏହାର କୁପ୍ରଭାବ ରାଜ୍ୟ ସରକାରଙ୍କ ଉପରେ ପଡୁଛି । ସେହିପରି ବାମଦେଇପୁର ଗଡ଼ାରୁ ବେଦବସ୍ତ ତୋଟା ପର୍ଯ୍ୟନ୍ତ ରାସ୍ତା ପାଲଟିଛି ମରଣଯନ୍ତା । କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘରକୁ ଯାତାୟତ କରିବା ପାଇଁ ପୋଖରୀ ହୁଡ଼ାରେ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ଗ୍ରାମ ରାସ୍ତା କାର୍ଯ୍ୟକାରୀ ହୋଇପାରୁ ନାହିଁ । ମୁଣ୍ଡିଆରୁ ଅରିକ୍ଷଣ୍ଡ ଦୋଳବେଦୀ ଛକ ପର୍ଯ୍ୟନ୍ତ ଏହି ରାସ୍ତାର ୧୦ବର୍ଷ ତଳୁ ତନଖି କରାଗଲେ ଜଣାପଡ଼ିବ କେତେ ଦୁର୍ନୀତି ଘଟିଛି । ଅନେକ ଥର ରାସ୍ତା ନିର୍ମାଣ ନାମରେ ବିଲ୍ କରାଯାଇଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି । ପଂଚାୟତର ଜନସାଧାରଣ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ଖବର ମାଧ୍ୟମରେ ଅଭିଯୋଗ କରିଛନ୍ତି । ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ସମସ୍ୟା ଦୂର କରିବା ପାଇଁ ମଧ୍ୟ ଦାବି କରିଛନ୍ତି ।

## ଅଗ୍ନିକାଣ୍ଡରୁ ବର୍ତ୍ତିଲା ପାରାଦୀପ ବଡ଼ପଡ଼ିଆ ମାର୍କେଟ

ପାରାଦୀପ(ଭାସ୍କର ନ୍ୟୁଜ): ବନ୍ଦର ସହର ପାରାଦୀପର ମୁଖ୍ୟ ବ୍ୟବସାୟ ପେଣ୍ଠସ୍ଥଳ ବଡ଼ପଡ଼ିଆ ମାର୍କେଟରେ ମଙ୍ଗଳବାର ସକାଳେ ରବିନ୍ଦ୍ର ଭେରାଇଟି ଷ୍ଟୋର ଦୋକାନରେ ହଠାତ ଅଗ୍ନିକାଣ୍ଡ ଘଟି ଦୋକାନ ସାମଗ୍ରୀ ସବୁ ପୋଡି ନଷ୍ଟ ହୋଇଯାଇଛି ତେବେ ଅଗ୍ନିକାଣ୍ଡ ଘଟଣାର ଖବର ପାଇ ବଣିକ ସଂଘର ସାଧାରଣ ସମ୍ପାଦକ ଗୋଲେଖ ସାହୁ, ୧୫ ନମ୍ବର ୱାର୍ଡ ପାରିଷଦ ସୌଦାମିନୀ ସାହୁ, ବଣିକ ସଂଘ ସଦସ୍ୟ ଜିତେନ୍ଦ୍ର ଦାସ, ବାଲୁଙ୍କେଶ୍ୱର ସାହୁ, ସାରଦା ଦାସ ଓ ଅନ୍ୟ କର୍ମକର୍ତ୍ତା ମାନେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ସହ ମିଶି ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ । ତେବେ ସମୟୋଚିତ ପଦକ୍ଷେପ ପାଇଁ ମାର୍କେଟ ଅଞ୍ଚଳ ଏକ ଭୟାବହ ଅଗ୍ନିକାଣ୍ଡ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା । ତେବେ ମୁଖ୍ୟ ବଡ଼ପଡ଼ିଆ ବିଜୟା ମାର୍କେଟ ମଧ୍ୟରେ ଅସ୍ଥାୟୀ ଦୋକାନୀ ମାନେ ଖାଉଟିମାନଙ୍କ ଯାତାୟତ ପାଇଁ ଉଦ୍ଦିଷ୍ଟ ରାସ୍ତା ସବୁ ମାଡି ଆବଦ୍ଧ କରି ଅନାଧିକାର ଭାବେ ଦୋକାନ ଖୋଲି ଥିବାରୁ ସାଧାରଣରେ ଯିବାଆସିବା କଷ୍ଟସାଧ ହୋଇପଡିଛି । ଏତଦବ୍ୟତୀତ ମାର୍କେଟ ଭିତରେ ଏସବୁ ଅସ୍ଥାୟୀ ଦୋକାନଗୁଡିକର ଭିଡ଼ ଯୋଗୁଁ ସ୍ଥାୟୀ ଦୋକାନରେ ବ୍ୟବସାୟ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବା ସହ ଯେକୌଣସି ଅସ୍ଥାୟୀ ଦୋକାନରେ ଅଗ୍ନିକାଣ୍ଡ ଘଟିଲେ ଏଥିରେ ସ୍ଥାୟୀ ଦୋକାନ ମଧ୍ୟ ପ୍ରଭାବିତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ମଝିରେ ମଝିରେ ବନ୍ଦର ଇଷ୍ଟେଟ ବିଭାଗ ଏସବୁ ଦୋକାନ ଗୁଡିକୁ ହଟାଇବା ପରେ ମଧ୍ୟ ସ୍ଥିତି ଯଥା ପୂର୍ବଂ ତଥା ପରଂ । ତେବେ ଏସବୁ ସମସ୍ୟା ଦୂର ପାଇଁ ପାରାଦୀପ ପୋର୍ଟ ବଣିକ ସଙ୍ଘର ନୂତନ କମିଟି ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଥିବା ନେଇ ସଂଘର ସାଧାରଣ ସମ୍ପାଦକ ଗୋଲେଖ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।

## 'ଉନ୍ନତ ସମାଜ ଗଠନର ମାର୍ଗଦର୍ଶକ ବରିଷ୍ଠ ନାଗରିକ'

ଢ଼େଙ୍କାନାଳ(ଭାସ୍କର ନ୍ୟୁଜ): ଉନ୍ନତ ସମାଜ ଗଠନର ମାର୍ଗଦର୍ଶକ ବରିଷ୍ଠ ନାଗରିକ ମାନେ ବୋଲି ଢ଼େଙ୍କାନାଳ ଜିଲ୍ଲା ନଗରପାଳ ଜୟନ୍ତୀ ପାତ୍ର ପରାମର୍ଶ ଦେଇଥିଲେ । ପ୍ରକାଶ ଥାଉ କି ଅଦ୍ୟ ଢ଼େଙ୍କାନାଳ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ୨୧ ତମ ସମ୍ବତ୍ସରିକ ମହୋତ୍ସବ ସ୍ଥାନୀୟ ଅଭିନନ୍ଦନ ଗାର୍ଡେନଠାରେ ମଞ୍ଚର ସଭାପତି ପ୍ରହଲ୍ଲାଦ ତ୍ରିପାଠୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥଲା । ସଭା ପ୍ରାରମ୍ଭରେ ଦିବଂଗତ ସଦସ୍ୟ ସଦସ୍ୟା ମାନଙ୍କ ଅମର ଆତ୍ମାର ସଦ୍ ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ନୂତନ ସଦସ୍ୟ ମାନଙ୍କ ପରିଚୟ ସହ କତିପୟ ସଦସ୍ୟ ମାନଙ୍କୁ ପୋଲିସ୍ ବିଭାଗରୁ ଫଟୋ ପରିଚୟ ପତ୍ର ମୁଖ୍ୟ ଅତିଥି ଶ୍ରୀମତୀ ପାତ୍ର ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ରୂପେ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ମହାସଚିବ ରାଜକିଶୋର ସାମନ୍ତରାୟ ଯୋଗଦାନ କରି ଏହା ବରିଷ୍ଠ ନାଗରିକ ସଂଘ ସହ ବୁଦ୍ଧି ଯିବୀ




ସଂଗଠାନ କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ମତବ୍ୟକ୍ତ କରିଥିଲେ । ବୈକୁଣ୍ଠ ନାଥ ବେହେରା ଜଣେ ବରିଷ୍ଠ କର୍ତ୍ତବ୍ୟ ନିଷ୍ଠ କର୍ମକର୍ତ୍ତା, ଯେକି ପ୍ରତ୍ୟେହ ଦୁଇବେଳା ଚିତ୍ତ ବିନୋଦନ କେନ୍ଦ୍ରକୁ ଖୋଲା ରଖିବା, ବନ୍ଦ କରିବା ଦାୟିତ୍ୱ ସୁଚାରୁ ରୂପେ ସଂପାଦନ କରୁଥିବାରୁ ଦୃଢ଼ ସଂଗଠକ ହିସାବରେ ମୁଖ୍ୟ ଅତିଥି ଜୟନ୍ତୀ ପାତ୍ର ସମ୍ମାନିତ କରିଥିଲେ । ଭିକାରି ଚରଣ ରାଉତ, ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ବସନ୍ତ କୁମାର ପଟ୍ଟନାୟକ, ସଦାନନ୍ଦ ସେଠୀ,ହୃଦାନନ୍ଦ ଦ୍ୱିବେଦୀ, ଡ଼ଃ ବିଦୁଭୂଷଣ ନନ୍ଦ, ସାଗର୍ମଲ୍ ଅଗ୍ରଓ୍ୱାଲା ଉପସ୍ଥିତ ସଦସ୍ୟ ମାନଙ୍କୁ ଉଦ୍ ବିଧିତ କରିଥିଲେ । ମଞ୍ଚ ର ସମ୍ପାଦକ କୃଷ୍ଣ ମୋହନ ସାହୁ ଓ ପିତବାସ ଷଡ଼ଙ୍ଗୀ ଧନ୍ୟବାଦ୍ ଅର୍ପଣ କରିଥିଲେ ବୋଲି ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ମଶାଣିରୁ ଶବ ଜବତ କଲା ପୋଲିସ

# ଶାଶୂଘର ମନା କଲେ, ମା' ଘର ଲୋକ ସ୍ୱର୍ଗଦ୍ୱାରରେ କଲେ ଶବଦାହ

ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ସଦର ମହକୁମାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଏଠାରେ ମର ଶରୀରକୁ କରାଯାଇଛି ଅସମ୍ମାନ, ମୌଖିକ ଅଭିଯୋଗ ଆଧାରରେ ଥାନା ସମ୍ମୁଖରେ ଏକ ଘଣ୍ଟା ଶବ ଅଟକ । ଆଇନଗତ କାଗଜାତ ଯାଞ୍ଚ ପରେ ପୋଲିସର ଗ୍ରୀନ୍ ସିଗ୍ନାଲ, ମଶାଣିରେ ଶବରେ ଲାଗିଲା ନିଆଁ । ସବୁ ଜାଣି ଅଜଣା ପାଲଟିଥିବା ଝିଅଘର ଲୋକେ ଝିଅକୁ ନିର୍ଯାତନା ଦେଇ ମାରିଦେଇ ଥିବା ମିଥ୍ୟା ଆରୋପରେ ଥାନାରେ କରିଥିଲେ ଅଭିଯୋଗ ବୋଲି ଶାଶୁଘର ଲୋକେ କରିଛନ୍ତି ଅଭିଯୋଗ । ଝିଅଘର ଅଭିଯୋଗ ପାଇ ମଶାଣୀରୁ ଟେକି ଆଣି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ପୋଲିସ୍ । ବ୍ୟବଚ୍ଛେଦ ପରେ ଶାଶୁଘର ଲୋକ ଶବକୁ ନେବାକୁ ମନା କରିବାରୁ ବାପଘର ଲୋକ ସ୍ୱର୍ଗଦ୍ୱାରରେ ଶବଦାହ କରିଥିବା ଜଣାପଡିଛି । ଏପଟେ ପୋଲିସ କେଶ୍ ରୁଜୁକରି ତଦନ୍ତ ଜାରିରଖିଥିବା ବେଳେ ଅଟକ ବାପ ଓ ପୁଅକୁ ପୋଲିସ୍ ଛାଡିଦେଇଛି । ଘଟଣାଟି ଘଟିଛି ରାଜନଗର ଗଳିକାଣ୍ଡ ବିଜୟ ପରିଡାଙ୍କ ପୁଅ ଭାଗ୍ୟର ପରିଡା ପ୍ରାୟ ୩/୪ବର୍ଷ ପୂର୍ବେ ସାନ ବଡ ଗୋପଳପୁରୁ ଗ୍ରାମର ଲମ୍ବୋଦର ବିଶ୍ୱାଳଙ୍କ ଝିଅ ସୁଭଦ୍ରା ବିଶ୍ୱାଳକୁ ଭଲପାଇ ପରେ ଝିଅ ଓ ପୁଅ ଘର ସହମତିରେ ବିବାହ ସମ୍ପନ୍ନ ହୋଇ ସୁଖ ଶାନ୍ତିରେ ଶାଶୁଘରେ ସପରିବାରେ ରହି ଆସୁଥିଲା ସୁଭଦ୍ରା । ଏବେ ୯ମାସର ଗର୍ଭବତୀ ଥିବା ସ୍ତ୍ରୀ ସୁଭଦ୍ରାକୁ ଯନ୍ତ୍ରଣା ହେବାରୁ ୭/୮ ଦିନ ହେବ ସ୍ୱାମୀ ଓ ଶାଶୂଘର ତଥା ମା'ଘର ଲୋକଙ୍କ ଜଣାତରେ ପ୍ରଥମେ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଗୁରୁତର ଅବସ୍ଥା ଦେଖି କଟକ ନେଇଯିବାକୁ ଡାକ୍ତର ନିର୍ଦ୍ଦେଶ ଦେଇଥିଲେ । ସେଠାରୁ କଟକ ଜଗତପୁର ଘରୋଇ ହସ୍ପିଟାଲରେ ଦେଖାଇବା ପରେ କଟକ ଏସ୍‌ସିବିକୁ ଶନିବାର ନିଆଯାଇଥିଲା । ସେହିଦିନ ରାତିରେ ମୃତ ଶିଶୁପୁତ୍ର ଜନ୍ମ ଦେଇ ସୁଭଦ୍ରା ଗୁରୁତର ଅସୁସ୍ଥ ହେବାରୁ ତାକୁ ଆଇୟୁସିରେ ଭର୍ତ୍ତି କରି ଡାକ୍ତରୀ ଟିମ୍ ଡାଇଲୋସିସ୍ କରିଥିଲେ । ହେଲେ ସୁଭଦ୍ରାକୁ ବଞ୍ଚାଇ ପାରିନଥିଲେ । ତା ପରଦିନ ରବିବାର ଦିବା ପ୍ରାୟ ୧ଟା ସମୟରେ ସୁଭଦ୍ରାଙ୍କ ପ୍ରାଣବାୟୁ ଉଡିଯାଇଥିଲା । ସେଠାରେ ଉପସ୍ଥିତ ଥିବା ଶାଶୁଘର ଓ ମା'ଘର ଲୋକଙ୍କ ଜଣାତରେ ଶବକୁ ରାଜନଗର ଅଣାଯାଇଥିଲା । ଦୀର୍ଘ ସମୟଧରି ଉପବାସରେ ରହିଥିବା ବନ୍ଧୁ ବାନ୍ଧବ ଶବ ସତ୍କାର ପାଇଁ ମଶାଣିକୁ ଶବ ନେଇ ଯିବା ବାଟରେ ଥାନା ନିକଟରେ ଯୋଜନା ବଦ୍ଧ ଭାବରେ ସୁଭଦ୍ରାକୁ ମାରି ଦିଆଯାଇଥିବା ଆଳରେ ଝିଅଘର ପକ୍ଷରୁ ମୌଖିକ ଅଭିଯୋଗରେ ପୋଲିସ ପ୍ରାୟ ଦୀର୍ଘ ଏକ ଘଣ୍ଟା ଶବକୁ ଅଟକାଇ ମେଡିକାଲ କାଗଜପତ୍ର ଯାଞ୍ଚ କରି ଜାଣିବାକୁ ପାଇଥିଲେ ସୁଭଦ୍ରା ଚିକିତ୍ସା ସମୟରେ ମେଡିକାଲରେ ମୃତ୍ୟୁବରଣ କରିଛି । ମେଡ଼ିକାଲରେ ଉଭୟ ମା' ଓ ଶାଶୂଘର ଲୋକ ଉପସ୍ଥିତ ଥିଲେ । ପରେ ମାନବିକତା ତଥା କାଗଜାତ ପ୍ରମାଣ ଆଧାରରେ ଶବ ଦାହା ପାଇଁ ଛାଡ ଥିଲେ । ଗତ ୨୪ ତାରିଖରେ ତାର ଶାଶୁ ଓ ଶୁଶୁର ଗୋଇଠା ମାରିଥିଲେ, ସେଥିପାଇଁ ଗର୍ଭବତୀ ଥିବା ଝିଅ ମୋର କଷ୍ଟ ପାଇବାରୁ ତାକୁ ରାଜନଗର ଠାରୁ କଟକ ହସ୍ପିଟାଲ ପର୍ଯ୍ୟନ୍ତ ନେଇ ମାରି ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଶ୍ରୀ ବିଶ୍ୱଳ । ଅଭିଯୋଗକୁ ସମ୍ମାନ ଦେଇ ପୋଲିସର ଅନିଛାକୃତ ମଶାଣୀରୁ ଶବକୁ ଉଠାଇ ନେଲା ବ୍ୟବଚ୍ଛେଦ କରିବାକୁ । ସୋମବାର ବ୍ୟବଚ୍ଛେଦ ପରେ ମିଥ୍ୟା ଆରୋପ ଲଗାଇଥିବା ଝିଅର ମା ଘର ଲୋକଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଶବ ଗ୍ରହଣ କରିନଥିଲେ ଶାଶୁଘର ଲୋକେ । ଶେଷରେ ମା ଘର ଲୋକ ପୁରୀ ସ୍ୱର୍ଗଦ୍ୱାରରେ ଶବଦାହ କରିଥିବା ସୂଚନା ମିଳିଛି । ଏଭଳି ଘଟଣାକୁ ସାଧାରଣରେ ନିନ୍ଦା କରାଯିବା ସହ ଶବକୁ ନେଇ ଯେଉଁ ରାଜନୀତି ଚାଲିଛି ତାହା ଅତି ହୀନ ରାଜନୀତି ବୋଲି ବିରୋଧୀ ନେତା ତଥା ବୁଦ୍ଧିଜୀବିମାନେ ନାପସନ୍ଦ କରିଛନ୍ତି ।




ଫୁଲନଖରା, (ଭାସ୍କର ନ୍ୟୁଜ): ଗଣତାନ୍ତ୍ରିକ ମହିଳା ସମିତି କଟକ ଜିଲ୍ଲା କମିଟି ତରଫରୁ ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ବିରୋଧୀ ହିଂସା ସମ୍ପର୍କରେ ଆଲୋଚନା କରାଯାଇ ଗଭୀର ଉଦବେଗ ପ୍ରକାଶ କରାଯାଇ ଥିଲା। ଜିଲ୍ଲା ସଭାପତି ଇନ୍ଦୁମତୀ ରାଉତ, ପୂର୍ବତନ କର୍ପୋରେଟର ଶୁଭ୍ରା ମହାପାତ୍ର, ଜିଲ୍ଲା ସମ୍ପାଦିକା ବୁଲି ସାହୁ, ଗଣତାନ୍ତ୍ରିକ ମହିଳା ସମିତିର ରାଜ୍ୟ ସମ୍ପାଦକ ସୁରାଜିତା ନାୟକ, ସହ ସମ୍ପାଦିକା ମିନତୀ ପାଣିଗ୍ରାହୀ, ବରିଷ୍ଠ କର୍ମଚାରୀ ନେତା ରବି ନାରାୟଣ ମଲ୍ଲିକ,ଇଂ.ମନମୋହନ ପତି ପ୍ରମୁଖ ବକ୍ତବ୍ୟ ରଖି ମହିଳା ମାନଙ୍କ ସାମାଜିକ, ଅର୍ଥନୈତିକ ବିକାଶ ପାଇଁ ସଂଗ୍ରାମରେ ଅଧିକ ସଂଖ୍ୟକ ମହିଳାଙ୍କୁ ସାମିଲ କରିବା ପାଇଁ ଅହରହ କାମ କରିବାକୁ ସମସ୍ତେ ଆହ୍ୱାନ ଦେଇଥିଲେ। ଆଜି ପର୍ଯ୍ୟନ୍ତ ସୋମ୍ୟାଶ୍ରୀ ନ୍ୟାୟ ପାଇ ପାଇଲା ନାହିଁ ବୋଲି ସୋମ୍ୟାଶ୍ରୀଙ୍କ ପିତାଙ୍କ ଅଭିଯୋଗକୁ ସମର୍ଥନ କରି ଏକ ପ୍ରସ୍ତାବ ସଭାରେ ଗୃହୀତ ହୋଇଥିଲା। ମହିଳା ଆନ୍ଦୋଳନକୁ ଆଗେଇ ନେବାକୁ ଏକ ନ ଜଣିଆ କମିଟି ଗଠନ କରାଇଛି। ଶୁଭ୍ରା ମହାପାତ୍ର, ବୁଲି ସାହୁ, ସାରଦା ନାୟକ, ଜ୍ୟୋସନା ପ୍ରଧାନ, ମମତା ପାଣି, ଗାୟତ୍ରୀ ସ୍ୱାଇଁ ପ୍ରମୁଖଙ୍କୁ ନେଇ କମିଟି ଗଠନ କରାଯାଇ ବୁଲି ସାହୁଙ୍କୁ ସମ୍ପାଦିକା ଭାବରେ ନିର୍ବାଚିତ କରାଯାଇ ଥିଲା ।



# ପାରାଦ୍ୱୀପ ଗଡ଼ରେ ଡ୍ରେନେଜ୍ ବ୍ୟବସ୍ଥା ଅନୁଧ୍ୟାନ କଲେ ଅଧିକାରୀ



ଏରସମା, (ଭାସ୍କର ନ୍ୟୁଜ୍):ରାଜ୍ୟର ଏକ ବୃହତ୍ ଗ୍ରାମ ପଞ୍ଚାୟତ ହେଉଛି ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ଼ ଗ୍ରାମ ପଞ୍ଚାୟତ। ଏହି ପଞ୍ଚାୟତଟି କଳ କାରଖାନା ଘେରାରେ ଦୃତ ଜନସଂଖ୍ୟା ବୃଦ୍ଧି ଓ ହଜାର ହଜାର ବିଦେଶୀ ଗତ ଲୋକମାନେ ସରକାରୀ ଖାଲି ଜାଗା ତଥା ଜଳ ନିଷ୍କାସନ ପଥକୁ ଜବର ଦଖଲ କରି ଜଳ ନିଷ୍କାସନ ପଥକୁ ଅବରୋଧ କରିଛନ୍ତି।ଯାହା ଫଳରେ ପାରାଦ୍ୱୀପ ଗଡ଼, ଚକ୍ରଧରପୁର, ନିମିଢି,ନିହାରୁଣୀ କନ୍ଧା, ରଙ୍ଗିଆଗଡ଼, ଚାଉଳିଆ ପାଳନ୍ଦା ଆଦି ଗ୍ରାମ ଗୁଡିକରେ ବର୍ଷା ଦିନେ ଜଳ ନିଷ୍କାସନ ହେଉନଥିବାରୁ ଗାଁ ଗଣ୍ଡା ଗୁଡ଼ିକ ଜଳମଗ୍ନ ହୋଇ ପଡୁଛି।ଏହି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଥିବା ବେଳେ ବର୍ଷା ଦିନେ ପଞ୍ଚାୟତ ତରଫରୁ ଏହାର ଆସୁ ସମାଧାନ କରାଯାଉଥିଲେ ମଧ ଏହାର ସ୍ଥାୟୀ ସମାଧାନ ହୋଇ ପାରୁନାହିଁ।ସରକାର ବଦଳିବା ପରେ ଏହି ପାରାଦ୍ୱୀପ ଗଡ଼ ପଞ୍ଚାୟତର ପୁଅ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶିଳ୍ପ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ହେବା ପରେ ଡ୍ରେନେଜ୍ ସମସ୍ୟା ଦୂର ପାଇଁ ଡ୍ରେନେଜ୍ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜଗତସିଂହପୁର ଡ୍ରେନେଜ୍ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ବିପ୍ଳବ ସାହୁ, ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ସାହୁ ଓ ଅନ୍ୟ ଅଧିକାରୀ ମାନେ ପାରାଦ୍ୱୀପ ଗଡ଼ ପଞ୍ଚାୟତ ପରିକ୍ରମା କରି ଡ୍ରେନେଜ୍ ସମସ୍ୟାର ଅନୁଧ୍ୟାନ କରି ତୁରନ୍ତ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଜଳ ନିଷ୍କାସନ ଅବରୋଧ ପଥ ଗୁଡ଼ିକ ପଞ୍ଚାୟତ ପରିକ୍ରମା କରି ଦୃଷ୍ଟି ଆକର୍ଷଣ କରାଇଥିଲେ।ତେବେ ପ୍ରବଳ ବର୍ଷା ସତ୍ତ୍ୱେ ଅଧିକାରୀ ମାନେ ଭିଜି ଭିଜି ଅବରୋଧ ଜଳ ନିଷ୍କାସନ ପଥ ଗୁଡ଼ିକ ଅନୁଧ୍ୟାନ କରିଥିଲେ।

# ଦିବ୍ୟାଙ୍ଗ ଚିହ୍ନଟୀକରଣ ସହ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ଓ ଭାରତ ସରକାରଙ୍କ ଆଲିମକୋ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ସଦରବ୍ଲକ ରେ ଥିବା ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଙ୍କ ପାଇଁ ଶିକ୍ଷା ପହଞ୍ଚାଇବା ପାଇଁ ଦିବ୍ୟାଙ୍ଗ ଚିହ୍ନଟ ଓ ସହାୟକ ଉପକରଣ ବଣ୍ଟନ ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ବିଆରଟି ଶୁକଦେ୍ୱ ପାଢ଼ୀ ଓ ମମତାରାଣୀ ମିଶ୍ର ଏହି ଶିବିରର ଆୟୋଜନ କରିଥିଲେ। ଏହି ଶିବିରରେ ମୋଟ ୬୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଯୋଗଦେଇ ଆବଶ୍ୟକୀୟ ତାଲିମ ଗ୍ରହଣ କରିବା ସହ ପିଲାଙ୍କ ପାଇଁ ଆବଶ୍ୟକ ଉପକରଣ ଗ୍ରହଣ କରିଥିଲେ।ଏହା ସହିତ ଆଗାମୀ ବର୍ଷ ପାଇଁ ଆବଶ୍ୟକ ଦିବ୍ୟାଙ୍ଗ ଉପକରଣର ତାଲିକା ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ଅଭିଯାନର ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ପୀତବାସ ସାହୁ, ଆଲିମକୋ ଭୁବନେଶ୍ୱର ପକ୍ଷରୁ ନିବେଦିତା ପୃଷ୍ଟି ଓ ତାଙ୍କ ସହଯୋଗୀ ଟିମ, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଯୋଜନା ରୁଦ୍ର ନାରାୟଣ ସାମଲ, ସହକାରୀ ଶିକ୍ଷା ଅଧିକାରୀ ଶିକ୍ଷା ବିଭାଗ ଶ୍ରୀକାନ୍ତ ବେହେରା, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ତଥା ବିଆରସିସି ସଦର ମାନସ ମିଶ୍ର ପ୍ରମୁଖ ଯୋଗଦେଇ ଆସନ୍ତା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆବଶ୍ୟକୀୟ ଦିବ୍ୟାଙ୍ଗ ସହାୟକ ଉପକରଣର ଆବଶ୍ୟକୀୟ ତାଲିକା ପ୍ରସ୍ତୁତ କରିଥିଲେ। ଆଜିର ଶିବିରରେ ୧୭ ଜଣଙ୍କୁ ହୁଇଲ ଚେୟାର, ଦୁଇ ଜଣଙ୍କୁ ଟ୍ରାଇସାଇକେଲ, ଜଣଙ୍କୁ ରୋଲେଟର କିଟ, ୫ ଜଣଙ୍କୁ ଟିଏଲଏମ କିଟ ୧୪ ଜଣ ଶ୍ରବଣ ବାଧିତ ଛାତ୍ରଛାତ୍ରୀଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିବା ସହିତ ଏଗୁଡିକର ବ୍ୟବହାର କରାଯିବା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦୁଝରର ପ୍ରଧାନ ଶିକ୍ଷକ ଜୟପ୍ରକାଶ ସାହୁ କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତି ଅତିଥି ଓ ଦିବ୍ୟାଙ୍ଗ ବାଳକ ବାଳିକାଙ୍କ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାବା କନେକେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ସିଆଳ ଗ୍ରାମର ଇଷ୍ଟଦେବ ବାବା ଶ୍ରୀ ଶ୍ରୀ କନେକେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ସିଆଳ କହ୍ନେଇପୁର ଗିଲିନାସୀ କୁମ୍ଭୁରୀ ଓ ବଡ଼ଦଣ୍ଡା ପାଞ୍ଚ ଗାଁ ମିଳିତ ସହଯୋଗରେ ତିନି ଦିନ ଧରି ମହାଯଂଜ୍ଞ ଅନୁଷ୍ଠିତ ହୋଇଛି। ଏହି ଯଜ୍ଞକାର୍ଯ୍ୟରେ ଦଶ ଜଣ ବୈଦିକ ବ୍ରାହ୍ମଣଙ୍କ ଯୋଗ ଦେଇ ସଂସାର ମଙ୍ଗଳ ସାଙ୍ଗକୁ ଜଳ ବୃଷ୍ଟି ଉଦେଶ୍ୟ ରେ ଦୀର୍ଘ ପଚାଶ ବର୍ଷ ହେଲା ମିଳିତ ସହଯୋଗରେ ହୋଇଆସୁଛି। ଉକ୍ତ ଯଂଜ୍ଞାନୁଷ୍ଠାନ କାର୍ଯ୍ୟରେ ଅଞ୍ଚଳର ଦଶ ମେଳ ସଂକୀର୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ପ୍ରତିଦିନ ସୂର୍ଯ୍ୟ ପୂଜା ମଙ୍ଗଳ ଆଳତି ଓ ଜଳ ଭିଷେକ କାର୍ଯ୍ୟ ବୈଦିକ ରୀତିନୀତି ଅନୁଯାଇ ହୋଇଥାଏ। ଏହି ଯଂଜ୍ଞ କାର୍ଯ୍ୟକୁ କନେକେଶ୍ୱର ଦେବ ଯଂଜ୍ଞ ପରିଚାଳନା କମିଟ ସଭାପତି ପ୍ରସନ୍ନ କୁମାର ମାନସିଂହ ସଭାପତି ମୃତ୍ୟୁଞ୍ଜୟ ପ୍ରଧାନ ସମେତ ପାଞ୍ଚ ଗାଁର ସମସ୍ତ ଯୁବକ ପୁରୁଷ ମହିଳା ମାନେ ଉପସ୍ଥିତ ରହି ଯଂଜ୍ଞ କାର୍ଯ୍ୟ ସମାପନ କରିବା ସହିତ ପ୍ରଶାଦ ସେବନ କରିଥିଲେ।

# ଅଭିଯୋଗ ଶିବିରରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ବଣ୍ଟନ



କୋରାପୁଟ, (ଭାସ୍କର ନ୍ୟୁଜ) ସ୍ଥାନିୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ । ଏଥିରେ ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ପର୍କିତ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଲୋକେ ଦାଖଲ କରିଥିଲେ। ଲାଇନ ବିଭାଗ ଅଧିକାରୀମାନେ ଅଭିଯୋଗ ଗୁଡିକର ଯାଂଚ କରି ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଶିବିରରେ ମୋଟ ୫୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୩୪ଟି ବ୍ୟକ୍ତିଗତ ଓ ୧୭ଗୋଷ୍ଠୀଗତ ଅଭିଯୋଗ ଥିଲା । ଜିଲ୍ଲାର ୩୬ମହିଳା ସ୍ୱୟଂ ସହାୟକ ଦଳକୁ ୩.୮୮କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ଗୋଟିଏ ଏସ୍‌ଏଜିକୁ ସର୍ବାଧିକ ୧୫ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ନିର୍ବାହି ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ପ୍ରବେସନାରୀ ଆଇଏଏସ ସନ୍ତୋଷ କୁମାର ପାତ୍ର, ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ମୁକ୍ତିକାନ୍ତ ଖଟୁଆ, ପୌର ପରିଷଦ ନିର୍ବାହି ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ବିଡିଓ ଦେବାଶିଷ ଗୌଡ, ଡିଏଫଓ କେଭି ଭାସ୍କର ରାଓ, ବ୍ଲକ ଅଧ୍ୟକ୍ଷ ନମିତ ମାଝି, ସହକାରୀ ଜିଲ୍ଲାପାଳ, ତହସିଲଦାର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରିୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ସିଆର୍‌ସିସିଙ୍କ ଜିଲ୍ଲାସ୍ତରୀୟ ତାଲିମ ଶିବିର

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲାରେ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନଙ୍କର ତାଲିମ ଶିବିର ଆୟୋଜନ କରାଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥବା ବେଳେ ଉପଜିଲ୍ଲାପାଳ ଅଶ୍ୱି ଏ ଏଲ୍ ଉପସ୍ଥିତ ଥିଲେ। ସମଗ୍ର ଶିକ୍ଷା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନଙ୍କୁ ଶ୍ରେଣୀ ଗୃହର ତଦାରଖ, ମଧ୍ୟାହ୍ନ ଭୋଜନ, ପୋଷାକ, ଜୋତା, ଛାତ୍ରବୃତ୍ତି, ସମୟାନୁବର୍ତ୍ତିତା ଓ ବିଭାଗର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇ ଥିଲେ। ସେହିପରି ଉପଜିଲ୍ଲାପାଳ ତାଙ୍କର ବିଦ୍ୟାଳୟ ପରିଦର୍ଶନ ର ଅନୁଭୂ ମଧ୍ୟ ମତ ବିନିମୟ କରିଥିଲେ। ଆସନ୍ତା ଦିନ ଗୁଡିକରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନଙ୍କ ନିୟମିତ ବୈଠକ ଓ ତାଲିମ ପ୍ରଦାନ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣଗ୍ରାହୀ ସୂଚନା ଦେଇଛନ୍ତି। ଅନ୍ୟ ମାନଙ୍କ ମଧରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ଯୋଗ ଦେଇଥିଲେ। ଶିବିରକୁ ଆୟୋଜନ କରିବାରେ ସମଗ୍ର ଶିକ୍ଷା ଅଭିଯାନର କର୍ମଚାରୀ ସହଯୋଗ କରିଥିଲେ।

# କୃଷକ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

କୋରାପୁଟ, (ଭାସ୍କର ନ୍ୟୁଜ) : କୋରପୁଟ ଜିଲ୍ଲାରେ ଚାଷୀଙ୍କୁ ସାର ଯୋଗାଣ, ସାର କଳାବଜାରୀ ବନ୍ଦ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବଦଳି ଦାବିରେ କୃଷକ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାକୁ ଆସୁଥିବା ସମସ୍ତ ସାର ସମବାୟ ସଂସ୍ଥା ମାଧ୍ୟମରେ ବଣ୍ଟନ କରିବା, ସାର ସହିତ ନାନୋ ୟୁରିଆ, ଡିଏପି ଓ ଅନ୍ୟାନ୍ୟ ଦ୍ରବ୍ୟ ନେବାକୁ ବାଧ୍ୟ ନକରିବା, ଚାଷୀଙ୍କୁ ସାର କ୍ରୟର ରସିଦ ପ୍ରଦାନ କରିବା, ସାର ଦୋକାନରେ ଷ୍ଟକ ପରିମାଣ ଓ ସାରର ଦର ନେଇ ସୂଚନା ଫଳକରେ ଉଲ୍ଲେଖ କରିବା । ସାର ଗାଡିରେ ଭିଟିଏସ୍ ଲଗାଯାଇ ସାର ବିତରକ ନିକଟରେ ପହଞ୍ଚିଲା କି ନାହିଁ ସୁନିଶ୍ଚିତ କରିବା, ସାରର ନମୁନା, କୀଟନାଶକ, ଅଣୁସାର ଓ ବିହନର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବା, ଜିଲ୍ଲାରେ ଆର୍‌ଏମ୍‌ସି ଓ ମାର୍କଫେଡ ଅଫିସରେ କିଛି କର୍ମଚାରୀ ୧୫ବର୍ଷରୁ ଅଧିକ ରହି ନିଜ ସମ୍ପର୍କୀୟ ନାମରେ ଦୋକାନ ଖୋଲି କଳାବଜାରରେ ଲିପ୍ତ ଥିବାରୁ ସେମାନଙ୍କୁ ଚିହ୍ନଟ କରି ବଦଳି କରିବା। ଗତ ଦିନରେ ଜିଲ୍ଲାକୁ ଆସୁଥିବା ସାରର ତଦନ୍ତ କରିବା, ଚାଷୀଙ୍କଠାରୁ ଅଧିକ କଟନି ଛଟନି କରାଯାଇ ଶୋଷଣ କରାଯାଉଥିବାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିବର୍ତ୍ତେ ଲ୍ୟାମ୍ପସ କିମ୍ବା ପଞ୍ଚାୟତକୁ ଧାନ କ୍ରୟ କ୍ଷମତା ପ୍ରଦାନ କରିବା ଭଳି ଦାବି ଏହି ଦାବିପତ୍ରରେ ଉଲ୍ଲେଖ ରହିଛି । ଏଥିସହ ବିଗତ ଖରିଫ ଓ ରବି ଋତୁରେ ଧାନ କିଣାର ଖାଲି ଅଖା ଟଙ୍କା ଓ ପରିଚାଳନା ଖର୍ଚ୍ଚ ଆଜି ସୁଦ୍ଧା ପ୍ରଦାନ କରାଯାଇନି । ଏହାର ତଦନ୍ତ କରି ଚାଷୀଙ୍କୁ ନ୍ୟାୟ ପ୍ରଦାନ କରିବା ନିମନ୍ତେ କୃଷକ କଲ୍ୟାଣ ମଞ୍ଚର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ ସମେତ କିଛି ଚାଷୀ ଦାବି କରିଛନ୍ତି ।

## ଗଜାନନଙ୍କ ପ୍ରତିମୂର୍ତ୍ତିକୁ ସମ୍ମାନଜନକ ବିସର୍ଜନ

# ପରିବେଶକୁ ସ୍ୱଚ୍ଛତା ରଖିବା ପାଇଁ ବ୍ରହ୍ମପୁର ସବୁଜ ବାହିନୀର ପ୍ରୟାସ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଗଜାନନଙ୍କ ପ୍ରତିମୂର୍ତ୍ତିକୁ ନେଇ ବିସର୍ଜନ କରିଛି ବ୍ରହ୍ମପୁର ସବୁଜ ବାହିନୀ। ସହରର ବିଭିନ୍ନ ପୋଖରୀ ହୁଡାରେ ପରିତ୍ୟକ୍ତ ଅବସ୍ଥାରେ ଥିବା ତିନି ଶହରୁ ଅଧିକ ମୂର୍ତ୍ତିକୁ ଅନୁଷ୍ଠାନର ସଦସ୍ୟମାନେ ସେଠାରୁ ଗାଡି ଯୋଗେ ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ପ୍ରସ୍ତୁତ ଅସ୍ଥାୟୀ ପୋଖରୀକୁ ନେଇଥିଲେ। ସେଠାରେ ମୂର୍ତ୍ତିକୁ ବିସର୍ଜନ କରିଥିଲେ। ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି, ଗଣେଶ ପୂଜା ପାଇଁ ସଭିଏଁ ପ୍ରଭୁଙ୍କ ସ୍ୱାଗତ ଧୁମଧାମରେ କରୁଛନ୍ତି। ସହରରେ ବିସର୍ଜନ ପାଇଁ ମାତ୍ର ୪ଗୋଟି ଅସ୍ଥାୟୀ ପୋଖରୀ ରହୁଛି। ତାହା ସହରର ଚାରି ପ୍ରବେଶ ଦ୍ୱାରରେ ପ୍ରାୟ ରହୁଛି। ଫଳରେ ବିଭିନ୍ନ କାରଣରୁ ଲୋକମାନେ ମୂର୍ତ୍ତିକୁ ଆଣି ସାହି ଗଳିରେ ଥିବା ପୋଖରୀରେ ବିସର୍ଜନ କରୁଛନ୍ତି। ପୋଖରୀ ଭିତରେ ମୂର୍ତ୍ତି ପକାଇବାକୁ ମନା ହୋଇଥିବାରୁ ଗତ କିଛି ବର୍ଷ ହେଲା ସଭିଏଁ ମୂର୍ତ୍ତିକୁ ପାଣିରେ ବୁଡାଇ କୂଳରେ ଆଣି ଥୋଇ ଦେଉଛନ୍ତି। ପରେ ସେହି ମୂର୍ତ୍ତି କେଉଁ ବର ଗଛ ମୂଳେ ଓ ପୋଖରୀ ହୁଡାରେ ଅପରିତ୍ୟକ୍ତ ଅବସ୍ଥାରେ ପଡି ରହୁଛି। ଯାହାକି ଗତ କିଛି ବର୍ଷ ହେଲା ଆମ ଅନୁଷ୍ଠାନର ସଦସ୍ୟମାନେ ଦେଖୁଥିଲେ। ବୁଧବାର ଗଣେଶ ପୂଜା ହୋଇଥିଲା। ଶୁକ୍ରବାର ଓ ରବିବାର ଅନେକ ଲୋକ ଗଣେଶଙ୍କ ବିସର୍ଜନ କରିଛନ୍ତି। ସହରର ପ୍ରମୁଖ ପୋଖରୀ ହୁଡାରେ ଶହ ଶହ ମୂର୍ତ୍ତି ପଡି ରହିଥିଲା। ଆଜି ହରିଡାଖଣ୍ଡି ବନ୍ଧ, ଧୋବା ବନ୍ଧ, ଜଗବନ୍ଧୁ ସାହି ପୋଖରୀ, ଆଇନାବନ୍ଧ ସାହି ପୋଖରୀ, ପାଣିଗ୍ରାହୀପେଣ୍ଠ ପୋଖରୀ, ବିଜିପୁର ପୋଖରୀରୁ ମୂର୍ତ୍ତି ସଂଗ୍ରହ କରାଯାଇଥିଲା। ସେ ସବୁକୁ ଫାଷ୍ଟଗେଟ୍ ଏବଂ ନୂଆ ଆମ୍ବ ମାର୍କେଟ ନିକଟରେ ଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଛି। ଏଥିରେ ଏ. ପ୍ରକାଶ, ଏମ୍. ଦିଲ୍ଲୀପ କୁମାର, ସାମ୍ବାଦିକ ସ୍ୱାଧୀନ ସାହୁ, ଶଙ୍କର ସାହୁ, କାଳିଆ ସାହୁ ପ୍ରମୁଖ ସହାୟତା କରିଥିଲେ।

# ପୋଲ ଉପରେ ୩ ଫୁଟ ବନ୍ୟାଜଳ

କାଳିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଅନ୍ତର୍ଗତ କାଙ୍ଗୁରକଣ୍ଡା ପୋଲ ଉପରେ ୩ ଫୁଟ ବନ୍ୟାଜଳ ପ୍ରବାହିତ ହୋଇଛି। ଫଳରେ ୩୨୬ ଜାତୀୟ ରାଜପଥ ଅବରୋଧ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଥିଲା। ଏବଂ ପୋଲର ଦୁଇ ପାର୍ଶ୍ୱରେ ଯାନବାହାନଗୁଡିକ ଧାଡ଼ି ରେ ଅଟକି ରହିଥିଲା। ପ୍ରବଳ ବର୍ଷାଯୋଗୁଁ ଗତ ସୋମବାର ରାତିରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ସୂଚନା ମିଳିଛି। ତେବେ ମଙ୍ଗଳବାର ଦିନ ୩ ସୁଦ୍ଧା ବନ୍ୟାଜଳ ପୋଲ ଉପରୁ କମି ନ ଥିବା ଜଣାପଡିଛି। ଚଳିତ ବର୍ଷାରେ ଦୁଇ ଥର ଏହି ପୋଲ ଯୋଗାଯୋଗ ବିଚ୍ଛିନ୍ନ କରିଥିବା ବେଳେ ପୋଟି ଖାଲୁଆ ହୋଇ ରହିଛି। ଏହାକୁ ଦୃଷ୍ଟିରେ ରଖି ନିକଟରେ ନୂତନ ପୋଲ ନିର୍ମାଣ ଚାଲିଥିଲେ ସୁଦ୍ଧା ଏଯାଏଁ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରି ନାହିଁ। ଯାହାଫଳରେ ସ୍ଥାନୀୟ ଲୋକେ ବର୍ଷା ଦିନ ଆସିଲେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଜୟ ଦୁର୍ଗା କ୍ଲବ୍‌ର ନୂଆଖାଇ ଭେଟ୍



ବଲାଙ୍ଗିର, (ଭାସ୍କର ନ୍ୟୁଜ୍) : ବଲାଙ୍ଗିର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଗ୍ରାମପଞ୍ଚାୟତର କେରମେଲି ଗ୍ରାମ ଠାରେ ମହା ସମାରୋହରେ ଜୟଦୁର୍ଗା କ୍ଲବ୍ ଆନୁକୁଲ୍ୟରେ ନୂଆଖାଇ ଭେଟ ଅନୁଷ୍ଠିତ ହୋଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦୦୦ ଲୋକ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଆମ ଅଞ୍ଚଳ ବିଭିନ୍ନ ଲୋକଗୀତ ସମ୍ବଲପୁରୀ ନୃତ୍ୟ ଓ ଆଧୁନିକ ଗୀତର ତାଳେ ତାଳେ ନାଚିଥିଲେ ଦର୍ଶକ। ପ୍ରଥମେ ଇଷ୍ଟଦେବୀ ମା ମାହେଶ୍ୱରୀ ଦେବୀ, ଅଲେଖ ମହିମାଙ୍କୁ ପୂଜା ପ୍ରାର୍ଥନା କରି ଆଗାମୀ ବର୍ଷରେ ଆହୁରି ସୁଖ ସମୃଦ୍ଧି ସମସ୍ତଙ୍କୁ ଦିଅନ୍ତୁ କହି ନୂଆଖାଇ ଜୁହାର ଭେଟ ସମସ୍ତେ ସମସ୍ତଙ୍କୁ ଜଣାଇଥିଲେ। ଉପସ୍ଥିତ ଅତିଥି ବୃନ୍ଦ ସମସ୍ତଙ୍କ ଏକତା ନିହାତି ଜରୁରୀ ଏକ ସୁସ୍ଥ ଗ୍ରାମ ଗଠନ କରିବା ପାଇଁ ଏବଂ ଆଜିର ଉପସ୍ଥିତି ଉଦାହରଣ ହୋଇରହିବ। ଅତିଥି ସରପଞ୍ଚ ଜନ୍ମଜୟ ମେହେର, ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ସମବାୟ ସମ୍ପାଦକ ପ୍ରମୋଦ କର୍ମୀ, ଦିଲୀପ ବର୍ଗେ, ଅଲିନା ମେହେର, ସୁବାସ ପଟେଲ, ପ୍ରଦ୍ୟୁମ୍ନ ମେହେର, ସୁରଥ କର୍ମୀ, ଘୁଣ୍ଟୁଗୋପାଳ ପଧାନ ପ୍ରମୁଖ ଯୋଗଦେଇଥିଲେ। ଲକ୍ଷ୍ମୀକାନ୍ତ ସାହୁ ଓ ଜୟକୁମାର ମେହେର ମଞ୍ଚ ପରିଚାଳନା କରିଥିଲେ ଏବଂ ସଭାପତି ଡୋଳା ମଣି ପଧାନ, ସମ୍ପାଦକ ହୃଷୀକେଶ ମେହେର, ଉପସଭାପତି ପଦାର୍ଥ ଭୁଏ, ହେମନ୍ତ ପଧାନ, ଉମାକାନ୍ତ ସାହୁ, ରମାକାନ୍ତ ପୋଢ଼, ସିଦ୍ଧେଶ୍ୱର କର୍ମୀ, ରବୀନ୍ଦ୍ର କର୍ମୀ, ରମେଶ ମାହାର, ଫଗନୁ କର୍ମୀ ପ୍ରମୁଖ ଆୟୋଜନ କରିଥିଲେ।

# ଚାଉଳମେନ୍ଦି ଡ୍ରାଇଭର ମହାସଂଘର ପ୍ରତିଷ୍ଠା ଦିବସ ପାଳିତ



ମାଥିଲି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଚାଉଳମେନ୍ଦି ଗ୍ରାମପଞ୍ଚାୟତ ଅଶୋକ ସ୍ତମ୍ଭ ସମ୍ମୁଖରେ ଡ୍ରାଇଭର ମହାସଂଘର ପ୍ରତିଷ୍ଠା ଦିବସ ପାଳନ କରଯାଇଥିଲା।ଏହି ସଭାରେ ଡ୍ରାଇଭର ମହାସଂଘର ସଭାପତି ସନାଧର ଅମାନତ୍ୟଙ୍କ ନେତୃତ୍ୱରେ ସମସ୍ତ ଗାଁର ଡ୍ରାଇଭର ଭାଇମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବରେ ଗ୍ରାମପଞ୍ଚାୟତ ର ସରପଞ୍ଚ ଜଳନ୍ଧର ନାୟକ ଯୋଗଦେଇଥିଲେ। ଗତ ମାସ ଅଗଷ୍ଟ ୧୫ ତାରିଖ ଦିନ ଶ୍ରୀ ନାୟକଙ୍କର ଜନ୍ମଦିନ ଥିଲା ସେ ତିନୋଟି କାମ ପଞ୍ଚାୟତବାସୀଙ୍କୁ ଭେଟି ଦେଇଥିଲେ। ବହୁଦିନରୁ ତାଙ୍କର ସ୍ୱପ୍ନ ଥିଲା ତ୍ରିରଙ୍ଗା ପତାକା ନିକଟରେ ଡ଼କ୍ଟର ଆମ୍ବେଦକର, ସହିଦ ବୀର ଲକ୍ଷ୍ମଣ ନାୟକଙ୍କ ଓ ଅଶୋକ ସ୍ତମ୍ଭ ସ୍ଥାପନ କରିବା ଓ ବହୁ ଦିନ ଧରି ଗ୍ରାମପଞ୍ଚାୟତର ଉପର ମହଲାର ଶିଲିଂ କାମ ରହିଯାଇଥିଲା ତାହା ଚକାଚକ୍ କରି ଦେଖାଇଲେ ଓ ସେହି ଜନ୍ମ ଦିନରେ ଦୁଇ ଦିନିଆ ଫୁଟ୍‌ବଲ୍ ମ୍ୟାଚ ଆୟୋଜନ କରାଯାଇଥିଲା। ଏହି ମ୍ୟାଚର ଫାଇନାଲରେ ମଲଲିଗୁଡ଼। ଏବଂ ପାଙ୍ଗାମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଙ୍ଗାମ ଦଳ ବିଜୟୀ ହୋଇଥିଲା। ଏହି ପ୍ରତିଷ୍ଠା ଦିବସରେ ସୋନୁ ଗୌଡ(ୱାର୍ଡ ମେମ୍ବର), ବ୍ରଜବନ୍ଧୁ ନାୟକ(ଗାଁ ନାୟକ), ବୁରୁସୁ ନାଲି, ଜଗବନ୍ଧୁ ବଟେ, ଅକ୍ଷୟ କୁମାର ଖରା, ଗୌର ଚନ୍ଦ୍ର ବଟେ, ରାଜୁ ବିଶଇ, ରାମ ଚନ୍ଦ୍ର ବଟେ, ରାମ କାଳାପାଳିଆ, ପୂର୍ଣ୍ଣ ବଟେ, ସହଦେବ ବଟେ, ରଘୁରାମ ବଟେ, ଜଳନ୍ଧର ନାଲି, ଜଗବନ୍ଧୁ ଗୌଡ, ଡମ୍ବୁ ମଲଲି, ଅଭିରାମ ମଲଲି, ସୁକାନ୍ତ ଓଡି, ସମନ୍ଦ ବଟେ ପ୍ରମୁକ ଉପସ୍ଥିତ ଥିଲେ ।

# ଚାଷୀଙ୍କୁ ମିଳୁନି ୟୁରିଆ ସାର





ମାଲକାନଗିରି/କାଲିମେଳା (ଭାସ୍କର ନିଉଜ): ମାଲକାନଗିରି ଜିଲ୍ଲା ଦୁଇ ନିର୍ବାଚନ ମଣ୍ଡଳୀରେ ୟୁରିଆ ସାର ସଙ୍କଟ ଦେଖାଦେଇଛି। ଚଳିତ ଖରିଫ୍ ଫସଲ ପାଇଁ ଠିକ୍ ସମୟରେ ଚାଷୀଙ୍କୁ ସାର ଯୋଗାଇବା ଗୋଟିଏ ପ୍ରକାର ବନ୍ଦ ହୋଇଯାଇଛି। ଜିଲ୍ଲାର ଲ୍ୟାମ୍ପସ କିମ୍ବା ଲାଇସେନ୍ସ ପ୍ରାପ୍ତ ଡିଲରଙ୍କ ଗୋଦାମରେ ପ୍ରର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ନାହିଁ। ଏହାର ସୁଯୋଗ ନେଇ କେତେକ ଅସାଧୁ ବ୍ୟବସାୟୀ କଳାବଜାରରେ ସାର ବିକ୍ରି କରୁଛନ୍ତି। ସରକାରୀ ଦର ବସ୍ତା ପିଛା ୨୬୮ ଟଙ୍କା ଥିବା ସ୍ଥଳେ ୮୦୦, ୮୫୦ ଏବଂ ୧୦୦୦ ଟଙ୍କାରେ ବିକ୍ରି କରାଯାଉଛି। ରାତ୍ର ବେଳା ଏବଂ ବିଭିନ୍ନ ରାସ୍ତା ଘାଟରେ ମଧ ବିକ୍ରି କରାଯିବା ନଜରକୁ ଆସିଛି। ଚାଷୀ ମାନେ ଲ୍ୟାମ୍ପସ,ବ୍ୟାଙ୍କ କିମ୍ବା ଅନ୍ୟ କାହା ପାଖରୁ ଧାର କରଜ କରି ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଛୋଟ ଚାଷୀ, ଭାଗ ଚାଷୀ, ନାମକୁ ମାତ୍ର ଚାଷୀ ନାହିଁ ନଥିବା ସମସ୍ୟାରେ ପଡିଛନ୍ତି। ଫସଲ କ୍ଷତିଗ୍ରସ୍ତ ଏବଂ କମ୍ ଅମଳକ୍ଷମ ହେବାର ଆଶଙ୍କା ରହିଛି। ଏନେଇ ସମସ୍ତ ଚାଷୀ ରାଜ ରାସ୍ତାରେ ଓହ୍ଲାଇ ଆନ୍ଦୋଳନ ଚଳାଇଛନ୍ତି। ଜିଲ୍ଲାର ଚାଷୀ ମହଲରେ ଅସନ୍ତୋଷ ବଢିବାରେ ଲାଗିଛି ଏବଂ ଏନେଇ ବଡ଼ ପ୍ରଶ୍ନ ମଧ ଉଠୁଛି। ଏ ପ୍ରସଙ୍ଗରେ ଦୁଇ ନିର୍ବାଚନ ମଣ୍ଡଳୀ ଚାଷୀଙ୍କ ବୃହତ ସ୍ୱାର୍ଥ ଏବଂ ସୁରକ୍ଷା ପାଇଁ ମାଲକାନଗିରି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଜେଡ଼ି ବିଧାୟକ ମାନସ ମାଡକାମି ଏବଂ କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ କାଲିମେଳା ସମିତି ଅଧକ୍ଷ ମାଲା ମାଡ଼ି ପ୍ରମୁଖ ଗଣମାଧ୍ୟମରେ ମନ୍ତବ୍ୟ ରଖିଛନ୍ତି। ଅଭାବି ଧାନ ବିକ୍ରି ଲାଗି ସମସ୍ତଙ୍କୁ ମଣ୍ଡି କାର୍ଡ ପାଇଁ ଚାଷୀ ପଞ୍ଜିକରଣ କରାଯାଇନାହିଁ। ଏବେବି ଜଙ୍ଗଲ ଜମି ପଟ୍ଟା ପାଇଥିବା ପ୍ରଜା ମଣ୍ଡି କାର୍ଡରୁ ବଞ୍ଚିତ ହୋଇଛନ୍ତି। ଏବଂ ବିଗତ ବର୍ଷ ଠିକ୍‌ରେ ଧାନ ବିକ୍ରି କରିପାରି ନାହାଁନ୍ତି। ସରକାର ଚାଷୀଙ୍କ ପାଇଁ ଚିନ୍ତା କରୁନଥିବାରୁ ଚାଷୀ ଭଗବାନଙ୍କ ଭରଷାରେ ରହିଛନ୍ତି। ଏବଂ ପ୍ରତ୍ୟେକ ଦିନ ରାଜରାସ୍ତାକୁ ଓହ୍ଲାଇ ସାର ପାଇଁ ଆନ୍ଦୋଳନ ଚଳାଇଥିବା ବେଳେ ସରକାରଙ୍କ ନିଦ ଭାଙ୍ଗୁ ନାହିଁ। ଚଳିତ ବର୍ଷ ଅଧିକ ଚାଷ ହେବା କାରଣରୁ ୟୁରିଆ ସାର ନିଅଣ୍ଟ ପଡ଼ିଛି ବୋଲି କୁହାଯାଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶାସନ କାଳରେ ଏମିତି କେବେ ୟୁରିଆ ସମେତ ଗ୍ରୋମର,ଡିଏପି ଆଦି ସାର ନିଅଣ୍ଟ ହେବା ଜିଲ୍ଲାର ଚାଷୀମାନେ ଜାଣିନାହାନ୍ତି। ଏ ସରକାର ଚାଷୀଙ୍କୁ ସାର ଯୋଗାଇବାରେ ଫେଲ ମାରିଛନ୍ତି। କଥାରେ ଅଛି ଚାଷୀ ହସିଲେ ଦେଶ ହସିବ, ଚାଷୀ କାନ୍ଦିଲେ ଦେଶ କାନ୍ଦିବ। ତେଣୁ ଆଗାମୀ ଦିନରେ ଚାଷୀମାନେ ବଡ଼ ଧରଣର ଆନ୍ଦୋଳନ କରି ସରକାରଙ୍କୁ ଉଚିତ ଜବାବ ଦେବେ ବୋଲି ମାନସ ମାଡକାମି ତାଙ୍କ ମନ୍ତବ୍ୟରେ ଜଣାଇଛନ୍ତି। ମାଲକାନଗିରି ଜିଲ୍ଲାରେ ଚଳିତବର୍ଷ ବ୍ୟାପକ ଭାବେ ୟୁରିଆ ସାରର ଅଭାବ ଦେଖା ଦେଇଛି। ଯାହାଫଳରେ ଜିଲ୍ଲାର ଚାଷୀ ମାନଙ୍କ ମଧ୍ୟରେ ଆହାକାର ସୃଷ୍ଟି ହୋଇଛି। ଠିକ୍ ସମୟରେ ସାର ଅଭାବ ହେବା ଯୋଗୁଁ ଚାଷୀମାନେ ଜିଲ୍ଲା ପ୍ରଶାସନ ନିକଟରେ ପହଞ୍ଚିଥିଲେ। ପୂର୍ବରୁ ନବୀନ ସରକାର ଥିବା ବେଳେ ଚାଷୀମାନେ ଠିକ୍ ସମୟରେ ଏବଂ ଆବଶ୍ୟକତା ଅନୁପାତରେ ସାର ପାଇପାରୁଥିଲେ। ଏବେ ତାହା ସମ୍ଭବ ହେଉନଥିବାରୁ ଚାଷୀମାନେ ଆକ୍ରୋଶ ମୁଡ୍‌ରେ ରହିଛନ୍ତି। କିଛି ଦିନ ତଳେ ଚାଷୀ ମାନେ ବହୁସଂଖ୍ୟାରେ ଏକତ୍ରିତ ହୋଇ ଶିଖପାଲି, ମାଥିଲି, କରୁକୋଣ୍ଡା, ମୋଟୁ ନିକଟସ୍ଥ ପୁଶୁଗୁଡା ଆଦିରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ। ତେଣୁ କରି ତୁରନ୍ତ ଚାଷୀଙ୍କୁ ସାର ନ ଯୋଗାଇଦେଲେ ଆଗାମୀ ଦିନରେ କାଳିମେଳା ଲ୍ୟାମ୍ପସକୁ ଘେରାଉ କରାଯିବ ବୋଲି ସ୍ଥାନୀୟ ଚାଷୀମାନେ ସଜବାଜ ହେଉଛନ୍ତି ବୋଲି ମାଲା ମାଡ଼ି ତାଙ୍କ ମନ୍ତବ୍ୟରେ ଜଣାଇଛନ୍ତି।

# ସ୍ୱଚ୍ଛ ପାନୀୟଜଳ ପାଇବାରୁ ବଞ୍ଚିତ ଆଳିପିଙ୍ଗଳ ପଞ୍ଚାୟତବାସୀ

ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଜଳ ଓ ପରିମଳ ବିଭାଗର ଅପାରଗ ପଣିଆ ହାଟରେ ପଡି ଦାଣ୍ଡରେ ଗଡୁଛି। ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ ହେବ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଆଳିପିଙ୍ଗଳ ବଜ଼ାର ନିକଟରେ୨ ଲକ୍ଷ୍ୟ ଲିଟର ବିଶିଷ୍ଟ ବସୁଧା ଟାଙ୍କି ନିର୍ମାଣ କରାଯାଇଛି ହେଲେ ତାହା କାର୍ଯ୍ୟକ୍ଷମ କରାଯାଇନାହିଁ। କେତେକ ଅଞ୍ଚଳ ରେ ପାଇପ ଲାଇନ ବିଛା ଯାଇଛି ତ ଆଉ ଅଧିକାଂଶ ଅଞ୍ଚଳକୁ ପାଇପ ଲାଇନ ସଂଯୋଗ କରାଯାଇନାହିଁ। ଆଳିପିଙ୍ଗଳ ପଞ୍ଚାୟତର କୋଲର, ଫୁଲାର, ଆଳିପିଙ୍ଗଳ ଆଦି ରାଜସ୍ୱ ଗ୍ରାମର ପାଞ୍ଚ ହଜାର ରୁ ଉର୍ଦ୍ଧ ପଞ୍ଚାୟତ ବାସୀ ସ୍ୱଛ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ଅଡଗାଁ ଠାରେ ୨ ଲକ୍ଷ୍ୟ ଲିଟର ବିଶିଷ୍ଟ ବସୁଧା ଟାଙ୍କି ନିର୍ମାଣ କରାଯାଇଛି। ଅନ୍ୟାନ ରାଜସ୍ୱ ଗ୍ରାମକୁ ପାଇପ ଲାଇନ ସଂଯୋଗ କରାଯାଇ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯାଇଛି। ହେଲେ ରକ୍ଷଣାବେକ୍ଷଣା ଦାୟିତ୍ୱ ପଞ୍ଚାୟତ କୁ ହସ୍ତାନ୍ତର କରାଯାଇନାହିଁ। ଅଧିକାଂଶ ସ୍ଥାନରେ ପାଇପ ଲାଇନ ଫାଟି ଯିବାରୁ ବ୍ୟାପକ ମଧୁର ଜଳ ନଷ୍ଟ ହେଉଛି। ଆଳିପିଙ୍ଗଳ ପଞ୍ଚାୟତବାସୀ ସ୍ୱଛ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ଆଳିପିଙ୍ଗଳ ପଞ୍ଚାୟତ ରେ କୋଟି କୋଟି ଟଙ୍କାରେ ନିର୍ମିତ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ ପଞ୍ଚାୟତ ବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଜଗତସିଂହପୁରର ଲୋକପ୍ରିୟ ବିଧାୟକ କୋଟି କୋଟି ଟଙ୍କାରେ ନିର୍ମାଣଧୀନ ଅଚଳ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପକୁ ସଚଳ କରିବାକୁ ସ୍ଥାନୀୟ ଜନ ସାଧାରଣ ଦାବି କରିଛନ୍ତି।

# ଡ୍ରାଇଭର ଦିବସ ପାଳିତ

ବାମରା, (ଭାସ୍କର ନ୍ୟୁଜ୍): ଓଡ଼ିଶା ଡ୍ରାଇଭର ମହାସଂଘ ଆନୁକୂଲ୍ୟରେ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ଅନ୍ତର୍ଗତ ଜରାବଗା ଆର୍‌ଏମ୍‌ସି ପରିସରରେ ବ୍ଲକ୍‌ସ୍ତରୀୟ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପିଜି କଲେଜ ଜରାବଗା ଅଧକ୍ଷ ବାବୁଲାଲ ପୂଝାରୀ, ସମ୍ମାନୀୟ ଅତିଥି ଭାବେ ବାମରା ବ୍ଲକ୍ ଅଧକ୍ଷା ପିଙ୍କି ଧୁରୁଆ, ଜରାବଗା ଗ୍ରାମ କମିଟି ସଭାପତି ବାଲୁଙ୍କେଶ୍ୱର ମିଶ୍ର, ସାମ୍ବାଦିକ ତଥା ସମାଜସେବୀ ସୁରେଶ କୁମାର ଘୋଷ, କୁଚିଣ୍ଡା ବ୍ଲକ ଡ୍ରାଇଭର ସଙ୍ଘ ସଭାପତି ଜୟକୃଷ୍ଣ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



ବାଲୁଗାଁ (ଭାସ୍କର ନ୍ୟୁଜ): ବାଲୁଗାଁ ତଥା ଆଖପାଖ ଅଞ୍ଚଳରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ମହା ଆଡମ୍ବରରେ ପାଳିତ ହେବାସହ ବିଭିନ୍ନ ପେଣ୍ଡାଲ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳୁଛି। ମୂର୍ତ୍ତି ଆଗମନ ଠାରୁ ଆରମ୍ଭ କରି ବିରାଟକାୟ ମୂର୍ତ୍ତି, ପେଣ୍ଡାଲ, ସାଜସଜା, ଆଲୋକୀକରଣ, ବାଜା ରୋଷଣୀକୁ ନେଇ ସାହି ସାହି ମଧ୍ୟରେ ବିଭିନ୍ନ କ୍ଲବ ଓ ଅନୁଷ୍ଠାନ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲିଛି। ଗଣେଶ ପୂଜା ପାଇଁ ରାଜ୍ୟରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଅଞ୍ଚଳ ପ୍ରସିଦ୍ଧି ଲାଭ କରିଥିବା ବେଳେ ବାଲୁଗାଁର ପ୍ରାୟତଃ ଅଞ୍ଚଳରେ ବହୁ ଆଡମ୍ବରରେ ଗଣେଶ ପୂଜା ହେଉଥିବା ଦେଖିବାକୁ ମିଳିଛି। ଏଆରସି କ୍ଲବ ଚକ୍ରଧରପୁର,କଣ୍ଡେଇ କ୍ଲବ ପାଟଣା ସାହି, କୁଲାକୁଣ୍ଡେଇ ନୂଆଗାଁ, ଗୋପୀନାଥପୁର, ସରଳାପଦର, ଜାଗୁଲାଇ ସାହି, ବିଶ୍ୱାଳ ସାହି, ଚିଲିକାକୁଳ, ଗୁଣ୍ଡୁରୁପୁର, ସାମନ୍ତରାପୁର, ବିଦ୍ୟାଧରପୁର, ବଜାର ମାଛ ମାର୍କେଟ, ଗୋପବନ୍ଧୁ ନଗର, ଅଶୋକ ନଗର, ଗାନ୍ଧୀ ନଗର, ଉମାମହେଶ୍ୱର ରୋଡ଼ ଆଦି ସ୍ଥାନମାନଙ୍କରେ ସୁସଜ୍ଜିତ ପେଣ୍ଡାଲ, ମନଲୋଭା ଫୁଲତୋରଣ, ଆଲୋକମାଳା ସହିତ ବିରାଟକାୟ ମୂର୍ତ୍ତିରେ ସାରା ଅଞ୍ଚଳ ଝଲସୁଛି। ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଥିବା ବେଳେ ଆଧ୍ୟାତ୍ମିକ ପରିବେଶ ସାଙ୍ଗକୁ ଏକ ଭାବନାତ୍ମକ ମାହୋଲ ସୃଷ୍ଟି କରୁଛି। ଏଥିସହିତ ପ୍ରାୟତଃ ପୂଜା ଅନୁଷ୍ଠାନ ପକ୍ଷରୁ ଦୈନନ୍ଦିନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଉଥିବା ବେଳେ ସାନ୍ଧ୍ୟ ଅଧିବେଶନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଉଛି। ପ୍ରତ୍ୟେକ ପୂଜା ମଣ୍ଡପରେ ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ କରିବା ପାଇଁ ପୂଜା କମିଟି ସଦସ୍ୟ ମାନେ ପୂର୍ଣ୍ଣ ସହଯୋଗ ଜାରି ରଖିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ପ୍ରଶାସନ ନିୟମକୁ ମାନି ଶୃଙ୍ଖଳିତ ଭାବେ ଏକସଙ୍ଗରେ ସମସ୍ତ ପୂଜା ମଣ୍ଡପର ପ୍ରଭୁ ଶ୍ରୀ ଗଜାନନଙ୍କ ବିସର୍ଜନ କରାଗଲେ ଆହୁରି ଚିତ୍ତାକର୍ଷକ ହୋଇପାରିବ।

# ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

## ମତାବାଜଶାସନ ଉପ୍ରା ବିଦ୍ୟାଳୟ ଛାତ୍ରୀ ବିଜୟଲକ୍ଷ୍ମୀ ବ୍ଲକସ୍ତରରେ ପ୍ରଥମ



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ପରୀକ୍ଷା ଅନୁଷ୍ଠିତ ହେବା ୩ ବର୍ଷ ପରେ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଭଣ୍ଡାରିପୋଖରୀ ବ୍ଲକସ୍ତରରେ ମତାବାଜଶାସନ ଉପ୍ରା ବିଦ୍ୟାଳୟ ଛାତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା ୮୭.୫% ନମ୍ବର ହାସଲ କରି ବ୍ଲକସ୍ତରରେ ପ୍ରଥମ ହୋଇଛନ୍ତି। ସେହିପରି ଯଶୋଟିକିରି ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାଳୟ ଛାତ୍ର ସୂର୍ଯ୍ୟପ୍ରସାଦ ମହାଳିକ ୭୫% ନମ୍ବର ସହ ଦ୍ୱିତୀୟ ସ୍ଥାନ, ସରପଦା ବିଦ୍ୟାମନ୍ଦିର ଛାତ୍ର ଚିରଞ୍ଜିବୀ ନାୟକ ୭୫ % ନମ୍ବର ସହ ତୃତୀୟ ଓ ସେହି ବିଦ୍ୟାଳୟ ଛାତ୍ର ଗୌତମ ସାହୁ ୭୨.୫% ନମ୍ବର ସହ ଚତୁର୍ଥ, ମଞ୍ଜୁରୀରୋଡ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଅମରଜିତ ବିଶ୍ୱାଳ ୭୨.୫% ନମ୍ବର ସହ ପଞ୍ଚମ, ସରସଦା ନୋଡାଲ ହାଇସ୍କୁଲ ଛାତ୍ରୀ ଦେବସ୍ମିତା ଶେଣ୍ଠ ୭୦% ନମ୍ବର ସହ ଷଷ୍ଠ, ବଡବନସ୍ତା ଉପ୍ରା ବିଦ୍ୟାଳୟ ଛାତ୍ର ଦୟାଶଙ୍କର ସାହୁ ୬୭.୫% ନମ୍ବର ସହ ସପ୍ତମ, ରହଣିଆ ନୋଡାଲ ହାଇସ୍କୁଲ ଚାତ୍ର ସତ୍ୟରଞ୍ଜନ ଦାସ ୬୫% ନମ୍ବର ସହ ଅଷ୍ଟମ, ଯୋରାଗଡିଆ ଉପ୍ରା ବିଦ୍ୟାଳୟ ଛାତ୍ର ପ୍ରମୋଦ କୁମାର ନାୟକ ୬୨.୫% ନମ୍ବର ସହ ନବମ ଓ ମଞ୍ଜୁରୀରୋଡ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଶୁଭ୍ରାଂଶୁ ଶେଖର ଜେନା ୬୦% ନମ୍ବର ସହ ଦଶମ ସ୍ଥାନ ହାସଲ କରିଥିବା ଜଣାଯାଇଛି। ଫଳ ପ୍ରକାଶିତ ହୋଇଥିବା ଛାତ୍ରଛାତ୍ରୀମାନେ ଏବେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଏବେ ସେମାନଙ୍କୁ ମେଧାବୃତ୍ତି ଅର୍ଥ ପ୍ରଦାନ ପାଇଁ ବହୁ ବିଳମ୍ବରେ ସରକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ଲକସ୍ତରରେ ପ୍ରଥମ ହୋଇଥିବା ମତାବାଜଶାସନ ଉପ୍ରା ବିଦ୍ୟାଳୟ ଛାତ୍ରୀ ବିଜୟଲକ୍ଷ୍ମୀ ପଣ୍ଡାଙ୍କୁ ସୋମବାର ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

# ସରକାରୀ ବିଦ୍ୟାଳୟରେ ଦିଆଯାଉନି ସୂଚନା ପ୍ରଯୁକ୍ତି ବିଦ୍ୟା ଶିକ୍ଷା !

* ଶିକ୍ଷକ ନଥିବାରୁ ଖତ ଖାଉଛି କମ୍ପ୍ୟୁଟର
* ଛାତ୍ରଛାତ୍ରୀଙ୍କୁ କେବେ ମିଳିବ କମ୍ପ୍ୟୁଟର କ୍ଲାସ ସୁଯୋଗ ?



କେନ୍ଦୁଝର(ଭାସ୍କର ନ୍ୟୁଜ): ଏବେର ସମୟ ସୂଚନା-ପ୍ରଯୁକ୍ତି ବିଦ୍ୟାର ସମୟ ହୋଇଥିବାବେଳେ ସାଧାରଣତଃ ଛାତ୍ରଛାତ୍ରୀମାନେ ନିଜର ଲାପଟପ ଓ କମ୍ପ୍ୟୁଟର ମାଧ୍ୟମରେ ଦେଶ ଦୁନିଆର ଖବର ରଖିବା ସହ ଅନଲାଇନରେ କାମ କରି ନିଜର ଦକ୍ଷତା ପ୍ରତିପାଦନ କରୁଛନ୍ତି, ମାତ୍ର କେନ୍ଦୁଝର ଜିଲ୍ଲାର ଅନେକ ସରକାରୀ ବିଦ୍ୟାଳୟ ମାନଙ୍କରେ ଏହି କମ୍ପ୍ୟୁଟର ଶିକ୍ଷାରେ ଅଧୋଗତି ଦେଖାଦେଇଥିବା ପରିଲକ୍ଷିତ ହୋଇଛି । ଏଥିପାଇଁ ଆବଶ୍ୟକୀୟ ଶିକ୍ଷକ ବା ଇନଷ୍ଟ୍ରକ୍ଟର ନଥିବାରୁ ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟମାନଙ୍କରେ ସୂଚନା-ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ହୋଇପାରୁନାହିଁ ବୋଲି ମତବ୍ୟକ୍ତ ହୋଇଛି । ସୂଚନାଯୋଗ୍ୟ ଯେ,ରାଜ୍ୟ ସରକାର ସମସ୍ତ ଉଚ୍ଚ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ପାଇଁ ଆଇସିଟି କମ୍ପ୍ୟୁଟର ଲ୍ୟାବ ପ୍ରତିଷ୍ଠା କରିଛନ୍ତି । ଏଥିପାଇଁ ସ୍ୱତନ୍ତ୍ର ଘର କରାଯାଇ କମ୍ପ୍ୟୁଟର ଲ୍ୟାବ ପ୍ରତିଷ୍ଠା କରାଯାଇଛି । ପ୍ରତ୍ୟେକ କମ୍ପ୍ୟୁଟର ଲ୍ୟାବରେ ୮ଟି କମ୍ପ୍ୟୁଟର ରହିଛି । ତେବେ କମ୍ପୁଟର ଶିକ୍ଷା ଦେବା ପାଇଁ ଶିକ୍ଷକ ନଥିବାରୁ କମ୍ପ୍ୟୁଟର ଶିକ୍ଷାଦାନ ହୋଇ ପାରୁନାହିଁ । ପ୍ରଥମେ ୨୦୧୪ ମସିହାରେ କମ୍ପ୍ୟୁଟର ଶିକ୍ଷା ପାଇଁ ଜଣେ ଜଣେ ଶିକ୍ଷକ ନିଯୁକ୍ତି କରାଯାଇଥିଲା । ସେମାନେ ଛାତ୍ରଚାତ୍ରୀଙ୍କୁ କମ୍ପୁଟର ଶିକ୍ଷା ଦେବା ସହ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମାନଙ୍କୁ ମଧ୍ୟ ତାଲିମ ପ୍ରଦାନ କରିଥିଲେ । ତେବେ କାର୍ଯ୍ୟ କରୁଥିବା ଶିକ୍ଷକଙ୍କୁ ୨୦୧୯ମସିହାରେ ହଠାତ୍ ଛଟେଇ କରି ଦିଆଗଲା । ଫଳରେ କମ୍ପ୍ୟୁଟର ଶିକ୍ଷାଦାନ ଏକ ପ୍ରକାର ଠପ୍ ହୋଇଯାଇଛି । ହାଇସ୍କୁଲରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ କମ୍ପୁଟର ଶିକ୍ଷା ଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ ଥିଲା । ତେବେ ଯୋଜନାଟି ବନ୍ଦ ହେବା ପରେ ଏହି ଲକ୍ଷ୍ୟ ପୂରଣ ହୋଇ ପାରୁନାହିଁ । କମ୍ପ୍ୟୁଟର ଶିକ୍ଷା ଦେବାକୁ ଶିକ୍ଷକ ନଥିବାରୁ ଏବେ କମ୍ପ୍ୟୁଟର ଗୁଡିକ ଖତ ଖାଉଛି । ଦୀର୍ଘଦିନ ହେବ କମ୍ପ୍ୟୁଟର ବ୍ୟବହାର ହେଉନଥିବାରୁ ଅନେକ ଖରାପ ହୋଇଗଲାଣି । ଛାତ୍ରଛାତ୍ରୀମାନେ କମ୍ପ୍ୟୁଟର ଶିଖିବା ପାଇଁ ଆଗ୍ରହ ଥିଲେ ମଧ୍ୟ ଶିକ୍ଷକ ନଥିବାରୁ ସେମାନଙ୍କୁ ସୁଯୋଗ ମିଳି ପାରୁନାହିଁ । ଦୀର୍ଘ ବର୍ଷ ହେବ କମ୍ପ୍ୟୁଟର ଶିକ୍ଷାଦାନ ବନ୍ଦ ଥିବାରୁ କମ୍ପ୍ୟୁଟର ଉପରେ ଧୂଳି ଜମି ନଷ୍ଟ ହେବାକୁ ବସିଲାଣି । ଆଇସିଟି ଯୋଜନାରେ କମ୍ପ୍ୟୁଟର ଶିକ୍ଷାଦାନ ହାଇସ୍କୁଲ ସ୍ତରରେ ଆରମ୍ଭ ହୋଇଥିବାବେଳେ ସମସ୍ତ ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି କରାଯାଇଥିଲା। ତେବେ ୨୦୧୯ ମସିହା ପରଠାରୁ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିବା ସଂସ୍ଥା ଛଟେଇ କରିବା ଫଳରେ କମ୍ପୁଟର ଶିକ୍ଷାଦାନ ବନ୍ଦ ରହିଛି। ନୂତନ ସରକାର ଆସିବା ପରେ କମ୍ପ୍ୟୁଟର ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି କଲେ ଛାତ୍ରଛାତ୍ରୀମାନେ କମ୍ପୁଟର ଶିକ୍ଷାର ଲାଭ ପାଇପାରିବେ ବୋଲି ବହୁ ଅଭିଭାବକ ମହଲରେ ମତପୋଷଣ ହୋଇଛି । । ଅନ୍ୟପକ୍ଷରେ ବର୍ତ୍ତମାନ କମ୍ପ୍ୟୁଟର ଶିକ୍ଷାକୁ ବିଦ୍ୟାଳୟରେ ଥିବା ଶିକ୍ଷକମାନଙ୍କ ଦ୍ୱାରା ଦିଆଯାଇ କମ୍ପ୍ୟୁଟର ଗୁଡିକର ସୁବିନିଯୋଗ କରିବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି । ସରକାରୀ ଉଚ୍ଚ ବିଦ୍ୟାଳୟଗୁଡିକରେ ଶିକ୍ଷକ ସଂଖ୍ୟା ଅଧିକ ଥିବାରୁ ସେମାନେ କମ୍ପ୍ୟୁଟର ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର ଶିକ୍ଷା ଦେଇପାରିବେ ବୋଲି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ୍ ରବିନ୍ଦ୍ର କୁମାର ପଣ୍ଡା ପ୍ରକାଶ କରିଛନ୍ତି ।

# ଚିକିତ୍ସାଳୟ ଯିବାରେ ବାଧକ ସାଜିଛି ରାସ୍ତା



ବସ୍ତା, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲାରେ ଦରଡ଼ା ପଞ୍ଚାୟତର ବାରଟି ଗାଁ ଯଥା- ଚକ୍ରଡ଼ା, ଗୋବୋରଘଟି, ମନ୍ଦ୍ରଡା ଏକଡାଳିଆ ଏବଂ ଆଖ ପାଖ ଆଠୋଟି ଗାଁ । ଏଠି ବର୍ଷା ହେଲେ ତଳିଆ ଅଞ୍ଚଳରେ ପାଣି ଜମି ରହିଥିବାରୁ କାଦୁଅରେ ଓଦା ସର ସର ରହେ। ଲୋକେ ଘରୁ ରାସ୍ତାକୁ ବାହାରିବା ବେଳେ କାଦୁଅରେ ଗୋଡ଼ ହାତ ଅସନା ହୋଇ ଯାଉଛି। ସେଇ କଦୁଅ ପାଇଁ ଲୋକେ ବାରମ୍ବାର ଗୋଡ଼ ହାତ ଧୋଇବା କାରଣରୁ ବିଭିନ୍ନ ରୋଗ ଯଥା ଥଣ୍ଡା ଜ୍ୱରରେ ଶିକାର ହେଉଛନ୍ତି। ଗାଁ ଠାରୁ ଡାକ୍ତରଖାନାକୁ ପାଖାପାଖି ପନ୍ଦରରୁ କୋଡ଼ିଏ କିଲୋମିଟର ହେଇଥିବାରୁ ଲୋକେ ରୋଗୀକୁ ଡାକ୍ତରଖାନା ନେଇ ଯିବା ଆସିବା କରିବା ଯୋଗୁ ଗ୍ରାମବାସୀ ଅଧିକ ଖର୍ଚ୍ଚାନ୍ତରେ ମଧ୍ୟ ପଡୁଛନ୍ତି। ଲୋକଙ୍କ ଅସୁବିଧାକୁ ଆଖି ଆଗରେ ରଖି ତାଙ୍କୁ କିଭଳି ସୁବିଧା ପ୍ରଦାନ କରିହେବ ଯଦି ସରକାରଙ୍କ ଦୃଷ୍ଟି ପଡ଼ନ୍ତା ଗ୍ରାମରେ ଗୋଟେ ଚିକିତ୍ସାଳୟ ଖୋଲିଥାନ୍ତା , ତେବେ ଲୋକମାନେ ରୋଗରୁ ମୁକ୍ତି ସହ ଖର୍ଚ୍ଚରୁ ସୁବିଧା ପାଇପାରନ୍ତେ ।

# ଭାଜପା ପକ୍ଷରୁ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ



ଚାନ୍ଦବାଲି, (ଭାସ୍କର ନ୍ୟୁଜ୍) : କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିହାରରେ କରିଥିବା ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମା'ଙ୍କୁ ନେଇ ଦେଇଥିବା ଆଶାଳୀନ ମନ୍ତବ୍ୟ ପ୍ରତିବାଦରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଭାଜପା ପକ୍ଷରୁ ଏହାକୁ ବିରୋଧ କରି ସୋମବାର ସନ୍ଧ୍ୟାରେ ଚାନ୍ଦବାଲି ପୁରୁଣା ବସଷ୍ଟାଣ୍ଡ ନିକଟରେ ଏକ ପ୍ରତିବାଦ ସଭା ଓ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାରଙ୍କ ନେତୃତ୍ୱରେ ଭାଜପା କର୍ମୀ ଓ ନେତାମାନେ କଂଗ୍ରେସ ବିରୋଧୀ ଦଳ ନେତା ମଲିକାର୍ଜୁନ ଖାଡ଼ଗେ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ କ୍ଷମା ପ୍ରାର୍ଥନା ପାଇଁ କହିବା ସହ ସାରା ଦେଶରେ ମା' ଜାତି ପାଇଁ ଅପମାନବୋଧକ ଶବ୍ଦ ଓ ଲଜ୍ଜାର ଘଟଣା ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଣି, ରାଜ୍ୟ କୃଷକ ମୋର୍ଚ୍ଚା। ସଂଯୋଜକ ଉପେନ୍ଦ୍ର କୁମାର ରାଉଳ, ନିର୍ବାଚନୀ ମଣ୍ଡଳୀ ସଂଯୋଜକ କିଶୋର ନାୟକ, ଜଗନ୍ନାଥ ରାଉତ, କାହ୍ନୁଚରଣ ବେହେରା, ସୁଶାନ୍ତ ପୁହାଣ, ସ୍ମୃତିରଞ୍ଜନ ନାୟକ, ଚନ୍ଦନ ନାୟକ, ସ୍ୱଦେଶ ପଣ୍ଡା, ଦେବାଶିଷ ନାୟକ, ସନ୍ତୋଷ ବାରିକ, ପ୍ରମୋଦ ସେଠି, ବିଶ୍ୱନାଥ ସୂତାର, ସାଗର ସାହୁ, ସାଗର ଟ୍ୱିଟୁଆ, ତ୍ରିଲୋଚନ ବେହେରା, ଶଶିକାନ୍ତ ଦାସ, ମହେଶ୍ୱର ପ୍ରଧାନ, ମନରଞ୍ଜନ ଖୁଣ୍ଟିଆ, ବିଷ୍ଣୁ ଦାସ ଓ ଆଇଟି ସେଲ ସଂଯୋଜକ ଉଦୟ କେତନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱର୍ଗତ ମଦନ ମୋହନ ସ୍ୱାଇଁ ଜୟନ୍ତୀ ପାଇଁ ଆଲୋଚନାଚକ୍ର


ବ୍ୟାସନଗର (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନ୍ ତରଫରୁ ସ୍ୱର୍ଗତଃ ମଦନ ମୋହନ ସ୍ୱାଇଁଙ୍କ ୮୪ତମ ଜନ୍ମ ଜୟନ୍ତୀ ଅବସରରେ ଏକ ଆଲୋଚନାଚକ୍ର ସ୍ଥାନୀୟ ବ୍ୟାସଦେବ ଟାଉନହଲରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନ୍‌ର ସଭାପତି ବିବେକାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରକୁ କୋରାଇ ବିଧାୟକ ଆକାଶ ଦାସ ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଭାଗ ନେଇ ଏହି ବିଷୟବସ୍ତୁ ସହିତ ଟ୍ୟାକ୍ସ ବାର ଆସୋସିଏସନ୍ ସହିତ ବିଭିନ୍ନ ସମାଜମୂଳକ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଆଲୋଚନାରେ ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ ତଥା ଆମ ଓଡ଼ିଶା ଓ ସମ୍ବାଦ ପରିବାରର ମୁଖ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇ ସରକାରଙ୍କର ଦୃଢ଼ ଇଚ୍ଛାଶକ୍ତି ବଳରେ ହିଁ ଓଡ଼ିଶା ବିକଶିତ ହେଇପାରିବ। ଉକ୍ତ ସଭାରେ ବିଭିନ୍ନ ଓକିଲ ସଂଘ, ସାମ୍ବାଦିକ ସଂଘ, ବଣିକ ସଂଘ, ବିଭିନ୍ନ ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା ସହିତ ଅନେକ ଶିକ୍ଷାବିତ୍ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ଟାଙ୍ଗୀକୁ ପୁନଃ ଏନ୍ଏସି ଘୋଷଣା କରିବା ପ୍ରହସନ: ରାଜେନ୍ଦ୍ର




ଟାଙ୍ଗୀ, (ଭାସ୍କର ନ୍ୟୁଜ୍) :ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଞ୍ଚଳକୁ ବର୍ତ୍ତମାନର ସରକାର ଦ୍ୱିତୀୟ ପର୍ଯ୍ୟାୟରେ ଏନ୍ଏସି ମାନ୍ୟତା ମିଳିଲା ବୋଲି ଘୋଷଣା ହେବା ପରେ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ଟାଙ୍ଗୀରେ ସାମ୍ବାଦିକ ସମ୍ମିଳନୀ କରି ଟାଙ୍ଗୀକୁ ଏନ୍ଏସି ମାନ୍ୟତା ମିଳିବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ୨୦୨୪ ମସିହା ଫେବୃଆରୀ ମାସରେ ଟାଙ୍ଗୀ ଅଞ୍ଚଳକୁ ଏନ୍ଏସି ଘୋଷଣା କରିଥିଲେ। ଏହାକୁ ବର୍ତ୍ତମାନର ସରକାର କାର୍ଯ୍ୟକାରୀ କରିବା ପରିବର୍ତ୍ତେ ପୁନଃ ଟାଙ୍ଗୀ ଅଞ୍ଚଳକୁ NAC ଘୋଷଣା କରିବା ଏକ ପ୍ରହସନ ବୋଲି ବିଜେଡି ନେତା ତଥା ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଟାଙ୍ଗୀ ଅଞ୍ଚଳ ଏନ୍ଏସି ମାନ୍ୟତା ପାଇବାର ଶ୍ରେୟ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ଟାଙ୍ଗୀ ଅଞ୍ଚଳବାସୀ ବୋଲି ବିଜେଡି ନେତା ତଥା ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହା ସହ ଏହାର ସମସ୍ତ ଶ୍ରେୟ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କର ବୋଲି କହିଛନ୍ତି ବିଜେଡି ନେତା ରାଜେନ୍ଦ୍ର କୁମାର ସାହୁ। ଏହି ସାମ୍ବାଦିକ ସମ୍ମିଳନୀରେ ଏକ୍ସ ସମିତି ସଭ୍ୟ ନୀଳକଣ୍ଠ ବେହେରା ଓ ସାନ୍ତନୁ ପ୍ରଧାନ, ସମାଜସେବୀ ରମେଶଚନ୍ଦ୍ର ବେହେରା, ପ୍ରଦୀପ ମହାପାତ୍ର , ବୁଲୁ ରାଉତ, ମାନସ ବଳିଆରସିଂ, ଟାଙ୍ଗୀ ସମବାୟ ସମିତିର ସଭାପତି ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ବିଜେଡ଼ି ନେତା ତଥା ଖୋର୍ଦ୍ଧା ର ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କ ମତକୁ ସମର୍ଥନ ଦେଇଛନ୍ତି। ବର୍ତ୍ତମାନର ରାଜ୍ୟ ସରକାର କେବଳ ଲୋକ ଦେଖାଣିଆ କାମ କରୁଛନ୍ତି। ଟାଙ୍ଗୀ ଅଞ୍ଚଳବାସୀଙ୍କ ସହିତ ବିଶ୍ୱାସଘାତ କରି ଟାଙ୍ଗୀ ଅଞ୍ଚଳର ବିକାଶ ଧାରାକୁ ବିଳମ୍ବ କରିଛନ୍ତି କହି ଖୁବ ତାଚ୍ଛଲ୍ୟ କରି କହିଛନ୍ତି ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ।

# ବୋଲଗଡ ବ୍ଲକରେ ନୂତନ ବିଡ଼ିଓଙ୍କ ଯୋଗଦାନ



ବୋଲଗଡ଼, (ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ ୧୯ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ। ଏହି ବ୍ଲକରେ ବହୁ ଜନ ସମସ୍ୟା ଓ ବିଭିନ୍ନ ରାଜନୀତି ଦଳ ମଧ୍ୟରେ ସଦା ସର୍ବଦା ବାଦାନୁବାଦ ଲାଗି ରହିଛି। ତେଣୁ କୌଣସି ବିଡ଼ିଓ ବହୁ ଦିନ ଧରି ଏଠାରେ ରହି କାର୍ଯ୍ୟ କରି ପାରୁନାହାନ୍ତି। ନୂତନ ବିଡ଼ିଓ ଭାବେ ସୁମନ ସୁଦ୍ଧା କୁଣ୍ଡୁ ବୋଲଗଡ ବ୍ଲକରେ ଯୋଗ ଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲାପାଳ ସୁଶ୍ରୀ କୁଣ୍ଡୁଙ୍କୁ ପୂର୍ବରୁ ବୋଲଗଡ ବ୍ଲକରେ ବିଡ଼ିଓ ରୂପେ ନିଯୁକ୍ତି ଦେଇଥିଲେ। ନୂତନ ବିଡ଼ିଓ ସୁଶ୍ରୀ କୁଣ୍ଡୁ ଜଣେ ଦକ୍ଷ ପ୍ରଶାସନିକ ଅଧିକାରିଣୀ ହୋଇଥିବାରୁ ରାଜ୍ୟ ପଞ୍ଚାୟତରାଜ ବିଭାଗ ପୁନର୍ବାର ତାଙ୍କୁ ବୋଲଗଡ ବ୍ଲକରେ ଲୋକ ମାନଙ୍କ ସେବା କରିବା ପାଇଁ ନିଯୁକ୍ତି ଦେଇ ଅଛନ୍ତି। ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ନୂତନ ବିଡ଼ିଓ ସୁଶ୍ରୀ କୁଣ୍ଡୁ କହିଲେ ବୋଲଗଡର ବିକାଶ ଲୋକ ମାନଙ୍କର ସମସ୍ୟା ଦୂର କରିବା ହେଉଛି ମୋର ପ୍ରଥମ ଲକ୍ଷ୍ୟ। ନୂତନ ବିଡ଼ିଓ ସୁଶ୍ରୀ କୁଣ୍ଡୁ ବୋଲଗଡ ବ୍ଲକ ଯୋଗ ଦାନ ଯୋଗୁଁ ବ୍ଲକ କର୍ମଚାରୀ ଓ ସମସ୍ତ ଲୋକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

# ଶାରିରୀକ ଭିନ୍ନକ୍ଷମ କଲ୍ୟାଣ ମହାସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ




ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ଛତ୍ରପୁର ସାମିୟାପଲ୍ଲୀ ସ୍ଥିତ ଗଞ୍ଜାମ ଜିଲ୍ଲା ଶାରିରୀକ ଭିନ୍ନକ୍ଷମ କଲ୍ୟାଣ ମହାସଂଘର ସମ୍ମିଳନୀ ଗୃହରେ ଅନୁଷ୍ଠାନର ସାଧାରଣ ପରିଷଦର ଏକ ବୈଠକ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସଭ୍ୟ ଓ ସଭ୍ୟା ଯୋଗ ଦେଇଥିଲେ। ଉକ୍ତ ବୈଠକରେ ମହାସଂଘର ସାଧାରଣ ସମ୍ପାଦକ ସ୍ୱର୍ଗତ ଡ଼. କେ. ଆନନ୍ଦ ରାଓ ସ୍ମୃତି ଉଦ୍ଦେଶ୍ୟରେ ଏକ ଶୋକସଭା ସହ ନିରବ ପ୍ରାର୍ଥନା ହୋଇଥିଲା। ଏତଦ୍ ବ୍ୟତୀତ ମହାସଂଘର ସାଧାରଣ ସମ୍ପାଦକ ସ୍ୱର୍ଗତ ଡ଼. କେ. ଆନନ୍ଦ ରାଓଙ୍କ ବିୟୋଗରେ ଖାଲିପଡ଼ିଥିବା ସମ୍ପାଦକ ପଦବୀ ନିମନ୍ତେ ଚୟନ ପ୍ରକ୍ରିୟା ହୋଇଥିଲା। ଉକ୍ତ ବୈଠକରେ ମହାସଂଘର ବରିଷ୍ଠ ସଦସ୍ୟ ଚିରଞ୍ଜିବୀ ପାତ୍ରଙ୍କ ପ୍ରସ୍ତାବ କ୍ରମେ ସମସ୍ତ ସଭ୍ୟ ସଭ୍ୟାଙ୍କ ମଧ୍ୟରେ ଦୀର୍ଘ ସମୟର ଆଲୋଚନା ପରେ ପର୍ଯ୍ୟାୟକ୍ରମେ ସଭାପତି ରୂପେ ଅବନୀ କୁମାର ରଥ, ଉପ-ସଭାପତି ରୂପେ ଚୀରଞ୍ଜିବୀ ପାତ୍ର, ସାଧାରଣ ସମ୍ପାଦକ ରୂପେ ନାରାୟଣ ସାହୁ, ସହ ସମ୍ପାଦକ ରୂପେ ଜୟଦେବ ବିଷୋୟୀ, କୋଷାଧ୍ୟକ୍ଷ ରୂପେ ଅଭାଗା ସାହୁ ଓ କାର୍ଯ୍ୟକାରୀ ସଦସ୍ୟା ରୂପେ ସୁଶ୍ରୀ ଡ଼ା. ସରୋଜିନୀ ସେଠୀ ଓ ସୁଶ୍ରୀ ବବିତା ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଗଲା। ପରେ ପରେ ନୂତନ ଭାବେ ଚୟନ ହୋଇଥିବା କାର୍ଯ୍ୟାକାରୀ କମିଟି ସଭ୍ୟ ସଭ୍ୟାମାନେ ଅନୁଷ୍ଠାନର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଉପରେ ବିଶଦ୍‌ଭାବେ ଆଲୋକପାତ କରିଥିଲେ ଏବଂ ତତ୍‌ସହିତ ଆଗାମୀ ଦିନ ମାନଙ୍କରେ ମହାସଂଘର ବିଭିନ୍ନ କାର୍ଯ୍ୟପନ୍ଥା କଣ ରହିବ ତାହାରି ଉପରେ ପଦକ୍ଷେପ ନେବା ନିମନ୍ତେ ପ୍ରତିଶୃତି ପ୍ରଦାନ କରିଥିଲେ । ଶେଷରେ କାର୍ଯ୍ୟକାରୀ କମିଟି ସଭ୍ୟା ସୁଶ୍ରୀ ଡ଼ା. ସରୋଜିନୀ ସେଠୀ ଉପସ୍ଥିତ ଥିବା ସମସ୍ତ ସଭ୍ୟ ଓ ସଭ୍ୟ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛତ୍ରପୁର ଏନ୍ଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ସଦର ମହକୁମାର ଛତ୍ରପୁର ଏନଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏନ୍ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବାଣିଜ୍ୟ ପରିବହନ ଓ ଖଣି ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ପୁରାତନ ସହର ଛତ୍ରପୁର ସହର ସମସ୍ତ କ୍ଷେତ୍ରରେ କିଭଳି ଉନ୍ନତି କରାଯିବ ସେଥିପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଛତ୍ରପୁର ଉପକଣ୍ଠରେ ଥିବା ତାମ୍ପରା ହ୍ରଦକୁ କିଭଳି ମୁଖ୍ୟ ପର୍ଯ୍ୟଟନ ସ୍ଥଳୀ ଭାବେ ବିକାଶ କରାଯିବ ତାହା ଉପରେ ଗୁରୁତ୍ୱ ଦେବା ସହ ଅଧିକ ଉନ୍ନତି କରଣ କରାଯିବ ବୋଲି ଦୁଇ ମନ୍ତ୍ରୀ କହିଛନ୍ତି। ଏହି ବିକାଶ ଲୋକଙ୍କ ଦ୍ୱାରା ଦେଶରେ ପହଞ୍ଚିବ ଏବଂ ତାମ୍ପରା ହ୍ରଦ ପୋତି ହେବାକୁ ବସିଲାଣି, ତାର ପୁନରୁଦ୍ଧାର କରାଯିବ ବୋଲି ପରିବହନ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି। ଜିଲ୍ଲାରେ ୫ଟି ଏନ୍ଏସି ପୌରପାଳିକା ମାନ୍ୟତା ପାଇଛି, ଯାହାକି ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମତ୍ସ୍ୟ ପଶୁ ସମ୍ପଦ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି। ନିର୍ବାଚନ ବେଳେ ପୌରପାଳିକା ଘୋଷଣା କରାଯିବ ବୋଲି କହିଥିଲୁ, ଏହା ବିଜେପି ସରକାର ଓ ବିଧାୟକଙ୍କ ଉଦ୍ୟମ ଯୋଗୁଁ ସାକାର ହୋଇପାରିଲା ବୋଲି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ କହିଥିଲେ। ଏହା ସହରର ବିକାଶକୁ ଆଗକୁ ବଢ଼ାଇବ ବୋଲି ଉପାଧ୍ୟକ୍ଷ ଜି ପାପାରାଓ କହିଥିଲେ। ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସହରର ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ସମ୍ମୁଖରେ ଅଟଳ ବିହାରୀ ବାଜପେୟୀ ଶିଶୁ ଉଦ୍ୟାନ ଉଦ୍‌ଘାଟନ ହୋଇଥିଲା। ଏହି ଉଦ୍ୟାନ ପରିସରରେ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଥିଲା। ଏହି ଅବସରରେ ସହରର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଓ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି. ପାପା ରାଓଙ୍କ ସମେତ ସମସ୍ତ କାଉନସିଲର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଛତ୍ରପୁରକୁ ପୌରପାଳିକା ଘୋଷଣା କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସମସ୍ତେ କୃତଜ୍ଞତା ଜଣାଇଥିଲେ।

# ରାଶିଫଳ

ବୁଧବାର, ୦୩ ସେପ୍ଟେମ୍ବର ୨୦୨୫



**ମେଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।




**ବୃଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ।



**ମିଥୁନ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ସ୍ୱାସ୍ଥ୍ୟ ଭଲ ହେବ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ।



**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ନୂତନ ପୋଷାକ କିଣିବେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ଆଜି ପ୍ରଣୟଙ୍କ ପାଇଁ ଏକ ଭଲ ଦିନ। ମିଠା ଖାଦ୍ୟ ମିଳିପାରିବ। ଆପଣ ସର୍ବୋତ୍ତମ ବିବାହିତ ସୁଖ ପାଇବ।



**ସିଂହ:** ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ। ପୁଞ୍ଜି ନିବେଶକାରୀଙ୍କ ପାଇଁ ଏହା ଏକ ଭଲ ଦିନ।



**କନ୍ୟା:** ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ। ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ।



**ତୁଳା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ। ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ।



**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ। ଅନୈତିକ ପ୍ରବୃତ୍ତିଠାରୁ ଦୂରରେ ରୁହନ୍ତୁ। ଛାତ୍ରମାନଙ୍କ ଶିକ୍ଷଣରେ ବାଧା ଉପୁଜିବ।



**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ।



**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।



**କୁମ୍ଭ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଜାତୀୟ କ୍ରୀଡା ଦିବସ ଅବସରରେ ସାଇକେଲ ଶୋଭାଯାତ୍ରା ଶୁଭାରମ୍ଭ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ସାଇକେଲ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ, ସହକାରୀ ଜିଲ୍ଲାପାଳ ଅକ୍ରୁର କୁମାର ଯାନୀ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଶୋଭାଯାତ୍ରା କୋର୍ଟ ଛକ ପୋଡ଼ାପଡା ଛକ, ଗାନ୍ଧୀ ଛକ, ବାଘଗୁଡ଼ା ଛକ, ଜାମୁଛକ, ଟ୍ରେଜେରୀ ଛକ ଦେଇ ଜିଲ୍ଲା ଷ୍ଟାଡିଅମ ଠାରେ ପହଞ୍ଚିଥିଲା । ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସକୁ ଜାତୀୟ କ୍ରୀଡା ଦିବସ ଭାବରେ ସାରା ଦେଶରେ ପାଳନ କରା ଯାଉଛି । ସାଇକେଲ ଶୋଭାଯାତ୍ରାରେ ସହରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

# ଓଡ଼ିଶାରେ ଛତିଶଗଡ଼ ହାତୀପଲ

## ଏକର ଏକର ଫସଲ ନଷ୍ଟ

ରାଇଘର(ଭାସ୍କର ନ୍ୟୁଜ୍ ): ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକରେ ପୁଣି ହାତୀ ପଲ। ଏକର ଏକର ଫସଲ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉ କି ପୁଣି ଏକ ବର୍ଷେ ବ୍ୟବଧାନ ପରେ ଓଡ଼ିଶାରେ ପୁଣି ଥରେ ଛତିଶଗଡ଼ ହାତୀପଲର ଦୌରାତ୍ମ୍ୟ ଦେଖିବାକୁ ମିଳିଛି । ଦୁଇଟିକିଆ ହାତୀପଲ କାଲି ରାତିରୁ ଓଡ଼ିଶାରେ ପ୍ରବେଶ କରି ମକା ଫସଲ ନଷ୍ଟ କରିବା ଆରମ୍ଭ କରିଛନ୍ତି । ଆଜି ସକାଳୁ କିଛି ଚାଷୀ ହାତୀଙ୍କୁ ଦେଖି ବିକାରରେ ପଡ଼ି ଯାଇଛନ୍ତି । ଖବର ନେବାରେ ଜଣାଯାଇଛି ଯେ ବିଗତ କିଛି ବର୍ଷ ଧରି ଛତିଶଗଡ଼ ଓ ନବରଙ୍ଗପୁର ସୀମାନ୍ତ ରାଇଘର ବ୍ଲକ ରେ ଆତଙ୍କ ଖେଳାଉଥିବା ହାତୀଙ୍କ ଟାର୍ଗେଟ ଏବେ ରାଇଘର ଓ ଉମରକୋଟ ସନ୍ଧି ଅଞ୍ଚଳରେ ହୋଇଥିବା ମକା ଚାଷ ଉପରେ । ଉମରକୋଟ ବ୍ଲକ ତହରା ପଞ୍ଚାୟତର



ରାମପାର ଅଂଚଳରେ ଆଜି ସକାଳୁ ଦୁଇଗୋଟି ହାତୀ ମକା ଫସଲ ଖାଉଥିବା କିଛି ଚାଷୀ ଦେଖି ଭୟଭୀତ ହୋଇ ଗାଁ ଅଭିମୁଖେ ପଳାଇଥିଲେ । ଦୀର୍ଘ ସମୟ ଧରି ଏହି ହାତୀପଲ ମକା ବାଡ଼ି ଭିତରେ ରହି ଫସଲ ଚାଷ ନଷ୍ଟ କରିବା ଦେଖିବାକୁ ମିଳିଥିଲା । ସୀମାନ୍ତରେ ଏହି ଦୁଇଗୋଟି ହାତୀର ପ୍ରବେଶ ଆଗାମୀ ଦିନରେ ବଡ଼ ଏକ ହାତୀପଲର ଆଗମନର ସନ୍ଦେହ କରାଯାଉଛି । ମୁଖ୍ୟତଃ ଛତିଶଗଡ଼ ସୀତାନଦୀ ଅଭୟାରଣ୍ୟରୁ ଏହି ହାତୀ ଦୁଇଟି ଆସିଥିବା ଅନୁମାନ କରାଯାଉଛି । ହାତୀଗୁଡ଼ିକୁ ଦେଖି ଗ୍ରାମବାସୀ ଆତଙ୍କିତ ହେବା ସହ ବନ ବିଭାଗ ଏହା ଉପରେ ଧ୍ୟାନ ଦେଇଥିବାବେଳେ ନୂଆଁଖାଇରେ ବ୍ୟସ୍ତତା ଯୋଗୁଁ ବନ ବିଭାଗ ସେଭଳି ତତ୍ପରତା ଦେଖାଉ ନଥିଲା । ଅପର ପକ୍ଷରେ ଏହି ହାତୀ ଗୁଡ଼ିକ ଯଦି ଲଗାତାର ମକା ଚାଷ ଉପରେ ଟାର୍ଗେଟ କରନ୍ତି ତା ହେଲେ ମକା ଫସଲ ସମ୍ପୂର୍ଣ୍ଣ ଉଜୁଡିଯିବାର ଚାଷୀଙ୍କ ମହଲରେ ଆଶଙ୍କା ପ୍ରକାଶ ପାଉଛି ।

## ହାତୀ ଆକ୍ରମଣରେ ଯୁବକ ଗୁରୁତର

ରାଇଘର/ଉମରକୋଟ (ଭାସ୍କର ନ୍ୟୁଜ୍): ଛତିଶଗଡ଼ର ଦୁଇ ଗୋଟି ହାତୀ ଓଡିଶା ସୀମାନ୍ତ ର ମକାଚାଷକୁ ଟାର୍ଗେଟ କରି ନବରଙ୍ଗପୁର ଜିଲ୍ଲା ରାଇଘର ଏବଂ ଉମରକୋଟ ସୀମାନ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ସହ ସେମାନଙ୍କ ଆକ୍ରମଣ ରେ ଜଣେ ଯୁବକ ଆହତ ହୋଇ ଗୁରୁତର ଅବସ୍ଥାରେ ଉମରକୋଟ ମେଡିକାଲ ରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଯୁବକ ଜଣକ ଉମରକୋଟ ବ୍ଲକ ଅନ୍ତର୍ଗତ ତହରା ପଂଚାୟତର ମହୁଲପାରା ଗ୍ରାମର ଟେପସିଂ ମାଝି (୧୯) ବୋଲି ଜଣା ପଡିଛି । ଆଜି ହାତୀ ପ୍ରବେଶ କରିଥିବା ଖବର ପାଇ ଟେପସିଂ ଜଣେ ସାଙ୍ଗ ସହିତ ରାଇଘର ବ୍ଲକର ମୁଣ୍ଡିବେଡ଼ା ପଂଚାୟତ ର ଖୁଡିଙ୍ଗିମାଲ୍ ଓ ଡଙ୍ଗରିଗୁଡା ଅଂଚଳକୁ ଆସିଥିଲେ। ଯୁବକ ଦୁହିଁଙ୍କୁ ହାତୀ ଦେଖିପାରି ଆକ୍ରମଣ କରିଥିଲା । ହାତୀ ନିଜ ଶୁଣ୍ଢରେ ଟେପସିଂ କୁ ଟାଣି ତଳେ ପକାଇ ଦେବାପରେ ଟେପସିଂ ତଳେ ପଡ଼ି ଯାଇଥିଲେ । ପରେ କୌଣସି କ୍ରମେ ସେଠାରୁ ଖସି ଯାଇ ଗୋଟିଏ ଗଛ ଉପରେ ଚଢ଼ି ଯାଇଥିଲେ । ହାତୀ ଯିବା ପରେ ଟେପସିଂ କୁ ଆହତ ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ପ୍ରଥମେ ରାଇଘର ମେଡିକାଲ ରେ ଭର୍ତ୍ତି କରାଯାଇଥିଲା । ଟେପସିଂ ର ଡାହାଣ ଗୋଡ଼ରେ ଆଘାତ ଲାଗିଥିବା ଯୋଗୁଁ ତାଙ୍କୁ ଗୁରୁତର ଅବସ୍ଥାରେ ଉମରକୋଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

# ତାମିଲନାଡୁରେ ଦାଦନ ଶ୍ରମିକଙ୍କ ମୃତ୍ୟୁ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗୁମା ବ୍ଲକରେ ଦାଦନ ମୃତ୍ୟୁ ସୀମା ଟପିଲାଣି । ଏକ ସପ୍ତାହ ପୂର୍ବରୁ ଗୋଟିଏ ନାବାଳକଙ୍କ ମୃତ୍ୟୁ ଘଟି ଥିବାବେଳେ ପୁନର୍ବାର ଆଜି ଏକ ଦାଦନ ଶ୍ରମିକର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ଦାଦନ ଶ୍ରମିକ ପରିଡ଼ା ଗ୍ରାମ ପଞ୍ଚାୟତ ପରିଡ଼ା ଗ୍ରାମର ବାଳକ୍ରିଷ୍ଣା ଗାଣ୍ଟା (୩୦) ବୋଲି ଜଣାପଡିଛି। ସେ ବାଲ୍ୟବସ୍ଥାରୁ ବାପାମାଙ୍କୁ ହରାଇ ଅନାଥ ହୋଇଥିଲେ। ଅତି କଷ୍ଟରେ ତାଙ୍କ ଜୀବନ କଟିଥିଲା। ନିଜର ବୋଲି କେହିନାହାନ୍ତି। ଛୋଟ ବେଳୁ ବାପାମାଙ୍କୁ ହରାଇ ବନ୍ଧୁବାନ୍ଧବ ଘରେ ରହି ବଢିଥିଲେ। ବାହାରି ଥିଲେ ଦାଦନ ଖଟିବାକୁ। ସୂଚନା ପ୍ରକାରେ ଗତବର୍ଷ ତାମିଲନାଡୁ ମଜୁରୀ ପାଇଁ ଯାଇଥିଲେ ବାଳକ୍ରୀଷ୍ଣା। ତାମିଲନାଡୁ ସ୍ଥିତ ଏକ କୋଠା ଘର ନିର୍ମାଣ କାର୍ଯ୍ୟ କରିବା ସମୟରେ ଛାତରୁ ତଳକୁ ଖସି ପଡ଼ିଥିଲେ। ଦୁର୍ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି।ବାଳକୃଷ୍ଣ ପିଲାରୁ ବାପାଙ୍କୁ ହରାଇଥିଲେ ପରେ ମା' କେଉଁଠିକି ଚାଲିଗଲେ। କିନ୍ତୁ ଅନାଥ ହୋଇ ମଧ୍ୟ ଜୀବନରେ ହାର ମାନି ନଥିଲେ। ଦାଦନ ହୋଇ ଦୁଇ ପଇସା ରୋଜଗାର କରି ଘର ସଂସାର କରିବା ସ୍ୱପ୍ନ ଆଜି ବାଳକୃଷ୍ଣଙ୍କ ଅଧାରେ ରହିଗଲା ବୋଲି ପରିବାର ଓ ଗାଁ ଲୋକେ ଦୁଃଖଭରା କଣ୍ଠରେ କୁହନ୍ତି।ଏନେଇ ମାଲିକ ନିଜସ୍ୱ ଉଦ୍ୟମରେ ବାଳକୃଷ୍ଣଙ୍କ ପରିବାର ଲୋକଙ୍କୁ ଅବଗତ କରାଇ ମୃତ୍ତୁ ଶରୀର ପରିଡ଼ା ଗାଁକୁ ଆଣୁଥିବା ଜଣାପଡ଼ିଛି।ଏପରି ଦୁଃଖଦ ଖବର ଜାଣିବା ପରେ ଗାଁରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।

# ଗଛରେ ଝୁଲୁଛି ତୀର ମାଡ଼କରି ଫେରାର ଥିବା ଯୁବକଙ୍କ ମୃତଦେହ

ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା କୋମନା ଥାନା ସୁନାବେଡା ଅଭୟାରଣ୍ୟର ଯୋଗୀମୁଣ୍ଡା ଗାଁରେ ଗତ ମଙ୍ଗଳବାର ଜଣେ ଯୁବକ ୩ ଜଣଙ୍କୁ ତୀର ମାଡ଼କରି ଫେରାର ହୋଇଯାଇଥିଲେ । ସୋମବାର ସମ୍ପୃକ୍ତ ଯୁବକ ଲାଲଧର ପହରିଆ (୪୪)ଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଛନ୍ତି । ସନ୍ଧ୍ୟା ହୋଇଯିବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନଥିଲା । ସୂଚନା ଅନୁଯାୟୀ ଗତ ମଙ୍ଗଳବାର ଅପରାହ୍ନରେ ଯୋଗୀମୁଣ୍ଡା ଗାଁର ଲାଲଧର ହାତରେ ଧନୁତୀର ଧରି ଜଙ୍ଗଲପଟୁ ଘରକୁ ଫେରୁଥିଲେ। ସେହି ସମୟରେ ଶୁକ୍ରବାରୀ ପହରିଆ (୪୫) ଘରୁ ବାହାରୁଥିବା ସମୟରେ ଲାଲଧର ତାଙ୍କୁ ତୀରରେ ଆକ୍ରମଣ କରିଥିଲେ। ପରେ ମଙ୍ଗଳୁ ପହରିଆ (୪୬) ସାମ୍ନାକୁ ଆସିଯିବାରୁ ତାଙ୍କୁ ମଧ ତୀର ମାଡ କରିଥିଲେ। ଏହା ପରେ ମା'ବାପା ଛେଉଣ୍ଡ ସନ୍ତୋଷ ପହରିଆ (୧୪) ପାଇଖାନାରୁ ଫେରୁଥିବା ବେଳେ ଲାଲଧର ତାଙ୍କୁ ତୀର ମାଡ କରି ଫେରାର ହୋଇଯାଇଥିଲେ । ଗ୍ରାମବାସୀ ଆହତମାନଙ୍କୁ ଖଟିଆରେ ୩ କିମି ବୋହି ସୁନାବେଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଶୁକ୍ରବାରୀ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିଲେ । ସନ୍ତୋଷ ଓ ମଙ୍ଗଳୁ ଗୁରୁତର ଥିବାରୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତରମାନେ ଅସ୍ତ୍ରୋପଚାର କରି ସନ୍ତୋଷଙ୍କ ପେଟରୁ ତୀର ବାହାର କରିଥିଲେ । ବର୍ତ୍ତମାନ ସେମାନେ ସୁସ୍ଥ ଥିବା ଜଣାପଡିଛି । ସୋମବାର ଗାଁର କିଛି ଲୋକ ବୋଦରା ଡଙ୍ଗରକୁ ଗାଈ, ଛେଳି ଚରାଇବା ପାଇଁ ଯାଇଥିବା ସମୟରେ ଏକ ଗଛରେ ଲାଲଧରଙ୍କ ଝୁଲନ୍ତା ମୃତଦେହ ଦେଖି ଗାଁ ଲୋକଙ୍କୁ ଖବର କରିଥିଲେ । ଗାଁ ଲୋକେ କୋମନା ପୋଲିସକୁ ଖବର ଦେଇଥିଲେ ମଧ୍ୟ ସନ୍ଧ୍ୟା ହୋଇଯିବାରୁ ପୋଲିସ ସେଠାରେ ପହଞ୍ଚିନଥିଲା । ମଙ୍ଗଳବାର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହା ହତ୍ୟା କି ଆତ୍ମହତ୍ୟା ଅସ୍ପଷ୍ଟ ରହିଛି । ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ବୋରିଗୁମ୍ମାକୁ ଏନ୍ଏସି ମାନ୍ୟତା ପରେ ଖୁସିର ଲହରୀ

କୋରାପୁଟ (ଭାସ୍କର ନ୍ୟୁଜ୍) : ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୭ନୂତନ ମ୍ୟୁନିସିପାଲଟି ଓ ୧୬ଏନ୍ଏସି ଗଠିତ ହୋଇଥିବା ଘୋଷଣା କରିଛନ୍ତି । ଜନସାଧାରଣଙ୍କ ପ୍ରସ୍ତାବ ଓ ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି । ଦୀର୍ଘ ଦିନରୁ କୋରାପୁଟ ଜିଲ୍ଲାର ବୋରିଗୁମ୍ମାକୁ ଏନଏସି ଘୋଷଣା କରିବାକୁ ଦାବି ହୋଇ ଆସୁଥିବାବେଳେ ମୁଖ୍ୟମନ୍ତ୍ରୀ ଘୋଷଣା ପରେ ଅଞ୍ଚଳବାସୀ ଉତ୍ସବ ପାଳନ କରିଛନ୍ତି । ବୋରିଗୁମ୍ମାକୁ ଏନଏସି ମାନ୍ୟତା ଦେବା ନେଇ ରାଜନୈତିକ ଦଳ ଗୁଡିକ ମତାମତ ରଖିବା ସହ ସମସ୍ତ ଶ୍ରେୟ ବୋରିଗୁମା ନାଗରିକ ମଞ୍ଚ ଓ ଗ୍ରାମବାସୀଙ୍କୁ ପ୍ରଦାନ କରିଛନ୍ତି । ବୋରିଗୁମ୍ମାବାସୀ ଏନଏସି ଘୋଷଣା ହେବା ପରେ ଗ୍ରାମରେ ବାଣ ଫୁଟାଇ ସମସ୍ତଙ୍କୁ ମିଠା ବଣ୍ଟନ କରିଥିଲେ । ଜନସାଧାରଣଙ୍କ ଦାବି, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରାଯାଇଥିବାରୁ ଗ୍ରାମବାସୀ, ମୁଖ୍ୟମନ୍ତ୍ରୀ, ବିଧାୟକ ତାରା ପ୍ରସାଦ ବାହିନୀପତି, ଭାଜପା ନେତା ପୂର୍ଣ୍ଣିମା ନାୟକ, ଗୌତମ ସାମନ୍ତରାୟ ଓ ବିଜେଡି ନେତା ରବିନାରାୟଣ ନନ୍ଦ ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଜୋର୍ ଧରିଲା କଟାଗାଁକୁ ନୂତନ ବ୍ଲକ ଗଠନ ଦାବି



କୋଷାଗୁମୁଡା(ଭାସ୍କର ନ୍ୟୁଜ୍): ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କଟାଗାଁ ଠାରେ। କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ତାରାଗାଁ ପଂଚାୟତ ସ୍ଥିତ କଟାଗାଁ କୁ ନୂତନ ବ୍ଲକ ମାନ୍ୟତା ଦେବା ପାଇଁ ଦାବି ଜୋର ଧରିବାରେ ଲାଗିଛି। ଏନେଇ ଆଜି ତାରାଗାଁ ପଂଚାୟତ କାର୍ଯ୍ୟାଳୟ ଠାରେ ଏକ ବୈଠକ ଆୟୋଜନ କରାଯାଇଛି । ଆୟୋଜିତ ଉକ୍ତ ବୈଠକରେ ୧୦ ଗୋଟି ପଂଚାୟତର ସମସ୍ତ ସରପଞ୍ଚ ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟ, ୱାର୍ଡ ମେମ୍ବରଙ୍କ ସମେତ ଅଞ୍ଚଳର ଜ୍ଞାନୀଗୁଣି, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ସହସ୍ରାଧିକ ସଂଖ୍ୟାରେ ଯୋଗଦେଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉକି, କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ୧୦ ଗୋଟି ପଂଚାୟତ ଯଥା:-ତାରାଗାଁ, ବଡ଼ଗୁମୁଡା, ଆଟିଗାଁ, ବାଲେଙ୍ଗା, ଏକରୀ, ମୋତିଗାଁ, ବାଙ୍କୁଲୀ,ଏମ କେରାଗାଁ, ବି.ଏମ.ସେମଳା ଓ ଟେମରା ପଂଚାୟତବାସୀଙ୍କୁ ବ୍ଲକ କାର୍ଯ୍ୟାଳୟ ଯିବାକୁ ହେଲେ ୪୦ କିଲୋମିଟରରୁ ଉର୍ଦ୍ଧ୍ୱ ରାସ୍ତା ଯିବାକୁ ପଡୁଥିବା ଯୋଗୁଁ ସବୁବେଳେ ହଇରାଣ ହୋଇଆସୁଛନ୍ତି । ବ୍ଲକ କାର୍ଯ୍ୟାଳୟର କାମ ହେଉ ଅଥବା ମେଡିକାଲ କାର୍ଯ୍ୟ ହେଉ ଓ ତହସିଲ କାର୍ଯ୍ୟ ହେଉ ସବୁଥିରେ ଅସୁବିଧା ଭୋଗୀ ଆସୁଥିବା ବେଳେ ପ୍ରଶାସନିକ ସୁବିଧା ମଧ୍ୟ ଠିକ ଭାବେ ଏହି ସବୁ ଅଳବାସୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ବେଳେବେଳେ ପ୍ରଶାସନ ମଧ୍ୟ ଏହିସବୁ ଅଞ୍ଚଳକୁ ଅଣଦେଖା କରୁଥିବା ଗ୍ରାମବାସୀ ଦାବି କରିଆସୁଛନ୍ତି । ତେଣୁ କୋଟାଗାଁ ସ୍ୱତନ୍ତ୍ର ବ୍ଲକର ମାନ୍ୟତା ଦେଲେ ଉପରୋକ୍ତ ୧୦ ଗୋଟି ପଂଚାୟତବାସୀ ଉପକୃତ ହେବେ ବୋଲି ଆଜିର ବୈଠକରେ ଆଲୋଚନା କରାଯାଇଥିଲା। ହେଲେ ସେ ସମୟର ସରକାର ଅଂଚଳବାସୀଙ୍କ ଦାବିକୁ ଭ୍ରୁକ୍ଷେପ ନକରିବାରୁ ଅଞ୍ଚଳବାସୀଙ୍କୁ କୌଣସି ସୁଫଳ ମିଳିନଥିଲା ।ଏବେ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଆସିବା ପରେ ଅଞ୍ଚଳବାସୀଙ୍କୁ ଏକ ନୂତନ ଆଲୋକ ଦୃଶ୍ୟମାନ ହୋଇଛି । ତେଣୁ ଏହି ଦାବୀ ପୂରଣ ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ନେଇ ଆଜି ସ୍ଥିର କରାଯାଇଛି । ଅନ୍ୟପଟେ କୋଷାଗୁମୁଡା ବ୍ଲକସ୍ଥିତ କୋଡ଼ିଙ୍ଗା ଅଂଚଳବାସୀ ମଧ୍ୟ କିଛି ପଂଚାୟତର ସମର୍ଥନ ନେଇ ବିଗତ ଦିନରେ କୋଡ଼ିଙ୍ଗା କୁ ନୂତନ ବ୍ଲକ ଗଠନ ଦାବି ରେ ବସିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସରକାର ଉଭୟ କୋଡ଼ିଙ୍ଗା ଏବଂ କଟାଗାଁ ରୁ ଉଠୁଥିବା ଦାବିକୁ କେତେ ଗୁରୁତର ସହ ନେଇ କାହା ଦାବିକୁ ପ୍ରାଧାନ୍ୟ ଦେବ ତାହା ଦେଖିବାକୁ ବାକି ରହିଲା।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କାଲିମେଳା(ଭାସ୍କର ନ୍ୟୁଜ୍): କାଲିମେଳା ବ୍ଲକ ଅନ୍ତର୍ଗତ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏମଭି-୭୨ ରେ ଶିକ୍ଷକତା କରିଥିବା ନିଶିକାନ୍ତ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏ ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ବାରଇ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନେଶ୍ୱର ନାୟକ, ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି ରଞ୍ଜିତ କୁମାର ନାୟକ, ମାଲକାନଗିରି ଜିଲ୍ଲା ସଭାପତି ତାରକ କୁମାର ମଣ୍ଡଳ ଓ ସଂପାଦକ ଚିତ୍ତ ସରକାର, ଏନପିଏସ ସଭାପତି କେ.ପୂର୍ଣ୍ଣ ଚନ୍ଦ୍ର ପାତ୍ର , ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ ତାପାଲି ପ୍ରମୁଖଙ୍କ ସହିତ ଅବସରପ୍ରାପ୍ତ ନିଶିକାନ୍ତ ଅଧିକାରୀ ମଧ୍ୟ ମଞ୍ଚାଶିନ ହୋଇଥିଲେ । ଏଥିରେ ଅନ୍ୟାନ୍ୟ ଶିକ୍ଷକ ଏବଂ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିଥିଲେ । ମଞ୍ଚାସୀନ ଅତିଥିମାନେ ଶ୍ରୀ ଅଧିକାରୀଙ୍କୁ ତାଙ୍କ ଶିକ୍ଷାଦାନ ପ୍ରତି ଅବଦାନ ଏବଂ ତାଙ୍କ କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ସେ ବିଗତ ୩୦. ୦୭.୧୯୯୧ ମସିହା ରେ ଶିକ୍ଷକତା ଆରମ୍ଭ କରି ୩୧ ଅଗଷ୍ଟ ୨୦୨୫ ରେ ଅବସର ହୋଇଛନ୍ତି । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସାତବର୍ଷ ବ୍ଲକସ୍ତରୀୟ ଅଧିକାରୀ ଏବଂ ପାଞ୍ଚବର୍ଷ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭାବେ ଆନ୍ତରିକତାର ସହିତ କାର୍ଯ୍ୟ ତୁଲାଇଥିଲେ । ସମ୍ବର୍ଦ୍ଧନାବେଳେ ମାନପତ୍ର ସହ ଉପଢୌକନ ଦେଇ ଶ୍ରୀ ଅଧିକାରୀ ଙ୍କୁ ସମ୍ମାନିତ କରାଯାଇଥିଲା ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




ନୂଆପଡା (ଭାସ୍କର ନ୍ୟୁଜ୍): ନୂଆପଡ଼ା ମୁଖ୍ୟାଳୟ ସଭାବନା ସଭା ଗୃହଠାରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂହଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ଶିବିରରେ ମୋଟ ୬୪ ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି। ଏଥିରୁ ୪୪ ଟି ବ୍ୟକ୍ତିଗତ ଏବଂ ୨୦ ଟି ସାମୁହିକ ଅଭିଯୋଗ ଥିଲା। ଏହି ସବୁ ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅସହାୟ ମହିଳା କମଳା ଦେବୀ ବର୍ମା, ପତୋରାଙ୍କୁ ପାଞ୍ଚ ହଜାର ଟଙ୍କାର ସହାୟତା ରେଡକ୍ରସ୍ ପାଣ୍ଠିରୁ ଯୋଗାଇ ଦିଆଯାଇଥିଲା । ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହିତ ବନଖଣ୍ଡ ଅଧିକାରୀ ଖଡିଆଳ ଅଜିଜ ଖାନ୍, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୂର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ ,ବ୍ଲକ୍ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଭରତ ଲାଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ରଞ୍ଜନ ସାହୁ , ଡେପୁଟି କଲେକ୍ଟର ଶେଖ୍ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ , ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ଏବଂ ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ଅଭିଯୋଗ ଶିବିର ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ର ଆୟୋଜନ ହୋଇଥିଲା । ବର୍ଦ୍ଧିତ ଜନ ଶୁଣାଣି ହୋଇଥିବା କୋଦୋମେରୀ ଗାଁରେ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ୭୪ ଟି ବଡ଼ ଏବଂ ୧୮୯ ଟି ଛୋଟ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ସହିତ ୫୦ଟି ପଶୁଙ୍କୁ ସାହାଣ ଟିକାକରଣ କରାଯାଇଥିଲା ।

# ଜାତୀୟ କ୍ରୀଡ଼ା ଦିବସରେ ସାଇକେଲ ଶୋଭାଯାତ୍ରା

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଜାତୀୟ କ୍ରୀଡା ଦିବସ ଅବସରରେ ସାଇକେଲ ଶୋଭାଯାତ୍ରା ଶୁଭାରମ୍ଭ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ସାଇକେଲ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ, ସହକାରୀ ଜିଲ୍ଲାପାଳ ଅକ୍ରୁର କୁମାର ଯାନୀ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ସ୍ୱାଇଁଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ। ଶୋଭାଯାତ୍ରା କୋର୍ଟ ଛକ ପୋଡ଼ାପଡା ଛକ, ଗାନ୍ଧୀ ଛକ, ବାଘଗୁଡ଼ା ଛକ, ଜାମୁଛକ, ଟ୍ରେଜେରୀ ଛକ ଦେଇ ଜିଲ୍ଲା ଷ୍ଟାଡିୟମ୍‌ଠାରେ ପହଞ୍ଚିଥିଲା। ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସକୁ ଜାତୀୟ କ୍ରୀଡା ଦିବସ ଭାବରେ ସାରା ଦେଶରେ ପାଳନ କରାଯାଉଛି। ସାଇକେଲ ଶୋଭାଯାତ୍ରରେ ସହରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ ।

# ତିନିଦିନିଆ ଜାତୀୟ ଖେଳ ଦିବସ ଆୟୋଜିତ

ଉମରକୋଟ(ଭାସ୍କର ନ୍ୟୁଜ୍):୧୪ତମ ଜାତୀୟ ଖେଳ ଦିବସ ତଥା ପୂର୍ବତନ ହକି ଚମ୍ପିଆନ୍ ତଥା ଅଲମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ମେଜର୍ ଧ୍ୟାନଚାନ୍ଦଙ୍କ ଅଗଷ୍ଟ ୨୯ ତାରିଖ ଜନ୍ମ ଦିବସ ଅବସରରେ ଜାତୀୟ କ୍ରୀଡ଼ା ଦିବସ ରୂପେ ଦେଶ ଓ ରାଜ୍ୟବ୍ୟାପୀ ପାଳନ ହେଉଥିବାବେଳେ ନବରଙ୍ଗପୁର ଜିଲ୍ଲା କ୍ରୀଡ଼ା ପ୍ରଶାସନ ପକ୍ଷରୁ ଜିଲ୍ଲା କ୍ରୀଡା ଅଫିସର ସମୀର କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ଓ ବହୁ ମୁଖୀ ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ତିନି ଦିନ ଧରି ୨୯ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ କ୍ରୀଡାବିତ୍ ଓ ଏକାଡେମୀ ରେ ରହୁଥିବା କ୍ରୀଡାବିତ୍‌ମାନେ ଅଂଶଗ୍ରହଣ କରିଥିଲେ। ତିନିଦିନ ଧରି ଅନୁଷ୍ଠିତ ଏହି କ୍ରୀଡା କୁ ସମ୍ପୂର୍ଣ୍ଣ ଭାବେ ତଦାରଖ କରିଥିଲେ ଇଣ୍ଡୋର ଷ୍ଟାଡିୟମର ନିରୀକ୍ଷକ ଅଶୋକ କୁମାର ସାହୁ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ସାଂସଦ ବଳଭଦ୍ର ମାଝୀଙ୍କ ପ୍ରତିନିଧି ରାମ ନାୟକ ଓ ସମ୍ମାନିତ ଅତିଥି ଭାବେ ଇଣ୍ଡୋର ଷ୍ଟାଡିୟମ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଓ ମହିଳା ଜିଲ୍ଲା କ୍ରୀଡା ସଂଘ ସମ୍ପାଦିକା ଇଂ.ଚନ୍ଦନା ମଲ୍ଲିକ, ଉମରକୋଟ ଇଣ୍ଡୋର୍ ଷ୍ଟାଡିୟମ୍‌ର ନିରୀକ୍ଷକ ଅଶୋକ କୁମାର ସାହୁ । ଗତକାଲି ଏହି ଖେଳର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାମ ନାୟକ ଯୋଗ ଦେଇ ଖେଳାଳି ମାନଙ୍କୁ ଖେଳିବା ଦ୍ୱାରା ନିଜର ଶରୀର ସୁସ୍ଥ ରହିବା ସହ ମନ ପ୍ରଫୁଲ୍ଲ ରହେ। ଓଡିଶା ମୋହନ ସରକାରଙ୍କ କ୍ରୀଡା କ୍ଷେତ୍ରରେ ଖେଳାଳି ମାନଙ୍କ ବିକାଶ ପାଇଁ ଭିତ୍ତିଭୂମି ସହ ଖେଳ ସମାଗ୍ରୀ ଯୋଗାଇ ଦେଇଛନ୍ତି , ଖେଳାଳିଙ୍କୁ ସୁଯୋଗ ହାତଛଡ଼ା ନ କରିବା ପାଇଁ ପରାମର୍ଶ ଦେଇଥିଲେ। ତିନିଦିନ ଧରି ଅନୁଷ୍ଠିତ ଖେଳକୁ ପରିଚାଳନା କରିଥିଲେ କ୍ରୀଡା ଶିକ୍ଷକ ଏମ୍. ବିଜୟ କୁମାର,କିଶୋର କୁମାର ସିଲ୍, ପ୍ରଫୁଲ୍ଲ କଲାର ,ଭାର ଉତ୍ତୋଳନ ପ୍ରଶିକ୍ଷକ ନକୁଳ ସନ୍ତା, ଶାରୀରିକ ପ୍ରଶିକ୍ଷଣ ନେଇଥିବା ଛାତ୍ରୀ ନବିନା ସନ୍ତା,ଯୋଗମଣି ଭତ୍ରା ପ୍ରମୁଖ । ମଞ୍ଚ ପରିଚାଳନା କରିଥିଲେ ଏମ୍. ବିଜୟ କୁମାର।

# ମେଜର ଧ୍ୟାନଚାନ୍ଦ ରାଷ୍ଟ୍ରୀୟ ଖେଳ ମହୋତ୍ସବ ଉଦ୍‌ଯାପିତ



ବେଲାପାହାଡ( ଭାସ୍କର ନ୍ୟୁଜ୍ ): ବେଲପାହାଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଶନ ପ୍ଲାଣ୍ଟେସନ ୱିତ୍ ଫିଟନେଶ ଦ୍ୱାରା ଅଗଷ୍ଟ ୨୩ ତାରିଖରୁ ଆରମ୍ଭ ହୋଇଥିବା ମେଜର ଧ୍ୟାନଚାନ୍ଦ ରାଷ୍ଟ୍ରିୟ ଖେଳ ମହୋତ୍ସବ ରବିବାର ଦିନ ଉଦଯାପିତ ହୋଇଯାଇଛି। ବେଲପାହାଡ଼ର ମିଶନ ପ୍ଲାଣ୍ଟେସନ ୱିତ୍ ଫିଟନେଶ (ଏମପିଏଫ) ଏହି କାର୍ଯ୍ୟକ୍ରମ ହାତକୁ ନେଇଥିଲା। ଏଥିରେ ବ୍ୟାଡ଼ମିଣ୍ଟନ, ଇଣ୍ଟର କ୍ଲବ ହ୍ୟାଣ୍ଡବଲ, ଇଣ୍ଟର ସ୍କୁଲ ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ଚିତ୍ରାଙ୍କନ,ସ୍ଲୋଗାନ ଲେଖିବା, ଭାଷଣ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଛି ଓ ଆଜିର ଉଦଯାପନୀ ଦିବସରେ ଇଣ୍ଟର ସ୍କୁଲ ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ୭ ନମ୍ବର ୱାର୍ଡର କାଉନସିଲର ଶକୁନ୍ତଳା ମହନ୍ତ ଉପସ୍ଥିତ ରହି ଫୁଟବଲ ଓ ଭଲିବଲ ଖେଳର ଶୁଭାରମ୍ଭ କରିଥିଲେ। ଅପରାହ୍ନରେ ହୋଇଥିବା ଉଦଯାପନୀ ଉତ୍ସବରେ ଅତିଥି ଭାବରେ ଜିଲ୍ଲା ଏଥେଲେଟିକ ଏସୋସିଏସନ ରହି ଜେନେରାଲ ସେକ୍ରେଟେରୀ ତଥା ଓଡ଼ିଶା ଏଥେଲେଟିକ ଏସୋସିଏସନ ର ଉପସଭାପତି ତାପସ ରାୟ ଚୌଧୁରୀ ଉପସ୍ଥିତ ଥିବାବେଳେ ସମ୍ମାନୀତ ଅତିଥି ଭାବରେ ଓଡିଶା ଅଲମ୍ପିକ ଏସୋସିଏସନ ର କାଉନସିଲ ସଦସ୍ୟ ବିଜୟ ବେହେରା, ବାସନ୍ତୀ ହସପିଟାଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ରାଜ ପ୍ରଧାନ, ବିଇଏମ ବିଦ୍ୟାଳୟର ଉପଅଧକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର, ସନ୍ତୋଷ ଟ୍ରଫି ଖେଳାଳୀ ଗିରିସ ଜୟପୁରିଆ, ଲକ୍ଷ୍ମୀ ପ୍ରସାଦ ରାଉତ,କ୍ରୀଡା ପ୍ରେମୀ ସୁବାସ ସିଂହାନିଆଁ,ବ୍ୟାଡ଼ମିଣ୍ଟନ କୋଚ କମଲେଶ ଶର୍ମା, କଳିଙ୍ଗ ଯୁଥ ଏସୋସିଏସନର ସଭାପତି ସଞ୍ଜିବ ମହନ୍ତ ,ଟିଆରଏଲ କ୍ରୋସାକି କମ୍ପାନୀ ର ସିଏସଆର ବିଭାଗର ଦିପକ ସାହୁ,ସରୋଜ ମିର୍ଦ୍ଧା,ମନୋଜ ମେହେର ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଏମପିଏଫର ସଭାପତି ଆଶିଷ କୁମାର ଦାସ ସଭାପତିତ୍ୱ କରିଥିଲେ। ସମ୍ପାଦକ ହମିଦ କୁମାର ମହାପାତ୍ର ଅତିଥି ପରିଚୟ ତଥା ଖେଳ ମହୋତ୍ସବ ବିଷୟରେ ସୂଚନା ଦେଇଥିଲେ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲାର ମୋଟ ୩୦୦ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଫୁଟବଲରେ ୮ଟି ବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ପିଏ ମଶ୍ରୀ ଜିଏଲ ହାଇସ୍କୁଲ ଓ ବିଆର ହାଇସ୍କୁଲ ମଧ୍ୟରେ ହୋଇଥିଲା ଯେଉଁଥିରେ ଜିଏଲ ହାଇସ୍କୁଲ ଦଳ ୩-୧ ଗୋଲରେ ବିଜୟୀ ହୋଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲେ। ସେହିପରି ଭଲିବଲରେ ମଧ ୮ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ନଟୱର ହାଇସ୍କୁଲ କଣ୍ଟେଇକେଲା ବେଲପାହାଡ଼ ଇଂଲିଶ ମିଡ଼ିୟମ ବିଦ୍ୟାଳୟ କୁ ୨-୦ସେଟରେ ପରାସ୍ତ କରି ଚମ୍ପିଆନ ଆଖ୍ୟା ଅର୍ଜନ କରିଥିଲେ। ବିଜୟୀ ଦଳକୁ ଚମ୍ପିଆନ ଟ୍ରଫି ଓ ଉପ ବିଜେତା ଦଳକୁ ରନର୍ସଅପ ଟ୍ରଫି ପ୍ରଦାନ କରାଯାଇଥିଲା ।

# ସ୍ମାର୍ଟସିଟିରେ ମା' ଖୁଦୁରୁକୁଣୀଙ୍କ ମୃଣ୍ମୟୀ ମେଳଣ






ରାଉରକେଲା ( ଭାସ୍କର ନ୍ୟୁଜ୍): ରାଉରକେଲା ସ୍ମାର୍ଟ ସିଟିରେ ସବୁଧର୍ମ ସବୁ ଭାଷା ଭାରତର ସବୁ ରାଜ୍ୟ ର ଲୋକ ବସବାସ କରନ୍ତି। ତେଣୁ ଏହି ମିନି ଭାରତରେ ଓଡ଼ିଆ ଅସ୍ମିତାକୁ ଉଜ୍ଜୀବିତ କରି ଏକ ନିଆରା ପର୍ବ ମା ଖୁଦୁରୁକୁଣୀ ମେଳଣ ଆୟୋଜନ କରିଥିଲା ସ୍ୱରାଗିଣୀ ଅନୁଷ୍ଠାନ। ଯାହା ସମସ୍ତ ଙ୍କ ହୃଦୟ କୁ ଛୁଇଁଛି। ଏହି ମେଳଣ ଉତ୍ସବର ମୁଖ୍ୟ ଅତିଥି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସଂଗଠନର ପ୍ରୟାସ କୁ ସାଧୁବାଦ ଦେବା ସହ ପ୍ରକୃତ ଓଡିଆ ଅସ୍ମିତା ଆଜି ସେ ଏହି ଉତ୍ସବ ରେ ଦେଖୁଛନ୍ତି ବୋଲି ଅଭିହିତ କରିଥିଲେ। ପୂର୍ବରୁ ୩ ବର୍ଷ ଧରି ଏହି ଖୁଦୁରୁକୁଣୀ ମେଳଣ ଆୟୋଜନ ଏକ ସୀମାବଦ୍ଧ ମଧ୍ୟରେ ହୋଇଥିବା ବେଳେ ଚଳିତବର୍ଷ ଏହା ଅହିରାବନ୍ଧ ଜଗନ୍ନାଥ ମନ୍ଦିର ରଥଖଳାରେ ଆୟୋଜନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଚଳିତ ବର୍ଷ ୭୦ଟି ମା ଖୁଦୁରୁକୁଣୀଙ୍କ ମୃଣ୍ମୟ ଏହି ମେଳନ ରେ ସାମିଲ ହୋଇଥିଲା। ମା'ଙ୍କ ମୃଣ୍ମୟ ନେଇ ଆସିଥିବା ସମସ୍ତ ଭଉଣୀ ଙ୍କୁ ଏହି ମେଳନ ରେ ସ୍ୱାଗତ କରାଯିବା ସହ ଉପହାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସପି ଦେବଯାନୀ ନାୟକ, ସେକ୍ଟର ୩ ଥାନା ଅଧିକାରୀ ପିଙ୍କି ମୁର୍ମୁ, ରାଉରକେଲା ଇସ୍ପାତ କାରଖାନାର ଜିଏମ ଗିରିଜା ଶଙ୍କର ଦାସ , ବିଜେଡି ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ,ପୂର୍ବତନ ରାଉରକେଲା ଚାମ୍ବର ଅଫ କମର୍ସ ଓ ଇଣ୍ଡଷ୍ଟ୍ରିଜ୍‌ର ସଭାପତି ସୁନୀଲ କାୟାଲ ପ୍ରମୁଖ ଯୋଗ ଦେଇ ଏହି ଉତ୍ସବ ର ଶୋଭା ବୃଦ୍ଧି କରିଥିଲେ। ମେଳନ ଉତ୍ସବର ଅନ୍ୟତମ ଆକର୍ଷଣ ପ୍ରସିଦ୍ଧ ଗାୟକ ତଥା ସଂଗୀତ ନିର୍ଦ୍ଦେଶକ ପଙ୍କଜ ଜାଲ ଓ ମାନସୀ ପାଣିଗ୍ରାହୀ ଙ୍କ ଭଜନ ଥିଲା। ଯେଉଁଥିରେ ଉପସ୍ଥିତ ସମସ୍ତ ଭକ୍ତ ବିଭୋର ହୋଇଥିଲେ। ମୃଣୟର ମୂଲ୍ୟାୟନ ବିଚାରକ ଭାବେ ସୀମାଞ୍ଚଳ ପଣ୍ଡା ଓ ଦିନୁ ପ୍ରଧାନ ନିର୍ବାହ କରିଥିଲେ। ଏହି ମେଳନରେ ବିଚାରକଙ୍କ ଦ୍ୱାରା ଚୟନ ଶ୍ରେଷ୍ଠ ମୃଣ୍ମୟକୁ ପ୍ରଥମ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ସ୍ୱରାଗିଣୀର ଅଧକ୍ଷ ପ୍ରଫୁଲ୍ଲ କୁମାର ମଙ୍ଗଳ, ସଭାପତି ସାଗରିକା ସାହାଣୀ ଓ ସମ୍ପାଦିକା ମମତାଞ୍ଜଳୀ ଦାସଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ବେଳେ ସ୍ୱରାଗିଣୀର ସମସ୍ତ ସଦସ୍ୟ ଏଥିରେ ସକ୍ରିୟ ସହଯୋଗ କରିଥିଲେ। ଅନୀଲ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।



ମାଲକାନଗିରି (ଭାସ୍କର ନ୍ୟୁଜ): ମଙ୍ଗଳବାର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ କରିବା, ତଳସ୍ତରର କର୍ମୀମାନଙ୍କୁ ସଚଳ କରିବା ଓ ଆଗାମୀ ପଞ୍ଚାୟତ ଓ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକ ଜିଲ୍ଲା କଂଗ୍ରେସ କମିଟିର କୋ-ଓର୍ଡିନେଟର ଜି. ଶ୍ରୀନିବାସ ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ବୈଠକରେ ଛତିଶଗଡ଼ର ଅକଲତାରା ବିଧାୟକ ରାଘବେନ୍ଦ୍ର କୁମାର ସିଂ, ମୋହନା ବିଧାୟକ ଦଶରଥୀ ଗମାଙ୍ଗ, ଦଳୀୟ ଅବଜର୍ଭର ପାଣ୍ଡବ କର୍ଣ୍ଣ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ସହିତ ଜିଲ୍ଲାର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।ସମ୍ମିଳନୀରେ ଘୋଷଣା କରାଯାଇଛି ଯେ, ଜିଲ୍ଲା କଂଗ୍ରେସ ସଭାପତି ଚୟନ ପାଇଁ ପୁନଃ ପ୍ରକ୍ରିୟା ଆରମ୍ଭ ହେବ। ଯଦିଓ ପୂର୍ବରୁ ଏହି ନିର୍ବାଚନ ସମ୍ପନ୍ନ ହୋଇଥିଲା, ଦଳୀୟ ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।ନେତାମାନଙ୍କ ଅନୁଯାୟୀ, ମଣ୍ଡଳ ସ୍ତରରେ କର୍ମୀମାନଙ୍କ ସହ ଆଲୋଚନା ପରେ ବ୍ଲକ ସଭାପତି ଓ ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟାକୁ ଗତି ଦିଆଯିବ। ଏହି ପଦକ୍ଷେପ ଆଗାମୀ ନିର୍ବାଚନରେ କଂଗ୍ରେସକୁ ଦୃଢ଼ ଭାବେ ପ୍ରସ୍ତୁତ କରିବାରେ ମୂଳ ଭୂମିକା ନିଭାଇବ।ଏହି ଅବସରରେ ବରିଷ୍ଠ ନେତା ଗୋବିନ୍ଦ ପାତ୍ର, ପଦ୍ମ ପାଙ୍ଗି, ପି.କେଶୁଙ୍କ ସହ ବହୁକର୍ମୀ ଉପସ୍ଥିତ ଥିଲେ, ଯାହାକି ଦଳର ଏକତା ଓ ସାଂଗଠନିକ ଶକ୍ତିକୁ ପ୍ରତିବିମ୍ବିତ କରିଥିଲା।

## ଛତିଶା ନିଯୋଗ ବୈଠକରେ ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟକୁ ଅନୁମୋଦନ



ପୁରୀ (ଭାସ୍କର ନ୍ୟୁଜ) : ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସୂଚନା। ୭ ତାରିଖ ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ରାତ୍ର ୨ ଟା ରୁ ଫିଟିବ ଦ୍ୱାର। ୨ଟା ୪୦ ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ ନୀତି କାନ୍ତି ହେବ। ଦିନ ୧୨ ଟା ୩୦ ସୁଦ୍ଧା ସମସ୍ତ ନୀତି କାନ୍ତି ଅନୁଷ୍ଠିତ ହେବ। ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ। ଧାଡ଼ି ଦର୍ଶନ ପାଇଁ କିଭଳି ପ୍ରସ୍ତୁତି ହେବ ସେନେଇ ଆଲୋଚନା ହୋଇଥିଲା। ପରୀକ୍ଷାମୂଳକ ଭାବେ ପ୍ରଥମେ ଧାଡ଼ି ଦର୍ଶନ ହେବ। ସମସ୍ତ ନିଯୋଗ ସହିତ ଏନେଇ ଆଲୋଚନା ହୋଇଛି। ଆସନ୍ତାକାଲି ପରିଚାଳନା କମିଟି ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯିବ। ମହାପ୍ରଭୁଙ୍କ ପୂଜା ଓ ଦର୍ଶନ ନାଁ ରେ ଅନଲାଇନରେ ଫେକ୍ ୱେବସାଇଟ ଖୋଲିଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ପୋଲିସ ସହ ଆଲୋଚନା କରାଯାଇଛି।

## ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ଅଛି: ସୁରେଶ ପୂଜାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଲଗାତାର ବର୍ଷା କାରଣରୁ ବିଭିନ୍ନ ନଦୀର ଜଳସ୍ତର ବଢ଼ିଛି । ହେଲେ ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ଅଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପାଣିପାଗ ବିଭାଗର ଆକଳନ ଅନୁସାରେ ୧ ରୁ ୫ ତାରିଖ ଲଘୁଚାପ ସୃଷ୍ଟି ହେବ । ଆଜି ସକାଳ ୫.୩୦ ରେ ବଙ୍ଗୋପ ସାଗରର ଉତ୍ତର ପଶ୍ଚିମ ଦିଗରେ ଲଘୁଚାପ ସୃଷ୍ଟି ହୋଇଛି । ଏହି କାରଣରୁ ଓଡ଼ିଶାର ୩୦ ଜିଲ୍ଲା ରେ ୪୦ରୁ ୪୫ କିମି ପବନ ସହ ବର୍ଷା ହେବ । ସେ କହିଛନ୍ତି ଯେ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁରଓ ଦେଓଗଡ ଜିଲ୍ଲା ପାଇଁ ୱାର୍ଣ୍ଣ ଜାରି ହୋଇଥିଲା। ଅଧିକ ବର୍ଷା ପାଇଁ ମାଲକାନଗିରି, ନୟାଗଡ, ବୌଦ୍ଧ, ସୋନପୁର, ବଲାଙ୍ଗୀର ପାଇଁ ୱାର୍ଣ୍ଣ ଥିଲା । ଆଗୁଆ ସତର୍କ ଥିଲା, ବର୍ଷା ପବନ ସବୁ ଜିଲ୍ଲାରେ ହେଉଛି । ୮.୩୦ ସୁଦ୍ଧା ମାତ୍ର ୧୫ମିମି ବର୍ଷା ହୋଇଛି । କେନ୍ଦୁଝରରେ ୨୧୫ ମିମି ବର୍ଷା ରେକର୍ଡ ହୋଇଛି । ବିଭିନ୍ନ ନଦୀର ଜଳ ପତନ ବଢ଼ିବାରେ ଲାଗିଛି କିନ୍ତୁ ବିପଦ ସଂକେତ ପାରି ହୋଇନାହିଁ । ହୀରାକୁଦ୍ ବନ୍ଧରେ ପାଣି ସଂରକ୍ଷଣ କରାଯାଉଛି ଗେଟ ଖୋଲା ଯାଇନାହିଁ । ମହାନଦୀରେ ବିପଦ ନାହିଁ । ବୁଢ଼ାବଲଙ୍ଗରେ ୱାର୍ଣ୍ଣ ଲେବଲ ବଢୁଛି, ଜାଲକାରେ ବଢୁଛି । ୨ଟି ଜିଲ୍ଲା ବାଲେଶ୍ୱର ଓ ମାଲକାନଗିରି ବ୍ୟାପକ ପ୍ରଭାବିତ ହୋଇଛି । ମାଲକାନଗିରିରେ ବ୍ୟାପକ ବର୍ଷା ଯୋଗୁଁ ୨ଟି ବ୍ରିଜ ଉପରେ ପାଣି ଯାଉଛି । ବାଲେଶ୍ୱରରେ ପ୍ରଭାବିତ ହୋଇଛି । ଆଗାମୀ ୫ ତାରିଖ ପର୍ଯ୍ୟନ୍ତ ବର୍ଷା, ପବନ ହେବ । ରିଲିଫ ସେଂଟର କୁ ଆଣିବା ସ୍ଥିତି ଉପନ୍ନ ହୋଇନାହିଁ । ରିଲିଫ ପ୍ରସ୍ତୁତ ଅଛି । ଗାଁ ଛାଡି ରିଲିଫ ସେଂଟର କୁ ଆସନ୍ତୁ ସମସ୍ତ ସୁବିଧା ଦିଆଯିବ । କ୍ଷତି ଗ୍ରସ୍ତ ହେଲେ ସରକାର କ୍ଷତି ପୂରଣ ଦେବା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

## ୨୦୦ ମେଡ଼ିକାଲ ସିଟ୍ ପାଇଁ ଅନୁମତି ଯୁଗାନ୍ତକାରୀ ପଦକ୍ଷେପ: ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅନୁଗୋଳ ଜିଲ୍ଲାର ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ଏବଂ କନ୍ଧମାଳ ଜିଲ୍ଲାର ଫୁଲବାଣୀ ସରକାରୀ ମେଡିକାଲ କଲେଜରେ ୨୦୨୫-୨୬ ଶିକ୍ଷାବର୍ଷରୁ ୧୦୦ ଲେଖାଁଏ ଏମବିବିଏସ ସିଟ୍ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବାକୁ ଭାରତ ସରକାର ଅନୁମତି ଦେଇଛନ୍ତି । ଏଥିପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହାସହ ଓଡ଼ିଶାର ସ୍ୱାସ୍ଥ୍ୟସେବା ଏବଂ ମେଡିକାଲ ଶିକ୍ଷାର ବିକାଶ ପାଇଁ ନିରନ୍ତର ପ୍ରଚେଷ୍ଟା କରୁଥିବାରୁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ । ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ମିଶନରେ ଓଡ଼ିଶାରେ ସ୍ୱାସ୍ଥ୍ୟ ଅଭିବୃଦ୍ଧି ସହ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା । ଏହି ଯୁଗାନ୍ତକାରୀ ପଦକ୍ଷେପ ; ଅନୁଗୋଳ ଜିଲ୍ଲା ସମେତ କନ୍ଧମାଳ ଭଳି ଜନଜାତି ବହୁଳ ଅଞ୍ଚଳରେ ନାଗରିକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଭାରତ ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମସିଏଲ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ପାଇଁ ଟ ୧୬୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛି । ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ଦ୍ୱାରା ତାଳଚେର ସମେତ ଅନୁଗୋଳ ଓ ଆଖପାଖ ଜିଲ୍ଲାର ଲୋକମାନେ ବିଶେଷ ଭାବରେ ଉପକୃତ ହେବେ । ଏହି ସୁବିଧା ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ପରିବର୍ତ୍ତନ କରିବା ସହ ସମସ୍ତଙ୍କ ପାଇଁ ଗୁଣାତ୍ମକ ଚିକିତ୍ସା ସେବା ଉପଲବ୍ଧ କରାଇବ, ଯାହା ଡବଲ-ଇଞ୍ଜିନ୍ ସରକାରର ପ୍ରତିବଦ୍ଧତାର ଜ୍ୱଳନ୍ତ ପ୍ରତିଫଳନ ବୋଲି ସେ ମତପ୍ରକାଶ କରିଛନ୍ତି ।

## ସାର୍ ଯଦୁନାଥ ସରକାର ଫେଲୋସିପର ଦୀକ୍ଷାନ୍ତ ସମାରୋହ
## ଆମେ ଇତିହାସର ସଠିକ୍ ଚିତ୍ର ଉପସ୍ଥାପନ କରୁଛୁ: ଧର୍ମେନ୍ଦ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆମେ କାହାର ଇତିହାସକୁ ଲିଭାଇ ଦେବା ତଥା ଇତିହାସର କୌଣସି ବିଷୟ ଉପରେ ଅବହେଳା କରିବାକୁ ଚାହୁଁନାହୁଁ ବରଂ ଇତିହାସର ସଠିକ୍ ଚିତ୍ର ଉପସ୍ଥାପନ କରୁଛୁ ବୋଲି ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଭାରତୀୟ ଇତିହାସ ପାଇଁ ସାର୍ ଯଦୁନାଥ ସରକାର ଫେଲୋସିପର ପ୍ରଥମ ବ୍ୟାଚର ଦୀକ୍ଷାନ୍ତ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦ ଫାଉଣ୍ଡେସନ ଫର୍ ଇଣ୍ଡିଆନ୍ ହିଷ୍ଟୋରିକାଲ୍ ଆଣ୍ଡ୍ କଲଚୁରାଲ୍ ରିସର୍ଚ୍ଚ (ଏଫଆଇଏଚସିଆର) ପକ୍ଷରୁ ଆୟୋଜିତ ଏହି ଫେଲୋସିପର ପ୍ରଥମ ବ୍ୟାଚକୁ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କ ସଫଳତା କାମନା କରିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ଆଜି ଛାତ୍ରଛାତ୍ରୀମାନେ ସେମାନଙ୍କର ସାର୍ଟିଫିକେଟ୍ ଗ୍ରହଣ କରୁନାହାନ୍ତି ବରଂ ଭାରତର ଐତିହାସିକ, ସାଂସ୍କୃତିକ ଏବଂ ବୌଦ୍ଧିକ ସାର୍ବଭୌମତ୍ୱର ମଶାଲବାହକ ହେବାର ଦାୟିତ୍ୱ ବହନ କରୁଛନ୍ତି । ସେ ଆହୁରି କହିଛନ୍ତି ଯେ ଇତିହାସ ଏକ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ପାଇଁ ପଥ ପ୍ରଶସ୍ତ କରେ । ଆମର ସାଂସ୍କୃତିକ, ଐତିହାସିକ ଏବଂ ବୌଦ୍ଧିକ ଐତିହ୍ୟକୁ ପୁନରୁଦ୍ଧାର କରିବା ଦିଗରେ ଏହି ପଦକ୍ଷେପ ପ୍ରଶଂସନୀୟ । ଦୀର୍ଘ ସମୟ ଧରି ଆମେ ଉପନିବେଶବାଦୀ ଏବଂ ପକ୍ଷପାତପୂର୍ଣ୍ଣ କାହାଣୀରୁ ଇତିହାସ ଅଧ୍ୟୟନ କରିଆସୁଛନ୍ତି । ଭାରତର ଐତିହାସିକ, ସାଂସ୍କୃତିକ ଏବଂ ସଭ୍ୟତାଗତ ଐତିହ୍ୟକୁ ବ୍ୟାପକ, ତଥ୍ୟଭିତ୍ତିକ ଏବଂ ପ୍ରମାଣ-ଆଧାରିତ କହିବା ପାଇଁ ଏହିପରି ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜାତୀୟ ଶିକ୍ଷା ନୀତି ଭାରତୀୟତାର ମୂଳରେ ଥିବା ଶିକ୍ଷା ମାଧ୍ୟମରେ ଆମର ସଭ୍ୟତାଗତ କ୍ଷୟକୁ ପ୍ରତିହତ କରିବା ଦିଗରେ ପ୍ରୟାସ କରୁଅଛି । ଆମର ବର୍ତ୍ତମାନର ପିଢ଼ି ଆମର ସାଂସ୍କୃତିକ, ଐତିହାସିକ ଏବଂ ବୌଦ୍ଧିକ ଐତିହ୍ୟକୁ ଜୀବନ୍ତ କରିବାକୁ ଚେଷ୍ଟା କରିବା ଉଚିତ । ସ୍ନାତକ ଏବଂ ଆଗାମୀ ପାଇବାକୁ ଥିବା ଫେଲୋସିପ୍ ଛାତ୍ରଛାତ୍ରୀମାନେ ଭାରତର ପ୍ରକୃତ 'ପରିଚୟ' ଉପସ୍ଥାପନ କରିବା ପାଇଁ ପ୍ରତିବଦ୍ଧ ରହିବେ । ଆମ ଦେଶର ପୂର୍ବାଞ୍ଚଳର ଇତିହାସ ଏବଂ ଐତିହ୍ୟକୁ ଏହାର ଯଥାର୍ଥ ସ୍ୱୀକୃତି ଦେବା ପାଇଁ ପ୍ରଚେଷ୍ଟା କରିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ଭାରତୀୟ ଇତିହାସ ପାଇଁ ସାର୍ ଯଦୁନାଥ ସରକାର ଫେଲୋସିପର ଫେଲୋସିପ୍ ସଦସ୍ୟମାନେ ଆମର ସଭ୍ୟତାଗତ ଐତିହ୍ୟ ଉପରେ ଜାତୀୟ ଆଲୋଚନାକୁ ଆକାର ଦେବା, ଆମର ବିବିଧତାକୁ ପାଳନ କରିବା ସହିତ ଆମର ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବାରେ ଯୋଗଦାନ ଦେବେ ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।


**AFFIDAVIT**

By virtue of an affidavit sworn before the Executive Magistrate, Bangriposi, Mayurbhanj, dated: 02.09.2025, I Geetanjali Giri, Address: Village- Anlagunja, Po- Shyamsundarpur, Ps- Bangriposi, Dist- Mayurbhanj, Odisha, PIN-757092, declare that I have changed my son's name from Abhijeet Kumar Giri to Sabyaranjan Giri. Henceforth, He shall be known as Sabyaranjan Giri for all purposes.

**Sd/- Geetanjali Giri**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated: 17.06.2025, I, Jyostna Das, Address: At- Bharatpur, Po- Bharatpur, Ps- Bharatpur, Bhubaneswar, Dist- Khordha, Odisha, PIN-751003, declare that I have changed my name from Lipi Das to Jyostna Das. Henceforth, I shall be known as Jyostna Das for all purposes.

**Sd/- Jyostna Das**

**AFFIDAVIT**

By virtue of an affidavit sworn before the Executive Magistrate, Narasinghpur, dated: 26.08.2025, I Sukanti Palei, Address: Village- Kathaukhoja, Po- Alara, Ps- Narasinghpur, Dist- Cuttack, Odisha, PIN-754032, declare that I have changed my daughter's name from Salina Palei to Selina Palei. Henceforth, She shall be known as Selina Palei for all purposes.

**Sd/- Sukanti Palei**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated: 01.09.2025, I Jogesh Mali, Address: At- B.M. Semala, Po- B.M. Semala, Ps- Kodinga, Dist- Nabarangpur, Odisha, PIN-764075, declare that I have changed my name from Sabita Mali to Jogesh Mali. Henceforth, I shall be known as Jogesh Mali for all purposes.

**Sd/- Jogesh Mali**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated: 01.09.2025, I Susanta Kumar Dash, Address: At- Sumudi, Po- Bhanaragarh, Ps- Balipatna, Dist- Khordha, Odisha, PIN-752103, declare that I have changed my daughter's name from Sreyansee Dash to Shreyansree Dash. Henceforth, She shall be known as Shreyansree Dash for all purposes.

**Sd/- susanta Kumar Dash**

**झारखण्ड सरकार**
**पथ निर्माण विभाग, पथ प्रमण्डल, गिरिडीह**

ई–प्रोक्योरमेंट सूचना
ई–निविदा प्रसंग सं० :– **RCD/GIRIDIH/1003/2025-26**
दिनांक :– **02.09.2026**

| | | |
|---|---|---|
| 1. | कार्य का नाम | पथ प्रमण्डल, गिरिडीह अन्तर्गत "दलपतडीह PWD पथ से खटपोंक, खोरो, बराईपट, नयनपुर पथ (कुल लम्बाई 19.412 कि0मी0) तक चौड़ीकरण, मजबूतीकरण/ पुनर्निर्माण कार्य वर्ष 2025–26 (Job. No. CRF-JHR-2025-26-75)" |
| 2. | प्राक्कलित राशि (रूपये में) | रू. 89,86,10,760.00 (नवासी करोड़ छियासी लाख दस हजार सात सौ साठ रूपये मात्र) |
| 3. | कार्य समाप्ति की अवधि | 24 (चौबीस) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 12.09.2025 10:30 बजे पूर्वाह्न |
| 5. | निविदा प्राप्ति की अंतिम तिथि एवं समय | 09.10.2025 12:00 बजे दिन तक |
| 6. | Pre-Bid बैठक | 18.09.2025 12:00 बजे दिन |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, गिरिडीह। |
| 8. | प्रोक्योरमेंट पदाधिकारी का सम्पर्क नं० | 9162888865 |
| 9. | ई–प्रोक्योरमेट सेल का हेल्प लाईन नं० | 0651–2446007 |

नोट :– प्राक्कलित राशि घट–बड़ सकती है।
अतिरिक्त जानकारी के लिए वेबसाईट पर देखें :–
http://jharkhandtenders.gov.in
E-mail ID : eercdgiridih-jhr@nic.in
Tel. No. – 06532 - 227054

Sd/-
कार्यपालक अभियंता,
पथ निर्माण विभाग, पथ प्रमण्डल, गिरिडीह।

PR 361081 (Road)25-26*D

**वरीय पुलिस अधीक्षक का कार्यालय, राँची**

**सर्वसाधारण के लिए सूचना**



नाम–रीना देवी, उम्र करीब–36 वर्ष, रंग–सॉवला, ऊँचाई–04 फीट 4 ईंच, पहनावा–साड़ी एवं ब्लॉज पहनी हुई है।

उपरोक्त लापता महिला रीना देवी, पिता–करमू सिंह, पता–राजाडेरा, थाना–अनगड़ा, जिला–राँची जो दिनांक–10.08.2025 को अपने घर से बगैर बताए कहीं चली गई जो आजतक अपने घर वापस नहीं आई है। जिनकी मानसिक स्थिति ठीक नहीं है। जिसके संबंध में अनगड़ा थाना सनहा संख्या–11/2025, दिनांक–27.08.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, सिल्ली, रॉची। –9431770066
थाना प्रभारी अनगड़ा, रॉची। –9431706180

पुलिस उप–महानिरीक्षक–सह–
वरीय पुलिस अधीक्षक, राँची

PR 361128 Police(25-26)#D


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏ ଗାଳି ପ୍ରତି...

ମା' ପାଇଁ ଆଉ କିଛି ବଡ଼ ନଥାଏ। ମୁଁ ମଧ୍ୟ ପିଲାଦିନରୁ ମୋ ମା'ଙ୍କୁ ଏମିତି ହିଁ ଦେଖିଛି। ସେ ବହୁ କଷ୍ଟସହି ଆମକୁ ପାଳିଛନ୍ତି। ଏହି ଅବସରରେ ମୋଦୀ ବିହାରର ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କ ଜମା ଖାତାକୁ ୧୦୫ କୋଟି ଟଙ୍କା ଡିବିଟି ମାଧ୍ୟମରେ ଟ୍ରାନ୍ସଫର କରିଥିଲେ।

### ଖାଦ୍ୟ ମୂଲ୍ୟ...

ପାଇଥିଲା। ଭାରତରେ କୃଷି ପ୍ରାୟ ୬୫ ପ୍ରତିଶତ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ। ଯାହା ଚାଷୀମାନଙ୍କୁ ଅନିୟମିତ ବର୍ଷା, ଘୂର୍ଣ୍ଣିଝଡ଼ ଓ ଗ୍ରୀଷ୍ମଲହରୀ ପାଇଁ ଅସୁରକ୍ଷିତ କରିଛି। କ୍ଷୁଦ୍ର ଏବଂ ନାମପାତ୍ର ଚାଷୀମାନେ ଅଧିକାଂଶ ପନିପରିବା ଉତ୍ପାଦନ କରୁଥିବାରୁ ଉପଯୁକ୍ତ ଗୋଦାମ, ପରିବହନ ଓ ସୁରକ୍ଷା ବ୍ୟବସ୍ଥାର ଅଭାବ ଜଳବାୟୁ ଆଘାତର ପ୍ରଭାବକୁ ଆହୁରି ବୃଦ୍ଧି କରୁଛି। ବିଶେଷଜ୍ଞମାନେ କହିଛନ୍ତି ଯେ ସଠିକ ଏବଂ ସମୟୋପଯୋଗୀ ଫସଲ ଚାହିଦା ଓ ଉତ୍ପାଦନ ତଥ୍ୟ ଚାଷୀମାନଙ୍କୁ ଚାଷ କରିବାରେ ଉତ୍ତମ ନିଷ୍ପତ୍ତି ନେବାରେ ସାହାଯ୍ୟ କରିପାରେ। ସେହିପରି ଉନ୍ନତ ଗୋଦାମ ଓ ଶୀତଳଭଣ୍ଡାର ବ୍ୟବସ୍ଥା ଫସଲ ନଷ୍ଟକୁ ମଧ୍ୟ ହ୍ରାସ କରିପାରେ। ଏବେ ଭାରତୀୟ ବଜାରରେ ପନିପରିବା ଦର ୧୦୦ ଉପରେ ଥିବାରୁ ଗ୍ରାହକମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଜଳବାୟୁ ପରିବର୍ତ୍ତନ ହିଁ ଦାୟୀ ବୋଲି ବିଶେଷଜ୍ଞମାନେ କହିଛନ୍ତି।

### ମୃତ୍ୟୁସଂଖ୍ୟା...

ପକ୍ଷରୁ ମଙ୍ଗଳବାର ୫୦ଲକ୍ଷ ଡଲାରର ସହାୟତା ଘୋଷଣା କରାଯାଇଛି। ସେହିପରି ଭାରତ ପକ୍ଷରୁ ମଧ୍ୟ ବହୁ ସାମଗ୍ରୀ ଆଫଗାନିସ୍ତାନକୁ ପଠାଯାଇଥିବା ସୂଚନା ଦିଆଯାଇଛି। ପରିସ୍ଥିତି ଅତ୍ୟନ୍ତ ଭୟଙ୍କର ହୋଇଥିବାରୁ ଲୋକମାନେ ମଧ୍ୟ ଭୟଭୀତ ହୋଇପଡ଼ିଛନ୍ତି। ତେବେ ଆଫଗାନିସ୍ତାନରେ ଦଶନ୍ଧି ଧରି ଚାଲିଥିବା ସଂଘର୍ଷ ଏବଂ ଦାରିଦ୍ର୍ୟ ହେତୁ ତାଲିବାନ ସରକାରଙ୍କ ବିପର୍ଯ୍ୟୟ ମୁକାବିଲା କ୍ଷମତା ଦୁର୍ବଳ ହୋଇପଡ଼ିଛି। ୨୦୨୧ରେ ତାଲିବାନ କ୍ଷମତା ହାସଲ କରିବା ପରେ ବିଦେଶୀ ସହାୟତା ମଧ୍ୟ ହ୍ରାସ ପାଇଛି।

### ସେମିକଣ୍ଡକ୍ଟର...

ଅଧିକ କମ୍ପାନୀ ଏବଂ ରେକର୍ଡ ସଂଖ୍ୟକ ବିଶ୍ୱ ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି। ଏହାର ଲକ୍ଷ୍ୟ ଭାରତକୁ ଏକ ସେମିକଣ୍ଡକ୍ଟର ସୁପର ପାୱାର କରିବା । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ସେପ୍ଟେମ୍ବର ୨ରୁ ୪ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୩ ଦିନିଆ ସମ୍ମିଳନୀରେ ଭାରତରେ ଏକ ଦୃଢ଼, ସ୍ଥିର ଏବଂ ସ୍ଥାୟୀ ସେମିକଣ୍ଡକ୍ଟର ଇକୋ ସିଷ୍ଟମକୁ ଆଗକୁ ବଢାଇବା ଉପରେ ଧ୍ୟାନ ଦିଆଯିବ। ସେମିକଣ୍ଡକ୍ଟର ଗୁଡ଼ିକ ଆଧୁନିକ ପ୍ରଯୁକ୍ତିର ହୃଦୟ। ସ୍ୱାସ୍ଥ୍ୟ, ପରିବହନ, ଯୋଗାଯୋଗ, ପ୍ରତିରକ୍ଷା ଏବଂ ମହାକାଶ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ଡିଜିଟାଇଜେସନ ଏବଂ ସ୍ୱୟଂଚାଳିତକରଣ ଆଡକୁ ଗତି କରୁଥିବାରୁ ସେମିକଣ୍ଡକ୍ଟରଗୁଡ଼ିକ ଅର୍ଥନୈତିକ ସୁରକ୍ଷା ଓ ରଣନୈତିକ ସ୍ୱାଧୀନତାର ଆଧାର ପାଲଟିଛି। ଏହି ତିନିଦିନିଆ ସମ୍ମିଳନୀରେ ସେମିକଣ୍ଡକ୍ଟର ଫ୍ୟାବ୍, ଉନ୍ନତ ପ୍ୟାକେଜିଂ, ସ୍ମାର୍ଟ ଉତ୍ପାଦନ, କୃତ୍ରିମ ବୁଦ୍ଧିମତ୍ତା ଏବଂ ଗବେଷଣା ଏବଂ ବିକାଶ ଉପରେ ଧ୍ୟାନ ଦିଆଯିବ। ଏଥିରେ ଡିଜାଇନ୍ ଲିଙ୍କଡ ଇନ୍ସେଣ୍ଟିଭ ଯୋଜନା, ଷ୍ଟାର୍ଟଅପ୍ ଇକୋ-ସିଷ୍ଟମର ପ୍ରଗତି ଏବଂ ଅନ୍ତର୍ଜାତୀୟ ସହଯୋଗ ଭଳି ପ୍ରସଙ୍ଗ ମଧ୍ୟ ଅନ୍ତର୍ଭୁକ୍ତ ହେବ।

### ସାରା ଓଡ଼ିଶା...

ମଧ୍ୟ ସ୍ଥିତି ସଂଗୀନ ହୋଇପଡ଼ିଛି। ତଳି ଅଞ୍ଚଳରେ ବର୍ଷାପାଣି ଜମି ରହିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ପଟିଆର ଅହଲ୍ୟାନଗରରେ କୃତ୍ରିମ ବନ୍ୟା ଦେଖିବାକୁ ମିଳିଛି। ଆଇଏମଡି ପକ୍ଷରୁ କୁହାଯାଇଛି ଯେ ସେପ୍ଟେମ୍ବରରେ ଓଡ଼ିଶାରେ ସାଧାରଣ ବର୍ଷା ଲାଗି ରହିବ। ତେବେ ସାରା ଭାରତରେ ସ୍ୱାଭାବିକଠାରୁ ଅଧିକ ପରିମାଣର ବର୍ଷା ହେବ। ସେହିପରି ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ହୀରାକୁଦର ୬ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୨ଟି ଗେଟ୍ ଖୋଲାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୪ଟି ଗେଟ୍ ଖୋଲାଯାଇଛି। ଆଗକୁ ଆଉ ଅଧିକ ଗେଟ୍ ଖୋଲାଯିବାର ସମ୍ଭାବନା ରହିଛି। ସେପ୍ଟେମ୍ବରରେ ୧୦୭ ପ୍ରତିଶତ ବର୍ଷା ହୋଇଥିବା ନେଇ ଆଇଏମଡି ପକ୍ଷରୁ ସୂଚନା ଦିଆଯାଇଛି। ସାଧାରଣତଃ ସେପ୍ଟେମ୍ବରରେ ୧୪ଟି ଲଘୁଚାପ ସୃଷ୍ଟି ହେବାର ବ୍ୟବସ୍ଥା ରହିଥିବାବେଳେ ଚଳିତବର୍ଷ ୧୬ଟି ଲଘୁଚାପ ସୃଷ୍ଟି ହେବ ବୋଲି ଆଇଏମ୍ଡି କହିଛି। ଅନ୍ୟପକ୍ଷରେ ୪ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ନେଇ ଭୁବନେଶ୍ୱର ପାଣିପାଗ ବିଭାଗ ରେଡ୍ୱାର୍ଣ୍ଣିଂ ଜାରି କରିଛି। ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ାରେ ପ୍ରବଳ ବର୍ଷା ଲାଗି ରହିବ। ସେହିପରି ପୁରୀ, ଖୋର୍ଦ୍ଧା, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, କଟକ, କୋରାପୁଟ ଓ ନବରଙ୍ଗପୁରକୁ ମଧ୍ୟ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆହୁରି ଘନିଭୂତ ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି।


C-992

ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ

OFFICE OF THE MUNICIPAL COUNCIL, TITILAGARH
(Deptt. of Housing & Urban Development, Govt. of Odisha)
At/ Po. Ps. Titilagarh, Dist-Balangir – 767033, e-mail:titilagarhmunicipality@gmail.com, www.titilagarhmunicipality.in

Letter No. **2453** Dt.**01.09.2025**

**ADVERTISEMENT FOR INVITING EXPRESSION OF INTEREST FOR 26 Nos OF STALLS UNDER MISSION SHAKTI HAAT**

Interested WSHGs/SHG Federation having the willingness and aptitude for the activity/Scheme titled 26 Nos OF STALLS UNDER MISSION SHAKTI HAAT are invited to submit their proposal through only postal service before the concerned Executive Officer Titlagarh Municipality in the mentioned below format within 7 (Seven) days of this advertisement i.e. by- 10/09/2025 before 5.30 PM .

Sd/- Executive Officer,
Titlagarh Municipality

OIPR 13095/11/0031/2526

E-mail ID: sepwdrgda1@gmail.com

Government of Odisha
"e" Procurement Notice
B-459

**OFFICE OF THE SUPERINTENDING ENGINEER, RAYAGADA(R&B) DIVISION NO -I, RAYAGADA**

**Bid Identification No: RC (RANDB) RGD 10 / 2025-2026 (Single Cover- Online tender)**
**File No .E-II-C8- 28/2025 No. 7943 Dated 26-08-2025**

1. No. of the works:- 03(Three) Road Work only
2. Estimated Cost: - Rs. 32.43 Lakh, Rs. 10.17& Rs. 49.15 Lakhs
3. Cost of document:- Rs. 6,000/- , for each work
4. Bid Security: - Rs. 32,500/- , Rs.10,200/- & Rs. 49,200/- respectively
5. Class of Contractor :- 'C&B'-Class , 'D&C'-Class and , 'B'-Class Contractor respectively
6. The Bid documents will be available in the website **www.tendersodisha.gov.in from11.00 Hrs. of dated 04-09-2025 to 17.00 Hrs. of dated 12-09-2025 for online bidding.**
7. Last date/Time for receipt of bids in the portal: - Upto17.00Hrs.of **Dated 12-09-2025**
8. Bids received "**on-line**" shall be **opened at 17.30 Hours on dated 12-09-2025** in the office of the **Superintending Engineer, Rayagada (R&B) Division No-I.**
9. Further details can be seen from the *e-Procurement* portal: "www.tendersodisha.gov.in". Any Addendum/Corrigendum/Cancellation of tender can also be seen in the said website only.

Sd/-Superintending Engineer
Rayagada (R&B) Division No-I

OIPR 34040/11/0014/2526

**MANAPPURAM ASSET FINANCE LTD.**
Regd. Office: Door No. III/105, Opp: Nattika Firka Co -Op Rural Bank, Valapad (P O)-680567 Thrissur Dt Kerala CIN : U65921KL1987PLC004810

ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନୀନ ନିଲାମ ନିମ୍ନଲିଖିତ ଶାଖାରେ ଏବଂ ଧାର୍ଯ୍ୟ ତାରିଖରେ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବକେୟାଦାର ଗ୍ରାହକ ମାନଙ୍କର ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚିତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କର ଋଣରାଶି ପୈଠ କରିବାରେ ବିଫଳ ହୋଇଛନ୍ତି । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ (www.maafin.in) ପ୍ରଦର୍ଶିତ କରାଯିବ । ଧାର୍ଯ୍ୟ ତାରିଖରେ ନିଲାମ ନକରାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ଆଗାମୀ ଦିନ ମାନଙ୍କରେ ନିଲାମ କରାଯିବ, ଯାହାର ବିଶଦବିବରଣୀ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ ପ୍ରଦର୍ଶିତ କରାଯିବ ।
ତାଲିକାଭୁକ୍ତ ସ୍ୱର୍ଣ୍ଣ ଋଣ ଗୁଡିକ ଆମର ନିମ୍ନଲିଖିତ ଶାଖାରେ **15.09.2025** ତାରିଖ ଦିନ ସକାଳ ୧୦ ଘଟିକା ଠାରୁ ନିଲାମ କରାଯିବ ।

**ବାଲିଚନ୍ଦ୍ରପୁର:0433690700019292, 19314, 19326, 19332, 19336, 19353, 19381, 19397. ବନମାଳିପୁର:0433560700022042, 22102, 22173, 22198, 22208, 22220, 22222, 22024.22232, 22243, ବେଗୁନିଆ:0433800700034769, 34825, 34848, 34868, 35040, 35063, 35087,35111, 35136, 35185, 35196, ବ୍ରହ୍ମାଗିରି:0433570700025883, 25893, 25902, 25911, 25934, 25991,26039, 26049, 26050, 26051, 26062, 26066, 26098, ଚନ୍ଦପୁର:0433350700128881, 28867,28882, 28883, 28929, 28943, 28944, 28961, 29036, 29050,29064, 29074, 29081, 29123, 29132, 29135, ଚନ୍ଦ୍ର ସେଖରପୁର | ଭୁବନେଶ୍ୱର: 0431590700068629, 68630, 68703, 68740, 68742, 68747, 68753, 68783, 68786, 68792, 68809, 68825, 68828, 68834, 68843, 68851, 68858, 68909, 68929, 68931, 68947, 68974, ଡୁମଡୁମା:0433790700016515, 16580, 16648, ଇରାସାମା:0433370700072391, 72411, 72416, 72423,72427, 72439, 72444, 72446, 72452,72455,72456, 72478, 72480, 72481, 72489, 72509, 72512, 72522, 72527, 72534, 72542, 72559, 72560, 72561, 72583, 72604, 72615, 72616, ଗ୍ରାଣ୍ଡ ରୋଡ୍ ପୁରୀ : 0432000700123663, 23686, 23698, 23703, 23764, 23813, କଳାପଥର:0433820700018913, 18925, 18933, 18934, 18936, 18941, 18988, 18989, 18991, 19000, 19009, 19021, 19029, ଖୋର୍ଦ୍ଧା:0433050700109975, 9976, 9980, 9987, 9997,10050, 10052, 10079, 10081, 10228, 10239, 10284, 10288, 10296, କୁଜାଙ୍ଗ:0433030700091256, 91262, 91265, 91267, 91271, 91276, 91306, 91313, 91314, 91326, 91329, 91337, 91340, 91342, 91345, 91379,91400, 91403, 91419, 91421, 91422, 91437, 91439, 91463, 91479, 91480, 91481, 91483, 91498,91528, 91538, 91554, 91561, 91586, 91617, ମାଧୁପାଟନାକଟକ:0431580700065157, 65158, 65192, 65193, 65197, 65239, 65251, 65277, 65278, 65279, 65280, 65282, 65283, 65284, 65285, 65286, 65287, 65288, 65298, 65304, 65339, 65367, 65368, 65371, 65372, 65377, 65378, 65403, 65410, 65429, 65440, ମାର୍ଶାଘାଇ:0433680700011210, 11238,11251,11204,11238, 11268, 11275, 11279, 11303, ନାଚୁନି:0433810700048197,48565,48373,48120, 48352, 48386, ନିଶ୍ଚିନ୍ତାକୋଇଲି:0433360700021856, 21858, 21860, 22021, 22079, ଫୁଲନଖରାକଟକ: 0431800700067101, 67104, 67107, 67124, 67131, 67172, 67178, 67181, 67184, 67207, 67208, 67209, 67210, 67211, 67221, 67229, 67231, 67243, 67247, 67250, 67254, 67264, 67267, 67270, 67284, 67286, 67291, 67303, 67306, 67307, 67319, 67325, 67327, 67335, 67343, 67353, 67386, 67409, 67416, 67448, 67450, 67461, 67478, 67486, 67502, ରଘୁନାଥପୁର:0433130700037062, 37043,37092, 37116, ରାହାମା: 0433040700075632, 75688, 75741, 75745, 75758, 75760, 75778, 75779, 75870, 75872, 75880,75901, 75907, 75919, 75920, 75937, 75688, 75949, 75963, 75964, 75965, RANPUR: 0433150700097346, 97426, 97438, 97472, 97496, 97552, 97588, 97625, 97653, 97659, ସଖୀଗୋପାଳପୁରୀ:0431900700130474, 30545, 30555, 30589, 30605, 30672,30685, 30698, 30733, 30764, 30800, 30827, 30829, 30830, 30854, 30868, ସାମନ୍ତରପୁରଭୁବନେଶ୍ୱର: 0431600700073511, 73572, 73585, 73645, 73659, 73660, 73680, 73707, 73714, 73721, 73722, 73723, 73724, 73732, 73754, 73788, 73799, 73825, 73852, 73871,73886, 73902, 73906.**

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍ଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 18005729787 ନମ୍ବରକୁ ଯୋଗାଯୋଗ କରନ୍ତୁ ।
ମାନାପୁରମ୍ ଆସେଟ୍ ଫାଇନାନ୍ସ ଲିମିଟେଡ୍‌ର
କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ



ଲକ୍ଷ୍ନୌ : ଉତ୍ତର ପ୍ରଦେଶ ସରକାର ସଡକ ସୁରକ୍ଷାକୁ ନେଇ ବଡ ପଦକ୍ଷେପ ଉଠାଇଛନ୍ତି । ୧ରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ସାରା ରାଜ୍ୟରେ 'ନୋ ହେଲମେଟ୍, ନୋ ଫ୍ୟୁଲ' ଅଭିଯାନ ଚଲାଯାଉଛି। ଏହି ସମୟ ମଧ୍ୟରେ ବିନା ହେଲମେଟରେ ପେଟ୍ରୋଲପମ୍ପରେ ତେଲ ମିଳିବନି। ସରକାରଙ୍କ କହିବାନୁସାରେ ଏହା କୌଣସି ପ୍ରକାର ଦଣ୍ଡ ନୁହେଁ, ଏହା କେବଳ ଜନସାଧାରଣଙ୍କୁ ସଚେତନ କରିବାର ଏକ ଅଭିଯାନ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଡେପୁଟି ସିଏମ୍ ବ୍ରଜେଶ ପାଠକ ସ୍ପଷ୍ଟ କରିଛନ୍ତି କି ସଡକ ଦୁର୍ଘଟଣା ହ୍ରାସ କରିବା ଏବଂ ହେଲମେଟ ପିନ୍ଧିବାକୁ ପ୍ରୋତ୍ସାହନ ଦେବା ଏହାର ଉଦ୍ଦେଶ୍ୟ। ଏହି ଅଭିଯାନ ସମ୍ପୂର୍ଣ୍ଣ ୟୁପିରେ ଜିଲାପାଳଙ୍କ ଦେଖାରଖାରେ ଚାଲୁଛି। ପେଟ୍ରୋଲପମ୍ପରେ ଫୁଡ୍ ଏଣ୍ଡ୍ ସିଭିଲ୍ ସପ୍ଲାଇ ଡିପାର୍ଟମେଣ୍ଟ ଏହା ଉପରେ ନଜର ରଖିବ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି କି କାହାକୁ ଦଣ୍ଡ ଦେବା ଏହି ଅଭିଯାନର ଉଦ୍ଦେଶ୍ୟ ନୁହେଁ, ବରଂ ଲୋକଙ୍କୁ ଗାଡି ଚାଳନା ପ୍ରତି ସଚେତନ କରିବା ଏହାର ଉଦ୍ଦେଶ୍ୟ ।

# ଭାରତୀୟ ରେଳବାଇ ଏବଂ ଏସ୍‌ବିଆଇ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



ନୂଆଦିଲ୍ଲୀ: ଭାରତର ଦୁଇଟି ପ୍ରତିଷ୍ଠାନ, ବିଶ୍ୱର ସବୁଠୁ ବଡ଼ ରେଳ ନେଟୱର୍କ ମଧ୍ୟରୁ ଅନ୍ୟତମ ଭାରତୀୟ ରେଳବାଇ ଏବଂ ଦେଶର ସବୁଠୁ ବଡ଼ ସରକାରୀ ବ୍ୟାଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ମଧ୍ୟରେ ଆଜି ଏକ ଐତିହାସିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ସମାରୋହରେ ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଅଶ୍ୱିନୀ ବୈଷ୍ଣବ, ରେଳ ବୋର୍ଡର ଅଧ୍ୟକ୍ଷ ସତୀଶ କୁମାର ଏବଂ ଏସବିଆଇର ଅଧ୍ୟକ୍ଷ ସି.ଏସ ସେଟ୍ଟୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ର ଅଧୀନରେ ଏସବିଆଇରେ ବେତନ ଖାତା ଥିବା ରେଳ କର୍ମଚାରୀଙ୍କ ପାଇଁ ବୀମା ସୁରକ୍ଷାରେ ଉଲ୍ଲେଖନୀୟ ବୃଦ୍ଧି କରାଯାଇଛି। ଦୁର୍ଘଟଣାଜନିତ ଆକସ୍ମିକ ମୃତ୍ୟୁ ସ୍ଥିତିରେ ବୀମା ରାଶିକୁ ବଢ଼ାଇ ୧ କୋଟି ଟଙ୍କା କରି ଦିଆଯାଇଛି। ଅନ୍ୟପକ୍ଷରେ ସିଜିଇଜିଆଇଏସ ଅଧୀନରେ ଆସୁଥିବା ଗ୍ରୁପ୍ ଏ, ବି ଏବଂ ସି କର୍ମଚାରୀଙ୍କ ପାଇଁ ବର୍ତ୍ତମାନର ସୁରକ୍ଷା ଯଥାକ୍ରମେ ୧.୨୦ ଲକ୍ଷ ଟଙ୍କା, ୬୦ ହଜାର ଟଙ୍କା ଏବଂ ୩୦ ହଜାର ଟଙ୍କା ରହିଛି। ଏହାବ୍ୟତୀତ କେବଳ ଏସବିଆଇରେ ବେତନ ଖାତା ଥିବା ସବୁ ରେଳ କର୍ମଚାରୀଙ୍କୁ ଏବେ ବିନା କୌଣସି ପ୍ରିମିୟମରେ କିମ୍ବା ଡାକ୍ତରୀ ପରୀକ୍ଷା ନକରାଇ ମଧ୍ୟ ୧୦ ଲକ୍ଷ ଟଙ୍କାର ପ୍ରାକୃତିକ ମୃତ୍ୟୁ ଜନିତ ବୀମା ସୁରକ୍ଷା ମିଳିପାରିବ। ପ୍ରାୟ ୭ ଲକ୍ଷ ରେଳ କର୍ମଚାରୀଙ୍କର ଏସବିଆଇରେ ବେତନ ଖାତା ରହିଥିବା କାରଣରୁ ଏହି ବୁଝାମଣାପତ୍ର କର୍ମଚାରୀ କଲ୍ୟାଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଏହା ଭାରତୀୟ ରେଳ ଏବଂ ଏସବିଆଇ ମଧ୍ୟରେ ଏକ ସମ୍ବେଦନଶୀଳ ଏବଂ ମାନବୀୟ ସହଭାଗୀତାକୁ ପ୍ରତିଫଳିତ କରେ। ଏହି ବୁଝାମଣାପତ୍ର ଅଧୀନରେ କେତେକ ପ୍ରମୁଖ ଅନୁକୂଳ ବୀମା ସୁରକ୍ଷା ମଧ୍ୟ ରହିଛି । ରେଳ କର୍ମଚାରୀଙ୍କୁ ୧.୬ କୋଟି ଟଙ୍କାର ବିମାନ ଦୁର୍ଘଟଣା (ମୃତ୍ୟୁ) ବୀମା ସୁରକ୍ଷା ଏବଂ ରୂପେ ଡେବିଟ୍ କାର୍ଡ ଉପରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ବୀମା ସୁରକ୍ଷା ମିଳିବ । ସେହିପରି ୧.୦୦ କୋଟି ଟଙ୍କାର ବ୍ୟକ୍ତିଗତ ଦୁର୍ଘଟଣା (ସ୍ଥାୟୀ ସମ୍ପୂର୍ଣ୍ଣ ଅକ୍ଷମତା) ବୀମା ସୁରକ୍ଷା ଏବଂ ୮୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗତ ଦୁର୍ଘଟଣା (ସ୍ଥାୟୀ ଆଂଶିକ ଅକ୍ଷମତା)ର ବୀମା ସୁରକ୍ଷା ମିଳିବ। ଦୁଇଟି ଅଗ୍ରଣୀ ସଂସ୍ଥା ମଧ୍ୟରେ ଏହି କର୍ମଚାରୀ କେନ୍ଦ୍ରିତ ବୁଝାମଣା ଦ୍ୱାରା ବିଶେଷ କରି ଗ୍ରୁପ୍ ସି' ଏବଂ ଅନ୍ୟ ଛାମୁଆଁ ରେଳ କର୍ମଚାରୀମାନେ ବିଶେଷ ଲାଭ ପାଇପାରିବେ।

## ଖୁବ୍ ଶୀଘ୍ର ଭାରତୀୟ ବାୟୁସେନାକୁ ମିଳିବ ସ୍ୱଦେଶୀ ଯୁଦ୍ଧ ବିମାନ

ନୂଆଦିଲ୍ଲୀ: ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ପକ୍ଷରୁ ଚଳିତ ସେପ୍ଟେମ୍ବର ୨୦୨୫ ଶେଷ ସୁଦ୍ଧା ଦୁଇଟି ତେଜସ ମାର୍କ-୧ଏ (ତେଜସ ମାର୍କ-୧ଏ) ଯୁଦ୍ଧବିମାନ ଯୋଗାଇ ଦିଆଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ର ମଙ୍ଗଳବାର ନିଶ୍ଚିତ କରିଛି। ତେଜସ ମାର୍କ-୧ଏ ଏକ ଅତ୍ୟାଧୁନିକ ଏକକ ଇଞ୍ଜିନ ବିଶିଷ୍ଟ ମଲ୍ଟି-ରୋଲ ଯୁଦ୍ଧବିମାନ, ଯାହା ବାୟୁ ପ୍ରତିରକ୍ଷା, ସାମୁଦ୍ରିକ ନିରୀକ୍ଷଣ ଓ ଆକ୍ରମଣ ଭୂମିକା ପାଇଁ ଡିଜାଇନ କରାଯାଇଛି । ଏହା ଭାରତୀୟ ବାୟୁସେନାର କାର୍ଯ୍ୟଦକ୍ଷତାକୁ ନୂଆ ଉଚ୍ଚତା ପ୍ରଦାନ କରିବ। ପୋର୍ଟ ଅନୁଯାୟୀ, ମୋଦି ସରକାର 'ମେକ୍ ଇନ ଇଣ୍ଡିଆ'କୁ ବଳ ଦେବା ପାଇଁ ୬୨,୦୦୦ କୋଟି ଟଙ୍କାରେ ୯୭ଟି ଅଧିକ ତେଜସ ମାର୍କ-୧ଏ ଯୁଦ୍ଧବିମାନ କ୍ରୟ ପାଇଁ ଅନୁମୋଦନ କରିଛନ୍ତି। ବର୍ତ୍ତମାନ ଐଇଖ ପାଖରେ ୩୮ଟି ତେଜସ ବିମାନ ସେବାରେ ରହିଛି ଏବଂ ୮୦ଟି ନିର୍ମାଣାଧୀନ ଅଛି।

# ଜୀବିକା ନିଧି ସାଖ ସହକାରୀ ସଂଘ ଲିମିଟେଡର ଉଦଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିହାର ରାଜ୍ୟ ଜୀବିକା ନିଧି ସାଖ ସହକାରୀ ସଂଘ ଲିମିଟେଡର ଉଦଘାଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ପବିତ୍ର ମଙ୍ଗଳବାର ଦିନ ଏକ ଅତ୍ୟନ୍ତ ସମ୍ଭାବନାମୟ ପଦକ୍ଷେପ ଆରମ୍ଭ ହେଉଛି। ସେ ଘୋଷଣା କରିଛନ୍ତି ଯେ, ଜୀବିକା ନିଧି ସାଖ ସହକାରୀ ସଂଘ ମାଧ୍ୟମରେ ବିହାରର ମା' ଏବଂ ଭଉଣୀମାନଙ୍କୁ ଏକ ନୂତନ ସୁବିଧା ପ୍ରଦାନ କରାଯାଉଛି। ଏହି ପଦକ୍ଷେପ ଗ୍ରାମାଞ୍ଚଳରେ ଜୀବିକା ନିର୍ବାହ କାର୍ଯ୍ୟରେ ନିୟୋଜିତ ମହିଳାମାନଙ୍କୁ ସହଜରେ ଆର୍ଥିକ ସହାୟତା ପାଇବାକୁ ସକ୍ଷମ କରିବ, ଯାହା ଦ୍ୱାରା ସେମାନଙ୍କୁ ସେମାନଙ୍କର କାମ ଏବଂ ବ୍ୟବସାୟ କରିବାରେ ସାହାଯ୍ୟ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଖୁସି ବ୍ୟକ୍ତ କରିଛନ୍ତି ଯେ, ଜୀବିକା ନିଧି ବ୍ୟବସ୍ଥା ସମ୍ପୂର୍ଣ୍ଣ ଡିଜିଟାଲ୍, ଯାହା ବ୍ୟକ୍ତିଗତଭାବେ ପରିଦର୍ଶନର ଆବଶ୍ୟକତାକୁ ଦୂର କରିଛି - ବର୍ତ୍ତମାନ ସବୁକିଛି ମୋବାଇଲ୍ ଫୋନ୍ ମାଧ୍ୟମରେ କରାଯାଇପାରିବ। ସେ ଜୀବିକା ନିଧି ସାଖ ସହକାରୀ ସଂଘର ଶୁଭାରମ୍ଭ ପାଇଁ ବିହାରର ମା' ଏବଂ ଭଉଣୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଏହି ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଶ୍ରୀ ନୀତିଶ କୁମାର ଏବଂ ବିହାର ସରକାରଙ୍କୁ ପ୍ରଶଂସା କରିଥିଲେ। 'ସଶକ୍ତ ମହିଳାମାନେ ଏକ ବିକଶିତ ଭାରତର ମୁଖ୍ୟ ସ୍ତମ୍ଭ', କହି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ ଯେ, ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସେମାନଙ୍କ ଜୀବନରେ ଥିବା ଅସୁବିଧାକୁ ହ୍ରାସ କରିବା ଆବଶ୍ୟକ। ସେ ଏହା ମଧ୍ୟ କହିଥିଲେ ଯେ ସରକାର ମା, ଭଉଣୀ ଏବଂ ଝିଅଙ୍କ ଜୀବନକୁ ସହଜ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ସେ ଉଲ୍ଲେଖ କରିଥିଲେ, ମହିଳାମାନଙ୍କୁ ଖୋଲାରେ ମଳତ୍ୟାଗ କରିବାରୁ ମୁକ୍ତ କରିବା ପାଇଁ କୋଟି କୋଟି ଶୌଚାଳୟ ନିର୍ମାଣ କରାଯାଇଛି। ପ୍ରଧାନମନ୍ତ୍ରୀ ଦର୍ଶାଇଥିଲେ ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ କୋଟି କୋଟି ସ୍ଥାୟୀ ଘର ନିର୍ମାଣ କରାଯାଇଛି, ଏହି ଘରଗୁଡ଼ିକ ମହିଳାଙ୍କ ନାମରେ ପଞ୍ଜିକୃତ ହେବା ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ସେ ମନ୍ତବ୍ୟ ଦେଇଥିଲେ ଯେ ଯେତେବେଳେ ଜଣେ ମହିଳା ଘରମାଲିକ ହୁଅନ୍ତି, ତାଙ୍କ କଥା ମଧ୍ୟ ଗୁରୁତ୍ୱ ବହନ କରେ। ସରକାର ସ୍ୱଚ୍ଛ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ 'ହର ଘର ଜଳ ପହଲ' ଆରମ୍ଭ କରିଛନ୍ତି । 'ବିହାର ଏପରି ଏକ ଭୂମି ଯେଉଁଠାରେ ମାତୃଶକ୍ତି ପ୍ରତି ସମ୍ମାନ ଏବଂ ମାତାଙ୍କ ପ୍ରତି ସମ୍ମାନ ସର୍ବଦା ଉଚ୍ଚ ସ୍ଥାନ ଅଧିକାର କରେ', ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ପ୍ରାୟ ୫୫ ବର୍ଷ ଧରି ସମାଜ ଏବଂ ରାଷ୍ଟ୍ରର ସେବା କରିଆସୁଛନ୍ତି । ପ୍ରତ୍ୟେକ ଦିନ, ପ୍ରତ୍ୟେକ ମୁହୂର୍ତ୍ତରେ ସେ ସମ୍ପୂର୍ଣ୍ଣ ସମର୍ପଣର ସହିତ ଦେଶ ପାଇଁ କାମ କରିଛନ୍ତି। ଏହି ଯାତ୍ରାରେ ତାଙ୍କ ମା'ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିହାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀତିଶ କୁମାର, ଉପମୁଖ୍ୟମନ୍ତ୍ରୀ ଶ୍ରୀ ସମ୍ରାଟ ଚୌଧୁରୀ, ବିଜୟ କୁମାର ସିହ୍ନା ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ପୋଲିସ ଉପରକୁ ଗୁଳି କରି ଚମ୍ପଟ୍ ମାରିଲେ ଆପ୍ ବିଧାୟକ



ଚଣ୍ଡୀଗଡ଼: ପଞ୍ଜାବ ଆମ ଆଦମୀ ପାର୍ଟି (ଆପ୍) ବିଧାୟକ ହରମିତ୍ ସିଂହ ପଠାଣମାଜରାଙ୍କୁ ଏକ ଦୁଷ୍କର୍ମ ମାମଲାରେ ଗିରଫ କରାଯାଇଥିଲା। ପୋଲିସ ଅଭିଯୋଗ ଅନୁଯାୟୀ, ବିଧାୟକ ଏବଂ ତାଙ୍କ ସହଯୋଗୀମାନେ ଏହି ସମୟରେ ପୋଲିସ ଉପରକୁ ଗୁଳି ଚଳାଇଥିଲେ ଏବଂ ଜଣେ ପୋଲିସକର୍ମୀଙ୍କ ଉପରେ ତାଙ୍କ ଗାଡ଼ି ଚଢାଇ ଦେଇଥିଲେ। ଯାହାଫଳରେ ସେ ଆହତ ହୋଇଥିଲେ। ବିଧାୟକଙ୍କୁ ଧରିବା ପାଇଁ ପଞ୍ଜାବ ପୋଲିସ ଏକ ବ୍ୟାପକ ତଲାସୀ ଅଭିଯାନ ଆରମ୍ଭ କରିଛି। ଏହାରି ମଧ୍ୟରେ ପଠାଣମାଜରା ଏକ ଭିଡିଓ ଜାରି କରି ତାଙ୍କ ନିଜ ଦଳର ନେତୃତ୍ୱ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ, ପଠାଣମାଜରାଙ୍କୁ ମଙ୍ଗଳବାର ସକାଳେ ହରିୟାଣାର କରନାଲ ଜିଲ୍ଲାର ଡାବରି ଗାଁରୁ ତାଙ୍କ ସମ୍ପର୍କୀୟଙ୍କ ଘରୁ ଗିରଫ କରାଯାଇଥିଲା। ତାଙ୍କୁ ପଟିଆଲାର ଏକ ସ୍ଥାନୀୟ ପୋଲିସ ଷ୍ଟେସନକୁ ନିଆଯାଉଥିବା ସମୟରେ ସେ ଏବଂ ତାଙ୍କ ସହଯୋଗୀମାନେ ପୋଲିସ ଉପରେ ଗୁଳି ଚଳାଇ ଏକ ଧଳା ଏସ୍‌ୟୁଭି ଗାଡ଼ିରେ ଖସି ପଳାଇଥିଲେ। ସୋମବାର ରାତିରେ ସନୌର ବିଧାୟକ ହରମିତ୍ ସିଂହ ପଠାଣମାଜରାଙ୍କ ବିରୁଦ୍ଧରେ ପଟିଆଲାର ସିଭିଲ୍ ଲାଇନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

## ମେଡ୍ ଇନ୍ ଇଣ୍ଡିଆ ଚିପ୍ସ ସ୍ୱର୍ଣ୍ଣିମ ଭାରତର ନୂଆ ଦିଶା: ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ଆତ୍ମନିର୍ଭର ଭାରତର ସଂକଳ୍ପ ଭାରତକୁ ବୈଷୟିକ କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ପ୍ରଦାନ କରିଛନ୍ତି। ସେମିକନ୍ ଇଣ୍ଡିଆ-୨୦୨୫ ସମ୍ମିଳନୀ ଦେଶର ପ୍ରଥମ ସ୍ୱଦେଶୀ ନିର୍ମିତ ଯାହାକି ପ୍ରଥମଥର ପାଇଁ ଲଞ୍ଚ କରାଯାଇଛି। ଏହା ଭାରତର କ୍ଷମତା ତଥା ଭାରତକୁ ସଶକ୍ତ କରିବାରେ ଏକ ଅଗ୍ରଣୀ ଭୂମିକା ନେବ ବୋଲି ଶ୍ରୀ ସାଏ କହିଥିଲେ। ସେ ଆହୁରି କହିଥିଲେ ଯେ, ଏହା ସ୍ୱଦେଶୀ ବୈଷୟିକ ଜ୍ଞାନକୌଶଳରେ ନିର୍ମାଣ କରାଯାଇଛି। ଭାରତୀୟ ମହାକଶ ଅନୁସନ୍ଧାନ ସଂଗଠନ (ଇସ୍ରୋ) ଏହାକୁ ଲଞ୍ଚ କରିଛି। ଏହାକୁ ବିଶେଷ ଭାବରେ ନିର୍ମାଣ କରାଯାଇଛି। ଭାରତର ମହାକାଶ ଗବେଷଣା କ୍ଷେତ୍ରରେ ଏହା ଏକ ନୂତନ ଦିଗନ୍ତ ସୃଷ୍ଟି କରିବ। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବଧାଇ ଜଣାଇବା ସହ ତାଙ୍କର ଦୃଢ଼ ଇଚ୍ଛା ଶକ୍ତି ଏବଂ ନିର୍ଣ୍ଣାୟକ ନେତୃତ୍ୱ ଭାରତକୁ ଏକ ନୂତନ ଦିଶା ଦେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ଉପଲବ୍ଧି ଭାରତର ଯୁବ ଇଞ୍ଜିନିୟରଙ୍କ କାର୍ଯ୍ୟଦକ୍ଷତା ତଥା ବୈଜ୍ଞାନିକମାନଙ୍କ ପରିଶ୍ରମ ଫଳ ବୋଲି ଉଲ୍ଲେଖ କରି ଶ୍ରୀ ସାଏ କହିଥିଲେ ସ୍ୱଦେଶୀ ମାଇକ୍ରୋ ପ୍ରୋସେସର ନିର୍ମାଣ ପାଇଁ ଏହା ଆଗକୁ ଶକ୍ତି ଯୋଗାଇବ। ଶ୍ରୀ ସାଏ କହିଥିଲେ ଡିଜିଟାଲ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ ଓ ଆତ୍ମ ନିର୍ଭର ଭାରତ ପ୍ରତ୍ୟେକ କ୍ଷେତ୍ରରେ ସଫଳ ହୋଇଚାଲିଛି। ମହାକାଶ ଅନୁସନ୍ଧାନ, ପ୍ରତିରକ୍ଷା, ଯୋଗାଯୋଗ ଓ ଅନ୍ୟ କ୍ଷେତ୍ରରେ ସଫଳତା ହାସଲ କରିବ।

# ବିଆର୍‌ଏସ୍‌ରୁ କେ.କବିତା ସସ୍‌ପେଣ୍ଡ




ହାଇଦ୍ରାବାଦ: ଭାରତୀୟ ରାଷ୍ଟ୍ର ସମିତି (ବିଆର୍‌ଏସ୍) ମଙ୍ଗଳବାର କେ. କବିତାଙ୍କୁ ଦଳରୁ ନିଲମ୍ବିତ କରିଛି। କବିତାଙ୍କ ଉପରେ ଦଳ ବିରୋଧୀ କାମ କରିବାର ଅଭିଯୋଗ ଆସିଛି। ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କବିତାଙ୍କୁ ନିଲମ୍ବିତ କରିବାର ସବୁଠାରୁ ବଡ଼ କାରଣ ଥିଲା ଦଳ ବିରୋଧରେ ତାଙ୍କର ବୟାନ। କବିତା ୨୦୨୩ରେ ବିଆର୍‌ଏସ୍‌ର ପରାଜୟ ପରେ କଂଗ୍ରେସକୁ ସମର୍ଥନ କରିବା ବିଷୟରେ କଥା ହୋଇଥିଲେ ଏବଂ ଦଳର ଆଭ୍ୟନ୍ତରୀଣ ପ୍ରସଙ୍ଗଗୁଡ଼ିକୁ ଖୋଲାଖୋଲି ସମାଲୋଚନା କରିଥିଲେ, ଯାହାକୁ ଚନ୍ଦ୍ରଶେଖର ରାଓ ଏବଂ ଅନ୍ୟ ନେତାମାନେ ଅନୁଶାସନହୀନତା ବୋଲି ବିବେଚନା କରିଥିଲେ। ଏ ସମ୍ପର୍କରେ ଦଳ ପକ୍ଷରୁ ଏକ ବିବୃତ୍ତି ମଧ୍ୟ ଜାରି କରାଯାଇଛି। ୨୦୨୪ରେ ଦିଲ୍ଲୀ ମଦ ଦୁର୍ନୀତିରେ କବିତାଙ୍କ ଗିରଫଦାରୀ ମଧ୍ୟ ବିଆର୍‌ଏସ୍‌ର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇଥିଲା। ଯଦିଓ ତାଙ୍କୁ ଜାମିନ ମିଳିଛି, ଦଳ ସ୍ୱୀକାର କରିଛି ଯେ ତାଙ୍କ ବୟାନ କର୍ମୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। ଶୃଙ୍ଖଳା କମିଟିର ସୁପାରିଶରେ ବିଆର୍‌ଏସ୍ କବିତାଙ୍କୁ ନିଲମ୍ବିତ କରାଯାଇଛି।

## ଜରୁରି ଅବତରଣ କଲା ବିମାନ

ନାଗପୁର: ନାଗପୁରରୁ କୋଲକାତା ଯାଉଥିବା ବିମାନକୁ ଜରୁରୀକାଳୀନ ସ୍ଥିତି ଯୋଗୁ ନାଗପୁର ଫେରାଇ ଦିଆଯାଇଛି। ଅଧିକାରୀଙ୍କ କହିବାନୁଯାୟୀ, ସକାଳେ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ବିମାନଟି ଏକ ପକ୍ଷୀ ସହିତ ଧକ୍କା ହେବା ପରେ ବିମାନକୁ ଫେରି ଆସିଥିଲା। ବିମାନରେ ପ୍ରାୟ ୧୬୦ରୁ ୧୬୫ ଜଣ ଯାତ୍ରୀ ଥିଲା ବେଳେ ଉଡ଼ାଣ ବାତିଲ କରାଯାଇଥିଲା।






ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡ଼ିଶାର ଅଗ୍ରଣୀ ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ, ରାଜ୍ୟରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଜିଓର ଅତ୍ୟନ୍ତ ଲୋକପ୍ରିୟ ୫ଜି ଏଫଡବ୍ଲୁଏ ସେବା ଜିଓଏୟାରଫାଇବର ରାଜ୍ୟରେ ୨ ଲକ୍ଷ ଗ୍ରାହକ ସଂଖ୍ୟା ଅତିକ୍ରମ କରିଛି। ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଏହା ଜଣାପଡିଛି। ଓଡ଼ିଶାରେ ୫ଜି ଏଫଡବ୍ଲୁଏ କ୍ଷେତ୍ରରେ ଦବଦବା ବଜାୟ ରଖି ଜିଓଏୟାରଫାଇବର ୮୩ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ସହିତ ଜୁଲାଇ ଶେଷ ସୁଦ୍ଧା ୨.୧୧ ଲକ୍ଷରୁ ଅଧିକ ଗ୍ରାହକ ହାସଲ କରିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ଜୁଲାଇ ମାସରେ, ଜିଓ ଓଡ଼ିଶାରେ ସର୍ବାଧିକ ୧୬୭୭୫ ନୂତନ ଜିଓଏୟାରଫାଇବର ଗ୍ରାହକ ଯୋଡ଼ିଛି। ଉଲ୍ଲେଖନୀୟ ଯେ ଜିଓର ଲୋକପ୍ରିୟ ଏଫଡବ୍ଲୁଏ ସେବା ଜିଓଏୟାରଫାଇବର ବାସ୍ତବରେ ସମାବେଶୀ ହୋଇଛି, କାରଣ ବିଶେଷକରି ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳରେ ରହିଥିବା ଶେଷ-ମାଇଲ୍ ଫାଇବର ସଂଯୋଗ ଜନିତ ସମସ୍ୟାକୁ ଏହା ଦୂର କରିଛି। ଡିଜିଟାଲ୍ ଅ'ର୍ଭୁକ୍ତିକରଣକୁ ପୁନଃପରିଭାଷିତ କରି ଜିଓଏୟାରଫାଇବର ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ, ଅସୀମିତ ୱାଇଫାଇ, ୮୦୦+ ଟିଭି ଚ୍ୟାନେଲ୍, ୧୧+ ଓଟିଟି ଆପ୍ ଏବଂ ଆହୁରି ଅନେକ ସୁବିଧା ସହିତ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ, ବୃତ୍ତିଗତ ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାରକୁ ସଶକ୍ତ କରିଛି।

# ଟାଟା ପାୱାର ପକ୍ଷରୁ ରୁଫ୍‌ଟପ୍ ସୋଲାର ସ୍କିମ୍‌ର ଶୁଭାରମ୍ଭ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ ଭାରତର ସରକାରଙ୍କ ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜିଳି ଯୋଜନାର ଅଂଶ ବିଶେଷ ଭାବେ ୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ଏକ ସ୍ୱତନ୍ତ୍ର ଏକ କିଲୋୱାଟ୍ ରୁଫ୍‌ଟପ୍ ସୋଲାର (ଆରଟିଏସ୍) ସ୍କିମ୍ ଆଜି ଘୋଷଣା କରାଯାଇଛି। ଏକ କିଲୋୱାଟ୍‌ର ସୋଲାର ବ୍ୟବସ୍ଥା ସ୍ଥାପନ କରିବା ଲାଗି ସାଧାରଣତଃ ୬୫,୦୦୦-୭୫,୦୦୦ ଟଙ୍କା ଆବଶ୍ୟକ ହେଉଥିବା ବେଳେ ୟୁଏଲ୍‌ଏ ମଡେଲ୍‌ରେ ଗ୍ରାହକମାନଙ୍କୁ ଏକକାଳୀନ ୫୦୦୦ ଟଙ୍କା ଦେବାକୁ ପଡ଼ିବ। ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍‌ଗୁଡ଼ିକ ଦ୍ୱାରା ଅଧିକାଂଶ ବ୍ୟୟ ଭାରକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବ୍‌ସିଡି ଜରିଆରେ ଭରଣା କରାଯିବ। ଏହି ଅବସରରେ ଚିଫ୍ ଓଡିଶା ପାୱାର ଡିଷ୍ଟ୍ରିବ୍ୟୁସନ୍ ବିଜନେସ ଓ ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ କହିଛନ୍ତି ଯେ, 'ଏହି ଅଭିଯାନକୁ ସେହି ପରିବାରମାନଙ୍କ ଲାଗି ପ୍ରସ୍ତୁତ କରାଯାଇଛି ଯେଉଁମାନେ ସୌର ଶକ୍ତି ଗ୍ରହଣ କରିବାକୁ ଚାହୁଁଛନ୍ତି, କିନ୍ତୁ ଅପଫ୍ରଣ୍ଟ୍ ଖର୍ଚ୍ଚ ସେମାନଙ୍କ ପାଇଁ ବାଧା ହୋଇଛି। ଏକ କିଲୋୱାଟ୍‌ର ସୋଲାର ରୁଫ୍‌ଟପ୍ ବ୍ୟବସ୍ଥା ଜରିଆରେ ଘରେ ମାସକୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇପାରିବ ଯାହା ଫଳରେ ବାର୍ଷିକ ପ୍ରାୟ ୫୦୦୦ ଟଙ୍କାର ସଂଚୟ ହେବ। ଏହା ଦ୍ୱାରା ମାସିକ ବିଦ୍ୟୁତ୍ ବିଲ୍‌ରୁ ନିରନ୍ତର ଆଶ୍ୱସ୍ତି ମିଳିବ ଏବଂ ଓଡ଼ିଶାର ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ କରିବାରେ ମଧ୍ୟ ତାହା ସହାୟକ ହେବ। ଏହି ସୌର ଶକ୍ତି ମଡେଲ୍ ଉପରେ ଆଲୋକପାତ କରି ଶ୍ରୀ କାଲେ କହିଛନ୍ତି ଯେ ଏହାକୁ ସ୍ଥାପନ କରିବାକୁ ଗ୍ରାହକମାନଙ୍କୁ ଏକ ଅନୁମତି ଫର୍ମ ପ୍ରଦାନ କରିବାକୁ ହେବ ଏବଂ ଏକକାଳୀନ ଦେୟ ଦେବାକୁ ହେବ। ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ସୋଲାର ପ୍ୟାନେଲ ସ୍ଥାପନାଠାରୁ ଆରମ୍ଭ କରି କ୍ୱାଲିଟି ଆସ୍ୟୁରାନ୍ସ ଏବଂ ବିକ୍ରି ପରବର୍ତ୍ତୀ ସେବା ପର୍ଯ୍ୟନ୍ତ ସମସ୍ତ ସେବାକୁ ସୁନିଶ୍ଚିତ କରିବେ। କମ୍ପାନି ପକ୍ଷରୁ ସିଷ୍ଟମ୍ ଉପକରଣ ଉପରେ ୫ ବର୍ଷର ୱାରେଣ୍ଟି ଓ ସୋଲାର ପ୍ୟାନେଲ୍ ଉପରେ ୨୫ ବର୍ଷର ୱାରେଣ୍ଟି ପ୍ରଦାନ କରାଯିବ। ଏହି ସ୍କିମ୍ ଦ୍ୱାରା ଓଡ଼ିଶାରେ ରୁଫ୍‌ଟପ୍ ସୋଲାର ଗ୍ରହଣୀୟତା ତ୍ୱରାନ୍ୱିତ ହେବା ଆଶା କରାଯାଉଛି ଯାହା ପରିବାରଗୁଡ଼ିକୁ ନିଜ ପାଇଁ ସ୍ୱଚ୍ଛ ଶକ୍ତି ସୃଷ୍ଟି କରିବା, ପାରମ୍ପରିକ ବିଦ୍ୟୁତ୍ ଉତ୍ସ ଉପରେ ନିର୍ଭରଶୀଳତା କମ୍ କରିବା ଏବଂ ଭାରତର ଅକ୍ଷୟ ଶକ୍ତି ବିପ୍ଳବ ପ୍ରତି ପ୍ରତ୍ୟକ୍ଷ ଯୋଗଦାନ ପ୍ରଦାନ କରିବାରେ ସଶକ୍ତ କରିବ।

# ସ୍ୱାଏକରର ନୂତନ ଷ୍ଟୋର ଉଦ୍‌ଘାଟିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଦେଶର ଅଗ୍ରଣୀ ଫ୍ୟାସନ ବ୍ରାଣ୍ଡ ଭାବେ ଜଣାଶୁଣା ସ୍ୱାଏକରର ଏକ ନୂତନ ଏକ୍ସକ୍ଲୁସିଭ୍ ଷ୍ଟୋର ଭୁବନେଶ୍ୱରର ଖାରବେଳ ନଗରସ୍ଥିତ ନରୁଲା କମ୍ପ୍ଲେକ୍ସଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ ମିଶ୍ର ଏବଂ ଅରିଜିତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୬୫୦ବର୍ଗଫୁଟ ବିଶିଷ୍ଟ ଏହି ନୂତନ ଷ୍ଟୋରରେ ଯୁବ ପିଢ଼ୀଙ୍କୁ ସୁହାଇଲା ଭଳି ବିଭିନ୍ନ ପ୍ରକାରର ଟି-ସାର୍ଟ, ଶୀତ ପୋଷାକ, ପର୍ଫ୍ୟୁମ୍, ଏବଂ ୱାଲେଟ୍ ଆଦି ଉପକରଣ ଉପଲବ୍ଧ ରହିଛି। ଏହି ଅବସରରେ ଫ୍ରାଞ୍ଚାଇଜ୍ ମାଲିକ ନମନ ନରୁଲା ଏବଂ ସଞ୍ଜୟ ନରୁଲାଙ୍କ ସମେତ ସେମାନଙ୍କର ପରିବାରବର୍ଗ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ସ୍ୱାଏକରର ଏଏସ୍‌ଏମ୍ ବିକି ଗୁପ୍ତା ଯୋଗଦେଇଥିଲେ। ଏହି ଅବସରରେ ନରୁଲା ପରିବାରର ବନ୍ଧୁ ଓ ଶୁଭେଚ୍ଛୁ ମାନେ ଉପସ୍ଥିତ ଥିଲେ। ଏହି ଷ୍ଟୋରଟି ଭୁବନେଶ୍ୱରର ୬ଷ୍ଠ ତମ ଏବଂ ଓଡିଶାର ୨୦ତମ ଷ୍ଟୋର ଅଟେ। ଭୁବନେଶ୍ୱରର ଏକ ବିଶିଷ୍ଟ ସ୍ଥାନ ତଥା ଖାରବେଳ ନଗରଠାରେ ଏଭଳି ଏକ ଫ୍ୟାସନ୍ ଆଉଟ୍‌ଲେଟ୍ ଖୋଲାଯାଇଥିବାରୁ ଫ୍ରାଞ୍ଚାଇଜ୍ ମାଲିକମାନେ ବେଶ ଉତ୍ସାହ ପ୍ରକାଶ କରିଥିବା ସହ ସହରର ଗ୍ରାହକମାନଙ୍କୁ କିଣା କିଣିର ଏକ ନୂତନ ସ୍ୱାଦ ଚଖାଇବା ଏହାର ମୂଳ ଲକ୍ଷ୍ୟ ଅଟେ ବୋଲି ସେମାନେ ପ୍ରକାଶ କହିଥିଲେ। ଏହି ନୂତନ ଷ୍ଟୋରଟି ସାରା ଦେଶରେ ନିଜର ଛାପ ଛାଡିବା ସହ ଯୁବପିଢ଼ୀମାନଙ୍କ ଫ୍ୟାସନ ସେନ୍ସ ସହ ଯୋଡିହେବାର ପ୍ରତିବଦ୍ଧତାକୁ ସୁଦୃଢ଼ କରିପାରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୯୯୨ ମସିହାରେ ପ୍ରତିଷ୍ଠା ହୋଇଥିବା ସ୍ୱାଏକର ଏକ ପ୍ରମୁଖ ଫ୍ୟାସନ ବ୍ରାଣ୍ଡ ଯାହା ବିଭିନ୍ନ ପ୍ରକାରର ଷ୍ଟାଇଲିସ୍, କଣ୍ଟେପରାରି ଡିଜାଇନ୍ ଏବଂ ଆସେସୋରିଜ୍ ସହ ଜଡ଼ିତ ରହି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

# ପନିପରିବା ଚାଷକୁ ପ୍ରୋତ୍ସାହିତ କରୁଛି ଡାଲମିଆ




କଟକ (ଭାସ୍କର ନ୍ୟୁଜ୍) : ଗ୍ରାମାଞ୍ଚଳ ସମୃଦ୍ଧି ଏବଂ ଦୀର୍ଘସ୍ଥାୟୀ କୃଷି ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଡାଲମିଆ ଭାରତ ଲିମିଟେଡର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ (ସିଏସଆର) ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ) ଏହାର ଅଗ୍ରଣୀ ଗ୍ରାମ ପରିବର୍ତ୍ତନ ପ୍ରକଳ୍ପ ଅଧୀନରେ କଟକରେ ୨୫ ସେଣ୍ଟ (ଏକରର ଏକ ଚତୁର୍ଥାଂଶ) ଜମିରେ ପନିପରିବା ଚାଷକୁ ପ୍ରୋତ୍ସାହିତ କରିଛି। ଏହି ପ୍ରୟାସର ଅଂଶସ୍ୱରୂପ ଡିବିଏଫ କୃଷକମାନଙ୍କର ଏକ ଗୋଷ୍ଠୀକୁ ୧ ଏଚପି ବିଦ୍ୟୁତ ଚାଳିତ ମୋଟର ପମ୍ପ ବଣ୍ଟନ କରିବା ସହିତ ଫସଲ ଉତ୍ପାଦକତାରେ ଉନ୍ନତି ଆଣିବା ନିମନ୍ତେ ଭରସାଯୋଗ୍ୟ ଜଳସେଚନଗତ ସମର୍ଥନ ଯୋଗାଇ ଦେଉଛି। ଏହି ଆବଣ୍ଟନ ସହିତ ଡିବିଏଫ ଏପର୍ଯ୍ୟନ୍ତ କଟକରେ ୪୭୦ ଜଣ କୃଷକଙ୍କୁ ମୋଟର ପମ୍ପ ଯୋଗାଇଛି, ଯାହା ଦୀର୍ଘସ୍ଥାୟୀ କୃଷି ନିମନ୍ତେ ଉଲ୍ଲେଖନୀୟ ଅବଦାନ ରଖିବା ସହିତ ସେମାନଙ୍କର ଆୟରେ ବୃଦ୍ଧି ଘଟାଉଛି। ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପଙ୍କଜ ଗୁପ୍ତା, ୟୁନିଟ ହେଡ କେସିଡବ୍ଲ୍ୟୁ ଏବଂ ସୁଧୀର ରଞ୍ଜନ ମହାନ୍ତି, ଏଚଆର ହେଡ କେସିଡବ୍ଲ୍ୟୁ ଉପସ୍ଥିତ ରହି କୃଷକମାନଙ୍କୁ ଦୀର୍ଘାବଧି ସମୃଦ୍ଧି ନିମନ୍ତେ ଉନ୍ନତ କାର୍ଯ୍ୟାଭ୍ୟାସ ଆପଣେଇବାକୁ ଉତ୍ସାହିତ କରିଥିଲେ। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ପଙ୍କଜ ଗୁପ୍ତା, ୟୁନିଟ ହେଡ କପିଳାସ ସିମେଣ୍ଟ ୱର୍କସ କହିଥିଲେ, 'କୃଷକମାନେ ହେଉଛନ୍ତି ଆମ ରାଷ୍ଟ୍ରର ମେରୁଦଣ୍ଡ, ଯେଉଁମାନେ ମୃତ୍ତିକାରେ ଜୀବନ ବୁଣୁଛନ୍ତି ଏବଂ ଆଗାମୀ ପିଢ଼ିଗୁଡିକ ନିମନ୍ତେ ଅଭିବୃଦ୍ଧି ପରିପୋଷଣ କରୁଛନ୍ତି।


# ୩୨୦ କୋଟି ଟଙ୍କାର ଅର୍ଡର ହାସଲ କଲା ସିଆର୍‌ଆଇ ପମ୍ପସ

ନୂଆଦିଲ୍ଲୀ: ସିଆରଆଇ ସୋଲାରକୁ ମହାରାଷ୍ଟ୍ର ସରକାରଙ୍କଠାରୁ 'ମାକେଲ ତ୍ୟାଲା ସୌର କୃଷି ପମ୍ପ' ଯୋଜନା ଅଧୀନରେ ୩୨୦ କୋଟି ଟଙ୍କା ମୂଲ୍ୟର ଏକ ଅର୍ଡର ମିଳିଛି। ଏଥିପାଇଁ ମହାରାଷ୍ଟ୍ର ଷ୍ଟେଟ ଇଲେକ୍‌ଟ୍ରିକ ଡିଷ୍ଟ୍ରିବ୍ୟୁଶନ କମ୍ପାନୀ ଲିମିଟେଡ (ଏମଏସଇଡିସିଏଲ) ଦ୍ୱାରା କମ୍ପାନୀକୁ ୩ ଏଚପି, ୫ ଏଚପି ଓ ୭.୫ ଏଚପି କ୍ଷମତାର ୧୦,୭୧୪ଟି ଅଫ୍-ଗ୍ରିଡ ଡିସି ସୋଲାର ଫଟୋଭୋଲ୍‌ଟାଇକ ୱାଟର ପମ୍ପିଙ୍ଗ ସିଷ୍ଟମ (ଏସପିଡବ୍ଲ୍ୟୁପିଏସ)ର ଡିଜାଇନ, ଯୋଗାଣ, ସ୍ଥାପନା ଓ କାର୍ଯ୍ୟକାରିତା ପାଇଁ ଲେଟର ଅଫ୍ ଏମ୍ପ୍ୟାନେଲମେଂଟ (ଏଲଓଇ) ଦିଆଯାଇଛି। ଏହି ଏସପିଡବ୍ଲ୍ୟୁପିଏସରେ ଏକ ଇନ୍‌ବିଲ୍ଟ ଆଇଓଟି-ସକ୍ଷମ ରିମୋଟ ମନିଟରିଂ ସିଷ୍ଟମ (ଆରଏମଏସ) ରହିଛି ଏବଂ ଏହା ମରାମତି ଓ ରକ୍ଷଣାବେକ୍ଷଣକୁ କଭର କରୁଥିବା ଏକ ୫ ବର୍ଷର ୱାରେଂଟି ସହ ଆସୁଛି। ଏସମ୍ପର୍କରେ ସିଆରଆଇର ଅଧ୍ୟକ୍ଷ ଜି. ସୌନ୍ଦର ରାଜନ କହିଛନ୍ତି, 'ଏମଏସଇଡିସିଏଲଠାରୁ ମିଳିଥିବା ୩୨୦ କୋଟି ଟଙ୍କା ମୂଲ୍ୟର ଏହି ଏମ୍ପ୍ୟାନେଲମେଂଟ କେବଳ ଏକ ବ୍ୟବସାୟିକ ସଫଳତାଠାରୁ ଅଧିକ କିଛି , ଏହା ଭାରତର କୃଷକଙ୍କୁ ସଶକ୍ତ କରିବା ଦିଗରେ ଏକ ମିଶନ-ଚାଳିତ ପଦକ୍ଷେପ ଅଟେ। ଆମେ ନବୀକରଣଯୋଗ୍ୟ ଶକ୍ତିର ଗ୍ରହଣୀୟତା ବୃଦ୍ଧି କରିବ।














ନୂଆଦିଲ୍ଲୀ: ଟୋକିଓରେ ସେପ୍ଟେମ୍ବର ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଲାଗି ୧୯ (୫ ମହିଳା) ଜଣିଆ ଭାରତୀୟ ଦଳ ରବିବାର ଘୋଷିତ ହୋଇଛି। ବିଶ୍ୱ ବିଜେତା ନୀରଜ ଚୋପ୍ରାଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରେ ଓଡ଼ିଶାରୁ କେବଳ ଧାବକ ଅନିମେଷ କୁଜୁର ସ୍ଥାନ ପାଇଛନ୍ତି। ନୀରଜଙ୍କ ସହ ଜାଭଲିନ୍‌ରେ ୪ ଜଣ ସଚିନ ଯାଦବ, ଯଶବୀର ସିଂହ ଓ ରୋହିତ ଯାଦବ ରହିଛନ୍ତି। ନୀରଜ ଗତ ସଂସ୍କରଣ ବିଜେତା ଭାବେ ୱାଇଲ୍ଡ କାର୍ଡ ପାଇ ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୩ ଭାରତୀୟ ଗୁଲବୀର ସିଂହ (୫୦୦୦ ମିଟର), ପ୍ରବୀଣ ଚିତ୍ରାଭେଲ (ଟ୍ରିପଲଜମ୍ପ) ଓ ପାରୁଲ ଚୌଧୁରୀ (୩୦୦୦ ମିଟର ଷ୍ଟିପଲଚେଜ୍) ଯୋଗ୍ୟତା ମାନଦଣ୍ଡ ପୂରଣ କରି ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ୟ ୧୫ ଜଣ ବିଶ୍ୱ ମାନ୍ୟତା ଅନୁଯାୟୀ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଯୋଗ୍ୟତା ଅର୍ଜନ କରିଥିବା ଅବିନାଶ ସାବ୍‌ଲେ ଫିଟ୍ ନଥିବାରୁ ଚୟନରୁ ଓହରି ଯାଇଥିଲା ବେଳେ ସମାନ କାରଣରୁ ନନ୍ଦିନୀ ଅଗସାରା ଓ ଆକାଶଦୀପ ସିଂହଙ୍କୁ ଦଳରେ ସ୍ଥାନ ମିଳିନି। ଭାରତୀୟ ଦଳ: ନୀରଜ ଚୋପ୍ରା, ସଚିନ ଯାଦବ, ଯଶବୀର ସିଂହ, ରୋହିତ ଯାଦବ (ଜାଭଲିନ୍), ଗୁଲବୀର ସିଂହ (୫୦୦୦ ମିଟର), ପ୍ରବୀଣ ଚିତ୍ରାଭେଲ, ଅବଦୁଲ୍ଲା ଆବୁବାକର (ଟ୍ରିପଲଜମ୍ପ), ସର୍ବେଶ କୁଶାରେ (ହାଇଜମ୍ପ), ଅନିମେଷ କୁଜୁର (୨୦୦ ମିଟର), ମୁରଲୀ ଶ୍ରୀଶଙ୍କର (ଲଙ୍ଗଜମ୍ପ), ସର୍ବିନ ସେବାଷ୍ଟିଆନ୍ (୨୦ କିମି ରେସ୍‌ୱାକ୍), ସନ୍ଦୀପ, ରାମ ବାବୁ (୩୫ କିମି ରେସ୍‌ୱାକ୍), ଗୁଲବୀର ସିଂହ (୧୦୦୦୦ ମିଟର), ତେଜାସ ଶିର୍ସେ (୧୧୦ ମିଟର ବାଧାଦୌଡ଼)। ପାରୁଲ ଚୌଧୁରୀ, ଅଙ୍କିତା (୩୦୦୦ ମିଟର ଷ୍ଟିପଲଚେଜ୍), ଅନୁ ରାଣୀ (ଜାଭଲିନ୍), ପ୍ରିୟଙ୍କା ଗୋସ୍ୱାମୀ (୩୫ କିମି ରେସ୍‌ୱାକ୍), ପୂଜା (୧୫୦୦, ୮୦୦ ମିଟର)।

# ଟି-୨୦ରୁ ଅବସର ନେଲେ ମିଚେଲ ଷ୍ଟାର୍କ



ନୂଆଦିଲ୍ଲୀ: ଅଷ୍ଟ୍ରେଲିଆର ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଅପ୍ରତ୍ୟାଶିତ ଭାବରେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏବେ ସେ କେବଳ ଟେଷ୍ଟ ଓ ଦିନିକିଆ କ୍ରିକେଟ ଉପରେ ଧ୍ୟାନ ଦେବେ ବୋଲି କହିଛନ୍ତି। ୩୫ ବର୍ଷୀୟ ଷ୍ଟାର୍କ ଗତବର୍ଷ ଟି-୨୦ ବିଶ୍ୱକପ ପରଠାରୁ କ୍ରିକେଟର ଏହି ଛୋଟିଆ ଫର୍ମାଟରେ ନଜର ଆସି ନଥିଲେ। ୨୦୨୬ ଟି-୨୦ ବିଶ୍ୱକପକୁ ଆଉ ମାତ୍ର କିଛି ମାସ ବାକି ଥିବା ବେଳେ ସେ ଏହି ଫର୍ମାଟକୁ ଅଲବିଦା କହିଛନ୍ତି। ୩୫ ବର୍ଷୀୟ ଷ୍ଟାର୍କ ଆମେରିକା ଏବଂ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ଶେଷ ଟି-୨୦ ବିଶ୍ୱକପ୍ ପରଠାରୁ ଏହି ଫର୍ମାଟରେ ଖେଳି ନାହାନ୍ତି। ଭାରତ ଏବଂ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଥିବା ଏହି ବଡ଼ ଇଭେଣ୍ଟର ପରବର୍ତ୍ତୀ ସଂସ୍କରଣର ମାତ୍ର ଛଅ ମାସ ପୂର୍ବରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଷ୍ଟାର୍କ ଏହି ଫର୍ମାଟରେ ଅଷ୍ଟ୍ରେଲିଆର ଦ୍ୱିତୀୟ ସର୍ବାଧିକ ୱିକେଟ୍ ନେଇଥିବା ବୋଲର। ଆଡାମ ଜାମ୍ପା ପ୍ରଥମ ସ୍ଥାନରେ ରହିଛନ୍ତି । ୨୦୧୨ରେ ପାକିସ୍ତାନ ବିପକ୍ଷରେ ଆରମ୍ଭ ହୋଇଥିବା ୬୫ ମ୍ୟାଚ୍ ବିଶିଷ୍ଟ ଟି-୨୦ କ୍ୟାରିୟରରେ ଷ୍ଟାର୍କ ୭.୭୪ ଇକୋନୋମି ରେଟ୍‌ରେ ୭୯ ୱିକେଟ୍ ନେଇଥିଲେ। ସେବେଠାରୁ ଖେଳାଯାଇଥିବା ଛଅଟି ଟି-୨୦ ବିଶ୍ୱକପ୍ ମଧ୍ୟରୁ ପାଞ୍ଚଟିରେ ଖେଳିଛନ୍ତି, ଆଘାତ ଯୋଗୁ କେବଳ ୨୦୧୬ ସିଜିନ୍ ହରାଇଥିଲେ। ୨୦୧୪ରେ ଦୁବାଇରେ ଅଷ୍ଟ୍ରେଲିଆର ଟାଇଟଲ୍ ବିଜୟର ସେ ହିରୋ ଥିଲେ। ଏହି ଅଭିଜ୍ଞ ଦ୍ରୁତ ବୋଲର ବାକି ଦୁଇଟି ଅନ୍ତର୍ଜାତୀୟ ଫର୍ମାଟ, ଆଇପିଏଲ ଏବଂ ଅନ୍ୟାନ୍ୟ ଘରୋଇ ମ୍ୟାଚ୍ ଖେଳିବା ଜାରି ରଖିବାକୁ ଚାହାନ୍ତି। ଗତ ବର୍ଷ ସମସ୍ତ ଫର୍ମାଟରୁ ଡେଭିଡ୍ ୱାର୍ଣ୍ଣରଙ୍କ ଅବସର ପରେ ଷ୍ଟିଭ୍ ସ୍ମିଥ୍, ଗ୍ଲେନ୍ ମ୍ୟାକ୍ସୱେଲ୍ ଏବଂ ମାର୍କସ୍ ଷ୍ଟୋଇନିସ୍ ମଧ୍ୟ ଚଳିତ ବର୍ଷ ଦିନିକିଆରୁ ଅବସର ନେଇ ସାରିଛନ୍ତି। ମିଚେଲ ଷ୍ଟାର୍କ ଏକ ବିବୃତିରେ କହିଛନ୍ତି, ଭାରତର ଟେଷ୍ଟ ଗସ୍ତ, ଆଶେସ୍ ଏବଂ ୨୦୨୭ରେ ହେବାକୁ ଥିବା ଏକଦିବସୀୟ ବିଶ୍ୱକପ୍‌କୁ ଦେଖିଲେ, ମୁଁ ଭାବୁଛି ଏହା ଫିଟ୍ ଏବଂ ସର୍ବୋତ୍ତମ ରହିବାର ଉପଯୁକ୍ତ ଉପାୟ। ଏହା ଦ୍ୱାରା ମୋ ପରେ ଅଷ୍ଟ୍ରେଲିଆକୁ ଟି-୨୦ ବିଶ୍ୱକପ୍ ପାଇଁ ପ୍ରସ୍ତୁତ ହେବା ପାଇଁ ଆଉ ଜଣେ ନୂତନ ବୋଲରଙ୍କୁ ପ୍ରସ୍ତୁତ କରିବାକୁ ମଧ୍ୟ ସମୟ ଦେବ। ଷ୍ଟାର୍କଙ୍କ ଅବସର ପୂର୍ବରୁ ଗତବର୍ଷ ଡାଭିଡ ୱାର୍ଣ୍ଣର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ଚଳିତ ବର୍ଷ ଷ୍ଟିଭ ସ୍ମିଥ, ଗ୍ଲେନ ମ୍ୟାକ୍ସୱେଲ ଓ ମାର୍କସ ଷ୍ଟୋଇନିସ ଦିନିକିଆ କ୍ରିକେଟକୁ ଅଲବିଦା କହିଥିଲେ।

# ଏସିଆ କପ୍ ହକି : ସୁପର-୪ରେ ଭାରତ

## କାଜାକସ୍ତାନ ବିପକ୍ଷରେ ଭାରତର ୧୫ ଗୋଲ୍



ରାଜଗିର: ବିହାରର ରାଜଗିରଠାରେ ଆୟୋଜିତ ଏସିଆ କପ୍? ହକିରେ ଭାରତ ସୋମବାର ଗୋଲ୍ ବର୍ଷା କରି କାଜାଖସ୍ତାନକୁ ୧୫-୦ରେ ଧରାଶାୟୀ କରିଛି। ତା'ସହିତ ଲଗାତାର ତୃତୀୟ ବିଜୟ ହାସଲ କରି ଗ୍ରୁପ୍-ଏ' ବିଜେତା ଭାବେ ସୁପର-୪ରେ ପ୍ରବେଶ କରିଛି। ଏହା ପୂର୍ବରୁ ଘରୋଇ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଚୀନକୁ ୪-୩ ଏବଂ ଦ୍ୱିତୀୟରେ ଜାପାନକୁ ୩-୨ ଗୋଲ୍‌ରେ ପରାସ୍ତ କରିଥିଲା। ସୁଖଜିତ ସିଂ ଓ ଯୁଗରାଜ ସିଂ ୩ଟି ଲେଖାଏଁ ଗୋଲ ଦେଇଥିଲେ । ଅଧିନାୟକ ହରମନପ୍ରୀତ ସିଂ, ଅମିତ ରୋହିଦାସ, ରାଜିନ୍ଦର ସିଂ, ସଞ୍ଜୟ ସିଂ ଓ ଦିଲପ୍ରୀତ ସିଂ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗରାଜ ସିଂହ (୨୪, ୩୧ ମିନିଟ୍), ଅଧିନାୟକ ହର୍ମନପ୍ରୀତ ସିଂହ (୨୬, ୪୬ ମିନିଟ୍) ଦୁଇଟି ଲେଖାଏଁ ଏବଂ ଓଡ଼ିଆ ତାରକା ଅମିତ ରୋହିଦାସ (୨୯), ରାଜିନ୍ଦର ସିଂହ (୩୨), ସଂଜୟ ରାଣା (୫୪) ଓ ଦିଲପ୍ରୀତ୍ ସିଂହ (୫୫ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ଆଜିର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଚୀନ-ଜାପାନ ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ରହିଥିଲା। ଦକ୍ଷିଣ କୋରିଆ ୫-୧ ଗୋଲ୍‌ରେ ବାଂଲାଦେଶକୁ ଏବଂ ମାଲେସିଆ ୧୫-୦ ଗୋଲ୍‌ରେ ଚାଇନିଜ୍ ତାଇପେଇକୁ ପରାସ୍ତ କରିଥିଲା। ଏହା ପରେ ଗ୍ରୁପ୍-ଏ'ରୁ ଚୀନ (୪ପଏଣ୍ଟ) ଭାରତଠାରୁ ୫ ପଏଣ୍ଟ କମ୍ ପାଇ ସୁପର-୪କୁ ଯାଇଛି। ଗ୍ରୁପ୍-ବି'ରୁ ମାଲେସିଆ (୩ ବିଜୟ, ୯ ପଏଣ୍ଟ) ଗ୍ରୁପ୍ ବିଜେତା ଏବଂ ଦକ୍ଷିଣ କୋରିଆ (୨ ବିଜୟ, ୧ ପରାଜୟ, ୬ ପଏଣ୍ଟ) ଉପବିଜେତା ଭାବେ ସୁପର-୪କୁ ଯାଇଛନ୍ତି। କାଜକସ୍ତାନ ଗୋଟିଏ ବି ଗୋଲ ସ୍କୋର କରିବାରେ ସଫଳ ହୋଇପାରି ନ ଥିଲା । ଭାରତ ତାର ପ୍ରଥମ ୨ଟି ମ୍ୟାଚରେ ଚୀନ ଓ ଜାପାନକୁ ପରାସ୍ତ କରିଥିଲା। ଏହି ଟୁର୍ଣ୍ଣାମେଂଟର ବିଜେତା ଆସନ୍ତା ବର୍ଷ ବେଲଜିୟମ ଓ ନେଦରଲାଣ୍ଡରେ ହେବାକୁ ଥିବା ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତ ସମ୍ପୂର୍ଣ୍ଣ ଏକତରଫା ଭାବେ ୭-୦ରେ ଅଗ୍ରଣୀ ରହିଥିଲା । ଶେଷ ୧୫ ମିନିଟରେ ଭାରତ ପକ୍ଷରୁ ୪ଟି ଗୋଲ ଦିଆ ଯାଇଥିଲା । ଟିମ ଇଣ୍ଡିଆ ଜବରଦସ୍ତ ଫର୍ମରେ ଥିବାରୁ ଟାଇଟଲର ମୁଖ୍ୟ ଦାବିଦାର ଭାବେ ବିବେଚନା କରାଯାଉଛି ।

# କରାଟେ ସ୍କୁଲ୍‌ରେ ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍ ବେଲ୍ଟ ପରୀକ୍ଷା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଠାରେ ସ୍କୁଲର ପ୍ରଶିକ୍ଷକ ମାନଙ୍କର ପ୍ରଶିକ୍ଷଣ ଶିବିର ୨ ଦିନ ଧରି ୩୦ ଏବଂ ୩୧ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଅଛି। ୭୦ ଜଣ ସୁକୋକାଇ କରାଟେର ବରିଷ୍ଠ କରାଟେ ପ୍ରଶିକ୍ଷକ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥିଲେ। କ୍ରମାଗତ ଭାବେ ଓଡ଼ିଶା କରାଟେ କ୍ରିଡାବିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରୁଛନ୍ତି। ପ୍ରତିଯୋଗୀ ମାନଙ୍କର ସଫଳତା ସିଧା ସଳଖ ଭାବେ ପ୍ରଶିକ୍ଷକଙ୍କ ଦକ୍ଷତା ଉପରେ ନିର୍ଭର କରିଥାଏ। ଉତ୍କଳ କରାଟେ ସ୍କୁଲ ପ୍ରତିବର୍ଷ ୨ ଥର ଏହି ପ୍ରଶିକ୍ଷଣ ଶିବିର ଆୟୋଜନ କରିଥାଏ। ପ୍ରଶିକ୍ଷଣ ଶିବିରକୁ ସୁକୋକାଇ ଶୈଳୀର ସର୍ବଭାରତୀୟ ମୁଖ୍ୟପ୍ରଶିକ୍ଷକ ହାନସି ଡ. ହରି ପ୍ରସାଦ ପଟ୍ଟନାୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ବ୍ଲାକ ବେଲ୍ଟ ପରୀକ୍ଷାରେ ୪୫ ଜଣ କୃତ କାର୍ଯ୍ୟ ହାସଲ ହୋଇଛନ୍ତି।



# ଟି-୨୦ରେ ରନ୍‌ଆଉଟ୍ କରିବାରେ ଜାଡେଜା ଆଗରେ




ନୂଆଦିଲ୍ଲୀ: ଟି୨୦ କ୍ରିକେଟରେ ବିଜୟର ମୁଖ୍ୟ ଭୂମିକା ଲିଭାଇଥାନ୍ତି ଫିଲ୍ଡରମାନେ। ଏହି ଫର୍ମାଟରେ ଭାରତୀୟ ଫିଲ୍ଡରଙ୍କ ପ୍ରଦର୍ଶନ ସର୍ବଦା ପ୍ରଶଂସନୀୟ ରହିଛି । ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ସର୍ବାଧିକ ୧୦ଜଣ ଖେଳାଳିଙ୍କୁ ରନଆଉଟ କରିଛନ୍ତି । ବିରାଟ କୋହଲି ୯ ରନ ଆଉଟ କରି ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ବ୍ୟାଟିଂ ବ୍ୟତୀତ ପଡିଆରେ କୋହଲି କିପରି ଆଟାକିଂ ରହିଥାନ୍ତି ତାହା ଏଥିରୁ ଅନୁମେୟ । ଟି୨୦ ସ୍ପେଶାଲିଷ୍ଟ ସୁରେଶ ରାଇନା ୫ ରନ ଆଉଟ କରି ତୃତୀୟ ସ୍ଥାନରେ ରହିଛନ୍ତି । ବିସ୍ଫୋରକ ବ୍ୟାଟ୍ସମ୍ୟାନ ରୋହିତ ଶର୍ମା, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ମହମ୍ମଦ ସିରାଜ ଓ ସୂର୍ଯ୍ୟକୁମାର ଯାଦବ ୪ଜଣ ଲେଖାଏଁ ଖେଳାଳିଙ୍କୁ ରନ ଆଉଟ କରିଛନ୍ତି । ଭାରତୀୟ ଟିମ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଏବେ ଏସିଆ କପ ଟି୨୦ ଟ୍ରଫି ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି । ୟୁଏଇରେ ଖେଳାଯିବାକୁ ଥିବାଏହି ଟୁର୍ଣ୍ଣାମେଂଟରେ ଭାରତକୁ ଟାଇଟଲ ଦାବୀଦାର ଭାବେ ବିବେଚନା କରାଯାଉଛି । ଦୀର୍ଘ ଦିନ ପରେ ପ୍ରଶଂସକମାନେ ଭାରତ-ପାକିସ୍ତାନ ହାଇ ଭୋଲଟେଜ ମୁକାବିଲା ଦେଖିବାକୁ ପାଇବେ ।

# ଟାଇଟଲ ସ୍ପନଶର ପାଇଁ ଟେଣ୍ଡର ଜାରି କଲା ବିସିସିଆଇ

ନୂଆଦିଲ୍ଲୀ: ଫାଣ୍ଟାସି ସ୍ପୋର୍ଟସ କମ୍ପାନୀ ଡ୍ରିମ୍ ୧୧ ଓହରିବା ପରେ ଭାରତୀୟ କ୍ରିକେଟ୍ ଦଳର ଟାଇଟଲ ସ୍ପନସରଶିପ୍ ଅଧିକାର ଲାଗି ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ଟାଇଟଲ ସ୍ପନଶର ରାଇଟ୍ସ ପାଇଁ ଟେଣ୍ଡର ଆହ୍ୱାନ କରିଛି । ନିକଟରେ ଡ୍ରିମ ୧୧ ଲୀଡ ସ୍ପନଶରରୁ ହଟି ଯାଇଥିଲା। ଆଲକହଲ, ତମ୍ବାଖୁ, ସଟ୍ଟେବାଜ, ରିୟଲ ମନୀ ଗେମିଂ, କ୍ରେପ୍ଟୋକରେନ୍ସି ଓ ପୋର୍ନଗ୍ରାଫି ସହ ଜଡିତ କମ୍ପାନୀଙ୍କୁ ଏହି ବିଡରେ ସାମିଲ କରାଯିବନି ବୋଲି ବିସିସିଆଇ ସେକ୍ରେଟାରୀ ଦେବଜିତ ସାଇକିଆ କହିଛନ୍ତି। ବିସିସିଆଇ ଅଫିସିଆଲ ଟ୍ୱିଟରରେ ଟୁଇଟ କରି ଏହି ସୂଚନା ଦିଆଯାଇଛି। ଆଗ୍ରହୀ ସ୍ପନଶର ସେପ୍ଟେମ୍ବର ୧୨ ସୁଦ୍ଧା ଟେଣ୍ଡର ଦାଖଲ କରିବାକୁ ପଡିବ। ଡ୍ରିମ ୧୧ ବିସିସିଆଇ ସହ ୨୦୨୩ରେ ୩୫୮ କୋଟି ଟଙ୍କାର ଚୁକ୍ତି କରିଥିଲା । ନିକଟରେ ଭାରତ ସରକାର ରିୟଲ ମନୀ ଗେମିଂ ପ୍ଲାଟଫର୍ମ ଉପରେ କଟକଣା ଲଗାଇଛନ୍ତି । ଫଳରେ ଡ୍ରିମ-୧୧ ସହ ବିସିସିଆଇର ସ୍ପନଶରଶିପ ଚୁକ୍ତି ସ୍ୱତଃ ବାତିଲ ହୋଇ ଯାଇଥିଲା । ଏହା ପୂର୍ବରୁ ବାଇଜୁ ୨୦୨୩ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଉଥିଲା । ନୂତନ ଟେଣ୍ଡରରେ ଏହା କେତୋ କୋଟି ପର୍ଯ୍ୟନ୍ତ ଯିବ ତାହା ସ୍ପଷ୍ଟ ଭାବେ ଅନୁମେୟ କରି ହୋଇ ନାହିଁ । ତଥାପି ବିସିସିଆଇ ମୋଟା ଅଙ୍କର ଅର୍ଥ ହାସଲ କରିବ ବୋଲି ଅନୁମାନ କରାଯାଉଛି। ଆସନ୍ତା ୯ ତାରିଖରୁ ୟୁଏଇରେ ଆରମ୍ଭ ହେବାକୁଥିବା ଏସିଆ କପରେ ଭାରତୀୟ ଦଳ ବିନା ଟାଇଟଲ ସ୍ପନସର୍ସରେ ଖେଳିବ। ବୋର୍ଡ ପକ୍ଷରୁ ଆସନ୍ତା ୧୬ ତାରିଖକୁ ବିଡ୍ସ ଦାଖଲର ଅନ୍ତିମ ଦିନ ଧାର୍ଯ୍ୟ କରାଯାଇଛି। ପ୍ରମୋଶନ ଓ ରେଗୁଲେଶନ ଅଫ୍ ଅନ୍‌ଲାଇନ୍ ଗେମିଂ ୨୦୨୫ ଆଇନ କାରଣରୁ ଡ୍ରିମ୍ ୧୧ ଭଳି ରିୟଲ ମନି ଗେମିଂ ଦେଶରେ ବ୍ୟାନ ହୋଇଯାଇଛି। ଡ୍ରିମ୍ ୧୧ ଓ ମାଇଁ ୧୧ ସର୍କଲ ଭଳି କମ୍ପାନୀଠାରୁ ବିସିସିଆଇକୁ ପ୍ରାୟ ୧୦୦୦ କୋଟି ଟଙ୍କା ମିଳୁଥିଲା। ଦୁହେଁ ଯଥାକ୍ରମେ ଭାରତୀୟ କ୍ରିକେଟ୍ ଦଳ ଓ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ର ଟାଇଟଲ ସ୍ପନସର ଥିଲେ।

# ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଲେ ଆସିଫ୍ ଅଲି



ଇସଲାମାବାଦ: ପାକିସ୍ତାନର ବ୍ୟାଟ୍ସମ୍ୟାନ ଆସିଫ ଅଲି ଅନ୍ତର୍ଜାତୀୟ କ୍ରିକେଟକୁ ବିଦାୟ ଦେଇଛନ୍ତି। ୩୩ ବର୍ଷୀୟ ଆସିଫ ୨୧ଟି ଦିନିକିଆ ଏବଂ ୫୮ ଟି୨୦ ମ୍ୟାଚ ଖେଳିଛନ୍ତି। ମୁଖ୍ୟତଃ ମଧ୍ୟକ୍ରମରେ ଫିନିସର ଓ ଜଣେ ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ ଭାବେ ବେଶ୍ ଜଣାଶୁଣା। ତାଙ୍କର ସବୁଠାରୁ ପ୍ରସିଦ୍ଧ ଇନିଂସ ହେଉଛି ୨୦୨୧ ଟି୨୦ ବିଶ୍ୱକପରେ ଆଫଗାନିସ୍ତାନ ବିପକ୍ଷରେ ଏକ ସଂଘର୍ଷପୂର୍ଣ୍ଣ ବିଜୟରେ ସାତ ବଲରେ ୨୫ ରନ କରିଥିଲେ। ସେ ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି ଯେ, ପାକିସ୍ତାନ ଜର୍ସି ପିନ୍ଧିବା ମୋ ଜୀବନର ସର୍ବୋତ୍ତମ ସମ୍ମାନ ଏବଂ କ୍ରିକେଟ କ୍ଷେତ୍ରରେ ମୋ ଦେଶ ସେବା କରିବା ମୋର ସବୁଠାରୁ ଗର୍ବର ଅଧ୍ୟାୟ। ଆସିଫ ନିଶ୍ଚିତ କରିଛନ୍ତି ଯେ ସେ ଘରୋଇ କ୍ରିକେଟ ଏବଂ ବିଶ୍ୱର ଫ୍ରାଞ୍ଚାଇଜ ଲିଗ ଖେଳିବେ। ସେ ପାକିସ୍ତାନ ଦଳର ଅଂଶ ଥିଲେ ଯିଏ ୨୦୨୨ ରେ ଆଇସିସି ପୁରୁଷ ଟି୨୦ ବିଶ୍ୱକପର ଫାଇନାଲ ଏବଂ ୨୦୨୧ରେ ସେମିଫାଇନାଲରେ ପହଞ୍ଚିଥିଲା। ୨୦୧୮ରେ ଇସଲାମାବାଦ ୟୁନାଇଟେଡ କୁ ଚଅଖ ଜିତିବାରେ ସହାୟତା କରିବା ପରେ, ଆସିଫ ସେହି ବର୍ଷ ୱେଷ୍ଟଇଣ୍ଡିଜ ବିପକ୍ଷରେ ତାଙ୍କର ପ୍ରଥମ ଟି ୨୦ ମ୍ୟାଚ ଖେଳିଥିଲେ। ଦୁଇ ମାସ ପରେ, ସେ ତାଙ୍କର ଏକ ଦିବସୀୟ ଡେବ୍ୟୁ କରିଥିଲେ। ତଥାପି, ତାଙ୍କର ଫର୍ମ ଏବଂ ସ୍ଥିରତାର ଅଭାବ ଯୋଗୁ ତାଙ୍କୁ ଦଳରୁ ବାହାର କରିଦିଆଯାଇଥିଲା ଏବଂ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ ୨୦୨୩ଏସୀୟ କ୍ରୀଡ଼ାରେ ଦ୍ୱିତୀୟ ସ୍ତରର ପାକିସ୍ତାନୀ ଦଳ ପାଇଁ ଖେଳିଥିଲା। ୨୧ଟି ଦିନିକିଆରେ, ସେ ୨୫.୪୬ ହାରରେ ୩୮୨ ରନ କରିଥିଲେ ଏବଂ ତାଙ୍କ ବେଲ୍ଟରେ ତିନୋଟି ଅର୍ଦ୍ଧଶତକ ଥିଲା। ଓ୨୦ଝ ୫୮ ଫିକ୍ସରରେ, ସେ ୧୫-୧୮ହାରରେ ୫୭୭ ରନ, ୧୩୩.୮୭ ଷ୍ଟ୍ରାଇକ ରେଟ ଏବଂ ୪୧ଅ ର ସର୍ବୋତ୍ତମ ସ୍କୋର କରିଛନ୍ତି।

# ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ, ୭୦ଜଣ ମନୋନୀତ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗୀତା ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ପ୍ରଧାନଶିକ୍ଷୟତ୍ରୀ ତଟିନୀ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଫୁଲ୍ଲ ସାହୁ ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ସୁବାସ ଗୋଚ୍ଛାୟତ, ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ମହାରଣା, ପୂର୍ବତନ ପ୍ରଧାନଶିକ୍ଷକ ଅର୍ଜ୍ଜୁନ ଚରଣ ସାହୁ, ବ୍ଲକ କ୍ରୀଡା ସମ୍ପାଦକ ଜିତେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। କବାଡି, ଖୋ ଖୋ, ଚେସ, ସାଇକ୍ଲିଂ, ଫୁଟବଲ, ବ୍ୟାଡମିଣ୍ଟନ ଆଦି ବିଭାଗରୁ ୭୦ ଜଣ ପ୍ରତିଯୋଗୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲେ। ବରିଷ୍ଠ ଶିକ୍ଷକ ଗୌରୀଶଙ୍କର ମିଶ୍ର ଅତିଥି ପରିଚୟ ଓ କ୍ରୀଡା ଶିକ୍ଷକ ଅମୂଲ୍ୟ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ କ୍ରୀଡା ଶିକ୍ଷୟତ୍ରୀ ବିକଶି ସାହୁ, ମାନସ ସାହୁ, ଦେବାଶିଷ ଆଚାର୍ଯ୍ୟ, ଗୋବିନ୍ଦ ବେହେରା, ପୂର୍ଣ୍ଣିମା ମହାନ୍ତ, ପ୍ରଶାନ୍ତ କୁମାର ଜେନା, ସପନ କୁମାର ବାରିକ, ପବିତ୍ର ମୋହନ ଦାଶ କ୍ରୀଡା ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ମୋନାଲିସା କର, ଦେବସ୍ମିତା କର, ମଞ୍ଜୁଲତା ପଣ୍ଡା, କଳ୍ପନା ମଲ୍ଲିକ, ଶିକ୍ଷକ ଶୁଭେନ୍ଦୁ କୁମାର ମଲ୍ଲିକ, କେଦାରସେନ ମଲ୍ଲିକ ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ କ୍ରୀଡ଼ା ସମ୍ମିଳନୀ ପାଇଁ ପାଞ୍ଚ ଛାତ୍ରୀ ମନୋନୀତ



ଧର୍ମଗଡ଼ (ଭାସ୍କର ନ୍ୟୁଜ): ଧର୍ମଗଡ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୫ ଜଣ ଛାତ୍ରୀ ୨୦୨୫ ମସିହାରେ ଆୟୋଜିତ କେଭିଏସ୍ ନ୍ୟାସନାଲ୍ କ୍ରିକେଟ୍ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି। ଏହି ପ୍ରତିଯୋଗିତା ୭ ଅକ୍ଟୋବରରୁ ୧୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ କେନ୍ଦ୍ରୀୟ ବିଦ୍ୟାଳୟ, ଦିଲ୍ଲୀ କ୍ୟାଣ୍ଟ ନଂ-୧, ଦିଲ୍ଲୀଠାରେ ଆୟୋଜିତ ହେବ। ଏହି କ୍ରୀଡା ପ୍ରତିଯୋଗିତାରେ ୧୭ ବର୍ଷରୁ କମ ବୟସ ବାଳିକା ବିଭାଗ ପାଇଁ ଧର୍ମଗଡ କେନ୍ଦ୍ରିୟ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ରୀ କୃତିକା ଠାକୁର, ନବମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞା ନାୟକ, ଓମ ପ୍ରିୟା ସିକା ଓ ସାନଭି ପ୍ରଜ୍ଞା ରାଉତ ଏବଂ ଅଷ୍ଟମ ଶ୍ରେଣୀ ଛାତ୍ରୀ ଡୋଲେଶ୍ୱରୀ ମାଝି ମନୋନୀତ ହୋଇଛନ୍ତି। ସମସ୍ତେ ଭୁବନେଶ୍ୱର ଅଞ୍ଚଳ (ରିଜନ)ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନୀତିନ ମାନ ସୂଚନା ଦେଇଛନ୍ତି। ସୂଚନା ଯେ' ୨୦୨୫-୨୬ ମସିହା ପାଇଁ ଦିଲ୍ଲୀଠାରେ ଆସନ୍ତା ଅକ୍ଟୋବର ୭ଠାରୁ ୧୧ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। କ୍ରିକେଟ୍‌ରେ ଅଲ୍ ଓଡ଼ିଶା କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱର ନିମନ୍ତେ ମନୋନୀତ ହେବା ଖବର ପରେ ଅଭିଭାବକ ମହଲରେ ଖୁସିର ଲହରୀ ଖେଳି ଯାଇଛି। ବିଦ୍ୟାଳୟର ଅଧକ୍ଷ ବିଜୟ ଭର୍ସନେ ଛାତ୍ରୀଙ୍କ ସଫଳତା କାମନା କରିଛନ୍ତି।

# ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ



ଧାମନଗର (ଭାସ୍କର ନ୍ୟୁଜ୍) : ସରକାର ଗ୍ରାମାଞ୍ଚଳରେ କ୍ରୀଡାର ବିକାଶ ପାଇଁ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସୁଯୋଗ ଦେଉଥିବା ବେଳେ ଧାମନଗରରେ ତାହା ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୂଚନା ଥାଉକି ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା କରାଇ ସେମାନଙ୍କୁ ଜିଲ୍ଲା ତଥା ରାଜ୍ୟରେ ଖେଳିବାର ସୁଯୋଗ ଦେବାପାଇଁ ଉଦ୍ୟମ କରୁଛନ୍ତି। ମାତ୍ର ଧାମନଗରରେ ତାହା ସଫଳ ହେଉନାହିଁ। ପ୍ରକାଶଥାଉ କି ଧାମନଗର ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ତରବରିଆ ଭାବରେ ବ୍ଲକ ଠାରୁ ୨୦ କିଲୋମିଟର ଦୂର ବମକୁରା ନୋଡାଲ ହାଇସ୍କୁଲ ପରିସରରେ ସୋମବାର ଦିନ ଅନୁଷ୍ଠିତ ହୋଇଥିଲା। ଏହାକୁକୁ ବ୍ଲକ କ୍ରୀଡା ସଂଯୋଜକ ମାନସ ନାୟକ ପରିଚାଳନା କରିଥିଲେ। ତେବେ ଗୋଟିଏ ଦିନ ମଧ୍ୟରେ ଏହି ଖେଳ ଆୟଜନ କରାଯାଇଥିବାରୁ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଅନେକ ଛାତ୍ରଛାତ୍ରୀ ଏହି ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ବିଶେଷ କରି ଯେଉ ଛାତ୍ର ଛାତ୍ରୀ ଭାଗ ନେଇଥିଲେ ସେମାନଙ୍କ ପାଇଁ ପାଣି କିମ୍ବା ଟିଫିନି ଦେଇନଥିଲେ। ଫଳରେ ଖେଳାଳିମାନେ ଭୋକ ଉପାସରେ ରହିଥିଲେ। ଏ ଦିଗରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲା ଦୁଇ ଦିନ ଛୁଟି ରହିଯାଇଥିବାରୁ ଯୋଗା ଯୋଗ ରେ ବ୍ୟତିକ୍ରମ ରହିଥିଲା ବୋଲି ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ ସାହୁ କହିଥିଲେ। ତେବେ ଏହି ବ୍ଲକସ୍ତରୀୟ କ୍ରୀଡାର ଉଦ୍‌ଘାଟନୀ ସଭାରେ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟ ପ୍ରିୟ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବ୍ଲକଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସାହୁ, ଅତିରିକ୍ତ ଶିକ୍ଷାଧିକାରି ଭୀମସେନ ହୋ ଓ ସତ୍ୟସୁନ୍ଦର ପରିଡା, ବାଲିପାଟନା ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ ମିଶ୍ର, ଧୂଷୁରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା, ଦୋବଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଭୁତି ମିଶ୍ର ପ୍ରମୁଖ ଯୋଗ ଦେଇ ଖେଳରେ ଭାଗ ନେଇ ଥିବା ଛାତ୍ର ଛାତ୍ରୀଙ୍କୁ କ୍ରିଡ଼ା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ମଧୁସୂଦନ ମାଝି ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟତ୍ରୀ ଶୁଭଲକ୍ଷ୍ମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଏହି ବ୍ଲକ ସ୍ତରୀୟ ଖେଳରେ ୨୯ ଟି ସ୍କୁଲରୁ ୨ ବର୍ଗ ରେ ୧୭ ବର୍ଷରୁ କମ ଓ ୧୪ ବର୍ଷରୁ ୩୨୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ତେବେ ଏହି ଖେଳରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଥିଲା।


Jan Shikshan Sansthan

**Urgent Requirements**
**Tribal Skilling Centre, Malkangiri**
**Under Dharti Aaba Janjatiya Gram Utkarsh Abhiyan (DAJGUA)**
(By Jan Shikshan Sansthan, Malkangiri)

| Post Vacancy | Eligibility | Vacancy |
|---|---|---|
| Program Officer | Any Graduate or above, Preferred- Social Sciences, Social Work, Community Development, or related field with minimum 2 years of experiences in skill development/livelihood sector preferred. | 1 |
| Assistant Program Officer | Any Graduate or above, Preferred- Social Sciences, Social Work, Community Development, or related field with minimum 1 year of experience in skill development/livelihood sector preferred. | 1 |
| Accountant | B.Com or equivalent with minimum 1 year experience in accounting and finance. | 1 |
| Livelihood Support Officer | Any Graduate or above, preferred Social Sciences, Social Work, Community Development, or related field with minimum 1 year of experience in skill development/livelihood sector preferred | 1 |
| Field Officer | Any Graduate or above, preferred experiences in liasoning , mobilization and counseling in skill development/livelihood sector | 2 |
| MIS Executive | Any Graduate or above, with strong proficiency in MS Excel, MS Word, and MS PowerPoint and Experience in MIS data entry and data management, with the ability to handle reports and maintain accurate records. Preferred experience in the skill development or livelihood sector. | 1 |
| Office Assistant | Minimum 10th Pass with experiences in official work preferred. | 1 |
| Driver | Minimum 8th Pass with valid driving license and minimum 1 year driving experience. | 1 |


Interested candidates may send applications to, Email- jssmalkanigiri@gmail.com or by speed post to:

**The Chairman,** Jan Shikshan Sansthan, Malkangiri, At-Patraguda (Sai Mandir Road), Plot No-2066/6450, Po-Malkangiri, District-Malkangiri, PIN-764045, Tel: 8018293015 (**Salary-** Negotiable, **Last Date to apply :** Within 7 days from the date of this advertisement)

**Sd/- Chairman**



ମୁଗଡାଲିରେ ଭରପୂର ରହିଛି ଆଣ୍ଟିଅକ୍ସିଡାଣ୍ଟ। ଏମିତିକି ଗୁରୁତର ଓ ଦୀର୍ଘ ଦିନରୁ ଥିବା ରୋଗକୁ ଭଲ କରିବାରେ ସାହାଯ୍ୟ କରିଥାଏ । ତେବେ ଆସନ୍ତୁ ଜାଣିବା ଡାଲିର ଉପକାରିତା ବାବଦରେ... ମୁଗଡାଲିରେ ଆଣ୍ଟିଅକ୍ସିଡାଣ୍ଟ ଭଳି ଫେନୋଲିକ ଏସିଡ୍, ଫ୍ଲେବୋନାଇଡସ, କୈଫିକ ଏସିଡ୍ ଭର୍ତ୍ତି ହୋଇ ରହିଥାଏ । ଆଣ୍ଟିଅକ୍ସିଡାଣ୍ଟ ହାନିକାରର ରୋଗଜୀବାଣୁକୁ ନଷ୍ଟ କରିବାରେ ସାହାଯ୍ୟ କରିଥାଏ । ଯେଉଁଥିରେ ଗମ୍ଭୀର ରୋଗରୁ ମିଳିଥାଏ ମୁକ୍ତି । ମୁଗଡାଲି କୋଲେଷ୍ଟ୍ରୋଲ ସ୍ତରକୁ ଠିକ ରଖିବାରେ ବଡ଼ ଭୂମିକା ଲିଭାଇଥାଏ । ଗବେଷଣା ଅନୁଯାୟୀ, ଡାଲି କୋଲେଷ୍ଟ୍ରୋଲ ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଆଜିକାଲି ଅନିୟନ୍ତ୍ରିତ ଜୀବନଶୈଳୀ କାରଣରୁ ବ୍ଲଡ଼ ପ୍ରେସର ଏକ ସାଧାରଣ ସମସ୍ୟା । ମୁଗ ଡ଼ାଲି ଖାଇବା ଦ୍ୱାରା ବ୍ଲଡ଼ ପ୍ରେସର କଣ୍ଟ୍ରୋଲରେ ରହିଥାଏ । ଏଥିରେ ଥିବା ପୋଟାସିୟମ, ମାଗ୍ନେସିୟମ ଓ ଫାଇବର ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରଥାଏ ।



# ଶରୀର ପାଇଁ ରାମବାଣ କୁନ୍ଦୁରି

***ସାଧାରଣ ଲାଗୁଥିବା ପରିବାଟି ସମସ୍ତଙ୍କ ଘରେ ପ୍ରସ୍ତୁତ ହୁଏ କିନ୍ତୁ ଏହାର ଉପକାରିତା ବିଷୟରେ ପ୍ରାୟତଃ ଲୋକ ଜାଣିନଥିବେ। ଏହି ପରିବାଟି ହେଉଛି କୁନ୍ଦୁରି। ଜାଣନ୍ତୁ ଏହାର ଉପକାରିତା...***

■ ଶରୀର ମହୋଷଧି କୁନ୍ଦୁରି। ଏହି ପରିବାଟି କେବଳ ଖାଇବାକୁ ସୁଆଦିଆ ନୁହେଁ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ମହୌଷଧିର କାମ କରେ । ଓଜନ କମାଇବାଠାରୁ ଆରମ୍ଭ କରି ସୁଗାର୍ କଣ୍ଟ୍ରୋଲ୍ କରିବା,ଖାଦ୍ୟ ହଜମ କରିବା,ହାଡ଼କୁ ମଜଭୁତ କରିବା ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ଅର୍ଥାତ ଟକ୍ସିନକୁ ମଧ୍ୟ ବାହାର କରିବାରେ ସାହାଯ୍ୟ କରେ କୁନ୍ଦୁରି ।

■ ଏହି ପରିବାରେ ଡାଇଟରି ଫାଇବର୍ ଭରପୁର ପରିମାଣରେ ରହିଥାଏ ଯେଉଁଥିରେ ବ୍ଲଡ୍ ସୁଗାର ଲେବଲ୍ କମ୍ ହୋଇଥାଏ ।

■ ଡାଏବେଟିସ୍ ରୋଗୀଙ୍କ ପାଇଁ ଏହି ପରିବାଟି ଖୁବ୍ ଲାଭଦାୟକ। ଗ୍ଲାଇସେମିକ ଇଣ୍ଡେକ୍ସ କାରଣରୁ ଏହା ସୁଗାରର ଲେବଲକୁ ଅବଶୋଷଣ କରି ଧିରେ ଧିରେ ଶରୀରରେ ଏନର୍ଜି ସୃଷ୍ଟି କରେ ।

■ ଆଜିର ସମୟରେ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ କାରଣରୁ ପେଟ ଫୁଲିବା , ଏସିଡିଟି ଭଳି ସମସ୍ୟା ପ୍ରତିଦିନ ଦେଖାଯାଏ ।

■ କୁନ୍ଦୁରିରେ ଥିବା ତତ୍ତ୍ୱ ପାଚନ ପ୍ରକ୍ରିୟାକୁ ସୁସ୍ଥ ରଖିବା ସହ ଏସିଡିଟିକୁ କମାଇବାରେ ସହାୟକ ହୁଏ । ଏହି ପରିବା ଓଜନ ବଢ଼ାଇବା ସମସ୍ୟାକୁ ମଧ୍ୟ କମାଇଥାଏ ।

■ କମ୍ କ୍ୟାଲୋରିର ଏହି ପରିବା ପେଟ ଭର୍ତ୍ତି କରିବାରେ ସାହାଯ୍ୟ କରେ ତେଣୁ ଓଜନ କମାଇବାରେ ସହାୟକ ହୁଏ ।

■ ଓଜନ କମାଇବାକୁ ଚେଷ୍ଟା କରୁଥିବା ବ୍ୟକ୍ତି ଖାଦ୍ୟରେ କୁନ୍ଦୁରି ସାମିଲ କରନ୍ତୁ ।

■ ଏହା ଶରୀରକୁ ଭାରି କରିବା ବଦଳରେ ପୋଷକ ତତ୍ତ୍ୱ ପହଞ୍ଚାଇବ ।

■ କୁନ୍ଦୁରିରେ କ୍ୟାଲସିୟମ , ଆଇରନ୍ , ଭିଟାମିନ୍-ସିର ମାତ୍ରା ଅଧିକ ଥିବାରୁ ଏହା ଦାନ୍ତ ଏବଂ ହାଡ଼କୁ ମଜଭୁତ କରିବାରେ ସାହାଯ୍ୟ କରେ ।

■ ବୟସ୍କ ବ୍ୟକ୍ତିବିଶେଷଙ୍କୁ ଖାଦ୍ୟରେ କୁନ୍ଦୁରି ସାମିଲ କରିବା ଆବଶ୍ୟକ ।

■ ଏହାଛଡ଼ା ଆମେ ପ୍ରତିଦିନ ଖାଉଥିବା ତେଲ , ମସଲା ଭଳି ଟକ୍ସିନ ପଦାର୍ଥ ଶରୀରକୁ ଏକପ୍ରକାର ଅଳିଆଗଦା କରିଦେଇଥା'ନ୍ତି ।

■ ଏହି ଟକ୍ସିନ ପଦାର୍ଥକୁ କୁନ୍ଦୁରି ଶରୀରରୁ ବାହାର କରିବାରେ ସାହାଯ୍ୟ କରେ ।



# ଅଡୁଆରେ କିଙ୍ଗଖାନଙ୍କ ଝିଅ ସୁହାନା



**ଅ**ଡୁଆରେ ବଲିଉଡ ସୁପରଷ୍ଟାର ଶାହରୁଖ ଖାନଙ୍କ ଝିଅ ସୁହାନା। ସେ ଆଲିବାଗରେ ଜମି ଚୁକ୍ତିକୁ ନେଇ ସମସ୍ୟାରେ ପଡ଼ିଛନ୍ତି। 'କିଙ୍ଗ' ଫିଲ୍ମ ସହିତ ଥିଏଟର ଡେବ୍ୟୁ ପାଇଁ ପ୍ରସ୍ତୁତ ହେଉଥିବା ସୁହାନା ଖାନ ବିନା ଅନୁମତିରେ କୋଟି କୋଟି ଟଙ୍କାର ଜମି କିଣିଛନ୍ତି। ଏଥିପାଇଁ ତାଙ୍କ ବିରୋଧରେ ଅଭିଯୋଗ ଦାଖଲ ହୋଇଛି। ସୁହାନା ଖାନ ଆଲିବାଗର ଥାଲ ଗାଁରେ ୧୨.୯୧ କୋଟି ଟଙ୍କାରେ ଏକ ଜମି କିଣିଛନ୍ତି। ଏହି ଜମି ସରକାର ସେହି ଗାଁର ଚାଷୀମାନଙ୍କୁ ଚାଷ ପାଇଁ ବାଣ୍ଟିଥିଲେ। ସୁହାନା ଖାନ ଏହି ଜମି ତିନି ଭଉଣୀ – ଅଞ୍ଜଳି, ରେଖା ଏବଂ ପ୍ରିୟାଙ୍କଠାରୁ କିଣିଛନ୍ତି, ଯେଉଁମାନେ ଏହି ଜମି ସେମାନଙ୍କ ପିତାମାତାଙ୍କଠାରୁ ଉତ୍ତରାଧିକାରୀ ଭାବରେ ପାଇଥିଲେ।

ସୁହାନା ଜମି କିଣିବା ସମୟରେ ୭୭.୪୬ ଲକ୍ଷ ଟଙ୍କାର ଷ୍ଟାମ୍ପ ଡ୍ୟୁଟି ଦେଇଥିଲେ। ଅଧିକାରୀମାନେ ବର୍ତ୍ତମାନ ଏହି ମାମଲାର ତଦନ୍ତ କରୁଛନ୍ତି ଏବଂ ଆଲିବାଗ ତହସିଲଦାରଙ୍କଠାରୁ ଏକ ନିରପେକ୍ଷ ରିପୋର୍ଟ ମାଗିଛନ୍ତି। ଏହି ମାମଲାରେ ରେସିଡେଣ୍ଟ ଡେପୁଟି କଲେକ୍ଟର ସନ୍ଦେଶ ନିର୍ଦ୍ଦେଶ ଦେଇଛନ୍ତି, ଜମି କ୍ରୟ ସମୟରେ ହୋଇଥିବା ପଞ୍ଜିକୃତ ଦଲିଲରେ ସୁହାନା ଖାନଙ୍କୁ ଜଣେ ଚାଷୀ ଭାବରେ ବର୍ଣ୍ଣନା କରାଯାଇଥିଲା। ଏହି ସମ୍ପତ୍ତି ଯେଉଁ ନାମରେ ପଞ୍ଜିକୃତ ହୋଇଛି ତାହା ହେଉଛି ଡେଜା ଭିୟୁ ଫାର୍ମ ପ୍ରାଇଭେଟ୍ ଲିମିଟେଡ୍, ଯାହା ଗୌରୀ ଖାନଙ୍କ ମାଆ ଏବଂ ଭଉଣୀଙ୍କ ମାଲିକାନାରେ ଅଛି। ଏହି ନିର୍ଦ୍ଦିଷ୍ଟ ସମ୍ପତ୍ତି ଆଲିବାଗରେ କିଣାଯାଇଥିବା ତାଙ୍କର ପ୍ରଥମ ସମ୍ପତ୍ତି ଏବଂ ଏହା ପରେ, ସୁହାନା ଗୋଟିଏ ବର୍ଷ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଆଲିବାଗ ବେଳାଭୂମିରେ ୧୦ କୋଟି ଟଙ୍କାର ସମ୍ପତ୍ତି କିଣିଛନ୍ତି।

# ଲଗଜରୀ କାର୍ କିଣିଲେ ହେମା



**ଅ**ଭିନେତ୍ରୀ ହେମା ମାଳିନୀ ପ୍ରାୟତଃ ବିଭିନ୍ନ ଖବରକୁ ନେଇ ଚର୍ଚ୍ଚାରେ ଆସିଥାନ୍ତି । ବର୍ତ୍ତମାନ ନିକଟରେ ତାଙ୍କର ଦୁଇଟି ଆପାର୍ଟମେଣ୍ଟ ବିକ୍ରି ହେବାର ଖବର ଆସିଥିଲା । ଏବେ ଏପରି ଏକ ଖବର ଆସିଛି ଯେ ଅଭିନେତ୍ରୀ ୭୫ ଲକ୍ଷ ଟଙ୍କାର ଏକ ବଡ଼ ଲଗଜରୀ କାର କିଣିଛନ୍ତି । ଏଥିସହ ତାଙ୍କର କାର ପୂଜା କରିବାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ତାଙ୍କ ଗାଡ଼ିକୁ ବେଲୁନ୍ ଏବଂ ଫଟୋରେ ସଜାଯାଇଥିଲା । ଏହି ସମୟରେ ହେମାଙ୍କୁ ଗୋଲାପୀ ରଙ୍ଗର ସୁଟ୍ ପିନ୍ଧି ଦେଖିବାକୁ ମିଳିଥିଲା । ହେମାଙ୍କୁ ମଧ୍ୟ ଗାଡ଼ି ଚଲାଉଥିବାର ଦେଖାଯାଇଥିଲା। ସେ ବହୁତ ସୁନ୍ଦର ଦେଖାଯାଉଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି । ଅଭିନେତ୍ରୀ ହେମା ଗଏ ଗ୯ କିଣିଛନ୍ତି । ଗାଡ଼ି କିଣିବା ପୂର୍ବରୁ, ହେମା ତାଙ୍କ ଘର ବିକ୍ରି କରିବା ବିଷୟରେ ରିପୋର୍ଟ ଆସିଥିଲା । ରିପୋର୍ଟ ଥିଲା ଯେ ସେ ମୁମ୍ବାଇର ଓଶିୱାରାରେ ଥିବା ତାଙ୍କର ଦୁଇଟି ଆପାର୍ଟମେଣ୍ଟ ବିକ୍ରି କରିଛନ୍ତି । ସେ ଏହି ଆପାର୍ଟମେଣ୍ଟଗୁଡ଼ିକୁ ୧୨.୫ କୋଟି ଟଙ୍କାରେ ବିକ୍ରି କରିଛନ୍ତି । ଏହି କାରବାର ୨୯ ଅଗଷ୍ଟରେ ହୋଇଥିଲା । ଡକ୍ୟୁମେଣ୍ଟ ଅନୁଯାୟୀ, ହେମା ଏହି ଆପାର୍ଟମେଣ୍ଟଗୁଡ଼ିକୁ ଫାତେମା ସୈଦି ଏବଂ ମାନସୀ ବିପୁଲ କାଜିଙ୍କୁ ବିକ୍ରି କରିଛନ୍ତି । ହେଲେ, ହେମା ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି । ନିକଟରେ ହେମା ଗଣେଶ ଚତୁର୍ଥୀ ପାଳନ କରିଥିଲେ । ଝିଅ ଏଶା ଦେଓଲଙ୍କ ସହ ତାଙ୍କର ଫଟୋ ସାମ୍ନାକୁ ଆସିଥିଲା । ଏଥିରେ ସେ ଏକ ପାରମ୍ପରିକ ଅବତାରରେ ନଜର ଆସିଥିଲେ । ଏଥିସ ଆପଣମାନେ ଜାଣିରଖନ୍ତୁ ଯେ, ହେମା ମାଳିନୀ ଫିଲ୍ମ ଜଗତରୁ ଦୂରତା ବଜାୟ ରଖିଛନ୍ତି । ସେ ଶେଷ ଥର ପାଇଁ ୨୦୨୦ମସିହାରେ ଏକ ଫିଲ୍ମରେ ନଜର ଆସିଥିଲେ । ଫିଲ୍ମର ନାମ ଥିଲା ସିମଲା ମିର୍ଚ୍ଚି । ଏହି ଫିଲ୍ମରେ ସେ ରୁକ୍ମଣୀ ଭୂମିକାରେ ଅଭିନୟ କରିଥିଲେ । ରାଜକୁମାର ରାଓ, ରାକୁଲ ପ୍ରୀତ ସିଂହ ମଧ୍ୟ ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଥିଲେ । ସିମଲା ମିର୍ଚ୍ଚି ପୂର୍ବରୁ ସେ ଏକ ଥି ରାନୀ ଐସି ଭିରେ ନଜର ଆସିଥିଲେ ।

# ଫିଟ୍ ରହିବାର ଗୁରୁମନ୍ତ୍ର ଦେଲେ ସୋନାକ୍ଷୀ



**୨**୦୧୦ ମସିହାରେ 'ଦବଙ୍ଗ' ଫିଲ୍ମ ମାଧ୍ୟମରେ ସୋନାକ୍ଷୀ ସିହ୍ନା ବଲିଉଡରେ ଡେବ୍ୟୁ କରିଥିଲେ। ସେବେଠାରୁ ସେ ତାଙ୍କର ବଳିଷ୍ଠ ଅଭିନୟ ଦ୍ୱାରା ଲକ୍ଷ ଲକ୍ଷ ଲୋକଙ୍କ ହୃଦୟ ଜିତିଛନ୍ତି। ବଲିଉଡରେ ପ୍ରବେଶ କରିବା ପୂର୍ବରୁ ସୋନାକ୍ଷୀଙ୍କ ଓଜନ ୯୫ କିଲୋଗ୍ରାମ ଥିଲା। ତଥାପି, ଡେବ୍ୟୁ ପୂର୍ବରୁ, ସେ ଏକ ସ୍ୱତନ୍ତ୍ର ଯୋଜନା ଅନୁସରଣ କରି ପ୍ରାୟ ୩୦ କିଲୋଗ୍ରାମ ହ୍ରାସ କରିଥିଲେ। ସେ କିପରି ଓଜନ ହ୍ରାସ କରିଥିଲେ ସେ ତାଙ୍କ ଫ୍ୟାନଙ୍କୁ କହିଛନ୍ତି। ଓଜନ ହ୍ରାସ ପାଇଁ ସେ କଠୋର ଡାଏଟ୍ ଅନୁସରଣ କରିନଥିଲେ। ଏଥିପାଇଁ ସେ ତାଙ୍କର ଖାଦ୍ୟ ଛାଡି ନଥିଲେ। ସୋନାକ୍ଷୀ ବୁଝାମଣା ସହିତ ଖାଇବା ଆରମ୍ଭ କରିଥିଲେ, ଯାହା ତାଙ୍କୁ ଓଜନ ହ୍ରାସ କରିବାରେ ବହୁତ ସାହାଯ୍ୟ କରିଥିଲା। ଅଭିନେତ୍ରୀ ଅନେକ ଥର ତାଙ୍କର ଓଜନ ହ୍ରାସ ଯାତ୍ରା ସେୟାର କରିଛନ୍ତି। ଭୋଗ ଇଣ୍ଡିଆକୁ ଏକ ସାକ୍ଷାତକାରରେ, ସୋନାକ୍ଷୀ କହିଥିଲେ ଯେ ତାଙ୍କର ଧ୍ୟାନ ଜଳଖିଆରେ ପ୍ରୋଟିନ୍ ନେବା ଉପରେ ଥିଲା। ଅଭିନେତ୍ରୀ ମଧ୍ୟାହ୍ନ ଭୋଜନରେ ସୀମିତ ପରିମାଣର କାର୍ବୋହାଇଡ୍ରେଟ୍ ନେଉଥିଲେ। ସୋନାକ୍ଷୀ ସିହ୍ନା କହିଥିଲେ ଯେ ସେ ହାଲୁକା ରାତ୍ରୀଭୋଜନ କରୁଥିଲେ। ଏଥିରେ ପ୍ରୋଟିନ୍ ର ପରିମାଣ ମଧ୍ୟ ଅଧିକ ଥିଲା। ଓଜନ ହ୍ରାସ ସମୟରେ ସୋନାକ୍ଷୀ ଚିଟ୍ ମିଲ୍ ମଧ୍ୟ ନେଉଥିଲେ। ଅର୍ଥାତ୍, ସେ ପିଜା, ଛୋଲେ କୁଲଚେ ଖାଉଥିଲେ, କିନ୍ତୁ ଏପରି ଜିନିଷ ଖାଇବା ପରେ, ସେ ପରବର୍ତ୍ତୀ ଖାଦ୍ୟ ଛାଡି ଶକ୍ତି ପାଇଁ ଶୁଖିଲା ଫଳ ଖାଉଥିଲେ, ଯାହା ସନ୍ତୁଳନ ବଜାୟ ରଖେ। ସୋନାକ୍ଷୀ ତୁରନ୍ତ ଓଜନ ହ୍ରାସ କରିବାକୁ ଚେଷ୍ଟା କରିନଥିଲେ, ବରଂ ସେ ଧୀରେ ଧୀରେ ଶିଶୁ ପାଦ ଧରିଥିଲେ। ସେ ଭାରୀ ମଧ୍ୟାହ୍ନ ଭୋଜନ କରୁଥିଲେ ଏବଂ ପ୍ରତି ୨ ଘଣ୍ଟାରେ ଛୋଟ ଛୋଟ ଖାଦ୍ୟ ନେଉଥିଲେ। ଏହା ବ୍ୟତୀତ, ଅଭିନେତ୍ରୀଙ୍କ ଫିଟନେସର ପ୍ରଥମ ମନ୍ତ୍ର ହେଉଛି ସକାଳେ ଖାଲି ପେଟରେ କାର୍ଡିଓ। ସେ ଷ୍ଟେରମାଷ୍ଟର ମେସିନରେ ୩୦ ମିନିଟ୍ କାର୍ଡିଓ ଏବଂ ତା'ପରେ ୨୦-୨୫ ମିନିଟ୍ ଦ୍ରୁତ ଗତିରେ ଚାଲିବା ସହିତ ତାଙ୍କ ଦିନ ଆରମ୍ଭ କରନ୍ତି।

# ଏମିତି ଦେଶ ହସିବା ବାଧ୍ୟତାମୂଳକ

**ଯେ**କୌଣସି ବ୍ୟକ୍ତିଙ୍କ ପାଇଁ ହସିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଡାକ୍ତରଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ୍ୟ ମଣିଷକୁ ହସିବାକୁ ପରାମର୍ଶ ଦିଅନ୍ତି । କିନ୍ତୁ ଆପଣ ଜାଣନ୍ତି କି ଏପରି ଏକ ଦେଶ ଅଛି ଯେଉଁଠାରେ ହସିବା ପାଇଁ ବହୁତ କଠୋର ନିୟମ ଅଛି । ଏହି ଦେଶର ଲୋକମାନେ ଦିନକୁ ଥରେ ହସିବା ଆବଶ୍ୟକ । ଅନେକ ରୋଗ କେବଳ ହସିବା ଦ୍ୱାରା ଆରୋଗ୍ୟ ହୋଇପାରିବ । କିନ୍ତୁ ଆଜି ଆମେ ଆପଣଙ୍କୁ ଏପରି ଏକ ଦେଶ ବିଷୟରେ କହିବୁ ଯେଉଁଠାରେ ହସିବା ପାଇଁ କଠୋର ନିୟମ ଅଛି । ତେବେ ଆସନ୍ତୁ ଏହା ପଛର କାରଣ ଜାଣିବା । ଜାପାନ ହେଉଛି ଏକ ଦେଶ ଯେଉଁଠାରେ ଏହି ଅଜବ ଆଇନ ପ୍ରଣୟନ ହୋଇଛି । ଜାପାନର ୟାମାଗାଟା ପ୍ରିଫେକ୍ଚରରେ ପ୍ରଶାସନ ଏହାର ଲୋକଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ଏକ ବିଶେଷ ଉପାୟ ପାଇଛି । ପ୍ରଶାସନ ଏକ ନିୟମ କରିଛନ୍ତି ଯେ ବର୍ତ୍ତମାନ ଲୋକଙ୍କୁ ଦିନକୁ ଅତି କମରେ ହସିବାକୁ ବାଧ୍ୟତାମୂଳକ କରାଯାଇଛି। ବାସ୍ତବରେ, ଏହି ନିୟମ ତିଆରି କରିବା ପଛରେ ଏକ ରିସର୍ଚ୍ଚ ଅଛି, ଯାହା ନିକଟରେ ଏକ ବିଶ୍ୱବିଦ୍ୟାଳୟରେ କରିଥିଲା। ୟାମାଗାଟା ବିଶ୍ୱବିଦ୍ୟାଳୟର ଅନୁସନ୍ଧାନରେ ଦାବି କରାଯାଇଥିଲା ଯେ ହସିବାର ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭ ଅଛି । ଏହା ହୃଦ୍ ରୋଗକୁ ହ୍ରାସ କରିଥାଏ ଏବଂ ଜଣେ ବ୍ୟକ୍ତିର ଆୟୁ ମଧ୍ୟ ବଢ଼ାଇଥାଏ । ଏହି ନିୟମ ଅନୁଯାୟୀ, ହସିବା ଉପରେ କୌଣସି ବାଧ୍ୟତାମୂଳକ ଗୁରୁତ୍ୱ ନାହିଁ, ତଥାପି, ଏହା ମାଧ୍ୟମରେ ନାଗରିକମାନେ ଦିନସାରା ଏକ ହସ ଖୁସିଭରା ପରିବେଶ ସୃଷ୍ଟି କରିବାକୁ ପ୍ରେରିତ ହେଉଛନ୍ତି। ନିୟମ ଅନୁଯାୟୀ, ଏଠାରେ କର୍ମକ୍ଷେତ୍ରମାନଙ୍କରେ ମଧ୍ୟ ଲୋକଙ୍କୁ ଖୁସି ରହିବାକୁ ଉତ୍ସାହିତ କରାଯାଉଛି । ବର୍ତ୍ତମାନ ଆପଣ ଭାବୁଥିବେ ଯେ ଏଭଳି ନିୟମ ଆସିବା ପରେ ଯେଉଁମାନେ ନ ହସନ୍ତି ସେମାନଙ୍କୁ ଦଣ୍ଡ ଦିଆଯାଉଥିବ । କିନ୍ତୁ ଏଭଳି କିଛି ବି ନୁହେଁ । ଏଠାରେ ଯେଉଁମାନେ ହସନ୍ତି ନାହିଁ ସେମାନଙ୍କୁ କୌଣସି ଦଣ୍ଡ ଦିଆଯାଏ ନାହିଁ ବରଂ ଏହି ଲୋକଙ୍କୁ ଖୁସି ରଖିବା ପାଇଁ ପ୍ରୟାସ କରାଯାଏ ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ଗରଦପୁର, (ଭାସ୍କର ନ୍ୟୁଜ୍): ଆପଣ ପୋଖରୀ କିମ୍ବା ନାଳରେ ପଦ୍ମ ଫୁଲ ଫୁଟିବାର ଦେଖିଥିବେ। କିନ୍ତୁ କେବେ ଆପଣ ଭାବି ନ ଥିବେ ସିମେଣ୍ଟ କୁଣ୍ଡରେ ଛାତ ଉପରେ ପଦ୍ମ ଫୁଟି ପାରିବ ବୋଲି। ହଁ ଆଜ୍ଞା କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଗ୍ରାମର ଦିଲ୍ଲୀପ କୁମାର ସ୍ୱାଇଁ ତାଙ୍କ ଛାତ ଉପରେ ୫୦ ପ୍ରକାରରୁ ଉର୍ଦ୍ଧ ପ୍ରଜାତିର ପଦ୍ମ ଫୁଲ ଫୁଟାଇ ପାରିଛନ୍ତି। ତାହା ମଧ୍ୟରୁ ଅନ୍ୟତମ ଓ ବିରଳ ହେଉଛି ହଜାର ପାଖୁଡ଼ାର ପଦ୍ମ ଫୁଲ। ଦିଲ୍ଲୀପ ଦୀର୍ଘ ତିନିବର୍ଷ ପୂର୍ବରୁ ବିଦେଶର ସମସ୍ତ ପଦ୍ମ 'ଟ୍ରିବର' ମଗାଇ ତାଙ୍କ ଛାତ ଉପରେ ସିମେଣ୍ଟ କୁଣ୍ଡରେ ଲଗାଇଥିଲେ। ଆଜକୁ ପ୍ରାୟ ତିନି ବର୍ଷ ହେବ ସବୁ ପ୍ରକାରିର ପଦ୍ମ ଫୁଟୁଥିବା ବେଳେ ହଜାର ପାଖୁଡ଼ାର ପଦ୍ମ ଫୁଟୁ ନ ଥିଲା। କିନ୍ତୁ ଆଜି ଏହି ବିରଳ ପଦ୍ମ ଦିଲ୍ଲୀପଙ୍କ ଛାତ ଉପରେ ଫୁଟିବା ପରେ ଦିଲ୍ଲୀପଙ୍କ ପରିବାରରେ ଖୁସିର ଲହରୀ ଖେଳି ଯାଇଛି। ଏହି ବିରଳ ପଦ୍ମଟିକୁ ଦେଖିବା ପାଇଁ ଅନେକ ଫୁଲ ପ୍ରେମୀ ଭିଡ଼ ଲଗାଇଛନ୍ତି। ଏହି ପଦ୍ମ ଓଡ଼ିଶାରେ ପ୍ରଥମ ଥର ପାଇଁ ଢେଙ୍କାନାଳରେ ଜଣଙ୍କ ପାଖରେ ଫୁଟିଥିଲା ବେଳେ ଏବେ ଦିଲ୍ଲୀପଙ୍କ ବଗିଚାରେ ଏହା ଦ୍ୱିତୀୟ ଥର ଫୁଟିଛି। ଏହି ପଦ୍ମ ସିମେଣ୍ଟ କୁଣ୍ଡରେ ଫୁଟି ଥିବାରୁ ଏହାକୁ ନେଇ ଚାରିଆଡେ ଚର୍ଚ୍ଚା।

### ଦୂର ହେବ ଟ୍ରାଫିକ ସମସ୍ୟା

# ମାପଚୁପ ପରେ ବେଆଇନ ଜବରଦଖଲ ଉଚ୍ଛେଦ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟା ଦୂର ପାଇଁ ସହରର ଜନଗହଳିପୂର୍ଣ୍ଣ ରାସ୍ତାରେ ସୋମବାର ଠାରୁ ମାପ ଚୁପ ଆରମ୍ଭ ହୋଇଛି। ଗାନ୍ଧି ଛକ ଠାରୁ ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ଲାବଣ୍ୟ ଛକ ଠାରୁ ଓଡିଶା ଖଣି ଯାନ୍ତ୍ରୀକ ବିଦ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ମାପ ଚୁପ କରାଯାଇ ବେଆଇନ ଜବରଦଖଲ ସ୍ଥାନ ଚିହ୍ନ କରାଯାଇ ପରବର୍ତ୍ତୀ ସମୟରେ ଉଚ୍ଛେଦ କରାଯିବ ବୋଲି ଉପ ଜିଲ୍ଲାପାଳ ଉମାଶଙ୍କର ଦଳାଇ ପ୍ରକାଶ କରିଛନ୍ତି। ଚିହ୍ନଟ ପରେ ସରକାରୀ ଜମିରେ ପାର୍କିଂ ବ୍ୟବସ୍ଥା କରାଯିବ। ଏହି ଚିହ୍ନଟ କାର୍ଯ୍ୟରେ କେନ୍ଦୁଝରଗଡ ପୌରପାଳିକାର ଏନ୍‌ଫୋର୍ସମେଣ୍ଟ ଅଫିସର ସୌମ୍ୟରଞ୍ଜନ ନାଏକ, ଟ୍ୟାକ୍ସ କଲେକ୍ଟର କୃପାସିନ୍ଧୁ ପ୍ରଧାନ, ସତ୍ୟନାରାୟଣ ପତି, ଅମିନ ଉଦୟନାଥ ମହାନ୍ତି, ଅମିନ ବରେନ୍ଦ୍ର ମହାନ୍ତ, କେନ୍ଦୁଝର ସଦର ଆରଆଇ ଶ୍ରୀକାନ୍ତ ମାଝୀ, ଏଆରଆଇ କ୍ଷମାନିଧି ନାଏକ, ହରିଚନ୍ଦନପୁର ତହସିଲ ବଡପଳାଶପାଳର ଆରଆଇ ଶରଣ କୁମାର ଦାସ, ଏଆରଆଇ ଜଗବନ୍ଧୁ ସାହୁ, ବାଂଶପାଳ ତହସିଲର ଅମିନ ପ୍ରିୟବ୍ରତ ନାଏକ ପ୍ରମୁଖ ସାମିଲ ଅଛନ୍ତି। ପ୍ରଥମ ଦିନରେ ଗାନ୍ଧୀ ଛକଠାରୁ ଲାବଣ୍ୟଛକ ପର୍ଯ୍ୟନ୍ତ ମାପଚୁପ କରାଯାଇଛି ଏବଂ ଆସନ୍ତକାଲି ଲାବଣ୍ୟଛକ ଠାରୁ ମଣ୍ଡୁଆ ପର୍ଯ୍ୟନ୍ତ ମାପଚୁପ ହେବ ବୋଲି ଜଣାପଡିଛି। ଚିହ୍ନଟର ସମସ୍ତ ପ୍ରକ୍ରିୟା ଆଇଏଏସ୍ (ପ୍ରୋବେସନର) ପଦ୍ମନ କୁମାରଙ୍କ ପ୍ରଶାସନିକ କ୍ଷମତା ଅଧିନରେ ସମାପ୍ତ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି। ସୂଚନା ଯୋଗ୍ୟ ଯେ,କେନ୍ଦୁଝର କେନ୍ଦୁଝର ସହରରେ ବର୍ଦ୍ଧିତ ଲୋକସଂଖ୍ୟା ଏବଂ ଗାଡିମୋଟର ବୃଦ୍ଧି ପାଉଥିବାରୁ ଦୈନନ୍ଦିନ ଟ୍ରାଫିକ ସମସ୍ୟା ଦେଖାଦେଉଛି। ସହର ମଧ୍ୟରେ ଅନେକ ସମୟରେ ଟ୍ରାଫିକ ଜାମ ହୋଇ ଗାଡିମୋଟର ଘଣ୍ଟା ଘଣ୍ଟା ଧରି ଫସି ରହୁଛି। ବିଶେଷ କରି ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି, ସ୍କୁଲ ଭ୍ୟାନ ଆଦି ଯାନବାହନ ଯାତାୟତ ବେଳେ ଜାମରେ ଫସି ଯାଉଛି। ବିଶେଷ କରି ଦୁଇଚକିଆ ଯାନ ସଂଖ୍ୟା ସହରରେ ଅନୁମାନ ଠାରୁ ଅଧିକା ବୃଦ୍ଧି ପାଇଚାଲିଛି। କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ବିନା ପାର୍କିଂ ବ୍ୟବସ୍ଥାରେ ବ୍ୟବସାୟିକ ପ୍ରତିଷ୍ଠାନ ସଂଖ୍ୟା ବଢୁଛି। ସହରର ଯେଉଁ ଆଡକୁ ଗଲେ ଲୋକେ ରାସ୍ତା ଉପରେ ଗାଡି ମୋଟର ରଖି ନିଜ ନିଜ କାମରେ ଘଣ୍ଟା ଘଣ୍ଟା ରହୁଥିବାବେଳେ ରାସ୍ତାରେ ଗାଡିମୋଟର ଚଳାଚଳ କରିବା କଷ୍ଟକର ହେଉଛି। ସହରର ଡେଲି ମାର୍କେଟ ସମ୍ମୁଖରେ ପ୍ରତ୍ୟହ ଟ୍ରାଫିକ ସମସ୍ୟା ଚିନ୍ତାଜନକ ରହିଛି। ବଜାରର ପ୍ରବେଶ ପଥରେ ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ପସରା ମେଲାଇ ବସୁଥିବାରୁ ସେଠାରେ ଟ୍ରାଫିକ ସମସ୍ୟା ଅଧିକା ରହିଛି। ବଜାରକୁ ଆସୁଥିବା ଗ୍ରାହକମାନେ ନିଜ ନିଜର ଯାନବାହନ ଗୁଡିକ ପ୍ରବେଶ ପଥ ସମ୍ମୁଖରେ ବିନା ଦ୍ୱିଧାରେ ଥୋଇ ଦେଇ ଯାଉଛନ୍ତି। ତେଣୁ ଏହି ରାସ୍ତାରେ ଗାଡିମୋଟର ଚଳପ୍ରଚଳ କରିବାରେ ଅନେକ ସମୟ ନଷ୍ଟ ହେଉଥିବାବେଳେ ଲୋକମାନେ ହଇରାଣ ହେଉଛନ୍ତି। କେନ୍ଦୁଝର ସହରରେ ରାସ୍ତା ପାର୍ଶ୍ୱରେ ବଡ ବଡ ବ୍ୟବସାୟିକ ଅଟ୍ଟାଳିକା ଥିବାବେଳେ ପାର୍କିଂ ପାଇଁ ସ୍ଥାନ ନଥିବାରୁ ରାସ୍ତାରେ ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ରଖୁଛନ୍ତି। ବିଲ୍ଡିଂ ପ୍ଲାନରେ ପାର୍କିଂ ପାଇଁ ସ୍ଥାନ ରହିଥିବାବେଳେ ବାସ୍ତବରେ ଏବେ ସେହି ପାର୍କିଂ ସ୍ଥାନରେ ଦୋକାନ ଘର ଚାଲିଛି। ଫଳରେ ମାର୍କେଟ କଂପ୍ଲେକ୍ସକୁ ଆସୁଥିବା ଗ୍ରାହକମାନେ ବାଧ ହୋଇ ରାସ୍ତା ଉପରେ ଗାଡି ରଖୁଛନ୍ତି। ପୌରପାଳିକା ପକ୍ଷରୁ ଏଭଳି ଭାବେ ନିୟମ ଉଲ୍ଲଘନ କରି ମାର୍କେଟ କଂପ୍ଲେକ୍ସ କରିଥିବା ବ୍ୟବସାୟୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାଏକ କହିଛନ୍ତି।

## ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତିବାଦରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ସରକାରୀ ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷକ ଇତିଶ୍ରୀ ଦାସଙ୍କ ବଦଳି ପ୍ରତିବାଦରେ ମଙ୍ଗଳବାର ପୂର୍ବାହ୍ନରେ ସ୍କୁଲ ଗେଟ ତାଲା ପକାଇ ଛାତ୍ରଛାତ୍ରୀ, ଶିକ୍ଷା କମିଟି ସଦସ୍ୟ ଓ ଅଭିଭାବକମାନେ ଧାରଣାରେ ବସିଥିବା ଜଣାପଡ଼ିଛି। ଧାରଣାରେ ବସିଥିବା ବେଳେ ଛାତ୍ରଛାତ୍ରୀମାନେ ପାଠ ପଢୁଥିବା ଦେଖା ଯାଇଥିଲା। ଭାଟପଡ଼ା ସ୍କୁଲରେ ୫ଟି ଶ୍ରେଣୀରେ ୫୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୩ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପାଠ ପଢ଼ାଇଥିଲେ। ମାତ୍ର ଅଗଷ୍ଟ ମାସରେ ଶିକ୍ଷୟିତ୍ରୀ ଇତିଶ୍ରୀ ଦାସଙ୍କୁ ଭାଟପଡ଼ା ସ୍କୁଲରେ ନିଯୁକ୍ତି ଦିଆଯାଇଥିଲା। ସେପ୍ଟେମ୍ବର ୧ ତାରିଖରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ.୨୩୪୨ରେ ସହକାରୀ ଶିକ୍ଷୟିତ୍ରୀ ଇତିଶ୍ରୀ ଦାସଙ୍କୁ କାଁପଡ଼ା ବାସୁଳି ନୋଡାଲ ସ୍କୁଲକୁ ବଦଳି କରାଯାଇଛି। ଏହାର ପ୍ରତିବାଦରେ ସ୍କୁଲ ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରଛାତ୍ରୀ ଧାରଣା ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ସିଆରସିସି ତ୍ରିନାଥ ସେଠୀ ସ୍କୁଲରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନଥିଲା। ବ୍ଲକ ଶିକ୍ଷାଧିକାରୀ ମହାନ୍ତି ପରିଚାଳନା କମିଟିର ଜଣେ ସଦସ୍ୟଙ୍କ ସହିତ ଟେଲିଫୋନରେ ଯୋଗାଯୋଗ କରି ଆଗାମୀ ୨୦ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପରିଚାଳନା କମିଟି ସଦସ୍ୟ ମୌଖିକ କଥାକୁ ବିଶ୍ୱାସ ନକରି ଲିଖିତ ପ୍ରତିଶ୍ରୁତି ମାଗିଥିଲେ। ପରେ ସରପଞ୍ଚ ଶୁଭ୍ରନାରାୟଣ ସେଠୀ ସ୍କୁଲରେ ପହଞ୍ଚି ବ୍ଲକ ଶିକ୍ଷାଧିକାରୀଙ୍କ ସହିତ ଟେଲିଫୋନରେ ଯୋଗାଯୋଗ କରିବା ପରେ ବ୍ଲକ ଶିକ୍ଷାଧିକାରୀ ୨୦ରୁ ୩୦ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି କରିବେ ବୋଲି ସରପଞ୍ଚ ସେଠୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତିକୁ ସରପଞ୍ଚ ସେଠୀ ସ୍କୁଲ ପରିଚାଳନା କମିଟିକୁ ଜଣାଇବା ପରେ ସେମାନେ ଧାରଣା ପ୍ରତ୍ୟାହୃତ କରିଥିଲେ। ପରିଚାଳନା କମିଟି ସଭାପତି ଶ୍ରୀଧର ବେହେରା, ଉପସଭାପତି ଶୁଭପ୍ରିୟା ପାଣିଗ୍ରାହୀ, ସଭ୍ୟ ସଂଗ୍ରାମ କେଶରୀ କର, ମହେଶ୍ୱର ପଣ୍ଡା, ଶିମା ମନ୍ଦିରା ଜେନା, ଶିମା ପ୍ରଧାନ, ସସ୍ମିତା ରାଉଳ, ସସ୍ମିତା ପଣ୍ଡା, ପୁଷ୍ପିତା ନାଏକ, ମମତା ଦାସ ଓ ରାଜେନ୍ଦ୍ର ଦାସଙ୍କ ସମେତ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଧାରଣାରେ ସାମିଲ ହୋଇଥିଲେ। ତେବେ ବିଓଙ୍କ ନିର୍ଦ୍ଦେଶକୁ ନମାନି ରାଜନୈତିକ ଚାପ ସୃଷ୍ଟି କରି ବଦଳି ହେବା ସ୍ଥାନକୁ ଯାଉନାହାନ୍ତି। ଯାହାଫଳରେ ସ୍କୁଲ ମାନଙ୍କରେ ଶିକ୍ଷକ ଅଭାବ ପୂରଣ ହୋଇପାରୁ ନଥିବାରୁ ଏପରି ପରିସ୍ଥିତ ସୃଷ୍ଟି ହେଉଛି।

## ଯୁବ ଚିତ୍ରଶିଳ୍ପୀ ମାନସ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଦିବଂଗତ ଯୁବ ଚିତ୍ରଶିଳ୍ପୀ ତଥା ଧଉଳି ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ମାନସ ରଞ୍ଜନ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ସ୍ମୃତି ସଭା ଆୟୋଜିତ ହୋଇଯାଇଛି। ଶିଳ୍ପୀ ମାନସ ନାୟକ ଜଣେ ଛାତ୍ର ବତ୍ସଳ ଅଧ୍ୟାପକ ତଥା ସୁଖ୍ୟାତ ଚିତ୍ରଶିଳ୍ପୀ ଥିଲେ। ୧୯୮୨ ମସିହାରେ ଜନ୍ମିତ ଶିଳ୍ପୀ ମାନସ ବହୁ ରାଜ୍ୟ ତଥା ଜାତୀୟ ସ୍ତରୀୟ ପ୍ରଦର୍ଶନୀ ଓ ଶିଳ୍ପୀ ଶିବିରରେ ଅଂଶ ଗ୍ରହଣ କରି ବହୁ ସୁନାମ ଅର୍ଜନ କରିଥିଲେ। ସେ ରାଜ୍ୟ ହସ୍ତଶିଳ୍ପ ଓ ବୟନ ଶିଳ୍ପ ବିଭାଗର ଡିଜାଇନର ମଧ୍ୟ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ, ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ରାମଶଙ୍କର ସାହୁ, ଭୂପତିଭୂଷଣ ପଣ୍ଡା, ଲକ୍ଷ୍ମୀଧର ସ୍ୱାଇଁ, ଜ୍ୟୋତିରଂଜନ ସାହୁ, ଆର୍ଯ୍ୟାନ ସାମଲ, ସ୍ମୃତିରଞ୍ଜନ ବେହେରା ଓ ଛାତ୍ରଛାତ୍ରୀମାନେ ଦିବଂଗତ ଶିଳ୍ପୀଙ୍କ ଫୋଟ ଚିତ୍ରରେ ପୁଷ୍ପାଞ୍ଜଳି ଦେବା ପୂର୍ବକ ତାଙ୍କ ସ୍ମୃତି ଚାରଣ କରିଥିଲେ। ଉପସ୍ଥିତ ଶିଳ୍ପୀ ମାନେ ତାଙ୍କ ଜୀବନ ଓ କଳାକୃତି ଉପରେ ସମୀକ୍ଷା କରିଥିଲେ। ଅଳ୍ପ ବୟସରେ ତାଙ୍କର ପରଲୋକ ସମସ୍ତଙ୍କୁ ଗଭୀର ମର୍ମାହତ କରିଥିବା ପ୍ରକାଶ ପାଇଥିଲା।

### ସାପ କାମୁଡାରେ ବୃଦ୍ଧ ଗୁରୁତର

ଆଳି, (ଭାସ୍କର ନ୍ୟୁଜ ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ କାଣୀ ନଦୀପାର୍ଶ୍ୱ ଗାଁ ବାଳକାଟୀ ପଞ୍ଚାୟତ ରାଣୀପୋଖରୀ ଗ୍ରାମର ଜଣେ ବୃଦ୍ଧ ସୁନାକାର ମଲିକ(୬୦) ଚାଷ କାର୍ଯ୍ୟ ନିମନ୍ତେ ବିଲକୁ ଯାଇଥିବା ସମୟରେ ସୁନାକାରଙ୍କ ଡାହାଣ ଗୋଡ଼ ପାଦକୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ସାପ କାମୁଡିବା ପରେ ସୁନାକାର ଚିତ୍କାର କରିବାକୁ ଲାଗିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ପ୍ରଥମେ ଆଳି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚଳିତ ବର୍ଷ ତିନି ତିନିଥର ବନ୍ୟା ପାଇଁ ସାପ କାମୁଡାରେ ବହୁ ଜନଜୀବନ କ୍ଷୟକ୍ଷତି ହେଉଥିବାର ଦେଖିବାକୁ ମିଳୁଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ବଜ୍ରାଘାତ ଓ ସର୍ପାଘାତ ସଚେତନତା ପାଇଁ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଆଳି ବ୍ଲକ ପ୍ରଶାସନ ପକ୍ଷରୁ ଏହା ପରିଲକ୍ଷିତ ହେଉ ନ ଥିବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

### ଭାଲୁ କାମୁଡାରେ ବୃଦ୍ଧ ଗୁରୁତର

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବନାଞ୍ଚଳ ଅର୍ନ୍ତଗତ ନିଶାପୋଷି ଗ୍ରାମର ଖିରାଇ ମହାନ୍ତ (୬୫) ସକାଳ ୬ଟା ସମୟରେ ନିଜ ଚାଷ ଜମିକୁ ଯାଉଥିବା ବେଳେ ପାଖ ଜଙ୍ଗଲରୁ ଏକ ବଡ ଭାଲୁ ଦୌଡି ଆସି ଆକ୍ରମଣ କରିଥିଲା। ଖିରାଇର ଭାଲୁ ବାମ ହାତକୁ କାମୁଡି ଥିଲା। ନିଜକୁ ବଞ୍ଚାଇବାକୁ ଯାଇ ଭାଲୁକୁ ଏକ ଠେଙ୍ଗାରେ ପ୍ରତି ଆକ୍ରମଣ କରିବାରୁ ଭାଲୁ ଜଙ୍ଗଲକୁ ଦୌଡି ପଳାଇଥିଲା। ଖିରାଇ ତଳେ ପଡିଯାଇ ଛାତିରେ ଯୋର ଆଘାତ ଲାଗିଛି। ୨ଝିଅ ଖିରାଇକୁ ଏକ ଅଟୋ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖିରାଇଙ୍କର ବାମ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଫରେଷ୍ଟର ପ୍ରଦୀପ କିଶୋର ହାଇବ୍ରୁ ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ଖିରାଇଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ବୁଝିଥିଲେ।

## ବର୍ଷାରେ ଭାଙ୍ଗିଲା କୁଲଣା ଉଚ୍ଚ ବିଦ୍ୟାଳୟ ପାଚେରୀ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବିଶୋଳ-କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାଳୟ ପାଚେରୀ ମଙ୍ଗଳବାର ସକାଳ ବର୍ଷାରେ ଭାଙ୍ଗିଯାଇଛି। ଭୋର ୪ଟା ସମୟରୁ ଲଗାଣ ବର୍ଷା ଲାଗି ରହିଥିଲା। ମାତ୍ର ସକାଳ ୭ଟାରେ ବ୍ୟାପକ ବର୍ଷା ହୋଇଥିଲା। ଏହି ସମୟରେ ବିଦ୍ୟାଳୟର ଦକ୍ଷିଣପାର୍ଶ୍ୱ ପୁର୍ତ୍ତରାସ୍ତା ସଂଲଗ୍ନ ୨୦ ମିଟର ଦୀର୍ଘ ପାଚେରୀ ଭାଙ୍ଗିଯାଇଥିଲା। ଏହା ଦ୍ୱାରା ବିଦ୍ୟାଳୟ ହତାରେ ବୁଲା ଗୋରୁଗାଈଙ୍କ ସମେତ ଅସାମାଜିକ ବ୍ୟକ୍ତିଙ୍କ ଅବାଧ ପ୍ରବେଶ ଯୋଗୁଁ ବିଦ୍ୟାଳୟ ଅସୁରକ୍ଷିତ ହୋଇପଡିଛି। ଏହି ବିଦ୍ୟାଳରେ ୪୫୨ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଚଳିତ ବର୍ଷ ଏହି ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନିତ କରାଯାଇଛି। ଏବେ ବିଦ୍ୟାଳୟର ସୁରକ୍ଷା ପାଚେରୀ ଭାଙ୍ଗିପଡି ବିଦ୍ୟାଳୟ ପ୍ରତି ବିପଦ ସୃଷ୍ଟି କରିଛି। ଏହାର ପୁନଃନିର୍ମାଣ ପାଇଁ ସମ୍ପୃକ୍ତ ପ୍ରଧାନଶିକ୍ଷକ ସ୍ଥାନୀୟ ବିଡିଓଙ୍କୁ ପତ୍ର ଯୋଗେ ଅନୁରୋଧ କରିଛନ୍ତି। ଏଥି ପୂର୍ବରୁ ଗତ ଅକ୍ଟୋବର ମାସ ବାତ୍ୟାରେ ବିଦ୍ୟାଳୟର ୭୦ ମିଟର ଲମ୍ବ ପାଚେରୀ ଭୁସୁଡି ପଡିଥିଲା। ଏହାର ପୁନଃ ନିର୍ମାଣ ପାଇଁ ବ୍ଲକକୁ ଅନୁରୋଧ କରାଯାଇ ଥିଲା। ହେଲେ କୌଣସି ପଦକ୍ଷେପ ନିଆଯାଇ ନଥିଲା। ବିଦ୍ୟାଳୟ ପକ୍ଷରୁ ଅସ୍ଥାୟୀ ବାଡ ବ୍ୟବସ୍ଥା କରାଯାଇଥିଲା। ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଡିଓ ଦେବଦତ୍ତ ଦାଶ ସୂଚନା ଦେଇଛନ୍ତି।

## 'ମମତା' ଯୋଜନା ନାଁରେ ମହିଳାଙ୍କ ଠାରୁ ଲୁଟ୍

ଧାମନଗର, (ଭାସ୍କର ନ୍ୟୁଜ୍): ଦୋବଲ ଜୋନ୍ ମୁସ୍ତଫାପୁର ପଞ୍ଚାୟତର ୭ ଜଣ ମହିଳାଙ୍କୁ ସାଇବର ଠକ ଚୁନା ଲଗାଇଛନ୍ତି। ଭିଡିଓ କଲ୍ କରି ସେମାନଙ୍କ ଆକାଉଣ୍ଟରୁ ଟଙ୍କା କାଟି ନେଇଛନ୍ତି। ୬ ଜଣ ମହିଳାଙ୍କ ଆକାଉଣ୍ଟରୁ ୨୦୦୦ ଟଙ୍କା ଓ ଜଣକ ଆକାଉଣ୍ଟରୁ ୧୦୦୦ ଟଙ୍କା ନେଇଯାଇଛନ୍ତି। ଠକେଇର ଶିକାର ହୋଇଥିବା ମହିଳାଙ୍କ ମଧ୍ୟରୁ ଜଣେ ଦି ଜଣ ଆଜି ଧାମନଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏତଲାକୁ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି। ତେବେ ଏହା ସାଇବର ଠକେଇ ଭଳି ଘଟଣା ହୋଇଥିବାରୁ ସମୟ ମାଗିଛି ପୋଲିସ। ଗୁରୁବାର ସଂଧ୍ୟା ୫ଟା ପରେ ମୁସ୍ତଫାପୁରର ନିୟମତ୍ ହୁସେନଙ୍କ ପତ୍ନୀ ସକିରା ବିବିଙ୍କ ମୋବାଇଲକୁ କଲ୍ ଆସିଥିଲା। ଫୋନ୍ କରିଥିବା ଲୋକଟି ସକିରାଙ୍କୁ ତାଙ୍କ ନାଁ, ସ୍ୱାମୀଙ୍କ ନାଁ କହିଲା। ନିଜକୁ ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ ବୋଲି ପରିଚୟ ଦେଲା। ଏହାସହ କହିଲା ଯେ, ତୁମର ବର୍ଷେ ତଳେ ଝିଅ ହୋଇଥିଲା। ରାଜ୍ୟ ସରକାରଙ୍କ ମମତା ଯୋଜନାରେ ତୁମକୁ ୯୦୦୦ ଟଙ୍କା ମିଳିସାରିଛି। ହେଲେ ତୁମର ୬୦୦୦ ଟଙ୍କା ଆମ ପାଖରେ ପଡ଼ି ରହିଛି। ମାତ୍ର କେଇ ସେକେଣ୍ଡ ପରେ ଭିଡିଓ କଲ୍ କଲା। ସକିରା ମଧ୍ୟ ତାହା ରିସିଭ କରିଦେଲେ। ଏହାପରେ ଭିଡିଓ କଲରେ କହିଲା ଯେ, ଆପଣଙ୍କ ଆଧାର କାର୍ଡର ବାୟୋମେଟ୍ରିକ ସମସ୍ୟା ଯୋଗୁଁ ସେ ଟଙ୍କା ଯାଇପାରୁନି। ଏଣୁ ତୁମେ ମୋବାଇଲକୁ ଭଲକି ଅନାଅ ବୋଲି କହିଲେ। ସକିରା ମଧ୍ୟ ଫୋନକୁ ଦେଖିଲେ। ତା ପରେ ଭିଡିଓ କଲ୍ ସରିଗଲା। କଲ୍ ସରୁ ସରୁ ତାଙ୍କ ମୋବାଇଲକୁ ମେସେଜ୍ ଆସିଲା ଯେ, ତୁମ ଆକାଉଣ୍ଟରୁ ୨୦୦୦ ଟଙ୍କା ଡେବିଟ୍ ହୋଇଛି। ସକିରା ଉତ୍କଣ୍ଠାର ସହ ମୋବାଇଲ୍ ନେଇ ଘର ଲୋକଙ୍କୁ ଦେଖାଇଲେ। କହିଲେ, ଦେଖିଲ ଟଙ୍କା ଆସିଲା କି ? ହେଲେ ଘର ଲୋକ କହିଲେ ଯେ, ଆକାଉଣ୍ଟରୁ ୨୦୦୦ ଟଙ୍କା କଟିଯାଇଛି। ଘର ଭିତରେ ଆଲୋଚନା ଚାଲିଲା। ଶୁକ୍ରବାର ସକାଳୁ ଜଣାପଡ଼ିଲା ଯେ, ତାଙ୍କରି ପଞ୍ଚାୟତର ହୟାତୁନ ନିଶା, ରିହାନା ପରୱିନ, କୋବ୍ରା ବିବି, ଇମ୍ରାନ କାଦ୍ରିଙ୍କ ପତ୍ନୀ ଓ ଅନ୍ୟ ଜଣଙ୍କ ଆକାଉଣ୍ଟରୁ ୨୦୦୦ ଟଙ୍କା ଲେଖାଏ ସମାନ ଭିଡିଓ କଲ ଯୋଗୁଁ କଟିଯାଇଛି। ସମସ୍ତଙ୍କୁ ନିଜ ନିଜର 'ମମତା' ଯୋଜନାରେ ଥିବା ବକେୟା ଟଙ୍କା ସଂପର୍କରେ ସଠିକ କଥା କହିଥିବାରୁ ବିଶ୍ୱାସ ହୋଇଥିଲା। ଏଣୁ ସମସ୍ତେ ଭିଡିଓ କଲ୍ ରିସିଭ୍ କରିଥିବାରୁ ଟଙ୍କା କଟିଛି। ଜନସେବା କେନ୍ଦ୍ରର କର୍ମଚାରୀଙ୍କ କହିବା ଅନୁସାରେ, ମମତା ଯୋଜନା ହିତାଧିକାରୀମାନେ ସମସ୍ତେ ଏଭିପିଏସରେ ଯୋଡ଼ି ହୋଇଛନ୍ତି। ଆଧାର ଭେରିଫାଏଡ୍ ଆକାଉଣ୍ଟ ହୋଇଥିବାରୁ ଭିଡିଓ କଲରେ ସମସ୍ତଙ୍କ ଆଇରିସ୍ ସ୍କାନ କରି ସେମାନଙ୍କ ଆକାଉଣ୍ଟରୁ ଟଙ୍କା କାଟି ନେଇଥାଇପାରନ୍ତି। ତେବେ ମମତା ଯୋଜନା ହିତାଧିକାରୀ ହୋଇଥିବାରୁ ସେମାନଙ୍କ ଆକାଉଣ୍ଟରେ କମ୍ ଟଙ୍କା ଥିବ ଅନୁମାନ କରି ଗୋଟିଏ ଥର ଆଇରିସ୍ ସ୍କାନ କରି ୨୦୦୦ ଭଳି ଛୋଟ ଆମାଉଣ୍ଟ କାଟି ନେଇଛନ୍ତି। ଅନ୍ୟ ଆକାଉଣ୍ଟ ହୋଇଥିଲେ ଅଧିକ ଟଙ୍କା ଯାଇଥାନ୍ତା। ସାଇବର ଠକମାନେ ଗାଁ ଗହଳିର ସଚେତନ ନଥିବା ଲୋକଙ୍କୁ ଏବେ ଟାର୍ଗେଟ କରୁଥିବା ଦେଖିବାକୁ ମିଳିଛି। ଏନେଇ ପୋଲିସ ଓ ବ୍ୟାଙ୍କ ପକ୍ଷରୁ ଅଧିକରୁ ଅଧିକ ସଚେତନତା ଶିବିର କରାଗଲେ, ମହିଳା ମାନେ ଉପକୃତ ହୋଇପାରନ୍ତେ।

### ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ

କଣ୍ଟାପଡ଼ା (ଭାସ୍କର ନ୍ୟୁଜ୍): ଗୋବିନ୍ଦପୁର ଥାନା ଅଧିନସ୍ଥ ତଣ୍ଡିକଣା ଏରଞ୍ଚ ରାସ୍ତା ପୋହଳଗ୍ରାମ ପାଖରେ ଦୁଇଟି ପଲସର ଗାଡିରେ ୪ଜଣ ଯୁବକଆସି ଲୁଟ କରିବା ଉଦ୍ଦେଶ୍ୟରେ ଜଣକୁ ଅଟକାଇ ବନ୍ଧୁକ ଦେଖାଇବା ସମୟରେ ପୋହଳଗ୍ରାମରେ କିଛି ଯୁବକ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଜଣେ ଯୁବକକୁ ମାଡି ବସିଥିବା ବେଳେ ଅନ୍ୟ ଏକ ପଲସର ଗାଡିରେ ଆଉ ତିନିଜଣ ଫେରାର ହୋଇଯାଇଥିଲେ। ଅଟକ ଥିବା ଯୁବକଙ୍କ ପାଖରୁ ବନ୍ଧୁକ ବାହାରିଥିବା ବେଳେ ଯୁବକ ଜଣକର ଘର ହେଲା ଖୋର୍ଦ୍ଧା ଜିଲ୍ଲା ବାଲି ପାଟଣା ଥାନା ଅଧିନସ୍ତ ଗୁଆପୁର ଗ୍ରାମରେ। ଗ୍ରାମବାସି ମାନେ ଯୁବକକୁ ଅଟକ ରଖି ଗୋବିନ୍ଦପୁର ଥାନାକୁ ଖବର ଦେଇଥିଲେ ଖବର ପାଇ ଗୋବିନ୍ଦପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାକୁ ଆଣିବା ଗାଡି ଓ ବନ୍ଧୁକକୁ ଜବତ କରି ଯୁବକକୁ ପଚରାଉଚରା ଜାରି ରଖିଛି।

## ଗୁହାଳ ସମେତ ୩ ବଖରା ଭସ୍ମୀଭୂତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଚକ ପଞ୍ଚାୟତ ଅଧୀନ ବାଉଁଶ ବାଗ ଗ୍ରାମରେ ମଙ୍ଗଳାବାର ସକାଳେ ଅଗ୍ନିକାଣ୍ଡ ଘଟି ବିଶ୍ୱନାଥ ମଲିକଙ୍କର ଗୋଟିଏ ଗୁହାଳ ଓ ୨ ବଖରା ଘର ଭସ୍ମୀଭୂତ ହୋଇ ଯାଇଛି। ଏହି ଅଗ୍ନିକାଣ୍ଡରେ ଗୁହାଳରେ ଥିବା ଗୋଟିଏ ଗାଈ, ୧୦ ଛେଳି ଓ କିଛି କୁକୁଡ଼ା ଜୀବନ୍ତ ଦଗ୍ଧ ହୋଇଥିବା ଜଣାଯାଇଛି। ଖବର ପାଇ ତିହିଡ଼ି ଦମକଳ କେନ୍ଦ୍ର ଆଗ୍ନିକ ଅନନ୍ତ ପ୍ରସାଦ ବେହେରାଙ୍କ ନେତୃତ୍ୱରେ ଅଗ୍ନିଶମ ସେବା ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରକାଶ ଯେ, ଗୁହାଳରେ ଦିଆଯାଇଥିବା ଧୂଆଁରୁ ନିଆଁ ଉଠି ଚାଳରେ ଲାଗିଯିବା ଫଳରେ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

## ପ୍ରଶାସନିକ ଅଧିକାରୀଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା



ନିଆଳି, (ଭାସ୍କର ନ୍ୟୁଜ୍): ରବିବାର ସନ୍ଧ୍ୟାରେ ନିଆଳୀ ଚିତ୍ତରଞ୍ଜନ ସେବାସଦନରୁ ଅବସର ନେଉଥିବା ପ୍ରଶାସନିକ ଅଧିକାରୀ ମାନସରଞ୍ଜନ ପାଢ଼ୀଙ୍କର ବିଦାୟକାଳିନ ସମ୍ବର୍ଦ୍ଧନା ଉତ୍ସବ ସେବାସଦନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି ୧୯୮୮ ମସିହା ଜୁଲାଇ ମାସରୁ ଏବେ ପର୍ଯ୍ୟନ୍ତ ଦୀର୍ଘ ୨୭ବର୍ଷ ଧରି ଗ୍ରାମାଞ୍ଚଳର ଏହି ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦକ୍ଷତାର ସହିତ କାର୍ଯ୍ୟ କରି ପାଢ଼ୀ ଅବସର ନେଇଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଜନପ୍ରିୟ ବରିଷ୍ଠ ଚିକିତ୍ସକ ଡା. ଅଧିରାଜ କୁମାର ପରିଡା ପାଢ଼ୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଉପଦେଷ୍ଟା ରାଜେନ୍ଦ୍ର ପ୍ରସାଦ ସାହୁ, ଉପଦେଷ୍ଟା ଅଯୋଧ୍ୟାନାଥ ମହାପାତ୍ର, ନିଆଳୀ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଯୋଗେନ୍ଦ୍ର ସାହୁ ଯୋଗ ଦେଇଥଲେ। ରୀମାକ୍ରିଏସନର କ୍ରିଏଟିଭ ହେଡ୍ ସମୀର ତ୍ରିପାଠୀ, କାର୍ଯ୍ୟାଳୟ ମୁଖ୍ୟ ହେମନ୍ତ ମିଶ୍ର, ସେବାସଦନର ପୂର୍ବତନ ଆବାସିକ ଚିକିତ୍ସାଧିକାରୀ ଡା.ତପନ ପ୍ରଧାନ, ଅବସରପ୍ରାପ୍ତ ବରିଷ୍ଠ କର୍ମଚାରୀ ତ୍ରିଲୋଚନ ମିଶ୍ର, ନରହରି ଦାସ, କାର୍ଯ୍ୟରତ ନର୍ସିଂ ଇନଚାର୍ଜ ବିନୋଦିନୀ ପଣ୍ଡା, ଫାର୍ମାସିଷ୍ଟ ଅକ୍ଷୟ ଦାସ, ମନୋରଞ୍ଜନ ପାଢ଼ୀ, ଓମପ୍ରକାଶ ରଥ, ଉମେଶ ଚନ୍ଦ୍ର ପାଢ଼ୀ, ସୁରେଶ ଘଡେଇ, ଜଗନାଥ ପ୍ରଧାନ, ମାନିନୀ ବେହେରା, ସୁମନବାଳା ଭୋଇ, ଜମ୍ମେଶ୍ୱର ଖୁଣ୍ଟିଆ, ଦିପ୍ତୀରଂଜନ ଦାଶ, ଲଳିତ କଦମ, ଶ୍ରୀମନ୍ତ ଭୋଇ ଓ ସନାତନ ଭୋଇ ଯୋଗ ଦେଇଥିବା ବେଳେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଫେସର ସୌମ୍ୟରଂଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳକ ସମୀରକାନ୍ତ ଲେଙ୍କା, ଦେବଦାସ ମହାପାତ୍ର ଏବଂ ସୌମ୍ୟରଞ୍ଜନ ତିଆଡ଼ି ପରିଚାଳନା କରିଥିଲେ।

### ସାପ କାମୁଡ଼ାରେ ବାଳକ ମୃତ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଘଣ୍ଟାପଡ଼ା ପଞ୍ଚାୟତର ତାଲବେଡ଼ା ଗ୍ରାମରେ ଜଣେ ନାବାଳକ ଶୋଇଥିବା ଅବସ୍ଥାରେ ଏକ ବିଷାକ୍ତ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ ବାଳକର ନାମ କପିଳାସ ବଗର୍ତ୍ତୀ (୮) ବର୍ଷ। ସୂଚନା ଅନୁସାରେ, କପିଳାସ ରାତିରେ ଖାଇ ପିଇ ଶୋଇଥିବା ଅବସ୍ଥାରେ ଏକ ବିଷାକ୍ତ କଲେରା ଚିତି ସାପ ଆସି କାମୁଡ଼ି ଦେବାରୁ ଉଠି ଚିତ୍କାର କରିଥିଲା। ପୁଅଟିର ଚିତ୍କାର ଶୁଣି ବାପା ମାଆ ଉଠି ଦେଖିଲା ବେଳକୁ ସାପଟି ପଲଙ୍କରେ ଥିଲା ଓ ପୁଅଟି ଚିତ୍କାର କରୁଥିଲା। କାଳବିଳମ୍ବ ନକରି ପରିବାର ଲୋକେ ସଙ୍ଗେ ସଙ୍ଗେ ପିଲାଟିକୁ ସୋନପୁର ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ଚିକିତ୍ସିତ ଅବସ୍ଥାରେ ପିଲାଟିର ମୃତ୍ୟୁ ଘଟିଥିଲା। ପରେ ଶବକୁ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପତ୍ରିପାଖନା ଜଙ୍ଗଲରୁ ୪୩୯ କେଜି ଗଞ୍ଜେଇ ଜବତ



କୋରୁକୋଣ୍ଡା/ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ଗଚ୍ଛିତ ଥିବା ୪୩୯ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ମିଳିଥିବା ସୂଚନାନୁଯାୟୀ ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ ଖଇରିପୁଟ ବ୍ଲକ ଅନ୍ତର୍ଗତ ସୁନାନଗର ଗ୍ରାମ ନିକଟସ୍ଥ ପତ୍ରିପାଖନା ଜଙ୍ଗଲରେ ବିପୁଳ ପରିମାଣର ଗଂଜେଇ ଗଚ୍ଛିତ ଥିବା ସୋମବାର ମଧ୍ୟାହ୍ନ ସମୟରେ ବିଶେଷ ସୁତରୁ ଖବର ପାଇଥିଲେ। ଏହାପରେ ଏସଆଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ଏକ ଟିମ ଉକ୍ତ ଘଟଣା ସ୍ଥଳକୁ ପଠାଇଥିଲେ। ପୋଲିସ ଟିମ ଯାଇ ଦେଖିଲା ବେଳକୁ ୧୮ଟି ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଏହାପରେ ବସ୍ତା ଗୁଡିକରେ ଥିବା ସମସ୍ତ ଗଂଜେଇ କୁ ଜବତ କରି ଓରକେଲ ଥାନାକୁ ନିଆଯାଇଥିଲା। କୁଡୁମୁଲୁଗୁମ୍ମା କୋର୍ଟର ମାଜିଷ୍ଟ୍ରେଟ କୃଷ୍ଣଚନ୍ଦ୍ର ଦାସଙ୍କ ସମ୍ମୁଖରେ ଓଜନ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ତଦନ୍ତକାରୀ ଅଧିକାରୀ ମନୋହର ସାହୁ କହିଛନ୍ତି। ତେବେ ବାହାର ରାଜ୍ୟ କୁ ଚାଲାଣ ନିମନ୍ତେ ଏହି ଗଞ୍ଜେଇ ଗଚ୍ଛିତ ରଖାଯାଇଥିବା ସୂଚନା ମିଳିଥିବା ବେଳେ ଏହି ଘଟଣା ର ଅଧିକ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ପଟ୍ଟନାୟକ କହିଛନ୍ତି।

## 'ଗଣେଶ ମନ୍ଦିରରେ ରହିଛି ବିଶ୍ୱାସ ଓ ଭକ୍ତିର ଜୀବନ୍ତ ପ୍ରତିମା'



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ରେ ଥିବା ଗଣେଶ ମନ୍ଦିର। ବହୁ ପୁରାତନ କାଳରୁ ରହିଛି ବିଘ୍ନରାଜଙ୍କ ପ୍ରତିମା। ବିଶ୍ୱାସ ଓ ଭକ୍ତିର ଜୀବନ୍ତ ପ୍ରତିମା। ଏହି ମନ୍ଦିରରେ କେଉଁ ଆବାହମାନ କାଳରୁ ବିଘ୍ନ ବିନାଶନ ପ୍ରଭୁ ଗଜାନନ ବିଦ୍ୟମାନ। ଏହାର ପ୍ରସିଦ୍ଧି ଗଣେଶ ଚତୁର୍ଥୀରେ ଏଠାରେ ଲାଗେ ଶ୍ରଦ୍ଧାଳୁଙ୍କ ଭିଡ଼। କାରଣ ବିଶ୍ୱାସ ଅଛି ବାବା କରନ୍ତି ମନ ବାଞ୍ଛା ପୂରଣ। ଅସ୍ତରଙ୍ଗ ଓ ଆଖପାଖ ଅଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ ଗଣେଶ। ଭଗବାନଙ୍କୁ ନେଇ ରହିଛି ଭକ୍ତଙ୍କ ପ୍ରଗାଢ଼ ବିଶ୍ୱାସ। ସେ ନୂଆ ଗାଡି କିଣା ହେଉ ଅବା ଅନ୍ୟ କିଛି ପ୍ରଥମେ ଅସ୍ତରଙ୍ଗ ମୁଖ୍ୟ ବଜାରରେ ଥିବା ଗଣେଶ ମନ୍ଦିର ରେ ପୂଜା କରିଥାନ୍ତି। ନବରାତ୍ରି, ରାମ ନବମୀ, ଦଶହରା ଏବଂ ଦୀପାବଳି ଭଳି ସ୍ୱତନ୍ତ୍ର ମୁହୂର୍ତ୍ତରେ ଯାନବାହନ ପୂଜା ପାଇଁ ଭିଡ଼ ଜମେ। ଚଳିତ ବର୍ଷ ପବିତ୍ର ଗଣେଶ ପୂଜାରେ ସ୍ୱତନ୍ତ୍ର ପୂଜା ହେବା ପରେ ପ୍ରତିବର୍ଷ ଭଳି ଗଣପତି ୟୁଥ କ୍ଲବ ତରଫରୁ ଲୋକକଳାକୁ ଉଜ୍ଜୀବିତ କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଲୋକକଳା ପାଲା ହେଉଛି ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସର୍ବ ପୁରାତନ ଝଲକ। ସାମାଜିକ ସଚେତନତାର ମାଧ୍ୟମ। ଆଧୁନିକ ଚାକଚକ୍ୟରେ ହଜି ଯିବାକୁ ବସିଥିବା ଲୋକକଳା ପାଲା, ଗୋଟିପୁଅ, ଓଡିଶୀକୁ ବଞ୍ଚାଇ ରଖିବାକୁ ଗଣପତି ଯୁବକ ସଂଘ ତରଫରୁ ପ୍ରତିବର୍ଷ ଗଣେଶ ଚତୁର୍ଥୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ମଙ୍ଗଳବାର ଶେଷ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଣପତି ୟୁଥକ୍ଲବର ପାଖାପାଖି ୫୦ରୁ ଉର୍ଦ୍ଧ୍ୱ ସଦସ୍ୟଙ୍କ ସହଯୋଗରେ ଲୋକକଳାକୁ ବଞ୍ଚାଇ ରଖିବାକୁ ପ୍ରତିବର୍ଷ କରୁଛନ୍ତି ପାଲା ମହୋତ୍ସବ।

## ଗଣେଶଙ୍କ ମେଢ଼ ଭସାଣ ଓ ଆଜ୍ଞା ଲଡୁ ନିଲାମ



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପିଡିରି ପଞ୍ଚାୟତ ଅଧିନସ୍ଥ ଖାଲପାଳ ଗ୍ରାମରେ ପୂର୍ବବର୍ଷ ଭଳି ଚଳିତବର୍ଷ ମହାସମାରୋହରେ ପାଳିତ ହୋଇଯାଇଛି ଶ୍ରୀ ଗଣେଶଙ୍କ ପୂଜାର ମେଢ଼ ଭସାଣି ଓ ଠାକୁରଙ୍କ ଆଜ୍ଞା ଲଡୁ ନିଲାମ ଉତ୍ସବ। ଗ୍ରାମରେ ଚଳିତ ବର୍ଷ ପୃଥକ ପୃଥକ ତିନି ଗୋଟି ପୂଜା ମଣ୍ଡପରେ ଶ୍ରୀ ଗଣେଶଙ୍କ ପୂଜା ମଣ୍ଡପ କରାଯାଇ ପୂଜା କରାଯାଇଥିଲା। ପୂଜା ମଣ୍ଡପ ମଧ୍ୟରେ ଜେ ଏସ କ୍ଲବ୍, ବୀଣାପାଣି କ୍ଲବ୍ ଏବଂ ପୁରୁଣା ସାହି କ୍ଲବ୍ ଅନ୍ତର୍ଭୁକ୍ତ ହୋଇଥିବା ବେଳେ, ଭସାଣି ଉତ୍ସବ ପୂର୍ବରୁ ପ୍ରଥମେ ଶ୍ରୀ ଗଣେଶଙ୍କ ଆଜ୍ଞା ଲଡୁ ସର୍ବସମ୍ମୁଖରେ ନିଲାମ କରାଯାଇଥିଲା। ଲଡୁ ନିଲାମ ଉତ୍ସବରେ ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ବର୍ମା, ଅତିଥି ମାଧବ ବେହେରା, ସଞ୍ଜୟ କୁମାର ବର୍ମା, ଦିଲ୍ଲୀପ କୁମାର ବର୍ମା, ସମସ୍ତ କ୍ଲବର କମିଟି ମେମ୍ବର ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଲଡୁ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖାଲପାଳ ଗ୍ରାମର ବାପୁନ୍ କୁମାର ଜେନା ( ହାପି) ୨୭ ହଜାର ଟଙ୍କାରେ ଲଡୁକୁ ନିଲାମ ସୂତ୍ରରେ ଗ୍ରହଣ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ଭସାଣି ଉତ୍ସବ କାର୍ଯ୍ୟକ୍ରମ। ଶୃଙ୍ଖଳାର ସହ କ୍ରମାନ୍ୱୟରେ ତିନୋଟି ଯାକ ମେଢ଼ ବିସର୍ଜନ ଅଭିମୁଖେ ବାହାରି ସମସ୍ତ ସାହି ପରିକ୍ରମା କରି ଗାଁ ନିକଟରେ ଯାଇଥିବା ବ୍ରାହ୍ମଣୀ ନଦୀରେ ଗଣେଶଙ୍କୁ ବିସର୍ଜନ କରାଯାଇଥିଲା।

ଓଡ଼ିଶା ଭାସ୍କର ODISHA BHASKAR

# ରାଜ୍ୟ ଖବର



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଓଡିଶା ପ୍ରାଣୀ ଚିକିତ୍ସା ସେବା ସଙ୍ଘ ପକ୍ଷରୁ ୧୪ଦଫା ଦାବି ପୂରଣ ନେଇ ଗତ ୨୫ତାରିଖ ଠାରୁ ପ୍ରାଣୀ ଚିକିତ୍ସକ ମାନେ କଳା ବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରାଣୀ ଚିକିତ୍ସାଳୟରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡ଼ଃ ପ୍ରଫୁଲ୍ଲ କୁମାର ଶିଆଳ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡ଼ଃ ଶୁଭଶ୍ରୀ ପ୍ରଧାନ ଏବଂ ପ୍ରାଣୀ ଚିକିତ୍ସକ (ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡ଼ଃ ରାଜେଶ ମହାପାତ୍ର) ରେ କାର୍ଯ୍ୟ କରୁଥିବା ୩ ଜଣ ପ୍ରାଣୀ ଚିକିତ୍ସକ କଳା ବ୍ୟାଜ ପିନ୍ଧି କାମ କରୁଛନ୍ତି। ତେବେ ସରକାର ସେମାନଙ୍କ ଦାବୀ ପ୍ରତି କର୍ଣ୍ଣପାତ କରୁନଥିବାରୁ ସଙ୍ଘ ପକ୍ଷରୁ ରାଜ୍ୟ ବ୍ୟାପି କଳା ବ୍ୟାଜ ପରିଧାନ କରି ଆନ୍ଦୋଳନ ଆରମ୍ଭ କରାଯାଇଛି। ପ୍ରାଣୀ ପାଳକମାନେ ନିଃଶୁଳ୍କ ଚିକିତ୍ସା ସେବା, ୨୪ଘଣ୍ଟିଆ ବିଶେଷଜ୍ଞ ସେବା, ରେଫରାଲ ସୁବିଧା ସେବା, ଦ୍ୱାରଦେଶରେ ଚିକିତ୍ସା ଇତ୍ୟାଦି ଦାବି କରୁଥିବା ବେଳେ ବିଭାଗରେ ଏପରି ବ୍ୟବସ୍ଥା ନଥିବା ଦୁର୍ଭାଗ୍ୟ ଜନକ ଅଟେ। ଅସ୍ତରଙ୍ଗ ବ୍ଲକରେ ଏବେ ଶହ ଶହ ଉଦ୍ୟୋଗୀ ପ୍ରାଣୀ ପାଳନର ଯୋଜନାରେ ଲାଭାନ୍ୱିତ ହେବା ପାଇଁ ଆବେଦନ କରୁଛନ୍ତି। ସେମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ପ୍ରାଣୀ ଚିକିତ୍ସକ ମାନଙ୍କୁ ଏବଂ ବିଶେଷ ଭାବେ ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ପ୍ରତିଦିନ ବହୁ ବାଟ ନିଜ୍ୱସ ଖର୍ଚ୍ଚରେ ଯିବାକୁ ପଡିଥାଏ। ଉପରୋକ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ଆଖି ଦୃସିଆ ପଦକ୍ଷେପ ନିଆ ନ ଯାଇ କେବଳ ଟାଳଟୁଳ ନୀତି ଅବଲମ୍ବନ କରି ଆସୁଛନ୍ତି।



## ରାସ୍ତା ଉପରେ ପରିବା ହାଟ

# ନିଆଳିରେ ଟ୍ରାଫିକ ନିୟନ୍ତ୍ରଣ ବିଫଳ



ନିଆଳି, (ଭାସ୍କର ନ୍ୟୁଜ୍): ରାଜ୍ୟରେ କୃଷକ ମାନେ ପନିପରିବା ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। କିନ୍ତୁ ପନିପରିବା ବିକ୍ରୟ ପାଇଁ ସ୍ୱତନ୍ତ୍ର ବେବସ୍ଥା ହାଟରେ ନଥିବାରୁ ରାସ୍ତା ଉପରେ ଜବରଦଖଲ କରି ବିକ୍ରୟ କରୁଛନ୍ତି। ପନିପରିବା ହାଟରେ ସାଧାରଣ ଗାଈ, ଷଣ୍ଡ ମାନେ ପରିବା ଖାଇବା ପାଇଁ ଭିଡ ଜମାଉଛନ୍ତି। ଅପର ପକ୍ଷରେ ବ୍ୟବସାୟୀ ଓ ଖାଉଟି ମାନେ ପରିବା କିଣିବା ପାଇଁ ଆସି ନିଜ ନିଜର ଗାଡି ଗୁଡିକ ରାସ୍ତା ଉପରେ ରଖିବା ଯୋଗୁ ଅସମ୍ଭବ ଭିଡ ଦେଖିବାକୁ ମିଳୁଛି। ଫଳରେ ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ବହୁ ସମୟ ଅଟକିବାକୁ ପଡୁଛି। ଯାହା ଫଳରେ ବିଳମ୍ବ ଯୋଗୁ ଅନେକ ସମୟରେ ରୋଗୀଙ୍କ ଜୀବନ ଯାଉଛି। ସାଧାରଣ ଯାତ୍ରୀଙ୍କ ଅବସ୍ଥା ନକହିବା ଭଲ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ମନ୍ତ୍ରୀ ଆଦି ଉଚ୍ଚ ଅଧିକାରୀ ରାସ୍ତା ଅତିକ୍ରମ ସମୟରେ ପୋଲିସ ତତ୍ପରତା ଦେଖାଇ ଟ୍ରାଫିକ ନିୟନ୍ତ୍ରଣ କରୁଛି। ଯାହା ଫଳରେ ଉଚ୍ଚ ଅଧିକାରୀଙ୍କୁ ଯାତାୟତରେ ଅସୁବିଧା ହେଉନାହିଁ। ଅନ୍ୟ ସମୟରେ ପୋଲିସ ଗୃହରକ୍ଷୀ ଓ ଟ୍ରାଫିକ କର୍ମଚାରୀ ଅଭାବ ଆଳ ଦେଖାଇ ଟ୍ରାଫିକ ନିୟନ୍ତ୍ରଣ କରିବାରେ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ସେଭଳି ଦେଖିବାକୁ ମିଳିଛି ନିଆଳି ଅଞ୍ଚଳରେ। ନିଆଳି ଥାନା ୬୦ ନମ୍ବର ଜାତୀୟ ରାଜପଥ ଉପରେ ପରିବା ବ୍ୟବସାୟୀମାନେ ରାସ୍ତା ଜବରଦଖଲ କରି ହାଟ ବସାଉଛନ୍ତି। ଗାଈ, ଷଣ୍ଡ ମାଳମାଳ ସାଙ୍ଗକୁ ରାସ୍ତାରେ ଆବର୍ଜନା ପାଣିରେ ଭାସୁଛି। ପାର୍କିଂ ବ୍ୟବସ୍ଥା ନଥିବାରୁ ରାସ୍ତା ଉପରେ ଯାନବାହାନ ଯୋଗୁ ଦେଖାଦେଉଛି ଟ୍ରାଫିକ ସଙ୍କଟ। ପୋଲିସ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ସଦର ଏସ୍‌ଡିପିଓ କିରଣ ହେମରମ୍ କୁହନ୍ତି ପ୍ରତିଦିନ ଦୁଇ ଜଣ ପୋଲିସ ମୁତୟନ ହେଉଛନ୍ତି। କିନ୍ତୁ ସେମାନଙ୍କ ଦେଖାନଥାଏ। ଏବେ ନିଜେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଛନ୍ତି। ସେହିଭଳି ନିଆଳି ଥାନା ଅନ୍ତର୍ଗତ କସଦା ଫାଣ୍ଡି ନିକଟ ରାସ୍ତା ସକାଳୁ ପରିବା ବ୍ୟବସାୟୀଙ୍କ ରାସ୍ତା ଜବରଦଖଲ କରି ପରିବା ହାଟ ଅବସ୍ଥା କହିଲେ ନସରେ। ଫାଣ୍ଡି ଅଧିକାରୀ ଜଗନାଥ ପାଣି ଗ୍ରହି କୁହନ୍ତି ଆମର ଦୁଇ ଜଣ ଗୃହରକ୍ଷୀ ଜଣେ ଥାନାରେ ଜଣେ ସନ୍ଧ୍ୟାରେ ବଜାର ରେ କରିବୁ କ'ଣ ପରିବା ବଜାର ଚାଲିଛି ଜବରଦଖଲ ରେ ରାସ୍ତା ଉପରେ ଯାତାୟତ ସମ୍ପୂର୍ଣ୍ଣ ବ୍ୟାହତ। ସକାଳୁ ଅସମ୍ଭବ ଭିଡ। ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଜଣେ ଗୃହ ରକ୍ଷୀ ଦେଖିବାକୁ ମିଳନ୍ତି। କିନ୍ତୁ ଗୃହରକ୍ଷୀ ଟ୍ରାଫିକ ସମ୍ଭାଳିବାରେ ଅକ୍ଷମ। ତାଙ୍କ କଥା କେହି ମାନନ୍ତିନାହିଁ। ସହମତି ମିଳିଲେ କାର୍ଯ୍ୟ ଆରମ୍ଭ ହେବ। ବର୍ତ୍ତମାନ ହେଉଥିବା ଟ୍ରାଫିକ ସଙ୍କଟ ଦୁର ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେଇ ଭିଡ ସମୟରେ ପେଟ୍ରୋଲିଂଙ୍କୁ କଡାକଡି କରିବା ସହ ଯାନବାହାନ ପାଇଁ ପାର୍କିଂ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଅନୁରୋଧ କରାଯାଇଛି।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସା



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଟାଟା କମ୍ୟୁନିଟି ଇନିସିଏଟିଭ୍ ଟ୍ରଷ୍ଟ (ଟିସିଆଇଟି) ଓ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ ଏଲ୍ ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ (ଏଲଭିପିଇଆଇ) ସହ ସହଭାଗିତାରେ କେନ୍ଦୁଝର ସହରର ବିଜୟାନନ୍ଦ ପଟ୍ଟନାୟକ ଆଇ କେୟାର ସେଣ୍ଟର (ବିଏନପିଇସି) ଠାରେ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସାର ଶୁଭାରମ୍ଭ ମଙ୍ଗଳବାର କରାଯାଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (କେନ୍ଦୁଝର) ପ୍ରଦୀପ କୁମାର ମିଶ୍ର, ଟାଟା ସନ୍ସ ଅଧୀନସ୍ଥ ଟାଟା ସଷ୍ଟେନେବିଲିଟି ଗ୍ରୁପ୍‌ର ସୋସିଆଲ ସର୍ଭିସେସ୍ କ୍ଲଷ୍ଟର ମୁଖ୍ୟ ଶ୍ରୀରଙ୍ଗ ଧବାଲେ, ଟାଟା ଷ୍ଟିଲ ଯୋଡା ଚିଫ ରାଜେଶ କୁମାର, ଟି ସି ଏସ୍ ଡେଲିଭେରି ସେଣ୍ଟର ହେଡ୍ ବିଭୁ ପଣ୍ଡା, ଟାଟା ଷ୍ଟିଲ୍ ଫାଉଣ୍ଡେସନ ର ଯୋଡା କ୍ଲଷ୍ଟର ମୁଖ୍ୟ ରବିନ୍ଦ୍ର କୁମାର, ଏଲଭିପିଇଆଇର ପବ୍ଲିକ୍ ହେଲ୍‌ଥ ନେଟ୍‌ୱର୍କ ଡାଇରେକ୍ଟର ଡକ୍ଟର ରୋହିତ ଖାନ୍ନା, ଚିଫ ହ୍ୟୁମାନ୍ ରିସୋର୍ସ (ଟିଏସ୍‌ଏଫ୍) ସୁଧୀର ସିଂଙ୍କ ସହ ଟାଟାଷ୍ଟିଲ ଏବଂ ଟିଏସ୍‌ଏଫ୍‌ର ବହୁ ଅଧିକାରୀ ଓ ଏଲ୍ ଭି ପ୍ରସାଦ ଚିକିତ୍ସାଳୟର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦୁଝର ଓ ଆଖପାଖ ଜିଲ୍ଲାର ଲୋକମାନଙ୍କୁ ସେବା ପ୍ରଦାନ କରୁଥିବା ବିଜୟାନନ୍ଦ ପଟ୍ଟନାୟକ ଆଇ କେୟାର ସେଣ୍ଟରକୁ ୧୩ ଗୋଟି ଅତ୍ୟାଧୁନିକ ଅସ୍ତ୍ରୋପଚାର ଓ ନିଦାନ ଉପକରଣ ପ୍ରଦାନ କରାଯାଇଛି। ଏଥିରେ ଫାକୋ ମେସିନ, ସର୍ଜିକାଲ ମାଇକ୍ରୋସ୍କୋପ୍, ମୋତିଆବିନ୍ଦୁ ଅସ୍ତ୍ରୋପଚାର ସେଟ୍, ପୋର୍ଟେବଲ ସ୍ଲିଟ୍ ଲ୍ୟାମ୍ପ, ଗୋଟିଏ ଭିଜନ ମନିଟର ଓ ଜରୁରୀକାଳୀନ ଉପକରଣ ଅନ୍ତର୍ଭୁକ୍ତ ଓ ଭିତ୍ତିଭୂମିରେ କରାଯାଇଥିବା ଉନ୍ନତି ମାଧ୍ୟମିକସ୍ତରର ଚକ୍ଷୁ ଯତ୍ନ ସେବାକୁ ସୁଦୃଢ଼ କରାଯିବା ସହ ମୋତିଆବିନ୍ଦୁ ଜନିତ ଅନ୍ଧତ୍ୱର ପ୍ରତିଷେଧକମୂଳକ ମୁକାବିଲା କରାଯାଇପାରିବ। ଏହି ସୁବିଧା ଟାଟା ଷ୍ଟିଲ ଫାଉଣ୍ଡେସନର କାର୍ଯ୍ୟକ୍ଷେତ୍ର ଯଥା କଳିଙ୍ଗନଗର, ବ୍ରାହ୍ମଣୀପାଳ, ସୁକିନ୍ଦା ଓ ଯୋଡ଼ା ପର୍ଯ୍ୟନ୍ତ ସମ୍ପ୍ରସାରିତ। ଏହି ଉନ୍ନତ ମାନର ସେବାକୁ ଆସନ୍ତା ତିନି ବର୍ଷରେ ୧୦ ହଜାରରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ସହ ପ୍ରାୟ ୨,୨୫୦ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍)ର ସିଇଓ ସୌରଭ ରୟ କହିଛନ୍ତି ଯେ, 'ଟାଟା ଷ୍ଟିଲ ଫାଉଣ୍ଡେସନ ବହୁଦିନରୁ କେନ୍ଦୁଝର ଜିଲ୍ଲାରେ ରୂପାନ୍ତର ଆଣିବା ଏବଂ ଶିକ୍ଷା ଓ ଜନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ମଡେଲ୍ ଉପରେ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟ କରୁଛି। ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ପବ୍ଲିକ ସିଷ୍ଟମକୁ ଲୋକଙ୍କ ନିକଟରେ ପହଞ୍ଚାଇ ସମ୍ଭାବନା ଓ ଜନ ଅଧିକାରକୁ ଜାଗ୍ରତ କରିବାକୁ ଆମେ ଆଶା ରଖିଛୁ, କାରଣ ଲୋକଙ୍କ ପାଖରେ ପହଞ୍ଚିପାରିବା ହିଁ ବାସ୍ତବ ବିକାଶ'। ଗ୍ରାମୀଣ ଓ ଆଦିବାସୀ ସମୁଦାୟ ପାଇଁ ସ୍ଥାୟୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଗଠନ ପାଇଁ ଏଭଳି ସହଯୋଗିତାର ମହତ୍ୱ ଉପରେ ଏଲ୍ ?ଭିପିଇର ଜନସ୍ୱାସ୍ଥ୍ୟର ନେଟୱର୍କ ଡାଇରେକ୍ଟର ଡକ୍ଟର ରୋହିତ ଖାନ୍ନା ଆଲୋକପାତ କରିଥିଲେ। ଏହି ଉନ୍ନତୀକରଣ ସହିତ ବିଜୟାନନ୍ଦ ପଟ୍ଟନାୟକ ଆଇ କେୟାର ସେଣ୍ଟର (ବିଏନପିଇସି) ଓଡ଼ିଶାରେ ଚକ୍ଷୁ ସେବାରେ ଏକ ପ୍ରମୁଖ ହବ୍ ଭାବେ କାର୍ଯ୍ୟ କରିବ ଏବଂ ଆଦିବାସୀ ଓ ଦୁର୍ଗମ ଅଞ୍ଚଳବାସୀଙ୍କ ଜୀବନରେ ରୂପାନ୍ତରଣ ଆଣିବ।

## ପୁଣି ଖାକିରେ ଦାଗ

# ଲୁଟ୍ ମାମଲାରେ ୩ ହୋମଗାର୍ଡଙ୍କ ସମେତ ୭ ଗିରଫ



ରାୟଗଡା, (ଭାସ୍କର ନ୍ୟୁଜ୍): ଖାକିରେ ପୁଣି ଲାଗିଛି ଦାଗ। ବ୍ୟବସାୟଙ୍କ ଠାରୁ ୯ ଲକ୍ଷ ଟଙ୍କା ଓ ସୁନା ଚେନ୍ ଲୁଟ୍ ମାମଲାରେ ତିନି ହୋମହାର୍ଡ, ଜଣେ ମହିଳାଙ୍କ ସମେତ ୭ ଜଣଙ୍କୁ ଗିରଫ କରିବାସହ ୨ ଲକ୍ଷ ୮୩ ହଜାର ଟଙ୍କା ଜବତ କରିଛି ରାୟଗଡ଼ା ଟାଉନ ଥାନା ପୋଲିସ। ଏହି ଘଟଣାରେ ସମୁଦାୟ ୯ ଜଣଙ୍କ ସମ୍ପୃକ୍ତି ଥିବାବେଳେ ୭ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଏହା ସହ ଏହି ଲୁଟରେ ବ୍ୟବହୃତ ୬ଟି ମୋବାଇଲ ଫୋନ, ଏକ ବୋଲେର ନମ୍ବର୍ ଓଆର ୦୨ଡିପି ୩୨୫୭ ସହ ଗୋଟିଏ ମୋଟର ସାଇକେଲ ଜବତ ହୋଇଥିବା ସୂଚନା ଦେଇଛନ୍ତି। ତିନିଜଣ ହୋମଗାର୍ଡଙ୍କ ସମେତ ଜଣେ ମହିଳା ଓ ଅନ୍ୟ ତିନି ଜଣଙ୍କ ନାମରେ ଥାନାରେ ମାମଲା ରୁଜୁ ହେବା ପରେ କଲ୍ୟାଣସିଂହପୁର ଓ ବିଷମକଟକ ଥାନାର ତିନି ହୋମଗାର୍ଡ ଇନ୍ଦ୍ରମଣି କରକରିଆ, ତାମନା ପ୍ରାସ୍କା ଓ ଦିଲିପ ଗରଡିଆ ଏହା ସହ ଜଣେ ମହିଳା ରାଧିକା ହାଲୱା ଓରଫ ସୁନୀତା, ପାଲି ଗାଁ ର ହୀରା ନାଏକ ଗରଡ଼ିଆ, ଟିକିରି ତୋଟାଗୁଡା ବାସିନ୍ଦା ସିମାଞ୍ଚଳ ମାଝୀ, କେ ସିଂହପୁର ବଡ଼ ଦୁଆର ସାହିର ମୁକେଶ ନାଗଙ୍କୁ ଗିରଫ କରିଛି ରାୟଗଡ଼ା ପୋଲିସ୍। ସୂଚନା ମୁତାବକ ଗତକାଲି ଗଜପତି ଜିଲ୍ଲା ଗାରାବନ୍ଧର ଉମା ରେଡି ନାମକ ଜଣେ ବ୍ୟବସାୟୀ କଳା ହଳଦି କ୍ରୟ କରିବା ପାଇଁ ଆସିଥିଲେ। ତେବେ ରାୟଗଡା ଜିଲ୍ଲା ରାଫକଣା ଛକରେ ବ୍ୟବସାୟୀ ଜଣଙ୍କୁ ପୋଲିସର ଭୟ ଦେଖାଇଥିଲେ। ପରେ ତାଙ୍କ ଠାରୁ ନଗଦ ୯ ଲକ୍ଷ ଟଙ୍କା ଓ ଏକ ସୁନା ଚେନ୍ ଲୁଟ୍ କରିଥିଲେ। ତେବେ ଏନେଇ ବ୍ୟବସାୟୀ ଉମା ରେଡି ରାୟଗଡ଼ା ଟାଉନଥାନା ରେ ଅଭିଯୋଗ କରିବା ପରେ ତଦନ୍ତ କରିଥିଲା। ଏହିଁ ଘଟଣାକୁ ନେଇ ଆଜି ରାୟଗଡ଼ା ସଦର ଥାନାରେ ଏକ ପ୍ରେସମିଟ କରି ରାୟଗଡ଼ା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ ଧର ସୂଚନା ଦେଇଛନ୍ତି ଏହି ପ୍ରେସ ମିଟରେ ରାୟଗଡ଼ା ଏସ୍ ଡି ପି ଓ ଗୌର ହରି ସାହୁ ଓ ରାୟଗଡ଼ା ସଦର ଥାନାଧିକାରୀ ପ୍ରସନ୍ନ କୁମାର ବେହେରା ଉପସ୍ଥିତ ଥିଲେ। ଏହି ଘଟଣାରେ ଆହୁରି କିଛି ଲୋକ ସମ୍ପୃକ୍ତି ଥିବା କହିଥିବା ବେଳେ ଏନେଇ ତଦନ୍ତ ଚାଲିଛି ବୋଲି ସୂଚନା ଦେଇଥିଲେ।

## ଚଢ଼ା ଦରରେ ବିକ୍ରି ହେଉଛି କିରୋସିନ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ସଦର ବ୍ଲକ ଉପାନ୍ତ ଅଞ୍ଚଳ ଆମ୍ବଝରି ପଞ୍ଚାୟତରେ କିରୋସିନ ସରକାରଙ୍କ ନିର୍ଦ୍ଧାରିତ ଦର ଠାରୁ ବହୁ ଚଢା ଦରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଉପାନ୍ତ ପାହାଡ଼ ଜଙ୍ଗଲ ଘେରା ଆମ୍ବଝରି ପଞ୍ଚାୟତରେ ଖାଉଟି ମାନଙ୍କୁ ସରକାରୀ ନିର୍ଦ୍ଧାରିତ ଦର ଲିଟର ପିଛା ୫୭ ଟଙ୍କା ୨୭ ପଇସା ଥିବାବେଳେ ୯୦ ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ନିର୍ଦ୍ଧାରିତ ଦର ଠାରୁ ୩୨ ଟଙ୍କା ଅଧିକ ନିଆ ଯାଉଥିବାରୁ ଖାଉଟିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଉକ୍ତ ଅଞ୍ଚଳରେ ବିଦ୍ୟୁତ ଠିକ ଭାବରେ ରହୁ ନଥିବା ବେଳେ ଚାଷ କାର୍ଯ୍ୟରେ ମଧ୍ୟ ଉପାନ୍ତବାସୀ କିରୋସିନ ବ୍ୟବହାର କରିଥାନ୍ତି। ହେଲେ ବିଭାଗୀୟ କର୍ମଚାରୀ ଏହାର ସୁଯୋଗ ନେଇ ଖାଉଟିଙ୍କ ଠାରୁ ଅଧିକ ଟଙ୍କା ନେଇ ତାଙ୍କୁ ଶୋଷଣ କରୁଛନ୍ତି। ସମସ୍ୟା ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା ଙ୍କୁ ପଚାରିବାରୁ ସରକାରୀ ଦର ୫୭:୨୭ଟଙ୍କା ଥିବା ବେଳେ ସର୍ବାଧିକ ୫୮ଟଙ୍କା ନେବା କଥା। ଯଦି ଅଧିକ ଦରରେ ବିକ୍ରି ହେଉଥାଏ ତାହେଲେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ପଠାଇ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଜାତୀୟ ରାଜପଥରେ ବେଆଇନ ଟ୍ରକ୍ ପାର୍କିଂ ନିଷେଧ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ ଟ୍ରକ୍ ପାର୍କିଂ ଯୋଗୁଁ ଦୁର୍ଘଟଣାରେ ଧନଜୀବନ ହାନି ଏବଂ ଗାଈଗୋରୁଙ୍କ ମଧ୍ୟ ଜୀବନ ହାନି ଘଟୁଥିବାରୁ ପୋଲିସ କଡ଼ା ପଦକ୍ଷେପ ଗ୍ରହଣ କରିଛି। ଚମାଖଣ୍ଡି ଠାରୁ ଗଞ୍ଜାମ ଥାନା ପର୍ଯ୍ୟନ୍ତ ଜାତୀୟ ରାଜପଥ କଡ଼ରେ ଟ୍ରକ୍ ପାର୍କିଂ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ମଙ୍ଗଳବାର ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇଙ୍କ ନେତୃତ୍ୱରେ ଚମାଖଣ୍ଡି, ଛତ୍ରପୁର ଓ ଗଞ୍ଜାମ ଥାନା ଅଧିକାରୀ ମାନେ ମିଳିତ ଅଭିଯାନ ଚଳାଇ ପୂଇଁତୋଳା ଜାତୀୟ ରାଜପଥରେ ଥିବା ୪୨ଟି ଟ୍ରକ୍ ହଟାଇବା ସହ ୨୨ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏହି ଅଭିଯାନରେ ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ଚମାଖଣ୍ଡି ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି, ଗଞ୍ଜାମ ଏସଆଇ ଅନିରୁଦ୍ଧ ସ୍ୱାଇଁ ଓ ଏସଆଇ ଅଭିଜିତ୍ ସାମଲ ଙ୍କ ପ୍ରମୁଖ ସାମିଲ ଥିଲେ। ଏହା ମଣିଷ ଓ ପଶୁଙ୍କ ସୁରକ୍ଷା ପାଇଁ ପୋଲିସର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ଏହାଦ୍ୱାରା ଜାତୀୟ ରାଜପଥରେ ଦୁର୍ଘଟଣା ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏବକ୍ଷର୍ତକ୍ଷ ନେଇ ଜନସାଧାରଣଙ୍କୁ ସଚେତନ କରାଇ ପୋଲିସ ଅନୁରୋଧ କରିଛି ଯେ, ରାସ୍ତାକଡ଼ରେ ବେଆଇନ ଗାଡ଼ି ପାର୍କିଂ କରନ୍ତୁ ନାହିଁ, ଯାହା ଦୁର୍ଘଟଣା ରୋକିବାରେ ସହାୟକ ହେବ।

## ସ୍ୱେଚ୍ଛାସେବୀ ଜୟନ୍ତୀ ପାଇବେ ଜାତୀୟସ୍ତରୀୟ ପୁରସ୍କାର

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ବରିଷ୍ଠ ସ୍ୱେଚ୍ଛାସେବୀ ତଥା ବଡଦିଦିର ପ୍ରତିଷ୍ଠାତା ଜୟନ୍ତୀ ବୁରୁଦାଙ୍କୁ ଆସନ୍ତା ୨୦ତାରିଖରେ ନୂଆଦିଲ୍ଲୀରେ ଜାତୀୟସ୍ତରୀୟ ମାର୍ଥା ଫେରାଲ ଆୱାର୍ଡରେ ସମ୍ମାନିତ କରାଯିବ । ଏହି ଆୱାର୍ଡ ମହିଳା ସଶକ୍ତିକରଣ ପାଇଁ ପ୍ରଦାନ କରାଯିବା ଚୟନ ପ୍ରକ୍ରିୟାରେ ୨୦ରାଜ୍ୟର ବଛା ବଛା ୧୦୦ ଜଣ ମହିଳାଙ୍କୁ ସାମିଲ କରାଯାଇଥିଲା। ଶେଷରେ ମାତ୍ର ୫ଜଣଙ୍କୁ ଚୟନ କରାଯାଇ ଥିଲା। ସେଥିମଧ୍ୟରୁ ଓଡ଼ିଶାରୁ ଜୟନ୍ତୀ ଅନ୍ୟତମ ଅନ୍ୟ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଲଦାଖର ନାମ ଗେଲ ଆଙ୍ଗମୋ, ଉତ୍ତରାଖଣ୍ଡର ତନୟା ଖେରା, କର୍ଣ୍ଣାଟକର ଅର୍ଚ୍ଚନା କେଆର ଓ ମହାରାଷ୍ଟ୍ରର ଡ. କବିତା ନାମଦେଓ ୱାରେ। ପ୍ରକାଶ ଥାଉକି, ଜୟନ୍ତୀ ଏହା ପୂର୍ବରୁ ବହୁ ଜାତୀୟ ସ୍ତରିୟ ପୁରସ୍କାର ପାଇ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ମାର୍ଥା ଫେରାଲ ଆୱାର୍ଡ ପାଇଁ ୧୦୦ମହିଳାଙ୍କୁ ପଛରେ ପକାଇ ୫ଜଣଙ୍କ ମଧ୍ୟରେ ସ୍ଥାନ ପାଇବା ବହୁ କଷ୍ଟକର ଥିଲେ ମଧ୍ୟ ସଫଳ ହୋଇଛନ୍ତି। ଜିଲ୍ଲାରେ ମାସିକ ରତୁସ୍ରାବକୁ ନେଇ ଆଦିବାସୀ ମହିଳା ଓ ଯୁବତୀଙ୍କୁ ସଚେତନ କରାଇବା, ସେ ସେମାନଙ୍କୁ ସୁବିଧା ରେ କିପରି ନେପକିନ ପ୍ରଦାନ କରାଯାଇ ପାରିବ ସେନେଇ ଚେଷ୍ଟା କରୁଛନ୍ତି। ବାଳିକା ହୋଷ୍ଟେଲ ଗୁଡିକରେ ବଡିଦିଦି ସଂଗଠନର ସଦସ୍ୟାଙ୍କୁ ନେଇ ଛାତ୍ରୀଙ୍କୁ ସଚେତନ କରାଉଛନ୍ତି। ରତୁସ୍ରାବ ସମୟରେ କିପରି ସଫାସୁତରା ରହିବେ ସେନେଇ ବୁଝାଉଛନ୍ତି। ଏହି ଉପଲବ୍ଧି ତାଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି।

## ନାବାଳିକାକୁ ଗର୍ଭବତୀ କରିବା ନେଇ ଥାନାରେ ଏତଲା

ଉମରକୋଟ, (ଭାସ୍କର ନ୍ୟୁଜ୍): ଜଣେ ୧୫ ବର୍ଷ ନାବାଳିକାକୁ ଜଣେ ଯୁବକ ବଳ ପୂର୍ବକ ଉଠେଇ ନେଇ ଶାରିରୀକ ସମ୍ପର୍କ ରଖି ଗର୍ଭବତୀ କରିବା ଏବଂ ବର୍ତ୍ତମାନ ପେଟରେ ଥିବା ଛୁଆକୁ ନଷ୍ଟ କରିଦେବା ପାଇଁ ଧମକ ଚମକ ଦେବା ନେଇ ନାବାଳିକା ଜଣଙ୍କ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଡାବୁଗାଁ ଥାନା ଅର୍ନ୍ତଗତ କୁସୁମବନ୍ଧ ଗ୍ରାମର ଜଣେ ୧୫ବର୍ଷର ନାବାଳିକାଙ୍କୁ ଉମରକୋଟ ଥାନା ଅନ୍ତର୍ଗତ ବକୋଦା ଗ୍ରାମ ପଞ୍ଚାୟତର ଅମଲାଭଟା ଗ୍ରାମର ଲାଇବନ କଲାର ୧୦/୧୨/୨୪ ତାରିଖ ଦିନ ଜବରଦସ୍ତ ଉଠେଇନେଇ ଇଚ୍ଛା ବିରୁଦ୍ଧରେ ଶାରିରୀକ ସମ୍ପର୍କ ରଖିଥିଲା। ପରେ ଏହି କଥା କାହାକୁ ଜଣାଇଲେ ବଦନାମ କରିଦେବି ବୋଲି ଧମକ ଦେବା ସହ ମୁଁ ଯେଉଁଠି କି ଡାକିବି ସେଠାକୁ ଆସିବୁ ବୋଲି କହି ଛାଡ଼ି ଦେଇଥିଲା। ପରେ ଉକ୍ତ ନାବାଳିକାଙ୍କୁ ଲାଇବାନ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନକୁ ଡାକି ଶାରିରୀକ ସମ୍ପର୍କ ରଖିଥିଲା ବୋଲି ଏତଲାରେ ନାବାଳିକା ଜଣଙ୍କ ଦର୍ଶାଇଛନ୍ତି। ବର୍ତ୍ତମାନ ନାବାଳିକା ଜଣଙ୍କ ୬ମାସର ଗର୍ଭବତୀ ହେଇଥିବା କଥା ଲାଇବନକୁ ଜଣାଇବା ପରେ ଛୁଆକୁ ଶୀଘ୍ର ନଷ୍ଟ କରେ ନହେଲେ ଯେଉଁଠି ଦେଖିବି ସେହି ଛୁଆକୁ ମୁଁ ମାରିଦେବି ବୋଲି ଧମକ ଦେଉଛି। ଏହା ପରେ ନାବାଳିକା ଜଣଙ୍କ ଭୟଭିତ ହେଇ କିଛି ଦିନ ନବରଙ୍ଗପୁର ମାଆ ଘରେ ଯାଇ ଆଶ୍ରୟ ନେଇଥିଲେ। ଆଜି ନାବାଳିକା ଜଣଙ୍କ ଉମରକୋଟ ଥାନା ରେ ଆସି ଅଭିଯୁକ୍ତ ଙ୍କ ବିରୁଦ୍ଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଉମରକୋଟ ପୋଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପୋଲିସ ଏସଆଇ ସ୍ତରରେ ଅଦଳବଦଳ

କନ୍ଧମାଳ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା ପୋଲିସ ଏସ.ଆଇ ସ୍ତରରେ ଅଦଳବଦଳ କରାଯାଇଛି। ଜିଲ୍ଲା ପୋଲିସ ମୁଖ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ମନମୁଣ୍ଡା ଥାନା ଏସ.ଆଇ ଉଦୟନାଥ ଆଚାର୍ଯ୍ୟଙ୍କୁ ହରଭଙ୍ଗା ଥାନାକୁ ବଦଳି କରାଯାଇଥିବା ବେଳେ ପୁରୁଣାକଟକ ଥାନା ଏସ.ଆଇ ସସ୍ମିତା ମଗରଙ୍କୁ ଶଗଡା ଫାଣ୍ଡିକୁ ବଦଳି କରାଯାଇଛି। ସେହିପରି ଶଗଡା ଫାଣ୍ଡିର ଏସ.ଆଇ ଚନ୍ଦନ କୁମାର ଜେନାଙ୍କୁ ପୁରୁଣା କଟକ ଥାନାକୁ ବଦଳି କରାଯାଇଛି। ଏଏସଆଇ ମଧୁସୂଦନ କହଁରଙ୍କୁ ବୌଦ୍ଧ ଆଦର୍ଶ ଥାନାରୁ ମନମୁଣ୍ଡା ଥାନାକୁ ବଦଳି କରାଯାଇଛି।

# ଗ୍ରାମ୍ୟ ରାସ୍ତା ବିପର୍ଯ୍ୟସ୍ତ, ଜନଜୀବନ ଅସ୍ତବ୍ୟସ୍ତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ସଦର ମହକୁମା ଦକ୍ଷିଣବାଡ ଗ୍ରାମ୍ୟରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ନୂଆନଈ କେନାଲ ରାସ୍ତାକୁ ସଂଯୋଗ କରୁଥିବା ଏହି ଦେଢ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରାସ୍ତା ଗ୍ରାମର ଜୀବନରେଖା ଅଟେ। ବିଗତ ୨୨ ବର୍ଷ ପୂର୍ବେ ପଞ୍ଚାୟତ ଦ୍ୱାରା ଏହି ରାସ୍ତା କଂକ୍ରିଟକରଣ ହୋଇଥିଲା। ଏହା ପରେ ଏହି ରାସ୍ତା ଆଉ ମରାମତି ହୋଇନାହିଁ। ଏବେ ଏହି ରାସ୍ତାର କଂକ୍ରିଟ ଖଣ୍ଡ ଖଣ୍ଡ ହୋଇ ବିପର୍ଯ୍ୟସ୍ତ ହୋଇପଡିଛି। ରାସ୍ତା ପାର୍ଶ୍ୱ ଉଚ୍ଚ ହେବା ସହ ଜବରଦଖଲ ଯୋଗୁଁ ବର୍ଷା ଜଳ ନିଷ୍କାସନ ସମ୍ଭବ ହେଉ ନାହିଁ। ଫଳରେ ସାମାନ୍ୟ ବର୍ଷାରେ ରାସ୍ତା ଉପରେ ଦେଢ ଫୁଟ ଉଚ୍ଚତାର ବର୍ଷା ଜଳ ମାସ ମାସ ଧରି ଜମି ରହି ଯାତାୟତରେ ବାଧା ସୃଷ୍ଟି କରିଛି। ବିଶେଷ କରି ରାସ୍ତା ଉପରେ ମଇଳା ପାଣି ଜମି ରହୁଥିବାରୁ ଡେଙ୍ଗୁ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ରାସ୍ତାର ସଙ୍କିର୍ଣ୍ଣତା ଯୋଗୁଁ ଅଗ୍ନିନିର୍ବାପକ ଯାନ, ଆମ୍ବୁଲାନ୍ସ ଭଳି ଜରୁରୀ ସେବା ପ୍ରଦାନକାରୀ ଯାନବହାନ ଗ୍ରାମ ମଧ୍ୟକୁ ପ୍ରବେଶ କରିପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ଗ୍ରାମର ଅକ୍ଷୟ ବିଶ୍ୱାଳ, ପ୍ରଦୀପ କୁମାର ଦାସ, ଭାଗ୍ୟବତୀ ଜେନା, ନିତ୍ୟାନନ୍ଦ ଯେନା, ସୁଧାଂଶୁ ଶେଖର ଯେନା, କମଳାକାନ୍ତ ଜେନା, ଲକ୍ଷ୍ମଣ କୁମାର ସାହୁ ପ୍ରମୁଖ ସ୍ଥାନୀୟ ବିଡିଓଙ୍କୁ ରାସ୍ତା ପୁନଃନିର୍ମାଣ ପାଇଁ ଦାବି କରିଛନ୍ତି। ଏଥିସହ ସ୍ଥାନୀୟ ସରପଞ୍ଚଙ୍କୁ ମଧ୍ୟ ରାସ୍ତା ପୁନଃନିର୍ମାଣ ପାଇଁ ଦାବି କରିଥିବା ଜଣାଯାଇଛି। ଏହା ପଞ୍ଚାୟତ ରାସ୍ତା ହୋଇଥିବାରୁ ସରପଞ୍ଚ ଏହା ଉପରେ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଡିଓ ଉତ୍ତର ରଖିଥିବା ବେଳେ ରାସ୍ତା ନିର୍ମାଣ ପାଇଁ ଅର୍ଥ ବରାଦ କରାଯିବା ପ୍ରସ୍ତାବ ରହିଛି। ପଞ୍ଚାୟତକୁ ଅନୁଦାନ ମିଳିଲେ ଏହି ରାସ୍ତା ନିର୍ମାଣ କରାଯିବ ବୋଲି ସରପଞ୍ଚ ବର୍ଷାରାଣୀ ଜେନା ମତ ଦେଇଛନ୍ତି।

## ପାରିବାରିକ କଳହକୁ ନେଇ ଦୁଇଭାଇ ଗିରଫ

ନିଆଳୀ, (ଭାସ୍କର ନ୍ୟୁଜ୍): ନିଆଳୀ ଥାନା ଅଧିନସ୍ଥ ତାମ୍ପେଡା ଗ୍ରାମରେ ପାରିବାରିକ କଳହ ଉଗ୍ରରୂପ ନେଇଥିଲା, ଯାହା ଫଳରେ ଘଟଣା ନିଆଳୀ ଥାନାରେ ପହଞ୍ଚିଥିଲା। କୁନି ମଲ୍ଲିକ ନାମକ ଜଣେ ମହିଳା ପ୍ରସାନ୍ତ ମଲ୍ଲିକ ନାମକ ଯୁବକଙ୍କ ନାମରେ ଅଭିଯୋଗ କରିଥିଲେ। ନିଆଳୀ ଥାନା ପୋଲିସ ୪୧୭/୨୫ରେ ମାମଲାରଜୁ କରି ପ୍ରସାନ୍ତ କୁମାର ମଲ୍ଲିକ (୪୯) ଗିରଫ କରିଛି। ସେହିଭଳି ପ୍ରସାନ୍ତ କୁମାର ମଲ୍ଲିକଙ୍କ ଅଭିଯୋଗରେ ନିଆଳୀ ଥାନାରେ ୪୧୮/୨୫ରେ ମାମଲା ରଜୁ ହୋଇ ରଞ୍ଜନ କୁମାର ମଲ୍ଲିକ (୪୭)ଙ୍କୁ ନିଆଳୀ ଥାନା ପୋଲିସ ଗିରଫ କରିଛି। ଉଭୟଙ୍କୁ ଆଜି କୋର୍ଟ ଚାଲାଣ କରିଥିବା ନିଆଳୀ ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ୍ ସୂଚନା ଦେଇଛନ୍ତି।

# ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟିର ବୈଠକ




ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ସ୍ତରୀୟ ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା)କମିଟିର ଷଷ୍ଠ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜଗତସିଂହପୁରର ମାନ୍ୟବର ଲୋକସଭା ସାଂସଦ ତଥା ଜିଲ୍ଲା ଦିଶା କମିଟିର ଅଧ୍ୟକ୍ଷ ବିଭୁପ୍ରସାଦ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ମାନ୍ୟବର ସାଂସଦ ବିଭୁପ୍ରସାଦ ତରାଇ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସହାୟତାରେ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଗୁଡିକର ସଫଳ ରୂପାୟନ ଓ କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲା ସ୍ତରୀୟ ଜିଲ୍ଲା ଦିଶା କମିଟିର ସମସ୍ତ ଲୋକପ୍ରତିନିଧି ସଭ୍ୟ/ସଭ୍ୟା ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀଗଣଙ୍କ ସକ୍ରିୟ ଅଂଶ ଗ୍ରହଣର ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଥିଲେ। ବୈଠକରେ କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଭୁକ୍ତ ଯଥା ପାନୀୟ ଜଳ ଯୋଜନା ଅନ୍ତର୍ଗତ ଜଳ ଜୀବନ ମିଶନ, ଜାତୀୟ ରାଜପଥ ଭିତ୍ତି ଭୂମି ବିକାଶ, ସମନ୍ୱିତ ଶିଶୁବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ମୃତ୍ତିକା ହେଲଥ କାର୍ଡ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୃଷି ଓ କୃଷକ ସଶକ୍ତିକରଣ, ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନା, କାମଧେନୁ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ବିଦ୍ୟୁତ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରାଣୀ ସମ୍ପଦ ବିଭାଗର ଯୋଜନା ଇତ୍ୟାଦି ବିଭିନ୍ନ କେନ୍ଦ୍ରୀୟ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ପୂର୍ବକ ସମୀକ୍ଷା କରାଯାଇଥିଲା। ଉକ୍ତ ବୈଠକରେ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଜିଲ୍ଲା ପରିଷଦର ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜିଲ୍ଲାପାଳ ଜେ. ସୋନାଲ, ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସୁଜାତା ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ଓ ଜଗତସିଂହପୁର ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗ ଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ନିଜର ମତବ୍ୟକ୍ତ କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଜିଲ୍ଲାର ପଞ୍ଚାୟତ ସମିତିର ଅଧ୍ୟକ୍ଷ/ ଅଧ୍ୟକ୍ଷା, ଅନ୍ୟାନ୍ୟ ଜନପ୍ରତିନିଧି ତଥା ଦିଶା କମିଟିର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସମାଜସେବୀ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବରିଷ୍ଠ ନାଗରିକଙ୍କ ପକ୍ଷରୁ ସାଇକେଲ ଶୋଭାଯାତ୍ରା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକର ବରିଷ୍ଠ ନାଗରିକମାନଙ୍କ ପକ୍ଷରୁ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ସାଇକେଲ ଶୋଭାଯାତ୍ରା କରାଯାଇଛି। ସ୍ଥାନୀୟ ସିଆରଏସ ହାଇସ୍କୁଲ ପରିସରରୁ ସାଇକେଲ ଶୋଭାଯାତ୍ରା ବାହାରି 'ସାଇକେଲ ଚଲାଅ, ସୁସ୍ଥ ରୁହ' ସ୍ଲୋଗାନ ଦେଇ ବରିଷ୍ଠ ନାଗରିକମାନେ ବଜାର ପରିକ୍ରମା କରିଥିଲେ। ସିଆରଏସ ହାଇସ୍କୁଲର ପ୍ରଧାନ ଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ବରିଷ୍ଠ ନାଗରିକ ସଂଘ ଓ ତିହିଡ଼ି ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟ ସଦସ୍ୟାମାନେ ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ। ବରିଷ୍ଠ ନାଗରିକ ସଂଘର ସଭାପତି ସୋମନାଥ ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ କରି ବୃକ୍ଷକୁ ପୂଜାର୍ଚ୍ଚନା କରିଥିଲେ। ପୃଥିବୀକୁ ଧ୍ୱଂସମୁଖରୁ ରକ୍ଷା କରିବା ପାଇଁ ସମସ୍ତେ ବୃକ୍ଷରୋପଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏହାପରେ ତିହିଡ଼ି ଥାନା ପକ୍ଷରୁ ୧୭୭ଜଣ ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ ଥାନା ପରିସରରେ ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସଂଘର ସମ୍ପାଦକ ବିଭୂତି ଭୂଷଣ ସେନାପତି, ପି. ହୃଷିକେଶ, ନିତ୍ୟାନନ୍ଦ ମଳିକ, ସନ୍ନ୍ୟାସୀ ଚରଣ ବ୍ରହ୍ମ, କୃତିବାସ ଜେନା, କୁଳମଣି ସାହୁ, ହୃଷିକେଶ ପାଢ଼ୀ, ନରହରି ନାୟକ, ମଥୁରାମୋହନ ବେହେରା, ଅନାଦି ଚରଣ ବେହେରା, ଗିରିଜା ରମଣ ଜେନା, ଶଚିକାନ୍ତ ନାୟକ, କୃପାସିନ୍ଧୁ ବାରିକ, ରତ୍ନାକର ଧଳ, ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖଙ୍କ ସହିତ ବହୁ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ।



# ଆମ କଳାହାଣ୍ଡି







### ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପଞ୍ଚମ ପ୍ରତିଷ୍ଠା ଦିବସ

## ଗବେଷଣାର ମାନବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ପ୍ରତିଶ୍ରୁତି






ଭବାନୀପାଟଣା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପଞ୍ଚମ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟର ଯୁବଶଙ୍କର ହଲ ଠାରେ ଅଗଷ୍ଟ ୦୧ ତାରିଖ ସୋମବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥିଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଅନ୍ୟତମ ସମ୍ମାନିତ ଅତିଥିଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଏବଂ ମୁଖ୍ୟବକ୍ତା ଭାବେ ସମ୍ବଲପୁର ଆଇଆଇଏମ୍‌ର ନିର୍ଦ୍ଦେଶକ, ପ୍ରଫେସର ମହାଦେଓ ଜୟସ୍ୱାଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ଡକ୍ଟର ଗୁଣନିଧି ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିତ୍ତ ନିୟନ୍ତ୍ରକ ସୁରେଶ ପିତିସିକା ବିଶ୍ୱବିଦ୍ୟାଳୟର ଆର୍ଥିକ ବ୍ୟବସ୍ଥା ସମ୍ପର୍କରେ ନିଜର ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷତା କରୁଥିବା ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନାଥ ତାଙ୍କ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ତଥା ଗବେଷଣାର ମାନବୃଦ୍ଧି ସଂପର୍କରେ ନିଜର ବିବୃତି ପ୍ରଦାନ କରିଥିଲେ। ଏହି ଅବସରରେ ସାଂସଦ ମାଳବିକା ଦେବୀ ବିଶ୍ୱ ବିଦ୍ୟାଳୟର ଷ୍ଟାଫ୍ କ୍ୱାର୍ଟର୍ସ ଉଦ୍‌ଘାଟନ କରିଥିଲେ ଓ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ତଥା ଗବେଷଣାର ଉନ୍ନତି ନିମନ୍ତେ ସାହାଯ୍ୟ ଓ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ ନିଜକୁ ଏହି ଅନୁଷ୍ଠାନର ଜଣେ ପ୍ରମୁଖ ଆଲୁମିନି ଭାବରେ ଅଭିହିତ କରିବାସହ ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ତାଙ୍କର ଅବଦାନ ସବୁବେଳେ ରହିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ଜୟସ୍ୱାଲ କଳାହାଣ୍ଡିର ପ୍ରାକୃତିକ ପରିବେଶ, ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସହିତ ମୋର ଭାବଗତ ସଂପର୍କ ରହିଛି ବୋଲି ଭାବବ୍ୟକ୍ତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ନ୍ୟୁଜ ବୁଲେଟିନ ଲୋକାର୍ପଣ ହୋଇ ଥିଲାବେଳେ ଆଲୁମିନି କର୍ନର ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସ୍ନାତକ ଓ ସ୍ନାତୋକତ୍ତର ପରୀକ୍ଷାରେ ବିଭିନ୍ନ ବିଭାଗରେ ଟପର ହୋଇଥିବା ଛାତ୍ରଛାତ୍ରୀଙ୍କୁ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ, ନେଟ, ଜେ ଆର ଏଫ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗବେଷଣା, ପୁସ୍ତକ ପ୍ରକାଶନ ଓ ଆର୍ଟିକଲ ପ୍ରକାଶନରେ ନିଜର କୃତିତ୍ୱ ପ୍ରଦର୍ଶନ କରିଥିବା ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ତଥା ବିଭିନ୍ନ କ୍ଷେତ୍ରରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁରୂପେ ସଂପାଦନା କରିଥିବା କର୍ମଚାରୀମାନଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ନିମନ୍ତ୍ରୀତ ଅତିଥି, ଗଣମାଧ୍ୟମ ପ୍ରତିନିଧି, ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ରାଜନୀତି ବିଜ୍ଞାନ ବିଭାଗମୁଖ୍ୟ ଡ.କୈଳାସ ଚନ୍ଦ୍ର ଦାସ ଓ ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ଝରଣାରାଣୀ ଧଙ୍ଗଡାମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ଉପ-କୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିବାରୁ ଭାରପ୍ରାପ୍ତ କୁଳପତି ଡ.ନାଥ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ୭ରୁ ଜାତୀୟ କ୍ରୀଡ଼ା ସମ୍ମିଳନୀ


## ଅଣ୍ଡର ୧୭ବାଳିକା କ୍ରିକେଟ ଟିମ୍‌ର ପ୍ରତିନିଧିତ୍ୱ କରିବେ କଳାହାଣ୍ଡିର ଝିଅ ସାନଭି

କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ କେନ୍ଦ୍ରିୟ ବିଦ୍ୟାଳୟର ଛାତ୍ରୀ ସାନଭି ପ୍ରଜ୍ଞା ରାଉତ ଯାଦବ (ମାହି) ଅଲ୍ ଓଡ଼ିଶା କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱର ଟିମ୍ ପାଇଁ ମନୋନୀତ ହୋଇଛନ୍ତି। ଯାହ ଅଞ୍ଚଳରେ ଗର୍ବ ଓ ଗୌରବ ଆଣିଦେଇଛି। ସୂଚନା ଯେ' ୨୦୨୫-୨୬ ମସିହା ପାଇଁ ଦିଲ୍ଲୀଠାରେ ଆସନ୍ତା ଅକ୍ଟୋବର ୭ଠାରୁ ୧୧ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି କ୍ରୀଡା ସମ୍ମିଳନୀରେ ୧୭ ବର୍ଷରୁ କମ୍ ବୟସ ବାଳିକା କ୍ରିକେଟ୍‌ରେ ଧର୍ମଗଡ଼ କେନ୍ଦ୍ରୀୟ



ବିଦ୍ୟାଳୟର ଛାତ୍ରୀ ସାନଭି ପ୍ରଜ୍ଞା ରାଉତ ଯାଦବ ଅଂଶଗ୍ରହଣ କରିବା ନେଇ ସୂଚନା ରହିଛି। ସାନଭି ପ୍ରଜ୍ଞା ପୂର୍ବରୁ କଳାହାଣ୍ଡି ଟିମ୍‌ରେ ସାମିଲ ହୋଇ ରାଜ୍ୟସ୍ତରୀୟ ମହିଳା କ୍ରିକେଟ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରି ସାରିଛନ୍ତି। ଏବେ ଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ କ୍ରୀଡ଼ା ସମ୍ମିଳନୀରେ ଅଲ୍ ଓଡ଼ିଶା କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱର ଟିମ୍ ପାଇଁ ମନୋନୀତ ହେବା ଖବର ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏବଂ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସାନଭି କୋକସରା ବ୍ଲକ ମୁଷାପାଲି ଗ୍ରାମ ପଞ୍ଚାୟତ ଖପରାମାଲ ଗ୍ରାମର ଶିକ୍ଷକ ମୋହିତ କୁମାର ରାଉତ ଓ ରଶ୍ମିରେଖା ରାଉତଙ୍କ ଝିଅ ବୋଲି ଜଣାପଡ଼ିଛି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ଅମିତ ମହାନ୍ତି



କୋକସରା, (ଭାସ୍କର ନ୍ୟୁଜ୍) : ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ନିମନ୍ତେ କୋକସରା ବ୍ଲକ ସଦର ମହକୁମା ଜବାହର ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି ମନୋନୀତ ହୋଇଛନ୍ତି। ଶିକ୍ଷକ ଅମିତ ଏହି ପୁରସ୍କାରରେ ମନୋନୀତ ହୋଇ ନିଜ ବିଦ୍ୟାଳୟ ତଥା ବ୍ଲକ ଓ ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ଅନ୍ୟପଟେ ଉକ୍ତ ଖବର ପ୍ରଚାରିତ ହେବାପରେ ଶ୍ରୀ ମହାନ୍ତିଙ୍କ ପାଖରେ ଶୁଭେଚ୍ଛାର ସୁଅ ଛଟିବାରେ ଲାଗିଛି।

## ମ.ରାମପୁର ଏନ୍‌ଏସି ନହେଲେ ଆନ୍ଦୋଳନ ଚେତାବନୀ

ନର୍ଲା (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାର ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟରେ ୭ଟି ମ୍ୟୁନିସିପାଲିଟି ସହ ୧୬ଟି ଏନ୍‌ଏସି ଘୋଷଣା କରିଛନ୍ତି। ଏହି ତାଲିକାରେ କଳାହାଣ୍ଡି ଜିଲ୍ଲାର ଜୟପାଟଣା ଓ ନର୍ଲା ସହର ଥିବା ବେଳେ ମ.ରାମପୁର୍ ସହର ବାଦ୍ ପଡିଛି। ନର୍ଲା ଓ ଜୟପାଟଣା ଅଞ୍ଚଳବାସୀ ଖୁସିରେ ମିଠା ବାଣ୍ଟୁ ଥିବା ବେଳେ ମ.ରାମପୁର୍ ଅଞ୍ଚଳବାସୀ ଅସନ୍ତୁଷ୍ଟ ହେବା ସହିତ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ନଜରକୁ ଆସିଛି। ଠିକ୍ ସେହି ଭଳି ନର୍ଲା ନିର୍ବାଚନ ମଣ୍ଡଳୀ ବିକାଶ ମଞ୍ଚ ମଧ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରି ଆଗାମୀ ୧୫ ଦିନ ଭିତରେ ମ. ରାମପୁରକୁ ଏନ୍‌ଏସି ଘୋଷଣା ନ କଲେ ଅଖ ଚକ ବନ୍ଦ୍ କରି ଆନ୍ଦୋଳନ କରିବ ବୋଲି ସୂଚନା ଦେଇଛନ୍ତି ମଞ୍ଚର ସଭାପତି ରୋମାଞ୍ଚ ସାହୁ ଓ ନର୍ଲା ବିଧାୟିକା ମନୋରମା ମହାନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ରୁପ୍ରାରୋଡ଼ରେ ଅନୁଷ୍ଠିତ ହୋଇଥଲା।

## ନର୍ଲାକୁ ନୂତନ ଏନ୍‌ଏସି ଘୋଷଣା ପରେ ଖୁସିର ଲହରୀ



ନର୍ଲା, (ଭାସ୍କର ନ୍ୟୁଜ୍) : ନର୍ଲାକୁ ନୂତନ ଏନଏସି ରୂପେ ଘୋଷଣା ପରେ ବିଭିନ୍ନ ମହଲରେ ଖୁସିର ଲହରି ଦେଖା ଯାଇଛି। ବିଜେଡି ସରକାର ନର୍ଲାକୁ ଏନଏସି ଘୋଷଣା କରିଥିବା ବେଳେ ବର୍ତ୍ତମାନର ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ପ୍ରଥମ ପର୍ଯ୍ୟାୟ ଏନଏସି ତାଲିକାରୁ ନର୍ଲା ବାଦ ପଡ଼ିଥିଲା। ଏପଟେ ନର୍ଲା ନିର୍ବାଚନ ମଣ୍ଡଳୀ ସ୍ୱାଭିମାନ ବିକାଶ ମଞ୍ଚ ଗତ ଅଗଷ୍ଟ ୨୫ ତାରିଖରେ ନର୍ଲା ଓ ମ.ରାମପୁରକୁ ଏନଏସି ମାନ୍ୟତା ପ୍ରଦାନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ବିଡ଼ିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲାତେବେ ଗତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୧୬ଟି ନୂଆ ଏନଏସି ଘୋଷଣା କରିଥିବା ବେଳେ କଳାହାଣ୍ଡି ଭାଗରେ ନର୍ଲା ଓ ଜୟପାଟଣା ନୂଆ ତାଲିକାରେ ପ୍ରକାଶ ପାଇଛି। ଏଥିପାଇଁ ନର୍ଲା ନିର୍ବାଚନ ମଣ୍ଡଳୀ ବିଧାୟିକା ମନୋରମା ମହାନ୍ତି, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ନର୍ଲା ନିର୍ବାଚନ ମଣ୍ଡଳୀ ସ୍ୱାଭିମାନ ବିକାଶ ମଞ୍ଚ, ନର୍ଲା ବିକାଶ ମଞ୍ଚର କର୍ମକର୍ତ୍ତା ଏଥିରେ ଖୁସି ଜାହିର କରି ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନର୍ଲା ବିଜେପି ପକ୍ଷରୁ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ

ନର୍ଲା(ଭାସ୍କର ନ୍ୟୁଜ୍): ବିହାରର ଏକ ରାଲିରେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ସ୍ୱର୍ଗତ ମାଙ୍କ ଉଦ୍ଦେଶ୍ୟରେ ଅଶାଳୀନ ମନ୍ତବ୍ୟ ଦେବାକୁ ନେଇ କଳାହାଣ୍ଡି ଜିଲ୍ଲା ନର୍ଲା ବିଜେପି ପକ୍ଷରୁ ରାହୁଲ୍ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କଳାହାଣ୍ଡି ଜିଲ୍ଲାର ପୂର୍ବତନ ବିଜେପି ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଜେପି ବିଧାୟକ ପ୍ରାର୍ଥୀ ଅନିରୁଦ୍ଧ ପଧାନ୍, ମନ୍ମୟ ଚାନ୍ଦ୍, ବିକାଶ୍ କୁମାର୍ ଦତ୍ତା, ରେଖା ପ୍ରସାଦ୍, ଶକ୍ତି ରଞ୍ଜନ୍ ଶତପଥୀ, ସରୋଜ୍ ବୁଦ୍ଧିଆଙ୍କ ସହିତ ଶତାଧିକ ବିଜେପି ନେତା ଓ କର୍ମୀ ଯୋଗ ଦେଇ ପ୍ରଥମେ ଏକ ବାଇକ୍ ଶୋଭାଯାତ୍ରାରେ କଂଗ୍ରେସ ବିରୁଦ୍ଧରେ ବିଭିନ୍ନ ନାରାବାଜି ଦେଇ ନର୍ଲା ସହର ପରିକ୍ରମା କରିଥିଲେ। ପରେ ନର୍ଲା ଚାରିଛକ ଠାରେ ରାହୁଲ୍ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ତା ସହିତ ରାଜ୍ୟ ସରକାର ନର୍ଲାକୁ ଏନ୍‌ଏସି ମାନ୍ୟତା ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇ ଥିଲେ।

## ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଶିକ୍ଷକ ସଂଘର ଦାବିପତ୍ର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଓଡିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଞ୍ଚ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନୁଦାନରୁ ବଞ୍ଚିତ ୧୯୪ ଟି ବିଦ୍ୟାଳୟମାନଙ୍କୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ କଲେଜର କର୍ମଚାରୀମାନଙ୍କ ପାଇଁ, ପେନ୍‌ସନ୍ ଓ ଚାକିରି ସର୍ତ୍ତାବଳୀ ଲାଗୁ, ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜ ଗୁଡ଼ିକୁ ସରକାରୀକରଣ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ବରିଷ୍ଠତା ଓ ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି ଆଦି ଦାବି ସବୁ ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ଓଷ୍ଟା ଜିଲ୍ଲା କଳାହାଣ୍ଡିର ଜିଲ୍ଲା ସମ୍ପାଦକ ପ୍ରଭାତ କୁମାର ରଥଙ୍କ ନେତୃତ୍ୱରେ ଜୟନ୍ତ କୁମାର ମୁଣ୍ଡ, ରିଖିରାମ ବେହେରା, ଚନ୍ଦ୍ରହାସ୍ୟ ମେହେର ସୁଶୀଲ କୁମାର ସାମଲ, ସମୀର ବେହେରା, ଅଭୟ କୁମାର୍ ଦେବତା, ନିରଞ୍ଜନ ସାହାଣୀ, ତରୁଣ କୁମାର ମିଶ୍ର, ସଞ୍ଜୟ ପ୍ରଧାନ ପ୍ରମୁଖ ଶିକ୍ଷକମାନେ ସମବେତ ହୋଇ ଏହି ଦାବୀପତ୍ର ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କୁ ପ୍ରଦାନ କରିଥିଲେ।

## ବ୍ରିଜ ତଳକୁ ଖସି ଯୁବକଙ୍କ ମୃତ୍ୟୁ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସୋମବାର ରାତି ପ୍ରାୟ ସାଢେ ୮ଟାରେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ବଡ଼ଛତ୍ରଙ୍ଗ ଗ୍ରାମ ନିକଟ କାନ୍ଦୁଲଭଜା ଡଙ୍ଗର ପାଖ ବ୍ରିଜ ତଳକୁ ଖସି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଓଡ୍ରି ପେର୍ଗୁନିପଡ଼ାର ବଳାରାମ ଘୋଡିଆ (୨୫)। ସୂଚନା ଅନୁସାରେ ବଳରାମ ଓ ତାଙ୍କ ପରିବାର ଲୋକେ ଜୟପାଟଣା ଥାନା ଅନ୍ତର୍ଗତ ମଙ୍ଗଳପୁର ପାଖ ଛତାବନ୍ଧଗୁଡା ସମ୍ପର୍କୀୟଙ୍କ ଏକ ଦଶାହ କାର୍ଯ୍ୟକୁ ଯାଇ ଫେରୁଥିଲେ। ବଳାରାମ ଫେରୁଥିବାବେଳେ ଭାରସାମ୍ୟ ହରାଇ ବାଇକ ସହ କାନ୍ଦୁଲଭଜା ବ୍ରିଜ ତଳକୁ ଖସି ପଡ଼ିଥିଲେ। ଏଥିରେ ତାଙ୍କ ମୁହଁ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ତେନ୍ତୁଳିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିନାଥ ନାଗଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କୋକସରା ବ୍ଲକ କର୍ମକର୍ତ୍ତାଙ୍କ ତରଫରୁ ଏହି ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ବିଭିନ୍ନ କ୍ଲଷ୍ଟରୁ ଶିକ୍ଷକ ମାନେ ଯୋଗଦେଇଥିଲେ। ଏହି କ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀନାଗଙ୍କୁ ଉପଢ୍ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏବଂ ତାଙ୍କର ଅବସର ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କାମନା କରାଯାଇଥିଲା।

## ଆଶାରେ ରହିଗଲା ଲାଞ୍ଜିଗଡ଼କୁ ଏନ୍‌ଏସି ଦାବି

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି-ରାୟଗଡ଼ା ଜିଲ୍ଲା ସୀମାନ୍ତରେ ଥିବା ଐତିହାସିକ ସହର ଲାଞ୍ଜିଗଡ଼। କଳାହାଣ୍ଡି ଜିଲ୍ଲାର ଅତୀବ ଗୁରୁତ୍ୱପୂର୍ଣ୍ଣ ଓ ଏକମାତ୍ର ଶିଳ୍ପର ସହର ଭାବେ ମାନ୍ୟତା ପାଇଛି ଲାଞ୍ଜିଗଡ଼। ଦିନକୁ ଦିନ ସହରାଞ୍ଚଳ ଗଢି ଉଠୁଥିବା ଲାଞ୍ଜିଗଡ଼ ଅନେକ କାରଣ ଯୋଗୁଁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ପାଇବାକୁ ହକଦାର ଅଟେ। କିନ୍ତୁ ଦୁଃଖ ଓ କ୍ଷୋଭର ବିଷୟ ହେଲା ଆଜି ପର୍ଯ୍ୟନ୍ତ ଲାଞ୍ଜିଗଡ଼ କେବଳ ଏକ ପଞ୍ଚାୟତ ହୋଇ ରହିଛି। ଯାହାଫଳରେ ଏହାର ସାମଗ୍ରୀକ ବିକାଶ ଦିଗରେ ଅନେକ କାର୍ଯ୍ୟକ୍ରମ ଆଗେଇ ପାରୁନାହିଁ। ତେବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଏହାକୁ ଘୋଷଣା କରାଗଲେ ସହରର ରାସ୍ତାଘାଟ, ପାନୀୟ ଜଳ ଯୋଗାଣ, ରାସ୍ତା କଡ଼ ବିଦ୍ୟୁତିକରଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ଆଦି କ୍ଷେତ୍ରରେ ବ୍ୟାପକ ସୁଧାର ଆସିବ। କିନ୍ତୁ ସରକାର ଓ ପ୍ରଶାସନର ଅମନଯୋଗିତା ତଥା ରାଜନୈତିକ ବ୍ୟକ୍ତିବିଶେଷଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଆଜି ପର୍ଯ୍ୟନ୍ତ ଲାଞ୍ଜିଗଡ଼ ସହର ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ପାଇପାରିଲା ନାହିଁ। ଏପରିକି ତତ୍କାଳୀନ ବିଜେଡି ସରକାର ସାରା ରାଜ୍ୟରେ ୫୭ଗୋଟି ଏନ୍‌ଏସି ଓ ମ୍ୟୁନିସିପାଲିଟି ଘୋଷଣା କରିଥିଲେ କିନ୍ତୁ ସେଥିରେ ଲାଞ୍ଜିଗଡ଼ର ନାଁ ନଥିଲା। ଏବେ ରାଜ୍ୟର ବିଜେପି ସରକାର ମଧ୍ୟ ନୂତନ ଏନଏସି ଘୋଷଣା ସମୟରେ ଲାଞ୍ଜିଗଡ଼ର ନାଁକୁ ବିଚାରକୁ ନେଇନାହାନ୍ତି। ଯାହାକୁ ନେଇ ଅଞ୍ଚଳରେ ଜନ ଅସନ୍ତୋଷ ଦେଖିବାକୁ ମିଳିଛି। ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ବିଚାର କରି ଲାଞ୍ଜିଗଡ଼ ସହରର ଉନ୍ନତି ପାଇଁ ଲାଞ୍ଜିଗଡ଼କୁ ଏନ୍‌ଏସି ମାନ୍ୟତା ଦେବାକୁ ଦାବି ହେଉଛି।

## କଂଗ୍ରେସ ବିରୁଦ୍ଧରେ ବିଜେପିର ବିକ୍ଷୋଭ ପ୍ରଦର୍ଶନ



କଲମପୁର, (ଭାସ୍କର ନ୍ୟୁଜ୍) : ବିହାର ରାଜ୍ୟର ଦରଭଙ୍ଗା ଠାରେ ବିରୋଧିଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ମାଆଙ୍କ ପ୍ରତି ବ୍ୟବହାର କରିଥିବା ଅଶ୍ଳିଳ ଅପଶବ୍ଦକୁ ତିବ୍ର ନିନ୍ଦା କରିବା ସହିତ କଂଗ୍ରେସର ଏଭଳି ହୀନ ରାଜନିତିକୁ ବିରୋଧ ପୂର୍ବକ ଆଜି ଧର୍ମଗଡ଼ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଲମପୁର ଠାରେ ବିକ୍ଷୋଭ ପ୍ରଦର୍ଶନ ଓ କୁଶପୁତ୍ତଳିକା ଦାହ କରାଯାଇଥିଲା, ବିଜେପି ବ୍ଲକ କର୍ମକର୍ତ୍ତା ମାନେ ସଦରମହକୁମା ଠାରେ ଏକତ୍ରିତ ହୋଇ ନଗର ପରିକ୍ରମା ପୂର୍ବକ ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଜାତୀୟ କଂଗ୍ରେସ ଦଳ ସଭାପତି ମଲ୍ଲୀକାର୍ଜୁନ ଖଡଗେଙ୍କ କୁଶପୁତ୍ତଳିକା ଦାହ କରିଥିଲେ, ଏଥିରେ କଲମପୁର ମଣ୍ଡଳ ସଭାପତି ହିତେଶ ରଞ୍ଜନ ପାତ୍ର ଓ ବିଜମରା ମଣ୍ଡଳ ସଭାପତି ସରିତା ସରାଫ, ଜିଲ୍ଲା ପ୍ରତିନିଧି ସୁଧିର ରଞ୍ଜନ ବାଗ, ବିଜୟ ପଣ୍ଡା, ପୁଣ୍ଡରିକାକ୍ଷ ନାଏକ,ସତ୍ୟବାନ ରାଉତ, ସୁଜିତ ଦଣ୍ଡସେନା,ସୌରଭ ବେହେରା, ଜନ୍ମେଜୟ ପତି, ମୁକୁନ୍ଦ ତେଣ୍ଡକାରି, ହରେକୃଷ୍ଣ ସାହୁ, କୃଷ୍ଣଚନ୍ଦ୍ର ବାଗ, ଦଇତାରୀ ବାରିକ ପ୍ରମୁଖ ନେତୃତ୍ୱ ଗ୍ରହଣ କରିଥିଲେ।

## କୁସୁମଖୁଣ୍ଟି ସ୍କୁଲର ପ୍ରତିଷ୍ଠା ଦିବସ ପାଳିତ



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ କୁସୁମଖୁଣ୍ଟି ସରକାରୀ ପ୍ରାଥମିକ ବିଦ୍ୟାଳୟର ୬୫ ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଛି। ବିଆରସି ଦୟାନିଧି ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ରଜନୀ କାନ୍ତ ପଣ୍ଡା ମୁଖ୍ୟବକ୍ତା, ସିଆରସିସି ଦିଲିପ କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ କୁମାର ବେହେରା, ସାମାଜିକ କର୍ମୀ ଘେନୁ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ମାନେ ଭଲ ମଣିଷ ହେବା ସହ ନିଜ ସ୍କୁଲ ଓ ଅଞ୍ଚଳର ନାଁ କୁ ଗୌରାବନିତ କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ସୁଶୀଲ କୁମାର ଶବର, ଲିଙ୍ଗରାଜ ବେହେରା, ମହେଶ୍ୱର କାଣ୍ଡ, କୁଶଧର ବେହେରା, ସତ୍ୟ ସୁନାନୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କ୍ରମରେ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ଜନାର୍ଦ୍ଦନ ବେହେରା ସଂଯୋଜନା କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଅଭିଳାଷ ଚନ୍ଦ୍ର ସାହୁ, ସହକାରୀ ଶିକ୍ଷୟିତ୍ରୀ ବିଜୟାଲକ୍ଷ୍ମୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଶିଫଳ


ବୁଧବାର, ୦୩ ସେପ୍ଟେମ୍ବର ୨୦୨୫



**ମେଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।



**ବୃଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ।




**ମିଥୁନ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ସ୍ୱାସ୍ଥ୍ୟ ଭଲ ହେବ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ।




**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ନୂତନ ପୋଷାକ କିଣିବେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ଆଜି ପ୍ରଣୟଙ୍କ ପାଇଁ ଏକ ଭଲ ଦିନ। ମିଠା ଖାଦ୍ୟ ମିଳିପାରିବ। ଆପଣ ସର୍ବୋତ୍ତମ ବିବାହିତ ସୁଖ ପାଇବ।



**ସିଂହ:** ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ। ପୁଞ୍ଜି ନିବେଶକାରୀଙ୍କ ପାଇଁ ଏହା ଏକ ଭଲ ଦିନ।




**କନ୍ୟା:** ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ। ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ।



**ତୁଳା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ। ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ।



**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ। ଅନୈତିକ ପ୍ରବୃତ୍ତିଠାରୁ ଦୂରରେ ରୁହନ୍ତୁ। ଛାତ୍ରମାନଙ୍କ ଶିକ୍ଷଣରେ ବାଧା ଉପୁଜିବ।




**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ।




**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।



**କୁମ୍ଭ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



ଜ୍ୟୋତିର୍ବିଦ୍

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯